# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୮/୨୦୨୩ (୨୦ ପୃଷ୍ଠା) | Bhubaneswar, Wednesday, November 8/2023 | Page 20 | ₹ 7.00

୪୯ଶ ଭାଗ ୩୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 343 | ମୂଲ୍ୟ ₹୭/-






| ସୁନ୍ଦରଗଡ଼ ଜିଲ୍ଲା | ଢେଙ୍କାନାଳ ଜିଲ୍ଲା | ବୌଦ୍ଧ ଜିଲ୍ଲା |
|---|---|---|
| ୧୩୯ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ୩ ହଜାର ୧୬ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ | ୧୦୬ କୋଟି ଟଙ୍କା ବ୍ୟୟରେ ୩ ହଜାର ୫୩ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ | ୩୪ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ୧ ହଜାର ୧୫୯ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ |

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**

ଦ୍ୱାରା

**ଶୁଭାରମ୍ଭ**

୮ ନଭେମ୍ବର ୨୦୨୩

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ

OIPR-19001/13/0063/2324

# ଡିପ୍‌ଫେକ୍ ଆତଙ୍କ

## ଜଣଙ୍କ ମୁହଁ, ଅନ୍ୟ ଜଣଙ୍କ ଦେହ

**ବିଜ୍ଞାନ ଓ ପ୍ରଯୁକ୍ତିର ଅଗ୍ରଗତି ଅନେକ ଦୁରୂହ କାର୍ଯ୍ୟକୁ ସହଜ କରିଦେଉଥିବାବେଳେ ଏହାର ଦୁରୁପଯୋଗ ସମଗ୍ର ମାନବଜାତି ପାଇଁ ଅଭିଶାପ ପାଲଟିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସହାୟତାରେ ଅସମ୍ଭବକୁ ସମ୍ଭବ କରାଯାଇପାରୁଛି। ସାଉଥ୍ ବ୍ୟୁଟି ରଶ୍ମିକା ମନ୍ଦାନାଙ୍କ ଲିଫ୍ଟ ଭିଡିଓ ହେଉ ଅଥବା ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ଟାୱେଲ ସିନ୍ ଅତ୍ୟାଧୁନିକ ଟେକ୍ନୋଲୋଜିର ନକାରାତ୍ମକ ଦିଗକୁ ହିଁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।**

ମୁମ୍ବାଇ/ନୂଆଦିଲ୍ଲୀ/ୱାଶିଂଟନ୍,୭।୧୧
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)


ଜାରା ପଟେଲ


ରଶ୍ମିକା ମନ୍ଦାନା

ଏଆଇ କରାମତି





ଦକ୍ଷିଣ ଭାରତୀୟ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ଏକ ଭିଡିଓ ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ଏଥିରେ ସେ କଳାରଙ୍ଗର ବସ୍ତ୍ର ପରିଧାନ କରି ଲିଫ୍ଟରେ ପ୍ରବେଶ କରୁଥିବା ଦେଖିବା ମିଳୁଛି। ଯିଏ ଦେଖିଲେ ବି ଧୋକା ଖାଇଯିବେ। ଭାବିବେ ଏହା ସେହି ୨୭ ବର୍ଷୀୟା 'ପୁଷ୍ପା'ଫେମ୍ ରଶ୍ମିକା। କିନ୍ତୁ ବାସ୍ତବରେ ସେ ରଶ୍ମିକା ନୁହନ୍ତି, ତାଙ୍କ ଭଳି ଅବିକଳ ଦେଖାଯାଉଥିବା ଭିନ୍ନ ଜଣେ ଯୁବତୀ। ସମ୍ପାଦିତ ଭିଡିଓଟିକୁ ଦେଖିବା ପରେ ରଶ୍ମିକା ବିଚଳିତ ହୋଇଯାଇଥିବା ଏବଂ ତାହା ତାଙ୍କୁ କଷ୍ଟ ଦେଇଥିବା ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ଏହି ଘଟଣା ସିନେ ଜଗତରେ ହଇଚଇ ସୃଷ୍ଟି କରିଛି। ରଶ୍ମିକାଙ୍କୁ ନେଇ ଭାଇରାଲ୍ ଭିଡିଓ ଉପରେ ତାଙ୍କ 'ଗୁଡ୍‌ବାୟ' ସହଅଭିନେତା ତଥା ସୁପରଷ୍ଟାର ଅମିତାଭ ବଚ୍ଚନ ନିଜ ପ୍ରତିକ୍ରିୟା ରଖିଛନ୍ତି। ବିଗ୍ ବି ଏଥିପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। କେବଳ ଅଭିତାଭ ନୁହନ୍ତି, ବହୁ ଲୋକ ଏହାକୁ ଦେଖି ଆଚମ୍ବିତ ହୋଇଯାଇଛନ୍ତି। କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ ବୋଲି ସେମାନେ ମତ ରଖିଛନ୍ତି।

ଭିଡିଓରେ ଦେଖାଯାଉଥିବା ମହିଳା ହେଉଛନ୍ତି ବ୍ରିଟିଶ୍-ଭାରତୀୟ ଇନ୍‌ଫ୍ଲୁଏନ୍ସର ଜାରା ପଟେଲ। ଇନ୍‌ଷ୍ଟାଗ୍ରାମରେ ତାଙ୍କର ୪.୫ ଲକ୍ଷ ଅନୁଗାମୀ ଅଛନ୍ତି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ନିଜ ବୋଲ୍ଡ କଣ୍ଟେଣ୍ଟ ପାଇଁ ସେ ପରିଚିତ। ଜାରା ଉକ୍ତ ଭିଡିଓକୁ ଅକ୍ଟୋବର ୯ରେ ଅପ୍‌ଲୋଡ୍ କରିଥିଲେ। ଡିପ୍‌ଫେକ୍ ଭିଡିଓରେ ତାଙ୍କ ପରିବର୍ତ୍ତେ ରଶ୍ମିକାଙ୍କ ମୁହଁ କିପରି ଦେଖିବାକୁ ମିଳିଛି ସେ ଜାଣି ନ ଥିବା ଏବଂ ଏହି କାଣ୍ଡରେ ତାଙ୍କ ସମ୍ପୃକ୍ତି ନ ଥିବା ପ୍ରକାଶ କରିଛନ୍ତି। ନିଜ ଇନ୍‌ଷ୍ଟା ଆକାଉଣ୍ଟରେ ଜାରା କହିଛନ୍ତି, ଏହି ଘଟଣା ପରେ ସେ ଅତ୍ୟନ୍ତ ବିଚଳିତ ହୋଇପଡ଼ିଛନ୍ତି। ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ନିଜ ଫଟୋ ଓ ଭିଡିଓ ପୋଷ୍ଟ କରିବା ସମୟରେ ମହିଳା ଓ ଝିଅମାନଙ୍କୁ ଅଧିକ ସତର୍କ ହେବାକୁ ପଡ଼ିବ। କେବଳ ରଶ୍ମିକା ନୁହନ୍ତି, ଅଭିନେତ୍ରୀ କ୍ୟାଟ୍ରିନା କୈଫ ମଧ୍ୟ ଡିପ୍‌ଫେକ୍ ଟେକ୍ନୋଲୋଜିର ଶିକାର ହୋଇଛନ୍ତି। 'ଟାଇଗର ୩'ର ଏକ ଭିଡିଓକୁ ଏଡିଟ୍ କରି ଭାଇରାଲ କରାଯାଇଛି। ଏଥିରେ କ୍ୟାଟ୍ରିନା ଟାୱେଲ ପରିବର୍ତ୍ତେ ଏକ ଲୋ-କଟ୍ ହ୍ୱାଇଟ୍ ଟପ୍ ଏବଂ ମ୍ୟାଚିଂ ବଟମ୍ ପିନ୍ଧିଥିବା ଦେଖିବାକୁ ମିଳିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରୟୋଗ ବଳରେ ଏପରି କରାଯାଇଥିବା କୁହାଯାଉଛି। ଏଆଇ ସହାୟତାରେ ଜଣେ ବ୍ୟକ୍ତିଙ୍କ ମୁହଁ ଓ ଅନ୍ୟ ଜଣଙ୍କ ଶରୀରକୁ ମିଶାଇ ବା ଏଭଳି ବିଭିନ୍ନ ପ୍ରକାର ହେରଫେର କରି ଭିଡିଓ ପ୍ରସ୍ତୁତ କରାଯାଇପାରେ। ସେଲିବ୍ରିଟିମାନଙ୍କ ଅଜାଣତରେ ସେମାନଙ୍କ ପର୍ନ (ଅଶ୍ଳୀଳ) ଫିଲ୍ମ ପ୍ରସ୍ତୁତି ବେଳେ ଏହି ଟେକ୍ନୋଲୋଜିର ସହାୟତା ନିଆଯାଇଥାଏ। ପୂର୍ବରୁ ଟମ୍ ହ୍ୟାଙ୍କ୍ସ ଓ କ୍ରିଷ୍ଟେନ୍ ବେଲ୍‌ଙ୍କ ଭଳି ସେଲିବ୍ରିଟି ଏହାର ଶିକାର ହୋଇସାରିଛନ୍ତି। ତେବେ ଏଆଇ ଟୁଲ୍ ଉପଯୋଗରେ କୌଣସି ବ୍ୟକ୍ତି ବିଶେଷକରି ମହିଳାଙ୍କ ସମ୍ମାନ ହାନି ହେଲା ଭଳି ଫଟୋ/ଭିଡିଓ ଜାଲିଆତି କରିବା ଆପରାଧିକ କାର୍ଯ୍ୟ।

କେନ୍ଦ୍ର ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକୁ ଭୁଲ୍ ତଥ୍ୟ ନିରୋଧୀ ଅଭିଯାନ ସମ୍ପର୍କିତ ସେମାନଙ୍କ ଆଇନଗତ ଉତ୍ତରଦାୟିତ୍ୱ ଉପରେ ଚେତାଇ ଦେଇଛନ୍ତି। ଇଣ୍ଟରନେଟ୍ ବ୍ୟବହାର କରୁଥିବା ସମସ୍ତ ନାଗରିକଙ୍କ ସୁରକ୍ଷା ଓ ଆସ୍ଥା ସୁନିଶ୍ଚିତ କରିବା ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ। ୨୦୨୩ ଏପ୍ରିଲରେ କରାଯାଇଥିବା ସୂଚନା ପ୍ରଯୁକ୍ତି (ଆଇଟି) ରୁଲ୍ସ ଅଧୀନରେ ଏଭଳି କଣ୍ଟେଣ୍ଟକୁ ହଟାଇବା ପ୍ଲାଟ୍‌ଫର୍ମଗୁଡ଼ିକର ଦାୟିତ୍ୱ। ଏହାର ଅନୁପାଳନ ନ କଲେ ରୁଲ୍ ୭ ଲାଗୁ ହେବ ଏବଂ ମଞ୍ଚଗୁଡ଼ିକୁ କୋର୍ଟର କାଠଗଡ଼ାକୁ ଟଣାଯାଇପାରିବ। ସଦ୍ୟ ଡିପ୍‌ଫେକ୍ସଗୁଡ଼ିକ ସୂଚନାକୁ ନଷ୍ଟ କରିଦେବା ସହ ବିପଜ୍ଜନକ ଧାରା ସୃଷ୍ଟି କରିଥିବା ରାଜୀବ କହିଛନ୍ତି।

## ରଶ୍ମିକାଙ୍କ ପରେ କ୍ୟାଟ୍ରିନା ଶିକାର


କ୍ୟାଟ୍ରିନା କୈଫ୍‌ଙ୍କ ଟାୱେଲ ସିନ୍‌ର ଡିପ୍‌ଫେକ୍।

### ୨୪ ଘଣ୍ଟାରେ ହଟିବ ଜାଲ୍ ଭିଡିଓ: କେନ୍ଦ୍ର

ସୂଚନା ପ୍ରଯୁକ୍ତି ଆଇନ-୨୦୨୩, ରୁଲ୍ସ ୭ ବଳରେ ଅଭିଯୋଗ ଦାଖଲର ୨୪ ଘଣ୍ଟା ମଧ୍ୟରେ ଜାଲ୍ ଭିଡିଓ ଏବଂ ଫଟୋଗୁଡ଼ିକୁ ହଟାଇବାକୁ ପଡ଼ିବ ବୋଲି ଏକ୍ସ, ଇନ୍‌ଷ୍ଟାଗ୍ରାମ୍ ଏବଂ ଫେସ୍‌ବୁକ୍ ସମେତ ସମସ୍ତ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମକୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ଅବମାନନା ହେଲେ ସମ୍ପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅଭିନେତ୍ରୀ ରଶ୍ମିକା ମନ୍ଦାନା ଓ କ୍ୟାଟ୍ରିନା କୈଫ୍‌ଙ୍କ ଡିପ୍‌ଫେକ୍ ଭିଡିଓ ଭାଇରାଲ ହେବା ପରେ ମଙ୍ଗଳବାର କେନ୍ଦ୍ର ସରକାର ଏହି ପଦକ୍ଷେପ ନେଇଥିବା ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଇନ୍‌ଫର୍ମେଶନ୍ ଟେକ୍ନୋଲୋଜି ମନ୍ତ୍ରଣାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ପର୍ତ୍ତୁଗାଲ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା


ଆଣ୍ଟୋନିଓ କୋଷ୍ଟା

**ଲିସ୍‌ବନ,୭।୧୧:** ଏକ ଦୁର୍ନୀତି ମାମଲାରେ ସମ୍ପୃକ୍ତି ଅଭିଯୋଗରେ ପର୍ତ୍ତୁଗାଲ ପ୍ରଧାନମନ୍ତ୍ରୀ ଆଣ୍ଟୋନିଓ କୋଷ୍ଟା ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଆଣ୍ଟୋନିଓ ନିଜକୁ ନିର୍ଦ୍ଦୋଷ ବୋଲି କହିବା ସହ ବର୍ତ୍ତମାନର ସ୍ଥିତିକୁ ଦେଖି ସେ ରାଷ୍ଟ୍ରପତିଙ୍କୁ ତାଙ୍କ ଇସ୍ତଫାପତ୍ର ଦେଇଥିବା ଜାତୀୟ ଟେଲିଭିଜନକୁ ଆଣ୍ଟୋନିଓ କହିଛନ୍ତି। ଆଣ୍ଟୋନିଓ ଇସ୍ତଫା ଦେବାର କିଛି ସମୟ ପୂର୍ବରୁ ପୋଲିସ ତାଙ୍କ ଚିଫ୍ ଅଫ୍ ଷ୍ଟାଫ୍‌ଙ୍କୁ ଗିରଫ କରିଥିଲା। ଦୁର୍ନୀତି ଅଭିଯୋଗର ତଦନ୍ତ ଚଳାଇଥିବା ପୋଲିସ ବିଭିନ୍ନ ସରକାରୀ ବିଲ୍ଡିଂ ଓ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ ଜାରି ରଖିଛି।

### କୋଭିଡ୍‌ର ନୂଆ ଭାରିଆଣ୍ଟ ଜେଏନ୍.୧



**ନୂଆଦିଲ୍ଲୀ,୭।୧୧:** କୋଭିଡ୍-୧୯ ଭୂତାଣୁର ସଦ୍ୟତମ ଭାରିଆଣ୍ଟ 'ଜେଏନ୍.୧' ଚିହ୍ନଟ ହୋଇଛି, ଯାହା ଅଧିକ ସଂକ୍ରାମକ ଏବଂ ଟିକାର ରୋଗ ପ୍ରତିରୋଧ ଶକ୍ତିକୁ ଅତିକ୍ରମ କରିପାରେ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଜେଏନ୍.୧ ଭାରିଆଣ୍ଟ ଗତ ଅଗଷ୍ଟ ୨୩ରେ ପ୍ରଥମେ ଲକ୍ସମବର୍ଗରେ ଓ ପରେ ଇଂଲଣ୍ଡ, ଆଇସ୍‌ଲ୍ୟାଣ୍ଡ, ଫ୍ରାନ୍ସ ଏବଂ ଆମେରିକାରେ ଠାବ ହୋଇଛି। ଅନ୍ୟ ଭାରିଆଣ୍ଟ ତୁଳନାରେ ଏଥିରେ ଭିନ୍ନତାକୁ ଦେଖି ବୈଜ୍ଞାନିକମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। କୋଭିଡ୍‌ର ଏଚ୍‌ଭି.୧ ଭାରିଆଣ୍ଟରେ ଏକ୍ସବିବି.୧.୫ ଭାରିଆଣ୍ଟ ତୁଳନାରେ ୧୦ ଅତିରିକ୍ତ ମ୍ୟୁଟେଶନ ଥିବାବେଳେ ଜେଏନ୍.୧ରେ ୪୧ ଅତିରିକ୍ତ ଅନନ୍ୟ ମ୍ୟୁଟେଶନ ରହିଛି। ଏହାର ସ୍ପାଇକ୍ ପ୍ରୋଟିନ୍‌ରେ ଭିନ୍ନତା ଥିବାରୁ ସଂକ୍ରମଣ ବଢ଼ାଇବା ସହ ଇମ୍ୟୁନିଟିକୁ ପ୍ରତିହତ କରିବ, ଅର୍ଥାତ୍ ବର୍ତ୍ତମାନ ଉପଲବ୍ଧ ଥିବା କୋଭିଡ୍ ଟିକା ଜେଏନ୍.୧ କ୍ଷେତ୍ରରେ କାମ କରିବ ନାହିଁ ବୋଲି କୁହାଯାଉଛି।

### କେନ୍ଦ୍ରମନ୍ତ୍ରୀଙ୍କ କାର୍ ଧକ୍କାରେ ଶିକ୍ଷକଙ୍କ ମୃତ୍ୟୁ

**ଭୋପାଳ,୭।୧୧:** ମଧ୍ୟପ୍ରଦେଶରେ କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ପଟେଲଙ୍କ କାର୍ ଧକ୍କାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ହେବା ସହ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣାରେ ମନ୍ତ୍ରୀ ମଧ୍ୟ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ପଟେଲ ମଙ୍ଗଳବାର ଛିନ୍ଦୱାରାରୁ ନରସିଂପୁର ଯାଉଥିବାବେଳେ ଦୁର୍ଘଟଣା ଘଟିଛି। ଶିକ୍ଷକ ନିରଞ୍ଜନ ଚନ୍ଦ୍ରବଂଶୀ ସ୍କୁଲ ସାରି ଘରକୁ ବାଇକ୍ ଯୋଗେ ଫେରୁଥିବାବେଳେ ଛିନ୍ଦୱାରାର ଅମରୱାରାଠାରେ ମନ୍ତ୍ରୀଙ୍କ କାର୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ସହ ବାଇକ୍‌ରେ ଦୁଇ ପୁଅ ନିଖିଲ ନରଞ୍ଜନ (୭) ଓ ଶଙ୍କର ନିରଞ୍ଜନ ଥିଲେ। ନିରଞ୍ଜନଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଆହତଙ୍କୁ ନାଗପୁର ହସ୍ପିଟାଲ ପଠାଯାଇଛି।

## ତଦନ୍ତକାରୀ ସଂସ୍ଥା ସରକାର ଚଳାଇପାରିବ ନାହିଁ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୭।୧୧

ଗଣମାଧ୍ୟମ ପ୍ରତିନିଧିମାନେ ନିଜସ୍ୱ ଉତ୍ସରୁ ଖବର ସଂଗ୍ରହ କରିଥାନ୍ତି। କୌଣସି ତଦନ୍ତ ପାଇଁ ସାମ୍ବାଦିକଙ୍କ ଡିଜିଟାଲ ଉପକରଣ ଜବତ କରିବା ନିମନ୍ତେ କେନ୍ଦ୍ର ସରକାର ସ୍ୱତନ୍ତ୍ର ଗାଇଡ୍‌ଲାଇନ ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ଖବରଦାତାଙ୍କ ଉପକରଣ ଜବତ ପାଇଁ ଆଇନ ପ୍ରଣୟନକାରୀ ସଂସ୍ଥାଗୁଡ଼ିକ ପାଇଁ ସବିଶେଷ ଗାଇଡ୍‌ଲାଇନ ରଖିବା ନିମନ୍ତେ ଫାଉଣ୍ଡେଶନ ଫର୍ ମିଡିଆ ପ୍ରଫେସନାଲ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିବାବେଳେ ଏହାର ଶୁଣାଣି ଅବସରରେ ଜଷ୍ଟିସ ସଞ୍ଜୟ କିଷନ କୌଲ ଏବଂ ସୁଧାଂଶୁ ଧୁଲିଆଙ୍କ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଖବରଦାତାମାନଙ୍କ ଡିଜିଟାଲ ଉପକରଣ ଜବତ କରିବା ଏକ ଗମ୍ଭୀର ବିଷୟ। ସେମାନଙ୍କର ନିଜସ୍ୱ ଉତ୍ସ ରହିଛି। ଆମକୁ ଗୋପନୀୟତା ମୌଳିକ ଅଧିକାରକୁ ବଜାୟ ରଖିବାକୁ ହେବ। ଏଥିରେ ସନ୍ତୁଳନ ରହିବା ଜରୁରୀ ବୋଲି ଖଣ୍ଡପୀଠ କହିବା ସହ ପରବର୍ତ୍ତୀ ଶୁଣାଣି ଡିସେମ୍ବର ୬କୁ ଧାର୍ଯ୍ୟ କରିଛନ୍ତି। ଏହି ସମୟ ମଧ୍ୟରେ କେନ୍ଦ୍ର ଗାଇଡ୍‌ଲାଇନ ପ୍ରସ୍ତୁତ କରନ୍ତୁ, ନଚେତ୍ ଆମକୁ କରିବାକୁ ଦିଅନ୍ତୁ ବୋଲି ଖଣ୍ଡପୀଠ କହିଛନ୍ତି। ତଦନ୍ତକାରୀ ସଂସ୍ଥା ସରକାର ଚଳାଇପାରିବ ନାହିଁ ବୋଲି ଜଷ୍ଟିସ୍ କୌଲ କହିଥିଲେ। କେନ୍ଦ୍ର ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ କହିଥିଲେ, ଏହା ଏକ ଜଟିଳ ଆଇନଗତ ପ୍ରସଙ୍ଗ। ଗଣମାଧ୍ୟମର ଅଧିକାର ରହିଛି, କିନ୍ତୁ ଏହା ଆଇନର ଊର୍ଦ୍ଧ୍ୱରେ ନୁହେଁ ବୋଲି ରାଜୁ କହିଥିଲେ।

## ଝଡ଼ରେ ୧୦୦ ଯାତ୍ରୀ ଆହତ ହେବାରୁ ବ୍ରିଟେନ୍ ଫେରିଗଲା କ୍ରୁଜ୍ ଜାହାଜ



ଲଣ୍ଡନ,୭।୧୧

ସାଗା କ୍ରୁଜ୍‌ସ ସଂସ୍ଥାର ଜାହାଜ 'ସ୍ପିରିଟ୍ ଅଫ୍ ଡିସ୍‌କଭରି' ବ୍ରିଟେନ୍‌ରୁ କାନାରୀ ଆଇଲାଣ୍ଡ ଯାଉଥିବାବେଳେ ଗତ ସପ୍ତାହରେ ବେ ଅଫ୍ ବିସ୍କେରେ ଝଡ଼ର ସମ୍ମୁଖୀନ ହୋଇଥିଲା। ଏହି ଝଡ଼ରେ ଜାହାଜର ପ୍ରାୟ ୧୦୦ ଯାତ୍ରୀ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୫ ଗୁରୁତରଙ୍କୁ ଡାକ୍ତରୀ ଚିକିତ୍ସା କରାଯାଇଥିଲା। ଖରାପ ପାଗ ପ୍ରଭାବରେ କ୍ରୁଜ୍ ଜାହାଜଟିର ଦିଗ ହଠାତ୍ ପରିବର୍ତ୍ତନ ହୋଇଯାଇଥିଲା। ଏହାର ପ୍ରପଲଶନ ସେଫ୍ଟି ସିଷ୍ଟମ୍ ଆକ୍ଟିଭ୍ ହୋଇଯିବାରୁ ଜାହାଜ ହଠାତ୍ ଦିଗ ବଦଳାଇ ଅଟକିଯାଇଥିଲା। ଫଳରେ ଜାହାଜକୁ ବନ୍ଦର ଅଭିମୁଖେ ଫେରାଇ ଆଣିବାକୁ ନାବିକମାନେ ନିଷ୍ପତ୍ତି ନେଇଥିଲେ।

## ନଡ଼ାପୋଡ଼ି ତୁରନ୍ତ ବନ୍ଦକର

### ପଞ୍ଜାବ, ହରିୟାଣା, ୟୁପି, ରାଜସ୍ଥାନକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୭।୧୧(ପି.ଟି.)



ଦିଲ୍ଲୀରେ ବାୟୁ ପ୍ରଦୂଷଣ ଉତ୍କଟ ରୂପ ଧାରଣ କରିଥିବାବେଳେ ପଡୋଶୀ ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ଓ ରାଜସ୍ଥାନ ତୁରନ୍ତ ନଡ଼ାପୋଡ଼ି ବନ୍ଦ ରଖିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଦୂଷଣ ଯୋଗୁ ଲୋକଙ୍କୁ ମରିବାକୁ ଛାଡ଼ିଦିଆଯାଇପାରିବ ନାହିଁ। ଏହା ଲୋକଙ୍କ ସ୍ୱାସ୍ଥ୍ୟର ସମ୍ପୂର୍ଣ୍ଣ ହତ୍ୟା ଭିନ୍ନ ଅନ୍ୟ ଶବ୍ଦ ମୋ ପାଖରେ ନାହିଁ ବୋଲି ଜଷ୍ଟିସ୍ ସଞ୍ଜୟ କିଷନ କୌଲ କହିଛନ୍ତି। ଜଷ୍ଟିସ୍ କୌଲଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠରେ ଜଷ୍ଟିସ୍ ସୁଧାଂଶୁ ଧୁଲିଆ ରହିଛନ୍ତି। ବାୟୁ ପ୍ରଦୂଷଣ ଯୋଗୁ ଗୋଟିଏ ରାଜ୍ୟ ଅନ୍ୟ ଉପରେ ଦୋଷ ଲଦିବାକୁ ଉଦ୍ୟମ କରୁଥିବାରୁ ଖଣ୍ଡପୀଠ ଏହାକୁ କଡ଼ା ଶବ୍ଦରେ ସମାଲୋଚନା କରିଛନ୍ତି। ସବୁବେଳେ ରାଜନୈତିକ ବିବାଦ କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି।

ଦିଲ୍ଲୀ ପ୍ରଦୂଷଣ ଅତି ଉତ୍କଟ ସ୍ତରରେ ପହଞ୍ଚିଥିବାବେଳେ ଦୀପାବଳିରେ ଏହା ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ସେଥିପାଇଁ ୧୩ ତାରିଖରୁ ଦିଲ୍ଲୀରେ ଯୁଗ୍ମ-ଅଯୁଗ୍ମ ସୂତ୍ର ଲାଗୁ କରିବାକୁ ସୋମବାର ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳରେ ବାୟୁ ପ୍ରଦୂଷଣ ପାଇଁ ଖଣ୍ଡପୀଠ ନଡ଼ାପୋଡ଼ି, ଗାଡ଼ିମୋଟରର ପ୍ରଦୂଷଣ ଏବଂ ଖୋଲାରେ ବର୍ଜ୍ୟବସ୍ତୁ ପୋଡ଼ିକୁ ଦାୟୀ କରିଥିଲେ। ଧାନ ଅମଳ ପରେ କ୍ରମାଗତ ଭାବେ ନଡ଼ାପୋଡ଼ି ଜାରି ରହିଥିବାରୁ ଅଦାଲତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପୂର୍ବରୁ ନଡ଼ା ପୋଡ଼ି ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ରାଜ୍ୟ ସରକାରଗୁଡ଼ିକ କ'ଣ ପଦକ୍ଷେପ ନେଇଛନ୍ତି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଗତବର୍ଷ ତୁଳନାରେ ନଡ଼ାପୋଡ଼ି ୪୦ ପ୍ରତିଶତ କମିଛି ବୋଲି ପଞ୍ଜାବ ସରକାରଙ୍କ ଓକିଲ କହିଥିବାବେଳେ ତାହା ସମ୍ପୂର୍ଣ୍ଣ ବନ୍ଦ ହେବା ଆମେ ଚାହୁଁ ବୋଲି ଖଣ୍ଡପୀଠ କହିଥିଲେ। ସମ୍ପୂର୍ଣ୍ଣ ବନ୍ଦ କରିବା ସରକାରଙ୍କ ଦାୟିତ୍ୱ ଏବଂ ଏହାକୁ ବନ୍ଦ କରିବାକୁ ହେବ। କଠୋର କାର୍ଯ୍ୟାନୁଷ୍ଠାନ ନେଇ ହେଉ କିମ୍ବା ପ୍ରୋତ୍ସାହନ ଦେଇ ଅଥବା ଅନ୍ୟ ଉପାୟରେ ନଡ଼ାପୋଡ଼ି ତୁରନ୍ତ ବନ୍ଦ କର ବୋଲି ଖଣ୍ଡପୀଠ କହିଥିଲେ।

## ପ୍ରଥମ ସୌରଝଡ଼ର ପ୍ରଭାବ ରେକର୍ଡ କଲା ଆଦିତ୍ୟ-ଏଲ୍୧

ବେଙ୍ଗାଲୁରୁ,୭।୧୧



ଭାରତର ପ୍ରଥମ ସୌର ମିଶନରେ ଯାଇଥିବା ଆଦିତ୍ୟ-ଏଲ୍୧ର ଉଚ୍ଚ ଶକ୍ତିସମ୍ପନ୍ନ ଏଲ୍୧ ଅର୍ବିଟିଂ ଏକ୍ସ-ରେ ସ୍ପେକ୍ଟ୍ରୋମିଟର (ଏଚ୍‌ଇଏଲ୍୧ଓଏସ୍) ପେଲୋଡ୍ ଅକ୍ଟୋବର ୨୯ରେ ସୌର ଝଡ଼ର ପ୍ରଭାବ ପ୍ରଥମ ଥର ପାଇଁ ରେକର୍ଡ କରିଛି। ଏହି ପେଲୋଡ୍ ପ୍ରାୟ ୧୦ ଘଣ୍ଟା ଧରି ସୌରଝଡ଼ର ସମ୍ମୁଖୀନ ହୋଇଥିଲା ବୋଲି ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ମଙ୍ଗଳବାର ପ୍ରକାଶ କରିଛି। ଇସ୍ରୋର ବେଙ୍ଗାଲୁରୁରେ ଥିବା ମହାକାଶ ବିଜ୍ଞାନ ସଂଗଠନ ୟୁଆର୍ ରାଓ ସାଟେଲାଇଟ୍ ସେଣ୍ଟର (ୟୁଆର୍‌ଏସ୍‌ସି) ଏହି ପେଲୋଡ୍‌ର ବିକାଶ କରିଛି। ସୋଲାର ଫ୍ଲେୟାର ବା ସୌର ଝଡ଼ ହେଉଛି ସୂର୍ଯ୍ୟ ପୃଷ୍ଠରେ ହଠାତ୍ ଉଜ୍ଜ୍ୱଳତା ଦେଖାଯିବା ସହ ଏହା ରେଡିଓ, ଅପ୍ଟିକାଲ, ୟୁଭି, ସଫ୍ଟ ଏକ୍ସ-ରେ', ହାର୍ଡ ଏକ୍ସ-ରେ' ଏବଂ ଗାମା ରେ' ଆଦି ବିଦ୍ୟୁତଚୁମ୍ବକୀୟ ସ୍ପେକ୍ଟ୍ରମ୍‌ରେ ସବୁ ୱେଭ୍‌ଲେଙ୍ଗଥ୍‌ର ବର୍ଦ୍ଧିତ ଏମିଶନ ସୃଷ୍ଟି କରିଥାଏ। ଗତ ସେପ୍ଟେମ୍ବର ୨ରେ ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରର ଉତ୍‌କ୍ଷେପଣ ହୋଇଥିବା ଆଦିତ୍ୟ-ଏଲ୍୧ ସୂର୍ଯ୍ୟଙ୍କଠାରେ ହେଉଥିବା ପରିବର୍ତ୍ତନ ଓ ପୃଥିବୀ ଜଳବାୟୁ ଉପରେ ଏହାର ପ୍ରଭାବ ଅନୁଧ୍ୟାନ କରିବା ଲକ୍ଷ୍ୟରେ ଏଲ୍୧ ପଏଣ୍ଟ ଅଭିମୁଖେ ଅଗ୍ରସର ହେଉଛି।

## ଅସ୍ତ୍ର ବୋଝେଇ ଜାହାଜକୁ ରୋକିଲେ ବିକ୍ଷୋଭକାରୀ

ଗାଜା/ଜେରୁଜେଲମ/ୱାଶିଂଟନ୍, ୭।୧୧

### ଆମେରିକାରୁ ଯାଉଥିଲା ଇସ୍ରାଏଲ


କେପ୍ ଓର୍ଲାଣ୍ଡୋ

ଇସ୍ରାଏଲ-ହମାସ୍ ଯୁଦ୍ଧକୁ ମାସେ ପୂରିଛି। ଏହି ପରିପ୍ରେକ୍ଷୀରେ ଆମେରିକାରୁ ଇସ୍ରାଏଲକୁ ଅସ୍ତ୍ରଶସ୍ତ୍ର ନେଇ ଯାଉଥିବା କେପ୍ ଓର୍ଲାଣ୍ଡୋ ଜାହାଜ ଉପରେ ପାଲେଷ୍ଟିନୀୟ ସମର୍ଥକମାନେ ଟାକୋମା ପୋର୍ଟରେ ଅଟକାଇଦେଇଛନ୍ତି। ଇସ୍ରାଏଲକୁ ସାମରିକ ସହାୟତା ବନ୍ଦ କରିବା ପାଇଁ ବିକ୍ଷୋଭକାରୀମାନେ ଏହି ପଦକ୍ଷେପ ନେଇଥିବା କୁହାଯାଉଛି। ଶୋଭାଯାତ୍ରା ବେଳେ ବିକ୍ଷୋଭକାରୀ ୱାସିମ୍ ହେଗ୍ କହିଛନ୍ତି, ଆମେ ଏବେ ଅସ୍ତ୍ରବିରତି ଚାହୁଁଛୁ। ଗଣହତ୍ୟା ବନ୍ଦ କରାଯାଉ ବୋଲି ଆମେ ଚାହୁଁ। ଆମେରିକାର ବହିର୍ବ୍ୟାପାର ନୀତି ଏବଂ ଇସ୍ରାଏଲକୁ ପାଣ୍ଠି ଯୋଗାଣ ବିରୋଧରେ ଆମେ କାର୍ଯ୍ୟାନୁଷ୍ଠାନ ଦାବି କରୁଛୁ। ବିକ୍ଷୋଭକାରୀମାନେ 'ପାଲେଷ୍ଟାଇନ୍‌କୁ ମୁକ୍ତକର' ସ୍ଲୋଗାନ ଦେଇ ଆମେରିକୀୟ ସହାୟତାକୁ ଦୃଢ଼ ବିରୋଧ କରିଥିଲେ। ଇସ୍ରାଏଲକୁ ଆମେରିକା ୩.୮ ବିଲିୟନ୍ ଡଲାରର ସହାୟତା ପ୍ରଦାନ କରିଥିବାବେଳେ ଅତିରିକ୍ତ ୧୪ ବିଲିୟନ୍ ଡଲାର ସହାୟତା ଦେବା ପାଇଁ ନିକଟରେ ରାଷ୍ଟ୍ରପତି ଜୋ ବାଇଡେନ୍ କଂଗ୍ରେସକୁ ଅନୁରୋଧ କରିଥିଲେ। ୧୯୪୮ ପରଠୁ ଇସ୍ରାଏଲକୁ ସର୍ବାଧିକ ସାମରିକ ସହାୟତା ପ୍ରଦାନକାରୀ ରାଷ୍ଟ୍ର ହେଉଛି ଆମେରିକା। ଇସ୍ରାଏଲୀ ପ୍ରତିରକ୍ଷା ବଜେଟର ପ୍ରାୟ ୧୬% ହେଉଛି ଆମେରିକୀୟ ଅବଦାନ। ଅନ୍ୟପକ୍ଷେ ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ସୈନ୍ୟ ମଙ୍ଗଳବାର ପ୍ରଥମ ଥର ପାଇଁ ଗାଜା ସିଟି ମଧ୍ୟଭାଗରେ ରଣହୁଙ୍କାର ଦେଇଛନ୍ତି। ଆଇଡିଏଫ୍ ସଦର୍ନ କମାଣ୍ଡର କମାଣ୍ଡିଂ ଅଫିସର ମେଜର ଜେନେରାଲ ୟାରୋନ୍ ଫିଙ୍କେଲ୍‌ମ୍ୟାନ୍ କହିଛନ୍ତି, ଅନେକ ଦଶନ୍ଧି ପରେ ଆତଙ୍କବାଦର କେନ୍ଦ୍ରସ୍ଥଳରେ ଏହା ହେଉଛି ଆମର ପ୍ରଥମ ଲଢ଼େଇ। ପ୍ରତିଦିନ ପ୍ରତିଘଣ୍ଟାରେ ଆତଙ୍କବାଦୀମାନଙ୍କୁ ନିପାତ କରୁଛୁ। ସେମାନଙ୍କ ସୁଡ଼ଙ୍ଗଗୁଡ଼ିକୁ ଠାବକରି ଅସ୍ତ୍ରଶସ୍ତ୍ର ନଷ୍ଟ କରୁଛୁ। ଏଥିସହ ଶତ୍ରୁଙ୍କ ଆଡ଼କୁ ଅଗ୍ରସର ହେଉଛୁ। ଅନ୍ୟପକ୍ଷେ ହମାସ୍‌ର ସାମରିକ ଶାଖା ପକ୍ଷରୁ କୁହାଯାଇଛି ଯେ, ଗାଜା ଆଡ଼କୁ ଆସୁଥିବା ଇସ୍ରାଏଲୀ ବଳକୁ ଏହାର ଫାଇଟର୍ସ ଦୃଢ଼ ପ୍ରତିରୋଧ କରି ସେମାନଙ୍କ ବ୍ୟାପକ କ୍ଷୟକ୍ଷତି ଘଟାଉଛୁ। ତେବେ ଉଭୟ ପକ୍ଷଙ୍କ ଦାବି ଉପରେ କିଛି ନିଶ୍ଚିତ ହୋଇନାହିଁ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୮/୨୦୨୩ | Bhubaneswar, Wednesday, November 8/2023 | ପୃଷ୍ଠା-୧




**୨ ସପ୍ତାହରେ ଚର୍ବି କମାଇଥିଲେ ସାରା**

ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲି ଖାନ୍ ୨ ସପ୍ତାହରେ ତାଙ୍କ ପେଟର ଚର୍ବି କମାଇଥିବା ନେଇ ଏକ ପୋଷ୍ଟ ଶେୟାର କରିଛନ୍ତି।

୧୫

୧୭

**ବାଦ୍ ପଡ଼ିଲେ ଶାକିବ**

ଆଙ୍ଗୁଠି ଭାଙ୍ଗିବା କାରଣରୁ ବିଶ୍ୱକପ୍‌ରୁ ବାଦ ପଡ଼ିଛନ୍ତି ବାଂଲାଦେଶ ଅଧିନାୟକ ଶାକିବ୍ ଅଲ ହସନ।






ଦିନିକିଆ କ୍ରିକେଟ ବିଶ୍ୱକପରେ ମଙ୍ଗଳବାର ଆଫଗାନିସ୍ତାନ ବିପକ୍ଷରେ ଅଷ୍ଟ୍ରେଲିଆକୁ ଏକ ଚମକପ୍ରଦ ବିଜୟ ଦେଇଛନ୍ତି ଗ୍ଲେନ୍ ମ୍ୟାକ୍ସୱେଲ। ୨୯୨ ରନ୍ ଲକ୍ଷ୍ୟର ପିଛା କରୁଥିବା ବେଳେ ଅଷ୍ଟ୍ରେଲିଆ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୯୧ ରନ୍‌ରେ ୭ ଉଇକେଟ ହରାଇଥିଲା। ଆଘାତରେ ଯନ୍ତ୍ରଣା ସତ୍ତ୍ୱେ ମ୍ୟାକ୍ସୱେଲ ଖେଳିଥିଲେ ଅପରାଜିତ ୨୦୧ ରନ୍‌ର ଇନିଂସ। **(ଅଧିକ ରିପୋର୍ଟ: ଖେଳ ପୃଷ୍ଠା)**

# ରାସାୟନିକ ବାଣ ମନା

## ୨୦୧୮ର ନିଷେଧାଦେଶ ସାରା ଦେଶ ପାଇଁ ପ୍ରଯୁଜ୍ୟ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୭।୧୧**

ଜାତୀୟ ରାଜଧାନୀ ଦିଲ୍ଲୀ ଓ ଆର୍ଥିକ ରାଜଧାନୀ ମୁମ୍ବାଇ ସମେତ ଭାରତର ବିଭିନ୍ନ ଭାଗରେ ପ୍ରଦୂଷଣ ବଢ଼ିବାରେ ଲାଗିଥିବାରୁ ଦେଶରେ ରାସାୟନିକ ବାଣ ଫୁଟାଇବା ଉପରେ ମଙ୍ଗଳବାର ସୁପ୍ରିମକୋର୍ଟ କଟକଣା ଜାରି କରିଛନ୍ତି। ବେରିୟମ୍ (ଧଳା ଧାତବ ରାସାୟନିକ ଉପାଦାନ)ଯୁକ୍ତ ଏବଂ ନିଷିଦ୍ଧ ଘୋଷିତ ସାରାୟନିକ ସାମଗ୍ରୀ ବ୍ୟବହୃତ ବାଣ ନ ଫୁଟାଇବାକୁ ସର୍ବୋଚ୍ଚ ଅଦାଲତଙ୍କ ରାୟ କେବଳ ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ପାଇଁ ନୁହେଁ, ବରଂ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ପ୍ରଯୁଜ୍ୟ ବୋଲି ଦୁଇଜଣିଆ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଖଣ୍ଡପୀଠ ଏଥିସହ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)କୁ ନଡ଼ାପୋଡ଼ି ସମ୍ପର୍କିତ ତଥ୍ୟ ମାଗିଛନ୍ତି। ଦୀପାବଳି ସମୟରେ ବାଣ ଫୁଟାଇବା ସମ୍ପର୍କିତ ପୂର୍ବ ରାୟର ଅନୁପାଳନ କରିବାକୁ ମଧ୍ୟ ରାଜସ୍ଥାନ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଦୂଷଣ ରୋକିବା ପାଇଁ ବାଣ ଫୁଟା ଉପରେ ଅଙ୍କୁଶ ଲଗାଇବା ସକାଶେ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ ହୋଇଥିଲା। ଆବେଦନକାରୀ ଦୀପାବଳି ଓ ବିବାହ ସମୟରେ ଉଦୟପୁରରେ ବାଣ ଫୁଟାକୁ ନିଷିଦ୍ଧ କରିବା ନିମନ୍ତେ ରାଜସ୍ଥାନ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ନିବେଦନ କରିଥିଲେ। ଉକ୍ତ ବିଚାରାଧୀନ ଆବେଦନର ଶୁଣାଣି କରି ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଏବଂ ଏମ୍.ଏମ୍. ସୁନ୍ଦରେଶଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ବାୟୁ ଓ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ୨୦୧୮ରେ ବାଣ ଫୁଟାଇବା ଉପରେ ଦିଆଯାଇଥିବା ନିଷେଧାଦେଶ ରାୟ ସାରା ଦେଶରେ ଲାଗୁହେବ। ବାଣ ଫୁଟାଇବାର ହାନିକାରକ ପ୍ରଭାବ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଦୁଃଖର କଥା ଆଜିକାଲି ଛୋଟପିଲାଙ୍କ ପରିବର୍ତ୍ତେ ବଡ଼ମାନେ ଅଧିକ ବାଣ ଫୁଟାଉଛନ୍ତି। ପ୍ରଦୂଷଣ କଥା ☞ ପୃଷ୍ଠା-୨

ଛତିଶଗଡ଼ରେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ: ଓଡ଼ିଆ ଯବାନ ଶହୀଦ ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ**

ବାଡ଼ି ଆଡ଼କୁ ଦେଖ






# ନ୍ୟାୟାଳୟ ଏକମାତ୍ର ଭରସା

## ପୋସ୍କୋ ଗଲା, ଏବେ ଜେଏସ୍‌ଡବ୍ଲ୍ୟୁ

**ପାରାଦୀପ, ୭।୧୧ (ଶରତ ରାଉତ)**

ଜଗତ୍‌ସିଂହପୁର ଜିଲା ପାରାଦୀପ ଉପକଣ୍ଠ ଢିଙ୍କିଆ ଗ୍ରାମ ଅଞ୍ଚଳରେ ଏବେ ଭୟର ପରିବେଶ ରହିଛି। ଏଭଳି ସ୍ଥିତି ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ପାଇଁ ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବାନୁଯାୟୀ, ଜମି ଅଧିଗ୍ରହଣଠାରୁ ଆରମ୍ଭ କରି ପାନବରଜ ଉଚ୍ଛେଦ ପର୍ଯ୍ୟନ୍ତ ପ୍ରତ୍ୟେକ ଘଟଣାରେ ଲୋକମାନେ ଆକ୍ରମଣ, ଧମକର ଶିକାର ହେବା ସହ ମିଥ୍ୟା ମାମଲାରେ ଗିରଫ ହେଉଛନ୍ତି। ଏଥିଯୋଗୁ ଜେଏସ୍‌ଡବ୍ଲ୍ୟୁର ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳର ପ୍ରଭାବିତ ଲୋକମାନେ ଆଉ ଗଣତାନ୍ତ୍ରିକ ପଦ୍ଧତିରେ ବିରୋଧ କରିପାରୁନାହାନ୍ତି। ଅଧିକାଂଶ ଲୋକ ଏବେ ନ୍ୟାୟାଳୟ ଉପରେ ଭରସା କରି ରହିଛନ୍ତି। ପ୍ରଥମେ ପୋସ୍କୋ ଏବେ ଜେଏସ୍‌ଡବ୍ଲ୍ୟୁ ଯୋଗୁ ଢିଙ୍କିଆ, ଗୋବିନ୍ଦପୁର, ନୂଆଗାଁ, ପାଟଣା, ମାହାଳ, ଗଡ଼କୁଜଙ୍ଗ, ଭୂୟାଁପାଳ, ପୋଲାଙ୍ଗ, ନୋଳିଆସାହି ଗ୍ରାମର ଭାଇଚାରା ନଷ୍ଟ ହୋଇଛି ବୋଲି ସେହି ଅଞ୍ଚଳର ଜଣାଶୁଣା ସାମାଜିକ କର୍ମୀ ତଥା ପରିବେଶବିତ୍ ମାନସ କର କହିଛନ୍ତି। ପରିବେଶବିତ୍ କରଙ୍କ ସୂଚନା ଅନୁସାରେ, ୨୦୦୫ରେ ସାଉଥ୍ କୋରିଆ କମ୍ପାନୀ ପୋସ୍କୋ ପ୍ରକଳ୍ପ କରିବ ବୋଲି ☞ ପୃଷ୍ଠା-୨

# ମହେଶ୍ୱର ମହାନ୍ତିଙ୍କ ପରଲୋକ

**ଭୁବନେଶ୍ୱର,୭।୧୧(ଅନିଲ ଦାସ)**



ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ମଙ୍ଗଳବାର ଭୋର ୩ଟା ୨୫ ମିନିଟରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୬୭ ବର୍ଷ ହୋଇଥିଲା। ଗତ ୩୧ ତାରିଖରୁ ☞ ପୃଷ୍ଠା-୨










ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୮ ନଭେମ୍ବର, ୨୦୨୩

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ରାଶନ ସମୟସୀମାକୁ ଆଉ ୫ ବର୍ଷ ବଢ଼ାଇ ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ କରିଛନ୍ତି।
– ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡାଆଣୀ ହୋଇ ଗୁଣିଆଁ ହେଲେ
ଗାରୁ ମନ୍ତର ଡାକେ;
ଚୋରଟା ଯେବେ ଛାଟିଆ ହେଲା,
ଡାକି ବୁଲେ ଗାଁ ଯାକେ।**

ଏ ପାଖରେ କ୍ଷତି କରି ସେ ପାଖରେ ସମବେଦନା ପ୍ରକାଶ କରିବା ବା ଏ ପାଖରେ ମନ୍ଦ କରି ସେ ପାଖରେ ଭଲେଇ ହେବା। ଏକା ଲୋକ ହୋଇ ଦୁଇ ପ୍ରକାର ଅଭିନୟ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଡେଙ୍ଗା ମୁଣ୍ଡରେ ଠେଙ୍ଗା।**

ସାଧାରଣତଃ ପରିବାରର ବା କୌଣସି ଅନୁଷ୍ଠାନର ନେତୃତ୍ୱ ନେଉଥିବା ବ୍ୟକ୍ତିଙ୍କୁ ସବୁ ଦାୟିତ୍ୱ ସମ୍ଭାଳିବାକୁ ପଡ଼ିଥାଏ। ଏପରି ମୁରବି ଶ୍ରେଣୀର ବ୍ୟକ୍ତିଙ୍କୁ ଏଥିନିମନ୍ତେ ଉତ୍ତରଦାୟୀ ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ଆଜି ଇସ୍ତଫା ଦେଇପାରନ୍ତି ଉପବାଚସ୍ପତି

ଭୁବନେଶ୍ୱର,୭।୧୧(ଅନିଲ ଦାସ)


ରଜନୀକାନ୍ତ ସିଂ

ବିଜେଡିର ବରିଷ୍ଠ ନେତା ରଜନୀକାନ୍ତ ସିଂ ଓଡ଼ିଶା ବିଧାନସଭାର ଉପବାଚସ୍ପତି ପଦରୁ ବୁଧବାର ଇସ୍ତଫା ଦେଇପାରନ୍ତି। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନିଜ ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସେ ଇସ୍ତଫା ଦେଉଥିବା କୁହାଯାଉଛି। ଆଉ କିଛି ମାସ ପରେ ରାଜ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ଅନୁଗୋଳ ଜିଲାରେ ବିଜେଡି ସଙ୍ଗଠନକୁ ସୁଦୃଢ଼ କରିବା ନିମନ୍ତେ ଦଳ ରଜନୀକାନ୍ତଙ୍କ ଉପରେ ଭରସା କରିଛି। ଆଭ୍ୟନ୍ତରୀଣ ସର୍ଭେ ରିପୋର୍ଟ ଆଧାରରେ ବିଜେଡି ତାଙ୍କୁ ଉପବାଚସ୍ପତି ପଦରୁ ପ୍ରତ୍ୟାହାର କରିନେବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ଏ ସମ୍ପର୍କରେ ରଜନୀକାନ୍ତ କହିଛନ୍ତି, ସେ ବୁଧବାର ଭୁବନେଶ୍ୱର ଯିବେ, ଯାହା କିଛି ସେଦିନ କହିବେ। ତେବେ ବିଧାନସଭା ସଚିବାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ପୂର୍ବାହ୍ନ ୧୧ଟା ୩୦ ମିନିଟରେ ସେ ଭୁବନେଶ୍ୱରରେ ବାଚସ୍ପତିଙ୍କୁ ସାକ୍ଷାତ କରି ବିଧିବଦ୍ଧ ଭାବେ ତାଙ୍କର ଇସ୍ତଫାପତ୍ର ଦେବେ। ରଜନୀକାନ୍ତ ଇସ୍ତଫା ଦେବା ପରେ ତାଙ୍କ ସ୍ଥାନରେ ଅନ୍ୟ କୌଣସି ନେତାଙ୍କୁ ଉପବାଚସ୍ପତି କରାଯିବ କି ନାହିଁ ତାହା ଅସ୍ପଷ୍ଟ ରହିଛି। ତେବେ ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସାଧାରଣ ନିର୍ବାଚନକୁ ଆଉ ମାତ୍ର ୪ ମାସ ଥିବାରୁ ଉପବାଚସ୍ପତି ପଦବୀରେ ଅନ୍ୟ କୌଣସି ନେତାଙ୍କୁ ବସାଇବାକୁ ବିଜେଡି ଚାହୁଁ ନାହିଁ।

# ୨୦ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର, ୭।୧୧(ଅସମାପିକା ସାହୁ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୦ ତାରିଖରେ ଓଡ଼ିଶା ଆସୁଥିବା ନେଇ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ମନ୍ତବ୍ୟରୁ ସଙ୍କେତ ମିଳିଛି। କୋଳିଆପାଣିଠାରେ ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲକୁ ରାଷ୍ଟ୍ରପତି ୨୦ ତାରିଖରେ ଉଦ୍‌ଘାଟନ କରିବା ପାଇଁ କାର୍ଯ୍ୟକ୍ରମ ରହିଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି। ତେବେ ଏହି ଗସ୍ତ ନେଇ ରାଷ୍ଟ୍ରପତି ଭବନରୁ କୌଣସି ସୂଚନା ମିଳିନାହିଁ। ସୂଚନାଯୋଗ୍ୟ, ଗତ ଜୁଲାଇ ୨୫ରେ ରାଷ୍ଟ୍ରପତି ମୁର୍ମୁ ୩ଦିନିଆ ଓଡ଼ିଶା ଗସ୍ତରେ ଆସିଥିଲେ। ସେ କଟକରେ ମା' କଟକଚଣ୍ଡୀଙ୍କୁ ଦର୍ଶନ କରିବା ସହ ଶୈଳବାଳା ମହାବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ବାସଭବନ ଓ ନେତାଜୀ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ସେହିପରି କଟକ ଇନ୍‌ଡୋର ଷ୍ଟାଡିୟମରେ ଓଡ଼ିଶା ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସେ ଯୋଗଦେଇଥିଲେ।

# ମଞ୍ଚରେ ହେଲା ସତସତିକା ବାହାଘର

## ମୟୂରଭଞ୍ଜ ମହୋତ୍ସବରେ ଆଦିବାସୀ ସଂସ୍କୃତିର ଝଲକ

ବାରିପଦା,୭।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ମହୋତ୍ସବ କମିଟି କର୍ମକର୍ତ୍ତା ଓ ବନ୍ଧୁବାନ୍ଧବଙ୍କ ସହ ମଞ୍ଚରେ ବସିଥିବା ବରକନ୍ୟା।

ଦର୍ଶକ ଭାବୁଥିଲେ ମୟୂରଭଞ୍ଜ ମହୋତ୍ସବ ମଞ୍ଚରେ ଚାଲିଛି ଅଭିନୟ, ହେଲେ ହୋଇଥିଲା ସତସତିକା ବାହାଘର। ଆଦିବାସୀମାନଙ୍କ ବିବାହ କିପରି ହୋଇଥାଏ ତାହାକୁ ଜଣାଇବା ପାଇଁ ମଞ୍ଚରେ ହଜାର ହଜାର ଦର୍ଶକଙ୍କୁ ସାକ୍ଷୀ ରଖି ସାତଜନ୍ମର ସାଥୀ ହୋଇଛନ୍ତି କୁଳିଅଣା ବ୍ଲକ ମୁଣ୍ଡାକଟା ଗାଁର ରାଜେନ ମୁର୍ମୁ ଓ ଶୂଳିଆପଦା ବ୍ଲକ ବାଘଡ଼ା ଗାଁର ଗୋଲାପୀ ମୁର୍ମୁ।

ଏହି ବାହାଘରର ଦୃଶ୍ୟ ଥିଲା ଅତି ମନୋରମ। ମଞ୍ଚ ସାଜିଥିଲା କନିଆ ଘର। ଯେଉଁଠି କନ୍ୟାପକ୍ଷ ବର ଓ ବରଯାତ୍ରୀଙ୍କୁ ଅପେକ୍ଷା କରି ରହିଥିଲେ। ପାରମ୍ପରିକ ନାଚଗୀତ ମଧ୍ୟରେ ଭାଇ କାନ୍ଧରେ ବସି ବର ମଞ୍ଚ ତଳେ ପହଞ୍ଚିଥିଲେ। ସେଠାରୁ କନ୍ୟାପକ୍ଷ ବରଯାତ୍ରୀଙ୍କୁ ବରଣ କରି ମଞ୍ଚ ଉପରକୁ ପାଛୋଟି ନେଇଥିଲେ। ଆଦିବାସୀ ପରମ୍ପରା ଅନୁଯାୟୀ କନ୍ୟାର ଭାଇମାନେ ଏକ ଝୁଡ଼ିରେ କନ୍ୟାଙ୍କୁ ବସାଇ ବର ପାଖକୁ ଆଣିବା ପରେ ଗୋଲାପୀଙ୍କ ମଥାରେ ସିନ୍ଦୂର ଦେଇଥିଲେ ରାଜେନ। ମଞ୍ଚରେ ଏଭଳି ଏକ ନିଆରା ବିବାହ ଦେଖିବାକୁ ସମସ୍ତଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ତେବେ ଏହିଭଳି ଏକ ବାହାଘର ସ୍ମୃତିହୋଇ ରହିବ ବୋଲି ଉଭୟ ବରକନ୍ୟା କହିଛନ୍ତି।

# ୨୦୨୪: ୩୦ ସରକାରୀ ଛୁଟି, ୬ ଇଚ୍ଛାଧୀନ

**ଶନିବାର, ରବିବାର ପଡୁଛି ୮ ଛୁଟି**

ଭୁବନେଶ୍ୱର,୭।୧୧(ଅନିଲ ଦାସ)

୨୦୨୪ କ୍ୟାଲେଣ୍ଡର ବର୍ଷ ପାଇଁ ରାଜ୍ୟ ସରକାର ସରକାରୀ ଛୁଟି ତାଲିକା ଜାରି କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ପକ୍ଷରୁ ମଙ୍ଗଳବାର ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଆସନ୍ତା ବର୍ଷରେ ୩୦ଟି ସରକାରୀ ଛୁଟି ଦିବସ ରହିଛି। ଚଳିତ ୨୦୨୩ କ୍ୟାଲେଣ୍ଡର ବର୍ଷରେ ୨୭ଟି ସରକାରୀ ଛୁଟିଦିବସ ରହିଛି। ଦ୍ୱିତୀୟ ଶନିବାର ଓ ରବିବାରରେ ୫ଟି ଛୁଟିଦିନ ପଡ଼ିଥିବାବେଳେରବିବାର ଓ ଶନିବାରରେ ୩ଟି ଇଚ୍ଛାଧୀନ ଛୁଟିଦିନ ପଡ଼ିଛି। ତାଲିକାରେ ୩୦ଟି ସରକାରୀ ଛୁଟି ଦିବସ ଓ ୬ଟି ଇଚ୍ଛାଧୀନ ଛୁଟି ଦିବସ ରହିଛି। କର୍ମଚାରୀମାନେ ଏହି ୬ଟି ଇଚ୍ଛାଧୀନ ଛୁଟି ମଧ୍ୟରୁ ଗୋଟିଏ ଦିନ ନିଜ ସୁବିଧା ଅନୁସାରେ ଛୁଟି ନେଇପାରିବେ। ଜାନୁୟାରୀ ୧୭ରେ ଗୁରୁଗୋବିନ୍ଦ ସିଂଙ୍କ ଜନ୍ମଦିନ, ଜାନୁୟାରୀ ୨୫ରେ ବ୍ରାହ୍ମସମାଜ ପ୍ରତିଷ୍ଠା ଦିବସ, ମାର୍ଚ୍ଚ ୩୦ରେ ଇଷ୍ଟର ଶନିବାର, ମେ' ୨୨ରେ ରାଜା ରାମମୋହନ ରାୟ ଜନ୍ମଦିନ, ଜୁଲାଇ ୧୫ରେ ବାହୁଡ଼ାଯାତ୍ରା ଓ ଡିସେମ୍ବର ୨୪ରେ ଖ୍ରୀଷ୍ଟମାସ ପର୍ବକୁ ଇଚ୍ଛାଧୀନ ଛୁଟି ଭାବେ ସରକାର ଘୋଷଣା କରିଛନ୍ତି।

ସେହିପରି ୨୦୨୪ ଏପ୍ରିଲ ୭ ରବିବାରରେ 'ସବ୍-ଇ-କଦର', ନଭେମ୍ବର ୧୦ ରବିବାରରେ ଅଁଳାନବମୀ ଓ ନଭେମ୍ବର ୨୩ ଚତୁର୍ଥ ଶନିବାରରେ ପ୍ରଥମାଷ୍ଟମୀ ପଡୁଥିବାରୁ ଏହିସବୁ ଇଚ୍ଛାଧୀନ ଛୁଟି ପ୍ରଭାବିତ ହୋଇଛି। ରବିବାର ଏପ୍ରିଲ ୧୪ରେ ମହାବିଷୁବ ସଂକ୍ରାନ୍ତି, ଜୁଲାଇ ୭ ରବିବାର ରଥଯାତ୍ରା, ସେପ୍ଟେମ୍ବର ୮ ରବିବାରରେ ନୂଆଖାଇ, ଅକ୍ଟୋବର ୧୨ରେ ଦ୍ୱିତୀୟ ଶନିବାର ମହାନବମୀ ଓ ଅକ୍ଟୋବର ୧୩ ରବିବାର ବିଜୟାଦଶମୀ ପଡୁଛି। ଏସବୁ ଦିନଗୁଡ଼ିକ ସାଧାରଣତଃ ଛୁଟି ଦିବସ ଘୋଷଣା ହୋଇଥାଏ। ଏହି ଛୁଟିଦିନଗୁଡ଼ିକୁ ବାଦ୍ ଦେଲେ ରାଜ୍ୟ କର୍ମଚାରୀମାନଙ୍କୁ ୪୬ଟି ରବିବାର ଏବଂ ୨୨ଟି ଦ୍ୱିତୀୟ ଓ ଚତୁର୍ଥ ଶନିବାର ଭାବେ ଛୁଟିଦିନ ମିଳିବ। ସରକାରୀ କର୍ମଚାରୀଙ୍କୁ ମୋଟ ଉପରେ ୩୦ଟି ସରକାରୀ ଛୁଟିଦିନ, ଗୋଟିଏ ଇଚ୍ଛାଧୀନ ଛୁଟି ସମେତ ରବିବାର ଓ ଶନିବାର(ଦ୍ୱିତୀୟ ଓ ଚତୁର୍ଥ)ରେ ୬୮ଟି ଛୁଟିଦିନ ମିଶାଇ ମୋଟ ୯୯ଟି ଛୁଟିଦିନ ମିଳିବ। ରାଜ୍ୟରେ ଥିବା ବ୍ୟାଙ୍କ ଓ ବ୍ୟାଙ୍କିଙ୍ଗ୍ ସଂସ୍ଥାଗୁଡ଼ିକ ନିମନ୍ତେ ୨୦ଟି ସରକାରୀ ଛୁଟି ଦିବସ ଘୋଷଣା କରାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ନ୍ୟାୟାଳୟ...

ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିଲା। ଉପରୋକ୍ତ ଗ୍ରାମର ଲୋକମାନେ ସେତେବେଳେ ବିରୋଧ କରିଥିଲେ। ଏପରି ବିରୋଧକୁ ଦମନ କରିବା ପାଇଁ ସେତେବେଳେ ପ୍ରଶାସନ ଓ କମ୍ପାନୀ ସପକ୍ଷବାଦୀମାନେ ଅନେକଥର ଗୁଣ୍ଡାମି ଏବଂ ଅତ୍ୟାଚାର କରିଥିଲେ। ଏହାସବୁ କରାଯାଇଥିଲା ପୋଲିସର ସକ୍ରିୟ ସହାୟତାରେ। ପ୍ରାୟ ୩୫୦ ମାମଲା ସ୍ଥାନୀୟ ଲୋକଙ୍କ ନାମରେ ରୁଜୁ ହୋଇଥିଲା। ବିରୋଧ ଯୋଗୁ ୪ ଜଣଙ୍କ ଜୀବନ ମଧ୍ୟ ଯାଇଥିଲା। ୨୦୦୫ରୁ ୨୦୧୨ ପର୍ଯ୍ୟନ୍ତ ଏମିତି ଉତ୍ତେଜନାପୂର୍ଣ୍ଣ ସ୍ଥିତି ରହିଥିଲା। ଶେଷରେ ପୋସ୍କୋ ଉକ୍ତ ଅଞ୍ଚଳରୁ ଓହରି ଯିବାକୁ ବାଧ ହୋଇଥିଲା। ସେହି ଜମି ଗ୍ରାମବାସୀଙ୍କୁ ହସ୍ତାନ୍ତର କରାଯିବା ପରିବର୍ତ୍ତେ ଜେଏସ୍‌ଡବ୍ଲ୍ୟୁକୁ ଦିଆଯାଇଥିଲା। ସେହି ସ୍ଥାନରେ ଜେଏସ୍‌ଡବ୍ଲ୍ୟୁ ବାର୍ଷିକ ୧୩.୦୨ ମିଲିୟନ ମେଟ୍ରିକ ଟନ୍‌ର ଇସ୍ପାତ କାରଖାନା ଓ ନିଜସ୍ୱ ବନ୍ଦର କରିବ ବୋଲି ୨୦୧୮ରେ ରାଜ୍ୟ ସରକାରଙ୍କ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ପ୍ରକଳ୍ପ ପାଇଁ ୨୦୧୯ ଡିସେମ୍ବର ୨୦ରେ ପରିବେଶୀୟ ଜନଶୁଣାଣି ସରିଛି। ଉକ୍ତ ପ୍ରକଳ୍ପ ଲାଗି ସ୍ଥାନୀୟ ଅଞ୍ଚଳରେ ବିରୋଧ ମୁଣ୍ଡ ଟେକିବାରୁ ପ୍ରଶାସନିକ ଦମନଲୀଳା ଚାଲିଛି। ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ଏବେସୁଦ୍ଧା ୧୦୦ରୁ ଅଧିକ ମାମଲା ଲୋକଙ୍କ ନାଁରେ ହେଲାଣି ବୋଲି କର କହିଛନ୍ତି।

ସେହିପରି ଢିଙ୍କିଆ ଗ୍ରାମର ମାନସ ବର୍ଦ୍ଧନ କୁହନ୍ତି, 'ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ଆମେ ବିରୋଧ କରୁଛୁ। କାରଣ ଉକ୍ତ କମ୍ପାନୀ ଯାହାସବୁ ପ୍ରତିଶ୍ରୁତି ଦେଇଥିଲା ସେସବୁ କିଛି ପାଳନ କରୁନାହିଁ। କେବଳ ଫମ୍ପା ସ୍ୱପ୍ନ ବାଣ୍ଟୁଛି। ମୁଁ ସ୍ଥାନୀୟ ଜମି, ଜଳ, ଜଙ୍ଗଲ ସୁରକ୍ଷା ପାଇଁ ପ୍ରକଳ୍ପକୁ ବିରୋଧ କରିଥିଲି। କିନ୍ତୁ ମୋ ନାଁରେ ଏପର୍ଯ୍ୟନ୍ତ ୨୨ଟି ମିଥ୍ୟା ମକଦ୍ଦମା ରୁଜୁ କରାଯାଇଛି। ମୋତେ ନିସ୍ତୁକ ମାଡ଼ ମଧ୍ୟ ମରାଯାଇଛି। ଦୀର୍ଘଦିନ ଜେଲରେ ରହିବା ପରେ ମାସେ ହେଲା ଜାମିନ୍‌ରେ ଆସିଛି। କିନ୍ତୁ ପ୍ରତିଦିନ ପୋଲିସ ଆମ ଘର ଆଗରେ ପଇଁତରା ମାରୁଛି। ମୁଁ କୁଆଡ଼େ ଗଲି, କାହା ସହିତ କଥା ହେଉଛି ସବୁକିଛି ଯାଞ୍ଚ କରୁଛି ଏବଂ ଧମକାଉଛି ଯେ ଯଦି ଏଥର ପାଟି ଖୋଲିବୁ ବ୍ରାଉନସୁଗାର କେସ୍‌ରେ ଭିତରେ ପୂରେଇଦେବୁ। ଏହାସତ୍ତ୍ୱେ ମୁଁ ମୋର ସଂଗ୍ରାମ ଜାରି ରଖିଛି। ଯେପର୍ଯ୍ୟନ୍ତ କମ୍ପାନୀ ଏଠାରୁ ହଟିନାହିଁ ସେପର୍ଯ୍ୟନ୍ତ ବିବାହ କରିବି ନାହିଁ ବୋଲି ମାନସ କହିଛନ୍ତି।' ସେଠାରେ ମାନସଙ୍କ ସହିତ ଆଲୋଚନାବେଳେ ଜଣେ ବୃଦ୍ଧା ନିଜ ନାମ ଗୋପନ ରଖିବାକୁ କହି ତାଙ୍କର ପୁଞ୍ଜୀଭୂତ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେ କହିଥିଲେ, ତୁମେ ଆମକୁ କିଛି ପଚାରନାହିଁ କି ଆମ ଫଟୋ ଉଠାଅ ନାହିଁ। ତୁମେ ଆସି ଆମ ସହିତ କଥା ହୋଇଯିବ, ପରେ ପୋଲିସ ଆସି ଆମକୁ ଧମକ ଦେବ ବୋଲି ସେ କହିଥିଲେ। ସେହିପରି ଢିଙ୍କିଆ ବାସିନ୍ଦା ଗଗନ ମଲ୍ଲିକ କହିଥିଲେ, ଆମ ଗ୍ରାମର ୯୦ ପ୍ରତିଶତ ଲୋକ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ବିରୋଧ କରୁଛନ୍ତି। କିନ୍ତୁ ପୋଲିସର ମିଥ୍ୟା ମାମଲା ଭୟରେ ଆଗକୁ ଆସୁନାହାନ୍ତି। ଯେକୌଣସି ସମୟରେ ପ୍ରଶାସନିକ ଅଧିକାରୀ ଆସି ଆମ ଗ୍ରାମର ଜଣ ଜଣ କରି ପଚାରନ୍ତୁ, ସତ ଜାଣିପାରିବେ। ଏମିତି ଅନେକ ବାସିନ୍ଦା ସେମାନଙ୍କ ମତ ରଖିଥିଲେ। ଏପରି କି ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳରେ ପାଚେରି କରିବା ପରେ ସେଠାରେ ଥିବା ଜଙ୍ଗଲରେ ବନ୍ୟଜନ୍ତୁଙ୍କୁ ମାରିଦେଉଛି ବୋଲି ସେମାନେ କହିଥିଲେ। ଏଥିସହିତ କେତେଜଣ ଗ୍ରାମବାସୀ କହିଛନ୍ତି, ଜେଏସ୍‌ଡବ୍ଲ୍ୟୁ କର୍ତ୍ତୃପକ୍ଷ ପ୍ରବଳ ଅର୍ଥ ଖର୍ଚ୍ଚ କରି ସ୍ଥାନୀୟ ପୋଲିସକୁ ଜଗତ୍‌ସିଂହପୁର ଜିଲା ପରିବର୍ତ୍ତେ ଜେଏସ୍‌ଡବ୍ଲ୍ୟୁ ପୋଲିସ କରିଦେଇଛନ୍ତି। ଉଚ୍ଚସ୍ତରରୁ ଥାନା ପର୍ଯ୍ୟନ୍ତ ସବୁ ପୋଲିସ କମ୍ପାନୀରୁ ସିଧାସଳଖ ଦରମା ଭଳି ଭତ୍ତା ପାଉଛନ୍ତି।

ସୂଚନାଯୋଗ୍ୟ, ଜେଏସ୍‌ଡବ୍ଲ୍ୟୁ ପାଇଁ ଏବେସୁଦ୍ଧା ପ୍ରାୟ ୨୨ ଶହ ପାନବରଜ ଉଚ୍ଛେଦ କରାଯାଇଛି। ଯେଉଁମାନେ ପାନବରଜ କରି ରୋଜଗାର କରୁଥିଲେ ସେମାନେ ଏବେ ଦାଦନ ଖଟିବା ପାଇଁ ଅନ୍ୟ ରାଜ୍ୟକୁ ଗଲେଣି। କେବଳ ପାନବରଜ କରୁଥିବା ଚାଷୀମାନେ ବାର୍ଷିକ ୮୦ରୁ ୯୦ କୋଟି ଟଙ୍କାର କାରବାର ଗଡ଼କୁଜଙ୍ଗ ୟୁକୋ ବ୍ୟାଙ୍କରେ କରୁଥିଲେ ବୋଲି ମାନସ କର କୁହନ୍ତି। ଏବେ ସେ ସ୍ଥିତି ନାହିଁ ବୋଲି ତାଙ୍କର ମତ। ଲୋକମାନଙ୍କ ଅଭିଯୋଗ ସମ୍ପର୍କରେ ଜେଏସ୍‌ଡବ୍ଲ୍ୟୁ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କେହି ପ୍ରତିକ୍ରିୟା ଦେଲେନାହିଁ।

## ରାସାୟନିକ ବାଣ...

ଉଠିଲେ ପରିବେଶ ସୁରକ୍ଷା କୋର୍ଟଙ୍କ ଦାୟିତ୍ୱ ବୋଲି ରହିଆସିଥିବା ଧାରଣା ଭୁଲ୍। ଲୋକଙ୍କୁ ଆଗେଇ ଆସିବାକୁ ପଡ଼ିବ। ବାୟୁ ଓ ଶବ୍ଦ ପ୍ରଦୂଷଣ ରୋକିବା ସମସ୍ତଙ୍କ କର୍ତ୍ତବ୍ୟ। ଆଲୋଚ୍ୟ ପିଟିଶନ ଉପରେ କୌଣସି ନିର୍ଦ୍ଦିଷ୍ଟ ରାୟ ଦେବା ଅନାବଶ୍ୟକ। କାରଣ ଏହା ପୂର୍ବରୁ କୋର୍ଟ ବାୟୁ ଓ ଶବ୍ଦ ପ୍ରଦୂଷଣ ରୋକିବା ଲାଗି ଅନେକ ରାୟ ଦେଇସାରିଛନ୍ତି। ସେହି ରାୟଗୁଡ଼ିକ ରାଜସ୍ଥାନ ସମେତ ସମସ୍ତ ରାଜ୍ୟ ପାଇଁ ଲାଗୁ ହେବ। ରାଜ୍ୟ ସରକାରମାନେ ମନେରଖିବା ଉଚିତ ଯେ, ଏହା କେବଳ ପାର୍ବଣ ପାଇଁ ନୁହେଁ, ବରଂ ଫେଷ୍ଟିଭ୍ ସିଜନ୍ ପରେ ମଧ୍ୟ କାର୍ଯ୍ୟକାରୀ ହେବ।

ରାଜସ୍ଥାନ ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ମନୀଷ ସିଂଘଭି ଶୁଣାଣିବେଳେ କହିଥିଲେ, ଦୀପାବଳି ସମୟରେ ରାଜ୍ୟରେ ଶବ୍ଦ ଓ ବାୟୁ ପ୍ରଦୂଷଣ ସାମାନ୍ୟ ବୃଦ୍ଧି ପାଇଥାଏ। ତେଣୁ କୋର୍ଟଙ୍କ ରାୟଗୁଡ଼ିକୁ ରାଜ୍ୟ ସରକାର ମାନିବେ। ତେବେ ଏଥିପାଇଁ ସମାଜର ସାମୂହିକ ଉଦ୍ୟମ ଲୋଡ଼ା। ଦୀପାବଳି ଓ ଅନ୍ୟ ପର୍ବପର୍ବାଣି ବେଳେ ରାଜସ୍ଥାନରେ ରାତି ୮ରୁ ୧୦ ପରିବର୍ତ୍ତେ ୧୧ଟା ପର୍ଯ୍ୟନ୍ତ ୩ ଘଣ୍ଟା ପାଇଁ ବାଣ ଫୁଟାଇବାକୁ ଅନୁମତି ଦିଆଯାଉ ବୋଲି ମନୀଷ ଅନୁରୋଧ କରିଥିଲେ। ମୁଖ୍ୟ ଆବେଦନକାରୀ ଅର୍ଜୁନ ଗୋପାଳଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ୍ କହିଥିଲେ, ଯଦି ଗୋଟିଏ ରାଜ୍ୟ ପାଇଁ ନିୟମ କୋହଳ କରାଯାଏ ତେବେ ଅନ୍ୟ ରାଜ୍ୟଗୁଡ଼ିକରୁ କୋର୍ଟଙ୍କ ନିକଟକୁ ଏପରି ଆବେଦନଗୁଡ଼ିକର ସୁଅ ଛୁଟିବ। ଶଙ୍କରନାରାୟଣନ୍‌ଙ୍କ ଯୁକ୍ତି ସହ ଜଷ୍ଟିସ୍ ବୋପାନ୍ନା ସହମତି ପ୍ରକାଶ କରି କହିଥିଲେ, ଡେଡ୍‌ଲାଇନ୍‌କୁ ଘଣ୍ଟାଏ ବଢ଼ାଇଦେଲେ କି କମାଇଦେଲେ ପ୍ରଦୂଷଣ ହ୍ରାସ ପାଇବ ନାହିଁ। ଲୋକେ ଯେତିକି ବାଣ କିଣିଆଣିଥିବେ ତାକୁ ଫୁଟାଇବେ। ସିଂଘଭିଙ୍କୁ ଜଷ୍ଟିସ୍ ସୁନ୍ଦରେଶ କହିଥିଲେ, ନିଜ ପାଖରେ ଥିବା ସାମଗ୍ରୀ ଅନ୍ୟମାନଙ୍କ ଶେୟାର କରି ପ୍ରକୃତ ଉତ୍ସବ ମନାଯାଇପାରିବ। କିନ୍ତୁ ପରିବେଶକୁ ପ୍ରଦୂଷିତ କରିବା ସ୍ୱାର୍ଥପରତା। ପ୍ରଦୂଷଣକାରୀଙ୍କ ଉତ୍ତରଦାୟିତ୍ୱ ସ୍ଥିର କରାଯିବା ଆବଶ୍ୟକ। ପ୍ରକାଶ ଯେ, ଗତ ସେପ୍ଟେମ୍ବର ୨୨ରେ ବେରିୟମ୍‌ଯୁକ୍ତ ବାଣ ପ୍ରସ୍ତୁତି ଓ ବିକ୍ରି ନିମନ୍ତେ ଅନୁମତି ପ୍ରଦାନ ସକାଶେ ନିର୍ମାତାମାନେ ଦାଖଲ କରିଥିବା ଆବେଦନଗୁଡ଼ିକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ।


ମହେଶ୍ୱର ମହାନ୍ତିଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

## ମହେଶ୍ୱର ମହାନ୍ତିଙ୍କ...

ସେ ଚିକିତ୍ସାଧୀନ ଥିଲେ। ହସ୍ପିଟାଲରୁ ମହେଶ୍ୱରଙ୍କ ମରଶରୀରକୁ ବିଜେଡି କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମହେଶ୍ୱରଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ଶୋକପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ନିଜର ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜେଡିର ବହୁ ନେତା ଓ କର୍ମୀ ଶଙ୍ଖଭବନରେ ଶେଷଦର୍ଶନ କରି ମହେଶ୍ୱରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ତାଙ୍କ ମୃତଦେହକୁ ବିଧାନସଭା ପରିସରକୁ ନିଆଯାଇଥିଲା। ସେଠାରେ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ବହୁ ମନ୍ତ୍ରୀ, ସରକାରୀ ଦଳ ମୁଖ୍ୟ ସଚେତକଙ୍କ ସମେତ ବିଭିନ୍ନ ଦଳର ବିଧାୟକ, ବିଧାନସଭା ସଚିବ ଦାଶରଥି ଶତପଥୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସ୍ମୃତିଚାରଣ କରିଥିଲେ। ଭୁବନେଶ୍ୱରରୁ ତାଙ୍କ ପାର୍ଥିବ ଶରୀରକୁ ପୁରୀସ୍ଥିତ ବାସଭବନ ଓ ବିଜେଡି କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ଶେଷଦର୍ଶନ କରିଥିଲେ। ସ୍ୱର୍ଗଦ୍ୱାରରେ ମହେଶ୍ୱରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁଅ ସୁନୀଲ ମହାନ୍ତି ମୁଖାଗ୍ନି ଦେଇଥିଲେ।

ମହେଶ୍ୱରଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରତାପ କେଶରୀ ଦେବ, ଅତନୁ ସବ୍ୟସାଚୀ ନାୟକ, ଟୁକୁନି ସାହୁ, ରୀତା ସାହୁ, ଅଶୋକ ଚନ୍ଦ୍ର ପଣ୍ଡା, ଅଶ୍ୱିନୀ ପାତ୍ର, ବିଧାୟକ ଅରୁଣ ସାହୁ, ସମୀର ରଞ୍ଜନ ଦାଶ, ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମା, ଭାଜପା ନେତା ବୈଜୟନ୍ତ ପଣ୍ଡା, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ପିସିସି ସଭାପତି ଶରତ ପଟ୍ଟନାୟକ, କଂଗ୍ରେସ ବରିଷ୍ଠ ନେତା ନରସିଂହ ମିଶ୍ର, ପ୍ରସାଦ ହରିଚନ୍ଦନ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଚନ୍ଦ୍ର କୋଣଭାବରେ ଥିବାରୁ ଅନ୍ୟମାନଙ୍କ ସକାଶେ ପରାମର୍ଶ ଦାତା ହୋଇ ପ୍ରଶଂସିତ ହେବ। ବ୍ୟବସାୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ରାଜନୈତିକ ଆଲୋଚନା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। କିଛି ପାରିବାରିକ କଥାକୁ ନେଇ ମନରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ।

**ବୃଷ**
ରବି ରାଶିସ୍ଥ ଚନ୍ଦ୍ରଜନିତ ଭାବପ୍ରବଣତା ବୃଦ୍ଧି ଯୋଗୁ ମନୋବଳ ହ୍ରାସ ପାଇବ। ଆକସ୍ମିକ ଭାବରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଆହାର ବିହାରରେ ସଂଜମତା ରକ୍ଷା ନ କଲେ ସ୍ୱାସ୍ଥ୍ୟହାନିର ସମ୍ଭାବନା ରହିଛି। ସହକର୍ମୀମାନେ ପରାମର୍ଶ ଲୋଡ଼ିପାରନ୍ତି। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ।

**ମିଥୁନ**
ରବିଙ୍କ ଦୁର୍ବଳତା ହେତୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବନ୍ଧୁସମ୍ପର୍କ କ୍ଷେତ୍ରରେ ସମୟାନୁକ୍ରମେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଆଜି ଦିନଟିରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ।

**କର୍କଟ**
ଶନିଦୃଷ୍ଟ ଚନ୍ଦ୍ର ପ୍ରଭାବରେ କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡ଼ିପାରେ। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। କୌଣସି ନୀଚଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ସିଂହ**
ଆର୍ଥିକ ଅନଟନର ସମ୍ମୁଖୀନ ହେବା କାରଣରୁ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇବେ। ପରୋକ୍ଷଭାବରେ ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବ। ଶନିଙ୍କ ଶୁଭପ୍ରଭାବ ଯୋଗୁ ଆଧାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି।

**କନ୍ୟା**
ଦୁଃସ୍ଥାନସ୍ଥ ଚନ୍ଦ୍ର ହେତୁ ବୃଥା ଅନିଷ୍ଟ ଆଶଙ୍କା କରି ମାନସିକ ସ୍ତରରେ ଅସୁସ୍ଥତା ଅନୁଭବ କରିବେ। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଅପରାହ୍ନେ ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସରେ ସମୟ ଅତିବାହିତ କରିବେ। ଅପେକ୍ଷା କରିଥିବା ସରକାରୀ ସ୍ତରରୁ ଖବରଟି ମଧ୍ୟାହ୍ନ ପରେ ପାଇବେ।

**ତୁଳା**
କର୍ମାଧିପ ଲାଭସ୍ଥ ଯୋଗୁ ଆଜି ଏକ ଭିନ୍ନ ପରିବେଶରେ ଆପଣଙ୍କୁ ଉଚ୍ଚବର୍ଗଙ୍କ ସାହାଯ୍ୟ ପ୍ରାପ୍ତ ହେବ। ଏଜେନ୍‌ସି, କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ସାମ୍ବାଦିକତାରେ ଉଚ୍ଚ ପ୍ରଶଂସିତ ହେବେ। ଭଲ ବୁଝାମଣା ହେତୁ ପରିବାରରେ ସୁଖଶାନ୍ତି ରାଜୁତି କରିବ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**ବିଛା**
ନୀଚଭାବରେ କର୍ମାଧିପ ରହିଥିବାରୁ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ଯେତେ ଭଲ କାମ କଲେ କ'ଣ ହେବ, ଟିକିଏ ଟିକିଏ କଥାରେ ଚିହ୍ନା ପଡ଼ି ସମାଲୋଚିତ ହେବେ। ରାଜନୀତି, ପ୍ରେସ୍, ପବ୍ଲିକେଶନ କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ।

**ଧନୁ**
ବୁଧଙ୍କ ପ୍ରଭାବରେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ଦୁଶ୍ଚିନ୍ତାଗ୍ରସ୍ତ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ଅବନତିଜନିତ ଅବହେଳିତ କାମ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ସାମାଜିକ ସ୍ତରରେ ଖଳ ଲୋକମାନଙ୍କର କାନ କୁହାକଥା ଶୁଣନ୍ତୁ ନାହିଁ।

**ମକର**
ପାପଗ୍ରହମାନଙ୍କ ସ୍ଥିତିଜନିତ କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ସାମାଜିକ ସ୍ତରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମସ୍ୟାମୂଳକ କାମରେ ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ।

**କୁମ୍ଭ**
କର୍ମଭାବରେ ବୁଧଥିବାରୁ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଖଳ ଲୋକଙ୍କ କଥାରେ ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିପାରନ୍ତି। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଅବସର ବିନୋଦନ କ୍ଷେତ୍ରରେ ପଡ଼ୋଶୀଙ୍କ ସହ ମିଷ୍ଟାଳାପରେ ମାତିରହିବେ।

**ମୀନ**
ଚତୁର୍ଥାଧିପ ନିଜ ଭାବରୁ ଷଷ୍ଠସ୍ଥ ଯୋଗୁ ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ବନ୍ଧୁମାନଙ୍କ ଚୁପ୍‌ଚାପ କଥାକୁ ଅନ୍ୟମାନେ ଭିନ୍ନ ଦୃଷ୍ଟି କୋଣରୁ ବିଚାର କରିବେ। ମାଲିକଙ୍କ ସହିତ ଘରଭଡ଼ାକୁ କେନ୍ଦ୍ରକରି ସମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଧୀରସ୍ଥିର ମନଦେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ।

ଆଜି କାର୍ତ୍ତିକ କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ ବୁଧବାର, ନଭେମ୍ବର ୮ ତାରିଖ, ରାଶି ନକ୍ଷତ୍ର-ପୂର୍ବା ଫାଲ୍‌ଗୁନୀ/ସିଂହ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୫୪ମି. ଗତେ ଘ. ୦୮.୦୮ମି. ମଧ୍ୟେ, ଘ. ୧୦.୨୩ମି. ଗତେ ଘ.୧୧.୩୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା।ଦିବା ଘ.୧୧.୩୦ମି. ଗତେ ଘ.୧୨.୫୪ମି. ମଧ୍ୟେ ରାହୁ କାଳ।




# ବୁଡୁ ପାତ୍ର ହତ୍ୟା ମାମଲା: ୮ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ


ଆଜୀବନ କାରାଦଣ୍ଡ ପାଇଥିବା ଅଭିଯୁକ୍ତମାନେ।

**ବ୍ରହ୍ମପୁର,୭।୧୧(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଆମ୍ବଗଡ଼ ଗ୍ରାମର ବୁଡୁ ପାତ୍ର ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ମଙ୍ଗଳବାର ଅତିରିକ୍ତ ଜିଲା ଦୌରାଜଜ୍- ୧ ଡ. ଇନ୍ଦୁ ଶର୍ମା ଉପଯୁକ୍ତ ପ୍ରମାଣ ମିଳିଥିବାରୁ ହତ୍ୟା ଅଭିଯୁକ୍ତ ଆର. ହରି ପାତ୍ରଙ୍କ ସମେତ ୮ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ପ୍ରତ୍ୟେକେ ୧୫ ହଜାର ଟଙ୍କା ଲେଖାଏ ଜରିମାନା ଦେବେ। ଜରିମାନା ଅନାଦାୟ ଅଧିକ ୧ ବର୍ଷ ୧ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତମାନେ ହେଲେ ଆମ୍ବଗଡ଼ର ଆର. ହରି ପାତ୍ର (୩୦), ଆର. ଲୋକନାଥ ପାତ୍ର(୨୧), ଏମ.ଦଣ୍ଡ ପାତ୍ର(୪୫), କେ. ବଇରି ପାତ୍ର (୫୫), କେ. ଭୀମ ପାତ୍ର(୪୭), ଏମ. ସୋମେଶ ପାତ୍ର(୨୦), ବି. ନୋଇ ପାତ୍ର(୩୭) ଓ ବି. ଭାସ୍କର ପାତ୍ର (୨୧)।

୨୦୧୭ ସେପ୍ଟେମ୍ବର ୧୭ ତାରିଖ ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ ନେଇ ବୁଡୁ ଓ ତାଙ୍କ ଗ୍ରାମର ଆର. ହରି ପାତ୍ରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ବୁଡୁ ସେତେବେଳେ ହରି ଓ ତାଙ୍କର ଅନ୍ୟ ଜଣେ ସାଙ୍ଗଙ୍କୁ ମାଡ଼ ମାରିଥିଲେ। ପରେ ସେମାନେ ନିଜ ନିଜ ଘରକୁ ଫେରି ଯାଇଥିଲେ। ରାତି ପ୍ରାୟ ୧୦ଟାରେ ଗାଁ କୋଠଘରେ ବୈଠକ ବସିଥିଲା। ସେଠାକୁ ବୁଡୁଙ୍କୁ ଡକାଯାଇଥିଲା। ବୁଡୁ ପହଞ୍ଚିବାରୁ ହରି ଓ ତାଙ୍କର ଜଣେ ସହଯୋଗୀ ଆକ୍ରମଣ କରିଥିଲେ। ଭୟରେ ବୁଡୁ ଦୌଡ଼ି ନିକଟରେ ଥିବା ତାଙ୍କ ଭାଇ ଲଡୁ ପାତ୍ରଙ୍କ ଘରେ ପଶିଯାଇଥିଲେ। ପରେ ହରି ଓ ତାଙ୍କର ୭ଜଣ ସହଯୋଗୀ ଠେଙ୍ଗା, ପନିକି, ଶାବଳ, କାତି ଆଦି ଧରି ଲଡୁଙ୍କ ଘରକୁ ଯାଇଥିଲେ। ବୁଡୁଙ୍କୁ ବାହାରକୁ ଛାଡିବାକୁ ସେମାନେ ତାଙ୍କ ଭାଇଙ୍କୁ କହିଥିଲେ। ସେ ନ ବାହାରିବାରୁ ଅଭିଯୁକ୍ତମାନେ ଘର କବାଟ ଭାଙ୍ଗି ବୁଡୁଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣି ସେଠାରୁ ଚାଲିଯାଇଥିଲେ। ପ୍ରତିବାଦ କରିବାରୁ ଲଡୁଙ୍କୁ ମଧ୍ୟ ଆକ୍ରମଣ କରି ଭୟଭୀତ କରିଥିଲେ। ପରିବାର ଲୋକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବୁଡୁଙ୍କୁ ଏମ୍‌କେସିଜି ମେଡିକାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ସଦର ଥାନାରେ ଲଡୁଙ୍କ ଅଭିଯୋଗ ପ୍ରକାରେ ପୋଲିସ ହତ୍ୟା ମାମଲା (୧୯୪/୧୭) ରୁଜୁ କରିଥିଲା। ପୂର୍ବଶତ୍ରୁତାରୁ ବୁଡୁଙ୍କୁ ହତ୍ୟା କରାଯାଇଥିଲା ବୋଲି ପୋଲିସ ତଦନ୍ତ ବେଳେ ଜଣାପଡ଼ିଥିଲା। ଅଭିଯୁକ୍ତମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ଥାନାଧିକାରୀ ତଥା ତଦନ୍ତକାରୀ ଅଧିକାରୀ ଶିବଶଙ୍କର ମହାପାତ୍ର କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ୨୦୨୦ରେ ଅଭିଯୁକ୍ତମାନେ ଜାମିନରେ ମୁକୁଳିଥିଲେ। ଉକ୍ତ ମାମଲାର ବିଚାର ବେଳେ ୧୯ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ସମସ୍ତ ୮ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ସାକ୍ଷୀମାନଙ୍କ ବୟାନ ଓ ପୋଲିସ ପକ୍ଷରୁ ଦାଖଲ ଚାର୍ଜଶିଟକୁ ଆଧାର କରି ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି।

# ଗିଫ୍ଟ ସିଟିରେ ଖୋଲିବ ଅଷ୍ଟ୍ରେଲିଆର ୨ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ: ଧର୍ମେନ୍ଦ୍ର




**ଭୁବନେଶ୍ୱର, ୭।୧୧(ସୁନିତ୍ ମିଶ୍ର)**

ଗୁଜରାଟ ଇଣ୍ଟରନ୍ୟାଶନାଲ ଫାଇନାନ୍ସ ଟେକ୍-ସିଟି (ଗିଫ୍ଟ ସିଟି)ରେ ଅଷ୍ଟ୍ରେଲିଆର ୨ଟି ବିଶ୍ୱବିଦ୍ୟାଳୟ ଡେକିନ୍ ଓ ୱଲ୍ଲୋନଗୋଙ୍ଗ୍‌ର କ୍ୟାମ୍ପସ ସ୍ଥାପନା ନେଇ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଷ୍ଟ୍ରେଲିଆ ଶିକ୍ଷାମନ୍ତ୍ରୀ ଜେସନ କ୍ଲେୟାର ଗାନ୍ଧୀନଗରସ୍ଥିତ ଗିଫ୍ଟ ସିଟିରେ ଏହି ୨ ବିଶ୍ୱବିଦ୍ୟାଳୟର ଆଗାମୀ କ୍ୟାମ୍ପସ ପାଇଁ ସ୍ଥାନ ପରିଦର୍ଶନ କରିବା ଅବସରରେ ଏହି ଘୋଷଣା କରିଛନ୍ତି। ଭାରତରେ ଅଷ୍ଟ୍ରେଲିଆନ୍ ୟୁନିଭର୍ସିଟି କ୍ୟାମ୍ପସର ଘୋଷଣା ନେଇ ଆୟୋଜିତ କାର୍ଯ୍ୟକ୍ରମ 'ଆରମ୍ଭ'ରେ ଧର୍ମେନ୍ଦ୍ର କହିଛନ୍ତି, ବର୍ତ୍ତମାନ ଭାରତର ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ। ଗାନ୍ଧୀନଗରସ୍ଥିତ ଗୁଜରାଟ ଇଣ୍ଟରନ୍ୟାଶନାଲ ଫାଇନାନ୍ସ ଟେକ୍-ସିଟିରେ ଅଷ୍ଟ୍ରେଲିଆର ୨ଟି ବିଶ୍ୱସନୀୟ ବିଶ୍ୱବିଦ୍ୟାଳୟ ଯଥା ଡେକିନ୍ ବିଶ୍ୱବିଦ୍ୟାଳୟ ଏବଂ ୟୁନିଭର୍ସିଟି ଅଫ୍ ୱଲ୍ଲୋନଗୋଙ୍ଗ୍ ଅଷ୍ଟ୍ରେଲିଆ(ୟୁଓଡବ୍ଲ୍ୟୁ) କ୍ୟାମ୍ପସ ଖୋଲିବାର ଆନୁଷ୍ଠାନିକ ଘୋଷଣା ହୋଇଛି। ଏହା ଭାରତର ଶିକ୍ଷାର ଅନ୍ତର୍ଜାତୀୟକରଣ ଦିଗରେ ଏକ ବଡ଼ ପଦକ୍ଷେପ। ସମ୍ଭାବନାମୟ ଗୁଜରାଟରେ ଏହି ୨ଟି ବିଶ୍ୱବିଦ୍ୟାଳୟର ଜୀବନ୍ତ କ୍ୟାମ୍ପସ ସ୍ଥାପନା ହେବା ଛାତ୍ରୀଛାତ୍ର ସମୁଦାୟ ପାଇଁ ଏକ ଉପହାର ବୋଲି ସେ କହିଛନ୍ତି। ଭାରତର ଡୋର୍‌ଷ୍ଟେପ୍‌ରେ ବିଶ୍ୱସ୍ତରୀୟ ଶିକ୍ଷାର ସୁଯୋଗ ଆଣିବା ଲକ୍ଷ୍ୟରେ ଏଭଳି କ୍ୟାମ୍ପସ ସ୍ଥାପନ ହେବା ଖୁସିର ବିଷୟ। ଭାରତର ଶିକ୍ଷାକୁ ବିଶ୍ୱ ମାନର କରିବା ଦିଗରେ ଏହା ଏକ ଅନ୍ୟତମ ପଦକ୍ଷେପ। ସ୍ୱଦେଶରେ ବିଦେଶୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ଷ୍ଟଡି ଇନ୍ ଇଣ୍ଡିଆକୁ ପ୍ରୋତ୍ସାହିତ କରିବ। ଜାତୀୟ ଶିକ୍ଷାନୀତିରେ କଳ୍ପନା କରାଯାଇଥିବା ବିବିଧ, ସର୍ବବ୍ୟାପୀ ଏବଂ ସମାବେଶୀ ଶିକ୍ଷାର ଏକ ବାତାବରଣ ତିଆରି କରିବ। ଜାତୀୟ ଶିକ୍ଷାନୀତି ମାଧ୍ୟମରେ ଭାରତର ଶିକ୍ଷାରେ ପରିବର୍ତ୍ତନ ଆଣିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଏବଂ ପ୍ରଚେଷ୍ଟା ପାଇଁ ଆଜି ଏହା ସମ୍ଭବ ହୋଇପାରିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।






ମନରେ କୌଣସି ପ୍ରଲୋଭନ ଜାଗିଲେ ତାକୁ ପ୍ରତିରୋଧ କର। ତା'ପାଖରେ ନିଜକୁ ସମର୍ପି ଦିଅନା। ଥରକ ପାଇଁ ହେଲେ ବି-ଯଦି ତୁମେ ପ୍ରଲୋଭନକୁ ପ୍ରଶ୍ରୟ ଦେଇଛ- ତା'ହେଲେ ତୁମ ଇଚ୍ଛାଶକ୍ତିର ବଳ କମିଯିବ ଏବଂ ବାରମ୍ବାର ପରାଜୟ ପାଇଁ ବାଟ ଖୋଲିଯିବ। -ଶ୍ରୀମା

# ବାଡ଼ି ଆଡ଼କୁ ଦେଖ

ପ୍ରତିବର୍ଷ ଦୀପାବଳି ପାଖେଇ ଆସିଲେ ଦିଲ୍ଲୀର ବାୟୁ ପ୍ରଦୂଷଣ ଚିନ୍ତା ଘାରେ। ଏହି ସମୟ ଅମଳ ଋତୁ ହୋଇଥିବାରୁ ପ୍ରଦୂଷଣ ଦୋଷ କୃଷକଙ୍କ ମୁଣ୍ଡରେ ଲଦି ଦିଆଯାଏ, ଯେମିତି କି ଏଥିପାଇଁ ସେମାନେ କେବଳ ଦାୟୀ। କିନ୍ତୁ ଏହାକୁ ଗ୍ରହଣ କରିବା କଷ୍ଟକର। କାରଣ ଦିଲ୍ଲୀ ନିକଟବର୍ତ୍ତୀ ରାଜ୍ୟ ପଞ୍ଜାବ, ହରିୟାଣା ଓ ଉତ୍ତରପ୍ରଦେଶରେ ଖୁଣ୍ଟାପୋଡ଼ି ଅନେକ ପରିମାଣରେ କମିଥିବା କମିଶନ ଫର୍ ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ୍)ର ୨୦୨୨ ରିପୋର୍ଟ ସ୍ପଷ୍ଟ କରିଛି। ଦିଲ୍ଲୀରେ ପ୍ରଦୂଷଣ ରୋକିବା ଲାଗି ଦୀପାବଳିରେ ବାଣଫୁଟା ବନ୍ଦ କରାଯାଏ ସତ, କିନ୍ତୁ ପ୍ରତିବର୍ଷ ନିୟମ ଉଲ୍ଲଂଘନର କିଛି ଘଟଣା ସାମ୍ନାକୁ ଆସେ। ଉଦାହରଣ ସ୍ୱରୂପ ଗତବର୍ଷ ଦୀପାବଳିରେ ଭାଜପା ନେତା ତାଜିନ୍ଦର ବାଗା ନିଜେ ରାସ୍ତାରେ ବାଣ ଫୁଟାଇ ବସ୍ତିରେ ବାଣ ବାଣ୍ଟିବା ଦୃଶ୍ୟ ସଭିଙ୍କୁ ଚକିତ କରିଥିଲା। କୁହାଯାଇପାରେ, କୃଷକମାନେ ସଚେତନ ହେଉଥିବାବେଳେ ଧର୍ମକୁ ଜାବୋଡ଼ି ଧରି ବେଆଇନ କାର୍ଯ୍ୟ କରୁଥିବା ଏଭଳି ନେତାଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ହେଲା ତାହା କେହି ଜାଣିବାର ସୁଯୋଗ ପାଇପାରିଲେ ନାହିଁ। ଏଭଳି ଉଦ୍ଭଟ ବିଚାର ରହିଲେ ଯେକୌଣସି ପରିବର୍ତ୍ତନକୁ ଗ୍ରହଣ କରିବା ସହଜ ହେବନାହିଁ। କେବଳ ଦିଲ୍ଲୀ ନୁହେଁ, ସାରା ଭାରତର ଅନ୍ୟ ସହରଗୁଡ଼ିକରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଥିବାବେଳେ ଅନେକରେ ବାଣ ଫୁଟାଇବା ଲାଗି ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରାଯାଉଛି। ଅର୍ଥାତ୍ ପରୋକ୍ଷରେ ବାଣ ଫୁଟାଇ ପ୍ରଦୂଷଣ ବଢ଼ାଇବା ଲାଗି କୁହାଯାଉଛି। ଉଲ୍ଲେଖନୀୟ ଯେ, ବିଶ୍ୱର ୩୦ ସବୁଠୁ ପ୍ରଦୂଷିତ ସହର ମଧ୍ୟରେ ଭାରତର ସ୍ଥାନ ୨୨ ରହିଛି। ଭାରତରେ ବାୟୁ ପ୍ରଦୂଷଣ ଯୋଗୁ ବିଶ୍ୱରେ ଅଧିକ ମୃତ୍ୟୁ ହେଉଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲ୍ୟୁଏଚ୍‌ଓ ମଧ୍ୟ ସ୍ପଷ୍ଟ କରିଛି। ତେବେ ସହରଗୁଡ଼ିକରେ ବାୟୁ ପ୍ରଦୂଷଣ କମାଇବା ଲାଗି ୨୦୨୦ରେ ନ୍ୟାଶନାଲ କ୍ଲିନ୍ ଏୟାର ପ୍ରୋଗ୍ରାମ(ଏନ୍‌ସିଏପି)ଆରମ୍ଭ କରି ୨୦୨୪ ସୁଦ୍ଧା ବାୟୁ ପ୍ରଦୂଷଣ ୨୦ରୁ ୩୦% କମାଇବା ଲାଗି ଲକ୍ଷ୍ୟ ରଖାଯାଇଛି। ହେଲେ ଏହା କେତେ ସଫଳ ହେଉଛି ତାହାର ପ୍ରମାଣ ଏବେ ଦିଲ୍ଲୀ ସମେତ ଅନ୍ୟ ସହରଗୁଡ଼ିକରୁ ସ୍ପଷ୍ଟ ହେଉଛି।

ଧୂଳି, ଧୂଆଁ ଓ କୁହୁଡ଼ି ଯୋଗୁ ଦିଲ୍ଲୀବାସୀ ଏବେ ଜଟିଳ ସ୍ଥିତିରେ । ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କୁ ଛାଡ଼ି ଅନ୍ୟମାନଙ୍କୁ ସ୍କୁଲ ଯିବା ମନା। ଏହା ବ୍ୟତୀତ ପ୍ରଦୂଷଣର ମୁକାବିଲା କରିବା ଲାଗି ଦିଲ୍ଲୀ ସରକାର ଗାଡ଼ି ଚଳାଚଳ ପାଇଁ ଯୁଗ୍ମ-ଅଯୁଗ୍ମ ଫର୍ମୁଲା ଲାଗୁ କଲେଣି। ଏହା ହୁଏତ ସାମୟିକ ଭାବେ ପ୍ରଦୂଷଣ ସ୍ଥିତିରୁ ରକ୍ଷା କରିପାରେ। କିନ୍ତୁ ଦୀର୍ଘମିଆଦୀ ସୂତ୍ରରେ ପ୍ରଦୂଷଣ ରୋକିବାରେ ସରକାର କେତେ ସଚେତନ ତାହା ଏବେ ଦିଲ୍ଲୀର ସ୍ମଗ୍ ଟାୱାର ବନ୍ଦ ଘଟଣାରୁ ସ୍ପଷ୍ଟ ହୋଇଛି। ସ୍ମଗ୍ ଟାୱାର ବନ୍ଦ ଘଟଣା ଉପରେ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ପରେ ଦିଲ୍ଲୀର ପରିବେଶ ମନ୍ତ୍ରୀ ଦିଲ୍ଲୀ ପ୍ରଦୂଷଣ ବୋର୍ଡର ଅଧ୍ୟକ୍ଷ ଅଶ୍ୱିନୀ କୁମାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଲାଗି ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲଙ୍କୁ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୧ରେ ଦିଲ୍ଲୀରେ ବାୟୁ ପ୍ରଦୂଷଣ କମାଇବା ଲାଗି ସ୍ମଗ୍ ଟାୱାର ନିର୍ମାଣ ଆରମ୍ଭ କରାଯାଇଥିଲା। ଏବକାର ସ୍ଥିତିକୁ ଲକ୍ଷ୍ୟ କରି ସୁପ୍ରିମକୋର୍ଟ ଦିଲ୍ଲୀରେ କଠିନ ବର୍ଜ୍ୟ ନ ପୋଡ଼ିବା ଲାଗି କହୁଛନ୍ତି, ଖୁଣ୍ଟାପୋଡ଼ି ବନ୍ଦକୁ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏସବୁ ଭିତରେ ଯେଉଁ ସମସ୍ୟାଗୁଡ଼ିକ ଲୁଚିଯାଉଛି ତାହା ଉପରେ ଉଦ୍‌ବେଗ ପ୍ରକାଶ କରାଯାଉଥିବା ଜଣାପଡୁନାହିଁ। ସେଗୁଡ଼ିକ ମଧ୍ୟରେ ରହିଛି ଦିଲ୍ଲୀର ୩୦୦କି.ମି. ପରିଧି ମଧ୍ୟରେ ୧୧ଟି କୋଇଲାଚାଳିତ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଚାଲିଛି। ଅନ୍ୟପକ୍ଷରେ ଦିଲ୍ଲୀରେ ଏବେସୁଦ୍ଧା ମାତ୍ର ୧.୨ ଲକ୍ଷରୁ ଊର୍ଦ୍ଧ୍ୱ ବିଦ୍ୟୁତ୍‌ଚାଳିତ ଯାନ ଚଳାଚଳ କରୁଥିବାବେଳେ ଜୀବାଶ୍ମ ଇନ୍ଧନଚାଳିତ ଗାଡ଼ି ଏହାର ୯୦ଗୁଣ ଅଧିକ। ଏଗୁଡ଼ିକ ଜାରି ରହିଲେ ସହରର ବାୟୁ ପ୍ରଦୂଷଣ କମାଇବା ସମ୍ଭବ ହେବ ନାହିଁ। ଦିଲ୍ଲୀର ସ୍ଥିତି ସୂଚାଇ ଦେଉଛି ଯେ, ଅତ୍ୟଧିକ ପ୍ରଦୂଷିତ ସହରଗୁଡ଼ିକ ମଧ୍ୟ ବେଳ ଥାଉଁ ସାବଧାନ ହେବା ଦରକାର। ଜୀବାଶ୍ମ ଇନ୍ଧନଚାଳିତ ଓ କୋଇଲାଚାଳିତ ଶକ୍ତିଠାରୁ ଦୂରେଇ ରହି ସମ୍ପୂର୍ଣ୍ଣ ସବୁଜ ଶକ୍ତି ଆଡ଼କୁ ନ ମୁହାଁଇଲେ ଜୀବନ ରକ୍ଷା କରିବା କଷ୍ଟକର ହୋଇଯିବ ।

ଆଜି ଯାହା ଦିଲ୍ଲୀରେ ଘଟୁଛି ତାହାର ଆରମ୍ଭ ସ୍ଥିତି ଭାରତର ବିଭିନ୍ନ ସହର ଓ ଅଞ୍ଚଳରେ ଦେଖିବାକୁ ମିଳିଲାଣି। 'ଦିଲ୍ଲୀ ଦୂର ଅସ୍ତ' ପୂର୍ବରୁ ଶୁଣିଥିବା ଢଗ ଏବେ ଭାରତର ସାନବଡ଼ ସହରାଞ୍ଚଳ ପାଇଁ ଚିନ୍ତାର ବିଷୟ ହେବା କଥା। ସ୍ମାର୍ଟସିଟି ବୋଲାଉଥିବା ଭୁବନେଶ୍ୱର ମଧ୍ୟରେ ଥିବା ଗାଡ଼କଣ ଗ୍ରାମ ଏବଂ ତାହାର ଚାରିପାର୍ଶ୍ୱ ଅଞ୍ଚଳର ପରିସ୍ଥିତି ଜାଣିଲେ ଯେ କେହି ବୁଝିପାରିବେ ପ୍ରଦୂଷଣ ଏବଂ ପରିବେଶ ଧ୍ୱଂସର ଅର୍ଥ କେତେ ଗମ୍ଭୀର ହୋଇପାରେ। ଓଡ଼ିଶାର ପ୍ରାୟ ସବୁ ସହର ଏବଂ ଗ୍ରାମାଞ୍ଚଳରେ ପଡ଼ି ରହିଥିବା ପ୍ଲାଷ୍ଟିକ ଓ ଥର୍ମକୁଲ ଆବର୍ଜନା ଖୁବ୍‌ଶୀଘ୍ର ଏହି ରାଜ୍ୟ ପାଇଁ ଏକ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିବାର ଆକାର ଧାରଣ କରିବ। ସେଥିପାଇଁ ଦିଲ୍ଲୀ କଥା କହିବା ସମୟରେ ଆମେ ନିଜର ବାଡ଼ି ଆଡ଼କୁ ମଧ୍ୟ ଦେଖି ସଚେତନ ହେବାର ସମୟ ଆସିଲାଣି।

# ପକ୍ୱକେଶଙ୍କ ଦେଶ



ଶୈଳେନ୍ଦ୍ର ଦ୍ୱିବେଦୀ

ପାଠକେ, ପ୍ରବନ୍ଧ ଲେଖିଲା ବେଳକୁ ଭାରତୀୟ ଜନସଂଖ୍ୟାର ୫୦ ପ୍ରତିଶତଙ୍କ ବୟସ ୨୫ ବର୍ଷ ତଳେ ଏବଂ ୬୫ ପ୍ରତିଶତ ଅଛନ୍ତି ୩୫ ବର୍ଷ ଭିତରେ। ବିଭିନ୍ନ ଆନ୍ତର୍ଜାତିକ ସଂଗଠନ ଆକଳନ କରିଛନ୍ତି, ଅନ୍ତତଃ ୨୦୩୦ ପର୍ଯ୍ୟନ୍ତ ଏହି ଅଭିବୃଦ୍ଧି ଜାରି ରହିବ। ଆମ ପ୍ରଧାନମନ୍ତ୍ରୀ ଭାରତର ଡେମୋକ୍ରାଟିକ ଡିଭିଡେଣ୍ଡ (ଜନସଂଖ୍ୟାଗତ ଲାଭାଂଶ) ନେଇ ଖୁବ୍ ଖୁସି ଯଦିଓ ଏହାର ଯେତିକି ସୁବିଧା ଆମେ ପାଇବା କଥା ତାହା ସମ୍ଭବ ହୋଇନାହିଁ। ଏଣେ ଆକଳନ କରାଗଲାଣି, ୨୦୫୦ ବେଳକୁ ଭାରତୀୟ ଜନସଂଖ୍ୟାର ଅନ୍ତତଃ ଏକ ପଞ୍ଚମାଂଶ ୬୦ ବର୍ଷ ଛୁଇଁ ସାରିଥିବ। ସେତିକି ନୁହେଁ, ଆସନ୍ତା ୨୭ ବର୍ଷ ଭିତରେ ଭାରତରେ ବୟସ୍କ ମାନଙ୍କ ସଂଖ୍ୟା ଦୁଇ ଗୁଣ ବଢ଼ିଥିବ। ମିଳିତ ଜାତିସଂଘ ପପୁଲେଶନ ଫଣ୍ଡ୍‌ର ଏକ ରିପୋର୍ଟକୁ ଯଦି ଗୁରୁତ୍ୱ ଦିଆଯାଏ ତେବେ ୨୦୫୦ ବେଳକୁ ପୃଥିବୀର ସର୍ବାଧିକ ଯୁବତୀ ଯୁବକ ଥିବା ଦେଶ ଆମ ଭାରତରେ ରହିଥିବେ ୩୪୭ ନିୟୁତ ବୟସ୍କ।

ପାଠକେ ଜାଣନ୍ତି ଯେ ଏଇ ବର୍ଷ ଚାଇନାକୁ ଟପି ଭାରତ ପୃଥିବୀର ସର୍ବବୃହତ୍ ଜନସଂଖ୍ୟା ବିଶିଷ୍ଟ ଦେଶ ହେବାର ରେକର୍ଡ ହାସଲ କରିଛି। ମିଳିତ ଜାତିସଂଘ ରିପୋର୍ଟ ଯାହା ନିକଟରେ ପ୍ରକାଶିତ (ଇଣ୍ଡିଆ ଏଜିଙ୍ଗ ରିପୋର୍ଟ) ତାହା ଆଧାର କରିଛି ୨୦୧୧ ଭାରତୀୟ ଜନଗଣନା, ୨୦୧୭-୧୮ ଲଙ୍ଗିଚୁଡିନାଲ ଏଜିଙ୍ଗ ସର୍ଭେ ଇନ ଇଣ୍ଡିଆ (ଭାରତ ସରକାର) ଏବଂ ୱାର୍ଲ୍ଡ ପପୁଲେଶନ ପ୍ରୋଜେକ୍ସନ, ୨୦୨୨ ତଥ୍ୟକୁ। ଏହି ରିପୋର୍ଟରୁ ଜଣାପଡ଼ିଛି, ୧ ଅଗଷ୍ଟ ୨୦୨୨ ସୁଦ୍ଧା ଭାରତରେ ୧୪୯ ନିୟୁତ ନାଗରିକ ୬୦ ବର୍ଷ ବୟସ ଉପରେ ଥିଲେ ଯାହା ଜନସଂଖ୍ୟାର ୧୦.୫ ପ୍ରତିଶତ ଥିଲା। ବର୍ତ୍ତମାନର ରିପୋର୍ଟ ଦର୍ଶାଇଛି ଯେ, ଏହି ସଂଖ୍ୟା ୨୦୫୦ ସୁଦ୍ଧା ଆଉ ୧୦.୩ ପ୍ରତିଶତ ବୃଦ୍ଧି ପାଇ ୩୪୭ ନିୟୁତରେ ପହଞ୍ଚିବ। ଆଉ ସେଇ ସମୟରେ ୧୫-୫୯ ବର୍ଷ ବୟସ ବନ୍ଧନୀରେ ରହିଥିବା ଜନସଂଖ୍ୟା ସ୍ୱାଭାବିକ ଭାବେ ହ୍ରାସ ପାଇବ। ଅର୍ଥାତ୍ ଭାରତକୁ ଆଉ ଯୁବପିଢ଼ିର ଭାରତ କହିହେବ ନାହିଁ। ପୃଥିବୀ ବାବଦରେ କୁହାଯାଇଛି ଯେ, ୨୦୫୦ ସୁଦ୍ଧା ୬୦ ବର୍ଷ ଏବଂ ତଦୂର୍ଦ୍ଧ୍ୱ ବୟସ୍କଙ୍କ ସଂଖ୍ୟା ୨.୧ ବିଲିୟନ ହୋଇଥିବ; ଯେଉଁଥିରୁ ୧.୭ ବିଲିୟନ ଥିବେ ଦୁର୍ବଳ ଅର୍ଥନୀତିରେ। ଏବେ ଏମାନଙ୍କ ସଂଖ୍ୟା ପୃଥିବୀରେ ୧.୧ ବିଲିୟନ,



ଯାହା ପୃଥିବୀ ଜନସଂଖ୍ୟାର ୧୩.୯ ପ୍ରତିଶତ। କୁହାଯାଉଛି ଉନ୍ନତ ଅର୍ଥନୀତିରେ ଏବେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କ ସଂଖ୍ୟା ୨୬ ପ୍ରତିଶତ ରହିଛି, ଯାହା ୨୦୫୦ ଆଡ଼କୁ ୩୪ ପ୍ରତିଶତରେ ପହଞ୍ଚିବ। ଅଧିକ ଉପାର୍ଜନ/ଆୟ ସହିତ ଯୋଡ଼ି ହୋଇ ରହିଛି ଉନ୍ନତ ସ୍ୱାସ୍ଥ୍ୟସେବା ଏବଂ ଗୁଣାତ୍ମକ ଜୀବନ। ଅନ୍ୟପକ୍ଷରେ ଅସ୍ୱଚ୍ଛଳ ଅର୍ଥନୀତିରେ ଏହି ବୃଦ୍ଧି ଆନୁପାତିକ ନ ହୋଇ ବର୍ତ୍ତମାନର ୧୧.୫ ପ୍ରତିଶତରୁ ୨୦୫୦ ସୁଦ୍ଧା ସୀମିତ ରହିବ ୨୦ ପ୍ରତିଶତରେ। ଜଣାପଡ଼ିଛି ହିମାଚଳ ପ୍ରଦେଶ, ପଞ୍ଜାବ, କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଓଡ଼ିଶା, ଗୁଜରାଟ, ଉତ୍ତରାଖଣ୍ଡ, ହରିୟାଣା ଓ ମହାରାଷ୍ଟ୍ରରେ ବୟସ୍କଙ୍କ ଅଭିବୃଦ୍ଧି ହାର ୧୦ ପ୍ରତିଶତରୁ ୧୬.୫ ପ୍ରତିଶତ ବଢ଼ିବ ଏବଂ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଏହା ୭.୭ ପ୍ରତିଶତରୁ ୧୦ ପ୍ରତିଶତ ଭିତରେ ରହିବ। କେରଳରେ ବୟସ୍କମାନଙ୍କ ସଂଖ୍ୟା ସର୍ବାଧିକ ହେବ। ଯଦିଓ ଏହା ଖୁସିର କଥା ଯେ ଭାରତରେ ଜନସଂଖ୍ୟା ବୃଦ୍ଧି ପ୍ରାକୃତିକ ଭାବରେ ଯଥେଷ୍ଟ ନିୟନ୍ତ୍ରିତ ହୋଇ ସାରିଛି, ତେବେ ଆଗକୁ ଆମ ପାଇଁ ଚିନ୍ତାର ଯଥେଷ୍ଟ କାରଣ ଅଛି। ତାହା ହେଉଛି ଆଉ ୩୦ ବର୍ଷ ପରେ ଭାରତର ଶ୍ରମଶକ୍ତି ବୟସ୍କ ପାଲଟି ସାରିଥିବ। ଆମ ଦେଶରେ ପ୍ରଜନନ ହ୍ରାସ ପାଇଛି, ଯାହା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ୫ ଅନୁସାରେ ମହିଳାଙ୍କ ପିଛା ୨ ସନ୍ତାନ, କିନ୍ତୁ ଯୋଜନାବିତ୍‌ମାନେ କୁହନ୍ତି ସେତିକି ଯଥେଷ୍ଟ ନୁହେଁ।

ଭାରତୀୟ ବୟସ୍କମାନଙ୍କ ମଧ୍ୟରେ ୫୦.୯ ପ୍ରତିଶତଙ୍କ ପାଇଁ ନିଯୁକ୍ତି ସୁଯୋଗ ନାହିଁ। ସେତିକି ନୁହେଁ, ଦେଶରେ ଅନ୍ତତଃ ୪୦ ପ୍ରତିଶତ ବୟସ୍କ ଖୁବ୍ ଗରିବ; ଯେଉଁଥିରେ ୧୮.୭ ପ୍ରତିଶତଙ୍କ କୌଣସି ନିଜସ୍ୱ ଆୟ ନାହିଁ। ଆକଳନ କରାଯାଇଛି ଯେ ମହିଳାମାନଙ୍କ ସ୍ଥିତି ଆହୁରି ଖରାପ। ୭୦-୭୯ ବର୍ଷ ବୟସ ବନ୍ଧନୀରେ ୭୦ ପ୍ରତିଶତ ମହିଳା ଏବଂ ୬୦-୬୯ ବର୍ଷ ବୟସ ବନ୍ଧନୀରେ ୪୦ ଭାଗ ସେମାନଙ୍କ ସ୍ୱାମୀକୁ ହରେଇ ଅଧିକ ଅସୁରକ୍ଷିତ ହୋଇପଡ଼ିଛନ୍ତି।

ପାଠକେ, ବୟସକୁ ତ ଅଟକେଇ ହେବନାହିଁ, ତେବେ ଭାରତ ପାଇଁ ଯାହା ସବୁଠୁ ଚିନ୍ତାଜନକ ତାହା ହେଉଛି ସ୍ୱାସ୍ଥ୍ୟସେବା, ପେନ୍‌ସନ ଯୋଜନା/ପରିଣତ ବୟସରେ ରୋଜଗାର ଏବଂ ବିଶେଷ ଭାବରେ ପରିଣତ ବୟସରେ ସେବା ଶୁଶ୍ରୂଷା। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ପାଲିଏଟିଭ କେୟାର (ଉପଶମକାରୀ ସେବା) ରହିଛି ବୋଲି ଯଦିଓ କୁହାଯାଉଛି ଏହା ଖୁବ୍ ସୀମିତ ଏବଂ ଆପଣ କହିପାରନ୍ତି ସାଙ୍କେତିକ। ସରକାରୀ ସୁବିଧା ବାବଦରେ ଘରୋଇ ଡାକ୍ତରଖାନା ଏବଂ ଗୋଷ୍ଠୀ ସହାୟତାରେ ସକ୍ରିୟ ଥିବା ଅନୁଷ୍ଠାନରେ ଏମିତି ସୁବିଧା ବେଶ୍ ବ୍ୟୟବହୁଳ। ଏଣେ ଭାରତରେ କର୍କଟ, ବୃକ୍କ, ଆଲଝିମର, ପାରକିନ୍‌ସନ, ଏଏଲଏସ୍ ଏବଂ ହୃଦ୍‌ରୋଗୀଙ୍କ ସଂଖ୍ୟା ପ୍ରତିଦିନ ବଢ଼ି ବଢ଼ି ଚାଲିଛି; ଯେଉଁମାନେ ପରିଣତ ବୟସରେ ଉପଶମକାରୀ ସେବା ଶୁଶ୍ରୂଷା ଆବଶ୍ୟକ କରନ୍ତି। ବାକି ରହିଲା ନିଜ ପରିବାରରେ ବୟସ୍କମାନଙ୍କ ଯତ୍ନ। ପାଠକେ ଜାଣନ୍ତି ଯେ ଏକଦା ଦେବଭୂମି ଭାରତରେ ବୟସ୍କମାନଙ୍କୁ ଈଶ୍ୱର ଜ୍ଞାନ କରାଯାଉଥିଲା। ଦୁଃଖ ହେଉଛି ଆମ ସମୟରେ ଏହା ସାଙ୍କେତିକ ହୋଇ ଯାହା ରହିଛି। ଓଲଟି ସେମାନଙ୍କ ଉପରେ ହିଂସା ବଢୁଛି। ପରିବାର ପାଇଁ ସେମାନେ ବୋଝ ହୋଇ ରହୁଛନ୍ତି। ନିକଟରେ ଶେଷ ହୋଇଥିବା ଏକ ସର୍ଭେ ଅନୁସାରେ ୯.୬ ପ୍ରତିଶତରୁ ୬୧.୭ ପ୍ରତିଶତ ବୟସ୍କମାନଙ୍କ ଉପରେ ପ୍ରତ୍ୟକ୍ଷ ନଚେତ୍ ପରୋକ୍ଷରେ ଅତ୍ୟାଚାର ହେଉଛି ଏବଂ ଏଥିରୁ ୩୫ ପ୍ରତିଶତଙ୍କ କ୍ଷେତ୍ରରେ ପୁଅମାନେ ହିଁ ଉତ୍ପୀଡ଼ନର କାରଣ। ଦୁର୍ବ୍ୟବହାର ଭିତରେ ରହିଛି ଗାଳି, ମାଡ଼ ଓ ଅବହେଳା ଏବଂ ଆହୁରି ଦୁର୍ଭାଗ୍ୟଜନକ ହେଉଛି, ବେଶ୍ ଶିକ୍ଷିତ ଓ ସମ୍ପନ୍ନ ପରିବାରମାନଙ୍କରେ ମଧ୍ୟ ଏସବୁ ଘଟୁଛି। ସମ୍ଭବତଃ ଅଧିକ ଘଟୁଛି। ୨୦୧୧ ଜନଗଣନା ତଥ୍ୟ ଅନୁସାରେ ଆମ ରାଜ୍ୟରେ ଅନ୍ତତଃ ୪୦ ଲକ୍ଷ ଥିଲେ ୬୦ କିମ୍ବା ତଦୂର୍ଦ୍ଧ୍ୱ ବୟସର। ୭ ବର୍ଷ ତଳେ ଆକଳନ ହୋଇଥିଲା ଯେ ୨୦୨୬ ସୁଦ୍ଧା ଓଡ଼ିଶାରେ ବୟସ୍କ ନାଗରିକଙ୍କ ସଂଖ୍ୟା ଏହାର ମୋଟ ଜନସଂଖ୍ୟାର ୧୩.୮ ପ୍ରତିଶତରେ ପହଞ୍ଚିବ। ଏଇଠି କହିରଖେ ଯେ ୨୦୧୧ ଜନଗଣନା ଅନୁସାରେ ରାଜ୍ୟରେ ୪୦ ଲକ୍ଷ ବା ଏହାର ଜନସଂଖ୍ୟାର ୯.୫ ପ୍ରତିଶତ ୬୦ ବର୍ଷ ଉପରେ ରହିଥିଲେ, ଯାହା ଜାତୀୟ ହାରାହାରିଠୁ ଅଧିକ ଥିଲା (ଜାତୀୟ ହାରାହାରି ଥିଲା ୮.୬ ପ୍ରତିଶତ)। ଆପଣ ଚିନ୍ତା କରିପାରନ୍ତି।

ମୋ:୯୪୩୭୧୩୭୦୬୦

# ଗାଇଡ୍ ଓ ସ୍କଲାର



ଅରୁଣ କୁମାର ତ୍ରିପାଠୀ

ଦୁନିଆରେ ପ୍ରାୟତଃ ସବୁ କ୍ଷେତ୍ରରେ ଦୁର୍ନୀତି ହୁଏ, କିଛି ସେଥିରୁ କହିହୁଏ, ଆଉ କିଛି ଲୁଚିଯାଏ ଅବା କହିବାକୁ ଲାଜଲାଗେ। କିଛି ଜିଭ ଅଗକୁ ଆସି ରହିଯାଏ ତ କିଛି ପେଟ ଭିତରେ ଜୀର୍ଣ୍ଣ କରିବାକୁ ପଡ଼େ। ଏକଥା କ'ଣ ଗୋଟେ ଭାଇରାଲ କରିବି ଯେ? କଥାଟି ଦାଣ୍ଡରେ ପଡ଼ି ହାଟରେ ପଡ଼ିବ। 'ମୋର ଗୋଟିଏ ପର୍ସନାଲିଟି ରହିଛି ନା ନାହିଁ?' ନତୁବା 'ଲୋକେ ବୋଲିବେ କ'ଣ?' - ଆଦିକୁ ପାଥେୟ କରି ଅନେକ ବିଷୟ ରହିଯାଏ ଦୃଷ୍ଟି ଅନ୍ତରାଳରେ। ନିଜ ପଥରେ ପଡ଼ିଥିବା କଣ୍ଟାମାନଙ୍କୁ ସଫା ନ କଲେ ଅବା ରାସ୍ତାକଡ଼କୁ ନ ଫୋପାଡ଼ିଲେ ସେୟା ସେଇମାନଙ୍କ ପାଦରେ ଫୁଟିବ, ଯେଉଁମାନେ କିଛି ସମୟ ପରେ ସେହି ରାସ୍ତାରେ ଗତି କରିବେ। ସେହି ପରିପ୍ରେକ୍ଷୀରେ ଆଜିର ଆଲୋଚନା।

ଭାରତରେ ଗୁରୁକୁଳ ଆଶ୍ରମ ବ୍ୟବସ୍ଥା ହଟିବା ପରେ ବ୍ରିଟିଶ ଶିକ୍ଷା ପ୍ରଚଳନ ହେଲା। ସେହି ବ୍ୟବସ୍ଥାର ସର୍ବୋଚ୍ଚ ଶିକ୍ଷାଟି ହେଉଛି ଡି.ଲିଟ୍। ତାହା ତଳ ପାଠ ପିଏଚ.ଡ଼ି ବା ବିଦ୍ୟା ବାରିଧି। ପୂର୍ବରୁ ଏମ୍.ଫିଲ ବା ବିଦ୍ୟାନିଶାନ୍ତ ରହିଥିଲା କିନ୍ତୁ ନୂତନ ଶିକ୍ଷାନୀତି ଅନୁସରଣ ହେବା ପରେ ସେହି ପାଠ୍ୟକ୍ରମକୁ ବାତିଲ କରାଯାଇଛି। ଏହି ପାଠ୍ୟକ୍ରମ ନିମନ୍ତେ ଯୋଗ୍ୟତା ରହୁଛି ସ୍ନାତକୋତ୍ତର। ସାଧାରଣ ବର୍ଗଙ୍କ ନିମନ୍ତେ ୫୫ ଶତକଡ଼ା ବାଧ୍ୟତାମୂଳକ ହୋଇଥାଏ, ଯେଉଁମାନେ ଗବେଷଣା ନିମନ୍ତେ ଆବେଦନ କରିପାରନ୍ତି। ତତ୍‌ପଶ୍ଚାତ୍ ଏକ ପ୍ରବେଶିକା ପରୀକ୍ଷା ହୁଏ। ଯେଉଁମାନେ ଜାତୀୟ ଯୋଗ୍ୟତା ପରୀକ୍ଷାରେ ପୂର୍ବରୁ କୃତିତ୍ୱ ହାସଲ କରିଥା'ନ୍ତି ସେମାନଙ୍କୁ ଏହି ବିଶ୍ୱବିଦ୍ୟାଳୟ ଗବେଷଣା ଯୋଗ୍ୟତା ପରୀକ୍ଷା ନାମକ ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼େ ନାହିଁ। ତା' ପରେ ଏକ ସାକ୍ଷାତ୍‌କାର ପରୀକ୍ଷା ହୁଏ, ଯେଉଁଥିରେ ପ୍ରତ୍ୟାଶୀର ଗବେଷଣା ଲକ୍ଷ୍ୟ ଏବଂ ତାହାର ସାଧନରେ ଅଭିଳାଷ କିଭଳି ରହୁଛି ସେହି ବିଷୟ ଆଲୋଚନା ହୁଏ। ପ୍ରତ୍ୟାଶୀ ସେହି ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ହୋଇଗଲେ ଯୋଗ ଦିଅନ୍ତି। ଏକ ଛଅମାସିଆ କୋର୍ସ ୱାର୍କ ହୁଏ ଏବଂ ସେଥିରେ ଉତ୍ତୀର୍ଣ୍ଣ ପଶ୍ଚାତ୍ ଜଣେ ଗାଇଡ୍‌ଙ୍କ ତତ୍ତ୍ୱାବଧାନରେ ପିଏଚ.ଡି. ନିମିତ୍ତ ପଞ୍ଜୀକରଣ ହୁଏ। ଭଲ ଲୋକଟିଏ ଥିଲେ ବିଶେଷତଃ ଅସୁବିଧା ହୁଏ ନାହିଁ କିନ୍ତୁ କିଛି କଦର୍ଯ୍ୟ ଲୋକ ରହିଛନ୍ତି, ଯେଉଁମାନେ ସ୍କଲାରଙ୍କୁ ନିର୍ଯାତନା ଦିଅନ୍ତି।

ସମସ୍ତ ଗାଇଡ୍ ଖରାପ ନୁହନ୍ତି। ସେମାନଙ୍କ ମାଧ୍ୟମରେ ହିଁ ଗୂଢ଼ତତ୍ତ୍ୱ ସମାଜକୁ ଆସେ। କିନ୍ତୁ କେତେକଙ୍କ ପାଇଁ ଆଜି କିଛି ସ୍କଲାର ହଇରାଣ ହେଉଛନ୍ତି। ଗାଇଡ୍‌ଙ୍କ ତରଫରୁ ପ୍ରତ୍ୟାଶୀଟିକୁ ଯେଉଁସବୁ ନିର୍ଯାତନା ମିଳେ ତାହାକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ଗୋଟିଏ ହେଉଛି ସ୍ୱାର୍ଥଯୁକ୍ତ ନିର୍ଯାତନା ଆଉ ଗୋଟିଏ ହେଉଛି ସ୍ୱାର୍ଥବିହୀନ ନିର୍ଯାତନା। ପ୍ରଥମେ ଜାଣିନେବା



ସ୍ୱାର୍ଥବିହୀନ ନିର୍ଯାତନା କ'ଣ, ତାହା କାହିଁକି ହୁଏ ଏବଂ ସମାଧାନର ପନ୍ଥା କ'ଣ। କିଛି ଗାଇଡ୍ ଥା'ନ୍ତି ଯେଉଁମାନେ ସ୍କଲାରଟିର ମଙ୍ଗଳ ଚାହାନ୍ତି, ତାହାକୁ ବିଭିନ୍ନ ଉପଦେଶ ଏବଂ ଅନୁଭୂତି ବିତରଣ ସହକାରେ ମଙ୍ଗଳ ବିଧାନ କରନ୍ତି। ଆଉ କିଛି ଦୀର୍ଘ କାଳରେ ମଙ୍ଗଳ ବିଧାନ ନିମନ୍ତେ ଭାବୁଥିବା ସ୍ଥଳେ ସ୍ୱଳ୍ପ କାଳରେ ଛେନା ଚିପୁଡ଼ି ପାଣି କାଢ଼ିଲା ଭଳି କରନ୍ତି; ଯାହା ପଛରେ କାରଣ ଥାଏ, ତାଙ୍କ ଗାଇଡ୍ ତାଙ୍କୁ ଏହିଭଳି ଶୋଷଣ କରିଥିଲେ। ବୋହୂଟିଏ ଆସିଲେ ଶାଶୁ ତା'କୁ ଘରର ଚାଲିଚଳଣି, ପରମ୍ପରା ଆଦି ବିଷୟରେ ଅବଗତ କରେଇବା ଭଳି ଏହି ଗାଇଡ୍‌ଗୁଡ଼ିକୁ ତାଙ୍କ ସ୍କଲାରଙ୍କୁ ସେ ପାଇଥିବା ନିର୍ଯାତନା ସହ ପରିଚୟ କରାନ୍ତି। ପାଠ ମଧ୍ୟ ଆସ୍ତେ ଆସ୍ତେ କହନ୍ତି। ସମୟ ଏବଂ ପରିବେଶ ଭିତ୍ତିରେ ସ୍କଲାର ଯାଙ୍କୁ ଛାଡ଼ିକି ଯିବାର ନଜିର ରହିଛି।

ସ୍ୱାର୍ଥଯୁକ୍ତ ନିର୍ଯାତନାକୁ ଯଦି ଭାଗ କରିବା ତେବେ ସେୟା ମୁଖ୍ୟତଃ ଚାରି ପ୍ରକାରର ହୋଇପାରେ। ପ୍ରଥମତଃ ଶାରୀରିକ, ଦ୍ୱିତୀୟତଃ ଧାର୍ମିକ, ତୃତୀୟତଃ ଆର୍ଥିକ ଏବଂ ଚତୁର୍ଥତଃ ଈର୍ଷାଳୁ ସ୍ୱଭାବ। ଶାରୀରିକ ନିର୍ଯାତନାର ଶିକାର ମୁଖ୍ୟତଃ ମହିଳା ସ୍କଲାର ହୁଅନ୍ତି। ଧାର୍ମିକ ନିର୍ଯାତନା କଥା ଯଦି ଦେଖିବା, ବିଧର୍ମୀ ଗାଇଡ୍‌ଗୁଡ଼ିକ ସ୍କଲାରଟିର ଧର୍ମ ପରିବର୍ତ୍ତନ ଆଶାରେ ନିର୍ଯାତନା ଦିଅନ୍ତି। ଆର୍ଥିକ ନିର୍ଯାତନାରେ ସ୍କଲାରଠାରୁ କିଛି ଉପହାର ପାଇବା, ଅବା ନିଜର ଘରୋଇ କାର୍ଯ୍ୟ ସବୁ ତା' ହାତରେ କରେଇବା, ନିଜ ସ୍ତ୍ରୀର ଲୁଗାକୁ ଡ୍ରାଏ ୱାଶ୍ ପାଇଁ ତା' ହାତରେ ପଠେଇବା, ଛୁଆଙ୍କୁ ସ୍କୁଲ ପଠେଇବା ଓ ଆଣିବା, ତା' ହାତରେ ଟ୍ରେନ୍ ଟିକଟ ତଥା ଫ୍ଲାଇଟ ଟିକଟ କରେଇବା ଆଦି। ଚତୁର୍ଥତଃ ଈର୍ଷାଳୁ ସ୍ୱଭାବ ହେଲା, ଏହି ପିଲାଟି ସ୍ନାତକୋତ୍ତରରେ ସ୍ୱର୍ଣ୍ଣପଦକ ପାଇଥିଲା, ତାକୁ ଭୂମି ଚଟେଇ ନ ଦେଲେ ବହୁତ ଉପରକୁ ଉଠିଯିବ; ଯାହା ବି ହଉ ପିଲାଟା ଦବିକି ରହୁ। ତାହାର ଅନେକ ପ୍ରକାଶନ ହେଲେ ମଧ୍ୟ କିଛି ଗାଇଡ୍ ଈର୍ଷାଳୁ ହୋଇ ଛାପିବାକୁ ମନା କରିଦିଅନ୍ତି। ତାହାକୁ ନେଇ ନିଜ ପରିଜନଙ୍କ ନାମରେ ଛାପନ୍ତି।

ସେ ଯାହା ବି ହଉ, ନ୍ୟୂନତମ ହେଲେ ମଧ୍ୟ କିଛି ସ୍କଲାର ମାନସିକ ସନ୍ତୁଳନ ହରେଇ ଆତ୍ମହତ୍ୟା କରନ୍ତି, କିଛି ଅଧାରୁ ପାଠ ଛାଡି ପଳାନ୍ତି ଆଉ କିଛି ପିଲା ସ୍କଲାରଶିପ ଆଶାରେ କାମ ନ କରି ଗୋଦରା ଗୋଡ଼ରେ ମାଉଁସ ଲାଗିବା ଭଳି ଗାଇଡ୍‌ଙ୍କୁ ମଧ୍ୟ ହଇରାଣ କରନ୍ତି। ତେବେ ଭାରତୀୟ ଜ୍ଞାନ ପରମ୍ପରାରେ ତାହାର ସୁଷମ ବଣ୍ଟନ କରି ଏକ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ସମସ୍ତଙ୍କ ଧ୍ୟେୟ ହେବା ଉଚିତ। ଯେହେତୁ ଉଚ୍ଚଶିକ୍ଷାରେ କମ୍ ସଂଖ୍ୟକ ଛାତ୍ର ହିଁ ପହଞ୍ଚି ପାରନ୍ତି, ଏହି ବିଷୟଗୁଡ଼ିକ କେବେ ମଧ୍ୟ ଉଚ୍ଚଶିକ୍ଷା ବିଭାଗ କାନରେ ବାଜିପାରେ ନାହିଁ। ଉପଯୁକ୍ତ ଖାପଖୁଆଇ ଚଳିବା, ବିବାଦର ସମାଧାନ କିଭଳି କରିବା ଆଦି ବିଷୟରେ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ ଯଥାଶୀଘ୍ର ମାର୍ଗଦର୍ଶିକା ଜାରି କରିବା ସହ ସମସ୍ତେ ସଙ୍କୀର୍ଣ୍ଣତାରୁ ଉଠିପାରିଲେ ଦେଶ ଓ ଦଶର ଉନ୍ନତି ହେବ।

**ୱିମେନ ଷ୍ଟଡିଜ୍ ରିସର୍ଚ୍ଚ ସ୍କଲାର**
**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**
**ମୋ : ୯୦୭୮୮୩୮୬୨୭**

## ଏଇ ଭାରତରେ

ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ଭାରତରେ ସାପ କାମୁଡ଼ାରେ ପ୍ରତିବର୍ଷ ୬୪,୦୦୦ ଲୋକଙ୍କ ମୃତ୍ୟୁ ହେଉଛି ଓ ଏହା ବେଶି ଗ୍ରାମାଞ୍ଚଳରେ ଘଟୁଛି। ତେବେ ସାପକାମୁଡ଼ାଜନିତ ମୃତ୍ୟୁ ରୋକିବା ଲାଗି ମହାରାଷ୍ଟ୍ରର ଦମ୍ପତି ଯେଉଁ ପଦକ୍ଷେପ ନେଉଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ। ଡ. ସଦାନନ୍ଦ ଓ ତାଙ୍କ ସ୍ତ୍ରୀ ପଲ୍ଲବୀ ରାଉତ ସାପ କାମୁଡ଼ିଥିବା ଲୋକମାନଙ୍କୁ ଠିକ୍ ସମୟରେ ଚିକିତ୍ସା ଯୋଗାଇ ଜୀବନ ରକ୍ଷା କରୁଛନ୍ତି। ଏବେସୁଦ୍ଧା ସେମାନେ ୬,୦୦୦ ଲୋକଙ୍କୁ ଜୀବନ ବଞ୍ଚାଇ ସାରିଲେଣି। ସଦାନନ୍ଦ ମେଡିସିନ୍‌ରେ ଡିଗ୍ରୀ ହାସଲ କରିଛନ୍ତି। ନାରାୟଣଗାଁର ସେ ୧୯୯୨ରେ କ୍ଲିନିକ ଖୋଲି ଲୋକଙ୍କ ଚିକିତ୍ସା କରୁଥିଲେ । ପରେ ସେଠାରେ ୧୯୯୫ରୁ ମାଗଣାରେ ବିଷଧର ସାପ କାମୁଡ଼ାର ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା କରୁଛନ୍ତି। ଏହି କାର୍ଯ୍ୟରେ ତାଙ୍କ ସ୍ତ୍ରୀ ପଲ୍ଲବୀ ସମ୍ପୂର୍ଣ୍ଣ ସହଯୋଗ କରିଆସୁଛନ୍ତି। ଏହାବ୍ୟତୀତ ଏହି ଦମ୍ପତି ସାପକାମୁଡ଼ା ସମ୍ପର୍କରେ ବିଭିନ୍ନ ଗାଁ, ସ୍କୁଲ ଓ କଲେଜରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ସେମାନେ ଏଯାବତ୍ ୧୦,୦୦୦ ଛାତ୍ରୀଛାତ୍ର ଓ ୨୦୦୦ ଶିକ୍ଷକଙ୍କୁ ଏ ସମ୍ପର୍କରେ ସଚେତନ କରିବା ସହ ସାପକାମୁଡ଼ାର ପ୍ରାରମ୍ଭିକ ଚିକିତ୍ସା ଉପରେ ପ୍ରଶିକ୍ଷଣ ଦେଇସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୮ ନଭେମ୍ବର ୧୯୯୮

- ଭାରତ ଏବଂ ପାକିସ୍ତାନ ସମେତ ୬ଟି ଦେଶ ଜାତିସଂଘର ବଜେଟ୍ କମିଟିକୁ ନିର୍ବାଚିତ।
- ଏଲ୍‌ଟିଟିଇ ଉଗ୍ରବାଦୀଙ୍କ କାର୍ଯ୍ୟକଳାପ ଉପରେ ତଦନ୍ତ ଅଭିଯାନ ଚଳାଇବା ପରିପ୍ରେକ୍ଷୀରେ ଶ୍ରୀଲଙ୍କା ସାମରିକ ବାହିନୀକୁ ଅସ୍ତ୍ରଶସ୍ତ୍ର ବିକ୍ରୟ ଉପରେ ଦକ୍ଷିଣ ଆଫ୍ରିକାର ନିଷେଧାଦେଶ ଜାରି।
- ପାକିସ୍ତାନକୁ ଆର୍ଥିକ ସଙ୍କଟରୁ ମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କ ଘନିଷ୍ଠ ସହଯୋଗୀ ଲ୍ୟୁଟ୍‌ନାଣ୍ଟ ଇଶାକ ଦରଙ୍କୁ ଦେଶର ନୂତନ ଅର୍ଥମନ୍ତ୍ରୀ ଭାବେ ନିଯୁକ୍ତି ପ୍ରଦାନ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | | 2 | | | 6 |
| 7 | | 9 | | | | | | |
| | 6 | | | | | | | 5 |
| 9 | | | | 8 | | 4 | | |
| 8 | | 1 | 6 | 4 | | | | 9 |
| | | 3 | | 5 | | 8 | | |
| | | | | | | 3 | 7 | |
| | | 6 | | | 8 | | | |
| | | | | 7 | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 9 | 5 | 2 | 3 | 1 | 8 | 7 |
| 2 | 3 | 7 | 8 | 1 | 9 | 5 | 6 | 4 |
| 8 | 1 | 5 | 4 | 6 | 7 | 2 | 3 | 9 |
| 5 | 2 | 8 | 1 | 7 | 6 | 9 | 4 | 3 |
| 1 | 6 | 3 | 9 | 4 | 2 | 8 | 7 | 5 |
| 7 | 9 | 4 | 3 | 5 | 8 | 6 | 2 | 1 |
| 9 | 8 | 6 | 7 | 3 | 5 | 4 | 1 | 2 |
| 3 | 5 | 1 | 2 | 8 | 4 | 7 | 9 | 6 |
| 4 | 7 | 2 | 6 | 9 | 1 | 3 | 5 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗଣତନ୍ତ୍ର ପାଇଁ ଶୁଭଙ୍କର

ମହାଶୟ,

ଚଳିତ ମାସ ୭ ତାରିଖରୁ ୩୦ ତାରିଖ ମଧ୍ୟରେ ବିଧାନସଭା ନିର୍ବାଚନ ହେଉଥିବା ୫ଟି ରାଜ୍ୟ ମଧ୍ୟରୁ ୪ଟି ରାଜ୍ୟ ତଥା ରାଜସ୍ଥାନ, ଛତିଶଗଡ, ମଧ୍ୟପ୍ରଦେଶ ଏବଂ ତେଲଙ୍ଗାନାରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ଲକ୍ଷ୍ୟ କରାଯାଏ। ଏହି ରାଜ୍ୟଗୁଡ଼ିକ ମଧ୍ୟରୁ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ଦେଶର ଦୁଇ ପ୍ରମୁଖ ଜାତୀୟ ଦଳ କଂଗ୍ରେସ ଓ ଭାଜପା ମଧ୍ୟରେ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ଅନ୍ୟ ଦଳଗୁଡ଼ିକରେ ସ୍ଥିତି ଅତି ନଗଣ୍ୟ ରହିଥିବା ଏକ ଘରୋଇ ସଂସ୍ଥା ପକ୍ଷରୁ ପ୍ରକାଶିତ ସବିଶେଷ ବିଧାନସଭା ନିର୍ବାଚନ ବିଶ୍ଲେଷଣ ରିପୋର୍ଟରୁ ଜଣାଯାଇଛି। ଦକ୍ଷିଣ ଭାରତୀୟ ରାଜ୍ୟ ତେଲଙ୍ଗାନାରେ ଭାଜପା ଯଦି କୌଣସି ଚମତ୍କାରୀତା ପ୍ରଦର୍ଶନ ନ କରେ ତେବେ ମୁଖ୍ୟତଃ କଂଗ୍ରେସ ଏବଂ ଭାରତ ରାଷ୍ଟ୍ର ସମିତି (ବିଆରଏସ୍) ମଧ୍ୟରେ ସିଧାସଳଖ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବା ସମ୍ଭାବନାକୁ ଅଗ୍ରାହ୍ୟ କରାଯାଇ ନ ପାରେ ବୋଲି ରିପୋର୍ଟରେ କୁହାଯାଇଛି। ଦେଶରେ ଲୋକ ସଭା ନିର୍ବାଚନ ପୂର୍ବରୁ ୫ଟି ରାଜ୍ୟର ବିଧାନସଭା ନିର୍ବାଚନକୁ ମିନି ସାଧାରଣ ନିର୍ବାଚନ କୁହାଯାଇଥିବାରୁ ଏହାର ଫଳାଫଳ ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ଅନ୍ୟପକ୍ଷରେ ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ଲାଗି ନିର୍ବାଚନ କମିଶନ ଗ୍ରହଣ କରିଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ରାଜସ୍ଥାନରେ ଦେଇଥିବା ମନ୍ତବ୍ୟ ପାଇଁ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ, ଛତିଶଗଡରେ ମନ୍ତବ୍ୟ ପାଇଁ ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ନିର୍ବାଚନ କମିଶନ କୌଣସି ସମୟ ନଷ୍ଟ ନ କରି ନୋଟିସ୍ ଦେବା ଏକ ଯଥାର୍ଥ ପଦକ୍ଷେପ, ଏଥିରେ ସନ୍ଦେହ ନାହିଁ। ଆଦର୍ଶ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗରେ କମିଶନର ନୋଟିସ୍ ଜାରି କରିଛନ୍ତି। ସେହିପରି କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ବରିଷ୍ଠ ଅଫିସରଙ୍କ ରଥଯାତ୍ରାକୁ ଉପନିର୍ବାଚନ ହେଉଥିବା ନାଗାଲାଣ୍ଡରେ ନିଷିଦ୍ଧ କରିଛି, ଯାହା କି ଏକ ଯଥାର୍ଥ ପଦକ୍ଷେପ ବୋଲି କୁହାଯାଇପାରିବ। ଚଳିତ ନିର୍ବାଚନରେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଯେଉଁଭଳି ପ୍ରତିଯୋଗିତାମୂଳକ ପ୍ରତିଦ୍ୱନ୍ଦ୍ୱିତା ହେଉଛି, ଯାହା କି ଗଣତନ୍ତ୍ର ପାଇଁ ଶୁଭଙ୍କର।

**-ସୌଭାଗ୍ୟ ରଞ୍ଜନ ମହାନ୍ତି, ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଖସିଗଲା କଳସୀ କାଖରୁ ତଳେ
ଚରଣ ଯୁଗଳ ଯେ ତିନ୍ତିଲା ଜଳେ,
ଅଯତନ ବେଶ ଗୋ ବାସ ଭୂଷଣ
କି ଶବଦ ବିହିଲା ଏତେ କଷଣ !
-(ବଂଶୀ ଧ୍ୱନି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପିଜି ତୃତୀୟ ପର୍ଯ୍ୟାୟ ନାମଲେଖା ଆବେଦନ ଆରମ୍ଭ

ଭୁବନେଶ୍ୱର, ୭ା୧୧ (ଅସମାପିକା ସାହୁ)- ରାଜ୍ୟରେ ବିଶ୍ୱବିଦ୍ୟାଳୟ ଏବଂ କଲେଜ (ପିଜି ପାଠ୍ୟକ୍ରମ ଉପଲବ୍ଧ)ରେ ପିଜି ତୃତୀୟ ପର୍ଯ୍ୟାୟ ନାମଲେଖା ପାଇଁ ମଙ୍ଗଳବାରଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ୧୨ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଚାଲିବ। ୧୭ ତାରିଖ ଅପରାହ୍ନ ୪ଟାରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ହୋଇଥିବା ଛାତ୍ରୀଛାତ୍ରମାନେ ୨୦ ତାରିଖ ସକାଳ ୧୦ଟାରୁ ୨୧ତାରିଖ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ନାମ ଲେଖାଇପାରିବେ। ୨୮ତାରିଖ ଅପରାହ୍ନ ୨ଟାରେ ୱେଟିଂ ଲିଷ୍ଟରୁ ମେଧା ତାଲିକା ପ୍ରକାଶ ପାଇବ। ଏହି ଛାତ୍ରୀଛାତ୍ରମାନେ ୨୯ତାରିଖ ସନ୍ଧ୍ୟା ୫ଟା ଭିତରେ ନାମ ଲେଖାଇବେ।

## ଥାନା ସୀମା ଚିହ୍ନଟ ନେଇ ବିଳମ୍ବ | ୩୬ ଘଣ୍ଟା ପଡ଼ିରହିଲା ମୃତଦେହ

ଛେଣ୍ଡିପଦା,୭ା୧୧ (ଅଜିତ ଧଳ)

ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିଲା। ହେଲେ ଦୁର୍ଘଟଣାସ୍ଥଳ କେଉଁ ଥାନା ଅଧୀନରେ ଆସୁଛି ତାହା ପୋଲିସ ଜାଣି ନ ପାରିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇ ନ ପାରି ୩୬ ଘଣ୍ଟା କାଳ ପଡ଼ିରହିଥିଲା। ଶେଷରେ ରାଜସ୍ୱ ନିରୀକ୍ଷକଙ୍କ ସହାୟତାରେ ଦୁର୍ଘଟଣାସ୍ଥଳ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଧୀନରେ ଆସୁଥିବା ଜଣାପଡ଼ିବା ପରେ ଛେଣ୍ଡିପଦା ପୋଲିସ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ପ୍ରକାଶ ଯେ, ଅନୁଗୋଳ ଜିଲାର କୋଶଳା-ଗୋପାଳପ୍ରସାଦ ପୂର୍ତ୍ତ ବିଭାଗ ରାସ୍ତାରେ ରବିବାର ବିଳମ୍ବିତ ରାତିରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଛେଣ୍ଡିପଦା ଥାନା କୁକୁରପେଟା ଗ୍ରାମର ପ୍ରଭାକର ମାଝି ଓ ଅଚ୍ୟୁତ ବେହେରା ତାଳଚେରରୁ କାମ ସାରି ଗାଁକୁ ଫେରୁଥିବା ବେଳେ ପଥରନାଳର ମଧ୍ୟସ୍ଥଳରେ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ଉଭୟଙ୍କୁ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପ୍ରଭାକରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଅନୁଗୋଳ ଟାଉନ ଥାନାକୁ ଅବଗତ କରାଯାଇଥିଲା। ଟାଉନ ଥାନା ପୋଲିସ ଦୁର୍ଘଟଣାସ୍ଥଳ ଛେଣ୍ଡିପଦା ଥାନା ଅଞ୍ଚଳରେ ହୋଇଥିବା କହି ଛେଣ୍ଡିପଦା ପୋଲିସକୁ ମୃତଦେହ ବ୍ୟବଚ୍ଛେଦ ବ୍ୟବସ୍ଥା ପାଇଁ ଜଣାଇଥିଲେ। ହେଲେ ଦୁର୍ଘଟଣା ସ୍ଥାନ ଛେଣ୍ଡିପଦା ଥାନା ଅଧୀନରେ ଆସୁ ନ ଥିବା କହି ଛେଣ୍ଡିପଦା ପୋଲିସ ବ୍ୟବଚ୍ଛେଦ କରାଇବା ପାଇଁ ଯାଇ ନ ଥିଲେ। ମୃତଦେହ ବ୍ୟବଚ୍ଛେଦ ହୋଇପାରୁ ନ ଥିବାରୁ ପରିବାର ଲୋକେ ଚିନ୍ତିତ ହୋଇ ଜିଲା ପୋଲିସ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ପରେ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଦୁର୍ଘଟଣାସ୍ଥଳ ଛେଣ୍ଡିପଦା ଥାନା ଅଞ୍ଚଳରେ ହୋଇଥିବା ଚିହ୍ନଟ କରାଯାଇଥିଲା। ଏହାପରେ ଛେଣ୍ଡିପଦା ପୋଲିସ ଦୀର୍ଘ ୩୬ ଘଣ୍ଟା ପରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଥିଲା। ଏ ନେଇ ଛେଣ୍ଡିପଦା ଥାନାରେ ନଂ. ୪୭୭/୨୩ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଛେଣ୍ଡିପଦା ଥାନା ଆଇଆଇସି ବିଭୁଦତ୍ତ ରାଉତରାୟ କହିଛନ୍ତି, ଦୁର୍ଘଟଣାସ୍ଥଳ ଛେଣ୍ଡିପଦା, ଗୋପାଳପ୍ରସାଦ ଓ କଣିହାଁ ଥାନା ସୀମାନ୍ତବର୍ତ୍ତୀ ଏକ ଜଙ୍ଗଲିଆ ଅଞ୍ଚଳ। ତେଣୁ ଥାନା ସୀମା ଚିହ୍ନଟ ସହ ଘଟଣାର ତଦନ୍ତ ପାଇଁ ଦୀର୍ଘ ସମୟ ଲାଗିଯାଇଥିଲା।

## ‘ପ୍ରଳୟ’ର ବ୍ୟବହାରିକ ପରୀକ୍ଷଣ

ବାଲେଶ୍ୱର,୭ା୧୧ (ମାନସ ବିଶ୍ୱାଳ)

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥାନ (ଡିଆରଡିଓ) ଅଧୀନ ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ମଙ୍ଗଳବାର ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର ‘ପ୍ରଳୟ’ର ବ୍ୟବହାରିକ ପରୀକ୍ଷଣ ହୋଇଛି। ପୂର୍ବାହ୍ନ ୯ଟା ୫୦ମିନିଟ୍‌ରେ ଏହାର ଉତ୍କ୍ଷେପଣ କରାଯାଇଥିଲା।

ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଉଥିବା ସ୍ୱଦେଶୀ ମିଶାଇଲ ‘ପ୍ରଳୟ’ର ଫ୍ଲାଇଟ ଟେଷ୍ଟ ହୋଇଛି। ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏହି ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ରର ଓଜନ ୮ ଟନ୍। ଏଥିସହ ୧୫୦ରୁ ୫୦୦ କି.ମି. ମଧ୍ୟରେ ଲକ୍ଷ୍ୟଭେଦ କରିପାରିବାର କ୍ଷମତା ରହିଛି। ଜରୁରୀ ସ୍ଥିତିରେ ଏହି କ୍ଷେପଣାସ୍ତ୍ରକୁ ମୋବାଇଲ ଲଞ୍ଚରରୁ ମଧ୍ୟ ଉତ୍କ୍ଷେପଣ କରାଯାଇପାରିବ। ଏହାର ୩୫୦ରୁ ୭୦୦ କି.ଗ୍ରା. ଓଜନ ବିସ୍ଫୋରକ ବହନ କରିପାରିବାର କ୍ଷମତା ରହିଛି। ଏହି କ୍ଷେପଣାସ୍ତ୍ରରେ ନାଭିଗେସନ ସିଷ୍ଟମ ଓ ମିଶାଇଲ ଗାଇଡେଡ୍ ସିଷ୍ଟମକୁ ମଧ୍ୟ ବିକଶିତ କରାଯାଇଛି। ଗତବର୍ଷ ଡିସେମ୍ବର ୨୨ରେ ଏହାର ବ୍ୟବହାରିକ ପରୀକ୍ଷଣ ସଫଳ ହୋଇଥିଲା। ୨୦୧୫ରେ ପ୍ରଥମ ସିଡିଏସ ବିପିନ ରାୱତଙ୍କ ତତ୍ତ୍ୱାବଧାନରେ ‘ପ୍ରଳୟ’ର ନିର୍ମାଣ ଆରମ୍ଭ ହୋଇଥିଲା।



ଅବଦୁଲ କଲାମ ଦ୍ୱୀପରୁ ଉତ୍କ୍ଷେପଣ ହେଉଥିବା ସ୍ୱଳ୍ପ କ୍ଷେପଣାସ୍ତ୍ର ‘ପ୍ରଳୟ’।

WANTED
ଭୁବନେଶ୍ୱର ଏକ କଲ୍ୟାଣ ମଣ୍ଡପ ପାଇଁ ବଗିଚା କାମ / କେୟାର ଟେକର୍ ଆବଶ୍ୟକ। ଦରମା- 9000/- + (Extra TIPS)। ସ୍ୱାମୀ/ସ୍ତ୍ରୀ ରହିବା ପାଇଁ ଘର ଦିଆଯିବ।
ଯୋଗାଯୋଗ: 9348369473 7504690838

## ନାବାଳିକାଙ୍କୁ ଅପହରଣ, ବଳାତ୍କାର: ଅଭିଯୁକ୍ତ ଗିରଫ

ରେଢ଼ାଖୋଲ,୭ା୧୧ (ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିବା ଅଭିଯୋଗରେ ପୋଲିସ ସମ୍ପୃକ୍ତ ନାବାଳକ (ଏବେ ସାବାଳକ)ଙ୍କୁ ମଙ୍ଗଳବାର ଗିରଫକରି ସମ୍ବଲପୁର ଜୁଭେନାଇଲ କୋର୍ଟ ଚାଲାଣ କରିଛି। ସୂଚନାମତେ ପ୍ରାୟ ୬ମାସ ପୂର୍ବେ ଅଭିଯୁକ୍ତଙ୍କ ସହ ନାବାଳିକାଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ନାବାଳିକାଙ୍କ ପରିବାର ଲୋକେ ଏହା ଜାଣିବା ପରେ ବିରୋଧ କରିବାରୁ ଉଭୟେ ଘରୁ ଫେରାର ହୋଇଯାଇଥିଲେ। କିଛିଦିନ ପରେ ନାବାଳିକା ଘରକୁ ଫେରିବା ପରେ ତାଙ୍କ ମା’ ରେଢ଼ାଖୋଲ ଥାନାରେ ଗତ ମେ’ ୧୧ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ନାବାଳିକା ଝିଅକୁ ଅଭିଯୁକ୍ତ ଅପହରଣ କରି ବଳାତ୍କାର କରିବା ସହ ପ୍ରତାରଣା କରିଥିବା ନେଇ ସେ ଅଭିଯୋଗରେ ଦର୍ଶାଇଥିଲେ। ଏହି ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୨୨/୨୩) ରୁଜୁକରି ତଦନ୍ତ ଚଳାଇଥିଲା। ତେବେ ସେହିଦିନଠାରୁ ଅଭିଯୁକ୍ତ ନାବାଳକ ଫେରାର ଥିଲେ। ଘଟଣା ସମୟରେ ନାବାଳକଙ୍କ ବୟସ ୧୭ବର୍ଷ ୧୦ ମାସ ୨୬ ଦିନ ହୋଇଥିବା ବେଳେ ଏବେ ୧୮ ବର୍ଷରୁ ଉର୍ଦ୍ଧ୍ୱ ହେବ। ହେଲେ ତାଙ୍କୁ ଜୁଭେନାଇଲ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସବିତାବାଳା ସେଠୀ କହିଛନ୍ତି।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ୩ ବର୍ଷୀୟା ଆର୍ଯ୍ୟାଜିତା




ମେଡାଲ ଓ ପ୍ରମାଣପତ୍ର ସହ ଆର୍ଯ୍ୟାଜିତା।

ଉମରକୋଟ, ୭ା୧୧ (ସନ୍ତୋଷ ଶତପଥୀ)

ବୟସ ୨ ବର୍ଷ ୧୧ ମାସ। ଏହି ବୟସରେ ସାଧାରଣତଃ ଛୁଆମାନେ ଠିକ୍ ସେ କଥା ମଧ୍ୟ କହିପାରନ୍ତି ନାହିଁ। କିନ୍ତୁ ଝରିଗାଁ ମେଡିକାଲରେ ଆୟୁଷ ଡାକ୍ତରଭାବେ କାର୍ଯ୍ୟରତ ଡାକ୍ତର ଦମ୍ପତି ଜିତେନ୍ଦ୍ର ନାୟକ ଓ ଆରୁଣା ଗାଇନଙ୍କ ଝିଅ ଆର୍ଯ୍ୟାଜିତା ନାୟକ ନିଜ ଅସାଧାରଣ ପ୍ରତିଭା ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଏହାପରେ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି।

ଆର୍ଯ୍ୟାଜିତା ଉମରକୋଟ ସନ୍‌ରାଇଜ କିଡ୍‌ସ ସ୍କୁଲରେ ପ୍ରି ନର୍ସରିରେ ପଢ଼ନ୍ତି। ସେ ୧୦ ବିପରୀତ ଶବ୍ଦ, ୧୧ ଜାତୀୟ ଚିହ୍ନ, ୧୪ ରଙ୍ଗ, ୧୪ ଆକାର, ୩୨ ଫଳର ନାମ, ୨୮ ପନିପରିବା, ୨୭ ପକ୍ଷୀ, ୭୫ ପଶୁ, ୯ଟି ପଶୁ ଛୁଆର ନାମ, ୨୦ଟି ଶରୀର ଅଙ୍ଗ, ୧ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟା, ସପ୍ତାହର ୭ଦିନ, ୧୨ ମାସ, ୮ ଗ୍ରହ, ୯ ସଂସ୍କୃତ ଶ୍ଳୋକ ଆଦି ସବୁ କହି ଓ ଲେଖି ମଧ ପାରନ୍ତି। ଏଥିସହ ଇଂରାଜୀ, ହିନ୍ଦୀ ଓ ଓଡ଼ିଆ ଅତି ସୁନ୍ଦର ଓ ସ୍ୱଷ୍ଟ ଭାବେ କହିପାରନ୍ତି। ଗତ ସେପ୍ଟେମ୍ବରରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡର ୱେବ୍‌ସାଇଟ୍‌ରେ ଆର୍ଯ୍ୟାଜିତାଙ୍କ ଅଡିଓ ଏବଂ ଭିଡିଓ ରେକର୍ଡ କରି ଜିତେନ୍ଦ୍ର ନାୟକ ଅପ୍‌ଲୋଡ୍ କରିବା ପରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡର ଅଧିକାରୀମାନେ ଏହାକୁ ଯାଞ୍ଚ କରିଥିଲେ। ଏହାପରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ଦେବା ସହ ମେଡାଲ, ପ୍ରମାଣପତ୍ର ଡାକ ଯୋଗେ ଆର୍ଯ୍ୟାଜିତାଙ୍କ ନିକଟକୁ ପଠାଯାଇଛି।






## ସଂକ୍ଷେପରେ

### ଇଲେକ୍ଟ୍ରିକାଲ୍ସ ଦୋକାନରେ ଅଗ୍ନିକାଣ୍ଡ
**୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜଳିଗଲା**



ଟାଙ୍ଗୀ,୭।୧୧(ରଘୁନାଥ ସାହୁ)

ଟାଙ୍ଗୀ ନିକଟ କନ୍ଧନୟାଗଡ଼ ଛକରେ ଥିବା ପ୍ରଭୁ ଇଲେକ୍ଟ୍ରିକାଲ୍ସ ଦୋକାନରେ ଅଗ୍ନିକାଣ୍ଡ ଘଟି ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ଗତ ସୋମବାର ରାତିରେ ଉକ୍ତ ଦୋକାନର ମାଲିକ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଦୋକାନରେ ନିଆଁ ଲାଗିଥିବା ନେଇ ବିଳମ୍ବିତ ରାତିରେ ଖବରପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଟାଙ୍ଗୀ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଫ୍ୟାନ, ଗ୍ରାଇଣ୍ଡର, ମୋଟର, ଷ୍ଟାବ୍ଲାଇଜର ପୋଡ଼ି ନଷ୍ଟ ହୋଇଯାଇଛି। ଦୋକାନୀଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

### ରାସ୍ତାରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ବଳଙ୍ଗା, ୭।୧୧(କେଦାରେଶ୍ୱର ନନ୍ଦ)

ସ୍ଥାନୀୟ ବଳଙ୍ଗା ବଜାରର ଲଙ୍କେଶ୍ୱରୀ ମନ୍ଦିର ଛକଠାରେ ମଙ୍ଗଳବାର ଅପରାହ୍ଣରେ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ସୂଚନା ମୁତାବକ, ସୋମବାର ବଳଙ୍ଗା ଥାନାରେ ନୂତନ ଘରର ଛାତ ପଡ଼ିବା ପାଇଁ ଠିକାଦାର ଭୁବନେଶ୍ୱରରୁ ଶ୍ରମିକଙ୍କୁ ଆଣିଥିଲେ। ଶ୍ରମିକଙ୍କ ସହିତ ଉକ୍ତ ବ୍ୟକ୍ତି କାମ କରିବାକୁ ଆସିଥିଲେ। ଛାତ ପଡ଼ି ସାରିବା ପରେ ସମସ୍ତେ ଗାଡ଼ିରେ ଉଠିବା ସମୟରେ ଉକ୍ତ ବ୍ୟକ୍ତିଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ତାଙ୍କୁ ନ ପାଇ ସମସ୍ତେ ଭୁବନେଶ୍ୱର ଫେରିଯାଇଥିଲେ। ପରେ ଠିକାଦାର ତାଙ୍କୁ ଖୋଜି କ୍ୟାମ୍ପକୁ ନେଇଥିଲେ। ହେଲେ ସକାଳୁ ସେ କ୍ୟାମ୍ପରେ ନ ଥିବା ଦେଖିବାକୁ ମିଳିଥିଲା। ପରେ ଲଙ୍କେଶ୍ୱରୀ ମନ୍ଦିର ରାସ୍ତାରେ ଜଣେ ବ୍ୟକ୍ତି ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦେଖିବାବେଳକୁ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା।

### ବିଦ୍ୟୁତ୍ ତାର ଚୋରି: ୪ ଗିରଫ

ଆଠଗଡ଼,୭।୧୧(ସତ୍ୟ ପ୍ରସାଦ ରଥ)

ବିଦ୍ୟୁତ ତାର ଚୋରି ଅଭିଯୋଗରେ ଆଠଗଡ଼ ପୋଲିସ ମେଣ୍ଟେନାସ ଠିକା ସଂସ୍ଥାର ୩ ଜଣ କର୍ମଚାରୀଙ୍କ ସମେତ ତାର କିଣିଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ଘଟଣାରୁ ପ୍ରକାଶ ବିଦ୍ୟୁତ ଷ୍ଟ୍ରକଚର ପରିସର ମଧ୍ୟରୁ ଅକ୍ଟୋବର ୩୦ରେ ବିଦ୍ୟୁତ ତାର ଚୋରି ହୋଇଥିଲା। ଏ ସମ୍ପର୍କରେ ସମ୍ପୃକ୍ତ ବିଦ୍ୟୁତ ବିତରକ କମ୍ପାନୀର କନିଷ୍ଠ ଯନ୍ତ୍ରୀ ଅଶ୍ୱଘୋଷ ବେହେରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୨ କିଲୋମିଟର ତାର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ଏ ନେଇ ଥାନାରେ ନଂ. ୨୩୬/୨୩ରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ମଙ୍ଗଳବାର ଏହି ଘଟଣାରେ ପୋଲିସ ୩ଜଣ ଅଭିଯୁକ୍ତ ଓ ତାର କିଣିଥିବା କବାଡିଆବାଲାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଆଠଗଡ଼ ଥାନା ସମସରପୁର ଗାଁର ତାପସ କୁମାର ମହାନ୍ତି, ଖୁଣ୍ଟକଟା ରେଗେଡାପଡାର ବେଣୁଧର ଖଟୁଆଙ୍କ ପୁଅ ଧର୍ମାନନ୍ଦ ଖଟୁଆ, କରିକୋଲ ଗ୍ରାମର ଶିବପ୍ରସାଦ ମଲ୍ଲିକଙ୍କ ପୁତ୍ର ସୂର୍ଯ୍ୟକାନ୍ତ ମଲ୍ଲିକ । ଉକ୍ତ ତିନି ଜଣ ବିଦ୍ୟୁତ ଠିକା ସଂସ୍ଥାର ଅପରେଟର ରୂପେ କାମ କରୁଥିଲେ। ସେହିପରି ଏହି ଚୋରି ତାରକୁ କିଣିଥିବା ରାଧାଗୋବିନ୍ଦପୁର ଗାଁର ବସନ୍ତ କୁମାର ରାଉତଙ୍କୁ ମଧ୍ୟ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କଠାରୁ ୨୫୦ କେଜି ତାର, ୨ ବାଇକ୍ ଜବତ କରାଯାଇଛି ବୋଲି ଆଇଆଇସି ଅନିରୁଦ୍ଧ ମୁଦୁଲି ପ୍ରକାଶ କରିଛନ୍ତି।

# ୨୦ ଘଣ୍ଟା ପରେ ଅଭିଯୁକ୍ତ ଘନିଆ ଗିରଫ

ଭୁବନେଶ୍ୱର,୭।୧୧ (ସତ୍ୟଜିତ୍ ରାଉତ)

**ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା**
- ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ
- ପୀଡ଼ିତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ଦେବାକୁ ଦାବି



ଅଭିଯୁକ୍ତ ଘନିଆ ଦାସ

ରାଜଧାନୀରେ ଜଣେ ୫ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା କରାଯିବା ଘଟଣାର ପ୍ରାୟ ୨୦ ଘଣ୍ଟା ପରେ ମଙ୍ଗଳବାର ପୋଲିସ ଅଭିଯୁକ୍ତ ଘନିଆ ଦାସଙ୍କୁ ଗିରଫ କରିଛି। ତେବେ ଘନିଆଙ୍କୁ କେଉଁଠୁ ଧରାଗଲା ସେନେଇ ପୋଲିସ କୌଣସି ସୂଚନା ଦେଇନାହିଁ। ଘନିଆଙ୍କୁ ମାମଲା ସଂକ୍ରାନ୍ତରେ ପଚରାଉଚରା କରି ଅଧିକ ତଥ୍ୟ ହାସଲ କରିବାକୁ ପୋଲିସ ପ୍ରୟାସ ଜାରି ରଖିଛି। ବୁଧବାର ଘନିଆଙ୍କୁ କୋର୍ଟଚାଲାଣ କରାଯିବ। ସେହିପରି ଏହି ମାମଲାରେ ଡିସିପି ପ୍ରତୀକ ସିଂ ବୁଧବାର ଖବରଦାତା ସମ୍ମିଳନୀରେ ବିସ୍ତୃତ ତଥ୍ୟ ଦେବେ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ 'ନ୍ୟାୟ ପାଇଁ ଲଢ଼େଇ ପରିବାର'ର ରାଜ୍ୟ ସଭାପତି ସୁବ୍ରତ ଦାସ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଏତଲା ଦେଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ପୀଡ଼ିତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଶିଶୁକନ୍ୟାଙ୍କ ମା'ବାପା କେଳା ବସ୍ତିରେ ରହି ଦିନମଜୁରିଆ ଭାବେ ଗୁଜରାଣ ମେଣ୍ଟାଉଛନ୍ତି। ସୋମବାର ସନ୍ଧ୍ୟା ପ୍ରାୟ ୬ଟାରେ ଶିଶୁକନ୍ୟା ଘର ପାଖରେ ଖେଳୁଥିଲେ। ଏହି ସମୟରେ ବସ୍ତିରେ ରହୁଥିବା ବିବାହିତ ଯୁବକ ଘନିଆ ଚକୋଲେଟ୍ କିଣାଇଦେବେ ବୋଲି କହି ଶିଶୁକନ୍ୟାଙ୍କୁ ନେଇଯାଇଥିଲେ। ଶିଶୁକନ୍ୟା ଘରକୁ ନ ଫେରିବାରୁ ପରିବାରଲୋକେ ଦେଢ଼ଘଣ୍ଟା ଧରି ଖୋଜାଖୋଜି କରିଥିଲେ। ସେମାନେ ଘନିଆଙ୍କୁ ଦେଖି ତାଙ୍କୁ ଶିଶୁକନ୍ୟା ସମ୍ପର୍କରେ ପଚାରିବାରୁ ସେ ଧକ୍କା ଦେଇ ସେଠାରୁ ଦୌଡ଼ି ପଳାଇଯାଇଥିଲେ। ଏହାପରେ ଘନିଆଙ୍କ ଘର ଖୋଲି ପରିବାର ଲୋକେ ଖୋଜାଖୋଜି କରିବାରୁ ଖଟ ତଳେ ଶିଶୁକନ୍ୟାଙ୍କ ମୃତଦେହ କମ୍ବଳ ଘୋଡ଼ାଯାଇ ରଖାଯାଇଥିବା ଦେଖିବାକୁ ପାଇଥିଲେ। ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ଏ ସଂକ୍ରାନ୍ତରେ ପ୍ରମାଣ ପାଇଁ ପୋଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ପୋଲିସ ଏକ ହତ୍ୟା ମାମଲା (ନଂ.୨୭୪/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

# ଅଭିଯୁକ୍ତ ସ୍ୱାମୀ ଜେଲ ଗଲେ

ଭୁବନେଶ୍ୱର,୭।୧୧ (ସତ୍ୟଜିତ୍ ରାଉତ)

**ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା**



ଅଭିଯୁକ୍ତ ସୁରଜ ଦାସ

ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପୁନାମା ଗେଟ୍ ନିକଟ ଅରବିନ୍ଦ ନଗରରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣାରେ ମଙ୍ଗଳବାର ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ଅରବିନ୍ଦ ନଗର ପ୍ଲଟ ନଂ.୧୫୪୮ରେ ରହୁଥିବା ସୁରଜ ଦାସ (୩୦)। ଅଭିଯୁକ୍ତ ସୁରଜଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମୃତା ମହିଳା ହେଲେ କେନ୍ଦ୍ରାପଡ଼ାର ପ୍ରିୟଙ୍କା ମିଶ୍ର (୨୭)।

ସୂଚନା ଅନୁଯାୟୀ, ପ୍ରିୟଙ୍କା ଶହୀଦନଗରରେ ଏକ ମୋବାଇଲ ଦୋକାନ କରିଥିବା ସୁରଜଙ୍କୁ ଅଢେଇ ବର୍ଷ ତଳେ ବିବାହ କରିଥିଲେ। ବିବାହର କିଛି ମାସ ପରେ ବିଭିନ୍ନ କାରଣକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପ୍ରାୟ ସମୟ ଝଗଡ଼ା ଲାଗୁଥିଲା। ଅଧିକ ଯୌତୁକ ଦାବି କରି ପ୍ରିୟଙ୍କାଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଇଆସୁଥିଲେ। ଫଳରେ ଘରେ ସବୁବେଳେ ଅଶାନ୍ତି ଲାଗି ରହୁଥିଲା। ପ୍ରିୟଙ୍କା ରଶି ଲଗାଇ ଫ୍ୟାନ୍ ଦ୍ୱାରା ଝୁଲି ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ ସୋମବାର ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ପଚରାଉଚରା ଆରମ୍ଭ କରିଥିଲା। ତେବେ ପ୍ରିୟଙ୍କାଙ୍କ ମୃତ୍ୟୁକୁ ତାଙ୍କ ପରିବାର ଲୋକେ ସହଜରେ ଗ୍ରହଣ କରିପାରି ନ ଥିଲେ। ପ୍ରିୟଙ୍କାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦିଆଯାଇ ହତ୍ୟା କରାଯାଇଥିବା ବାପା ବିଦ୍ୟାଧର ମିଶ୍ର ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଏତଲା ଭିତ୍ତିରେ ପୋଲିସ ହତ୍ୟା ଦଫା ସହ ବିଭିନ୍ନ ଦଫାରେ ଏକ ମାମଲା (ନଂ.୨୭୫/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

# ପାଲେଷ୍ଟାଇନ୍ ଉପରେ ଇସ୍ରାଏଲ୍‌ର ଆକ୍ରମଣକୁ ବିରୋଧ




ଏଆଇସିସିଟିୟୁ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ- ମନୋରଞ୍ଜନ ମିଶ୍ର)

ଭୁବନେଶ୍ୱର, ୭।୧୧(ବନ୍ଦନା ସେଠୀ)

**ଯୁଦ୍ଧ ବନ୍ଦ ପାଇଁ ଏଆଇସିସିଟିୟୁର ଦାବି**

ପାଲେଷ୍ଟାଇନ୍ ଓ ଇସ୍ରାଏଲ୍ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ଇତିମଧ୍ୟରେ ଏକମାସ ପୂରିଛି। ଇସ୍ରାଏଲ୍‌ର ଆକ୍ରମଣରେ ପାଲେଷ୍ଟାଇନ୍‌ର ପ୍ରାୟ ୧୦ହଜାର ଲୋକଙ୍କ ମୃତ୍ୟୁ ଘଟିଲାଣି। ସେମାନଙ୍କ ମଧ୍ୟରେ ପ୍ରାୟ ୪ ହଜାର ଶିଶୁ ରହିଛନ୍ତି। ତେଣୁ ଯୁଦ୍ଧ ବନ୍ଦ କରିବା ପାଇଁ ଭାରତ ସରକାର ତୁରନ୍ତ ଇସ୍ରାଏଲ ଉପରେ ଚାପ ସୃଷ୍ଟିକରିବା ସହିତ ଆଗକୁ କୌଣସି ପ୍ରକାର ଅଘଟଣ ରୋକିବା ପାଇଁ ପଦକ୍ଷେପ ନେବାକୁ ଏଆଇସିସିଟିୟୁ ଦାବି କରିଛି। ଏନେଇ ମଙ୍ଗଳବାର ଏଆଇସିସିଟିୟୁ ପକ୍ଷରୁ ଓଡ଼ିଶା ସମେତ ସାରା ଦେଶରେ ପ୍ରତିବାଦ କରି ୪ଦଫା ସମ୍ବଳିତ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପଠାଯାଇଛି। ହମାସ ବିରୋଧରେ ଇସ୍ରାଏଲ୍ ଜାରି ରଖିଥିବା ଯୁଦ୍ଧକୁ ନେଇ ମଧ୍ୟପ୍ରାଚ୍ୟରେ ତୀବ୍ର ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାର ସମାଧାନ କ୍ଷେତ୍ରରେ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଭାରତ ଇସ୍ରାଏଲ୍‌କୁ ସମର୍ଥନ ଦେବା ଦୁଃଖଦାୟକ ବୋଲି ସିପିଆଇ(ଏମ୍‌ଏଲ୍) ଲିବରେଶନର ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଆଇଚିର କାର୍ଯକାରୀ ସଭାପତି ତଥା ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ରାଜ୍ୟ ସମ୍ପାଦକ ମହେନ୍ଦ୍ର ପରିଡା ଓ ଉପସଭାପତି ବଂଶୀଧର ପରିଡା ପ୍ରମୁଖ ମତବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପେନ୍ଦ୍ର ସାହୁ, ମାନସ ରଞ୍ଜନ ପ୍ରଧାନ, ବିଜୟ ବେହେରା କାର୍ଯକ୍ରମରେ ଅଂଶଗ୍ରହଣ କରି ଯୁଦ୍ଧ ବଦଳରେ ଖାଦ୍ୟ ଦେବାକୁ ଦାବି କରିଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଯାଁଳା,୭।୧୧(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ କୋଦମୁଣ୍ଡା ଆଦିବାସୀ ସାହିର ପ୍ରଶାନ୍ତ ନାୟକ ଓରଫ କାଳିଆ। ସୂଚନା ମୁତାବକ, ବର୍ଷେ ହେବ କାଳିଆଙ୍କ ବିବାହ ହୋଇଥିଲା। ତେବେ ମଙ୍ଗଳବାର ସକାଳେ ଏକ ଗଛରେ କାଳିଆ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### କାର୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

ଯାଁଳା,୭।୧୧(ବୁଲା ବାରିକ)

୧୬ ନମ୍ବର ଜାତୀୟ ରାଜପଥର ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା ପଞ୍ଚାୟତ ସ୍ଥିତ ଏକ ଆପାର୍ଟମେଣ୍ଟ ସମ୍ମୁଖରେ କାର୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ଯମୁନା ଗ୍ରାମର ରୀନା ଦେଇ (୫୮)। ସୂଚନା ମୁତାବକ, ଯମୁନା ଗ୍ରାମର ସୁଦ୍ଧିର ଭୂୟାଁ ଓ ତାଙ୍କ ସ୍ତ୍ରୀ ରୀନା ବାଇକରେ କୌଣସି କାମରେ ଭୁବନେଶ୍ୱର ଆସିଥିଲେ। ଭୁବନେଶ୍ୱରରୁ ଅପରାହ୍ଣ ପ୍ରାୟ ୩ଟାରେ ଫେରୁଥିବା ବେଳେ ଏକ କାର ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ରୀନା ଗାଡିରୁ ଛିଟିକି ପଡ଼ିଥିଲେ। ତାଙ୍କର ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିବା ସହ ରକ୍ତସ୍ରାବ ହୋଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ରିନାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବନ୍ଧାହେଲେ ପ୍ରେମିକ

ଭୁବନେଶ୍ୱର,୭।୧୧(ସତ୍ୟଜିତ୍ ରାଉତ)

**ଅଞ୍ଜଳିଙ୍କ ଆତ୍ମହତ୍ୟା ଘଟଣା**



ଅଭିଯୁକ୍ତ ବଟକୃଷ୍ଣ ବେହେରା

ଏୟାରଫିଲ୍ଡ ଥାନା ଅନ୍ତର୍ଗତ କ୍ଷେତ୍ରପାଳିନଗର ଅଞ୍ଚଳର ପ୍ରେମିକାଙ୍କ ଆତ୍ମହତ୍ୟା ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଟକ ଥିବା ପ୍ରେମିକ ତଥା ଅଭିଯୁକ୍ତ ବଟକୃଷ୍ଣ ବେହେରା ଓରଫ ବଟ (୩୧)ଙ୍କୁ ମଙ୍ଗଳବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବା ପରେ ବଟକୃଷ୍ଣଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ମୃତା ଯୁବତୀ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଅଞ୍ଚଳର ଅଞ୍ଜଳି କାଣ୍ଡି(୨୭)। ଅଭିଯୁକ୍ତ ବଟକୃଷ୍ଣ ଅତ୍ୟଧିକ ନିଶାସେବନ କରନ୍ତି। ଏପରିକି ଏଥିପାଇଁ ତାଙ୍କୁ ପରିବାର ଲୋକେ ପୂର୍ବରୁ ଏକାଧିକ ଥର ନିଶା ନିବାରଣ କେନ୍ଦ୍ରରେ ଛାଡ଼ିଛନ୍ତି। ତେବେ ୪ ମାସ ତଳେ ଅଞ୍ଜଳି ଓ ବଟକୃଷ୍ଣଙ୍କ ମଧ୍ୟରେ ବିବାହ ପାଇଁ ପରିବାର ଲୋକେ ସ୍ଥିର କରିଥିଲେ। ଏକ ଭଲ ଦିନ ଦେଖି ଉଭୟଙ୍କ ବିବାହ କରିବାକୁ ପରିବାର ଲୋକେ ନିଷ୍ପତ୍ତି ନେଇଥିଲେ। ଏହାରି ଭିତରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ତେଣୁ ଶନିବାର ଅଞ୍ଜଳି ତାଙ୍କ ଘରୁ ଚାଲିଆସି କ୍ଷେତ୍ରପାଳ ଅଞ୍ଚଳ ଭୋଇସାହିସ୍ଥିତ ବଟକୃଷ୍ଣଙ୍କ ଘରେ ରହିଥିଲେ। ଏହାପରେ ବଟକୃଷ୍ଣଙ୍କ ସିମ୍‌କାର୍ଡକୁ ଅଞ୍ଜଳି ନେଇ ଆସିଥିଲେ। ଫଳରେ ବଟକୃଷ୍ଣ ତାଙ୍କ ନିଶାଗ୍ରସ୍ତ ସାଙ୍ଗଙ୍କ ସହ କଥା ହୋଇପାରୁ ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ସମୟରେ ଅଞ୍ଜଳିଙ୍କୁ ବଟକୃଷ୍ଣ ନିସ୍ଥୁକ ମାଡ଼ ମାରିଥିଲେ। ସୋମବାର ସକାଳେ ଅଞ୍ଜଳି ଏକ ଘରର କାବଟ ବନ୍ଦ କରି ଫ୍ୟାନ୍‌ରେ ଦଉଡ଼ି ଦ୍ୱାରା ଝୁଲି ଆତ୍ମହତ୍ୟା କରିଥିଲେ। ପରେ ପୋଲିସ ଖବର ପାଇ ମୃତଦେହ ଜବତ କରିଥିଲା। ଅଞ୍ଜଳିଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପା ଧନେଶ୍ୱର ଅଭିଯୋଗ ଆଣିଥିଲେ। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୨୭୩/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

# ବାହାରେ ଅଳିଆ ପକାଇବାରୁ ଜରିମାନା

ଭୁବନେଶ୍ୱର, ୭।୧୧(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହରର ସ୍ୱଚ୍ଛତାକୁ ନେଇ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ପରିମଳ ନିୟମ ଖିଲାପ କରୁଥିବା ଲୋକଙ୍କୁ ଆଉ ଚେତାବନୀ ନୁହେଁ ବରଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହି କ୍ରମରେ ମଙ୍ଗଳବାର ବିଏସ୍‌ଆର୍ ଡାଇଗ୍ନୋଷ୍ଟିକ୍ ସେଣ୍ଟରକୁ ୬୦ହଜାର ଟଙ୍କା ଜରିମାନା କରାଯାଇଛି। ୱାର୍ଡ ନଂ. ୩୬ ଅନ୍ତର୍ଗତ ୟୁନିଟ-୪, ମଧୁସୂଦନ ନଗର ପୋଷ୍ଟାଲ କଲୋନୀ ମୁଖ୍ୟରାସ୍ତାରେ ବାୟୋମେଡିକାଲ ଆବର୍ଜନା ଗଦା କରାଯାଉଥିଲା। ପୂର୍ବରୁ ଅନେକ ଥର ଏପରି କରୁଥିବା ଅଭିଯୋଗ ଆସିବା ପରେ ବିଏମ୍‌ସି ସାନିଟେଶନ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଚଢାଉ କରାଯାଇଥିଲା। ଏଥିସହ ଘଟଣାର ପୁନରାବୃତ୍ତି ଯେପରି ନ ହୁଏ ସେନେଇ ତାଗିଦା କରାଯାଇଥିଲା। ସେହିପରି ସୋମବାର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ଥିବା ୟୁନିକ୍ ଡିଷ୍ଟ୍ରିବ୍ୟୁଟର୍ସ ସଂସ୍ଥାକୁ ୫୦ହଜାର ଟଙ୍କା ଜରିମାନା କରାଯାଇଥିଲା। ସମ୍ପୃକ୍ତ ସଂସ୍ଥା ପ୍ରତ୍ୟେକ ଦିନ ସତ୍ୟନଗର ଓଭରବ୍ରିଜ୍ ତଳେ ଅଳିଆ ଫିଙ୍ଗୁଥିଲା। ତେବେ ବିଏମ୍‌ସି ସାନିଟେଶନ ଟିମ୍ ଏନେଇ ଖବର ପାଇବା ପରେ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ଅଳିଆ ଫୋପାଡ଼ିବା ସମୟରେ ଚଢ଼ାଉ କରାଯାଇଥିଲା।

# ଇଣ୍ଡିଗୋ କାର୍‌ରେ ହେଲିକପ୍ଟର ମଜା

ଅସ୍ତରଙ୍ଗ, ୭।୧୧ (ମମତା ଜେନା)

ଇଣ୍ଡିଗୋ କାର୍‌ରେ ହେଲିକପ୍ଟର ମଜା। ଏଭଳି ଏକ ଇଣ୍ଡିଗୋ କାର୍ ରହିଛି, ଯାହାକୁ ଦେଖିଲେ ସେଇଟା ସମ୍ପୂର୍ଣ୍ଣରୂପେ ହେଲିକପ୍ଟର ଭଳି ଦେଖାଯାଉଛି। କୌଣସି କମ୍ପାନୀର ନିର୍ମାଣ ନୁହେଁ, ଏହାକୁ ବନାଇଛନ୍ତି ଜଣେ ଯୁବ ଡ୍ରାଇଭର ମାନସ ରଞ୍ଜନ ସ୍ୱାଇଁ। ତାଙ୍କ ଘର ଅସ୍ତରଙ୍ଗ ବ୍ଲକ ସରିପୁର ପଞ୍ଚାୟତର ଛତିଆନା ଗ୍ରାମରେ। ମାନସ ଜଣେ ଆଇଟିଆଇ ଛାତ୍ର। ଚାକିରି ନଥିବାରୁ ସେ ଏକ ଇଣ୍ଡିଗୋ କାର୍ କିଣି ନିଜେ ଡ୍ରାଇଭିଂ କରି ପରିବାର ଚଳାଇଥାନ୍ତି। କିନ୍ତୁ କରୋନାରେ ସମ୍ପୂର୍ଣ୍ଣ ରୂପେ ଠପ୍ ହୋଇଯାଇଥିଲା ବ୍ୟବସାୟ। ସେହିପରି ବର୍ତ୍ତମାନ ଅନେକ ଅତ୍ୟାଧୁନିକ କାର୍ ଆସିବାରୁ ଇଣ୍ଡିଗୋ ଗାଡ଼ିର ଚାହିଦା ଧୀରେ ଧୀରେ କମିବାକୁ ଲାଗିଛି। ଆଉ ସେହି ଗାଡ଼ିରେ କିପରି ଭଲ ବ୍ୟବସାୟ କରିବେ ଏହାକୁ ଚିନ୍ତା କରି ୟୁଟ୍ୟୁବ୍ ଆଉ ଅନ୍ୟ ଡିଜାଇନ୍‌କୁ ଅନୁସରଣ କରିଥିଲେ ମାନସ। ପରେ ଏକ ମିସ୍ତ୍ରୀଙ୍କୁ ଡାକି ଯୋଜନା ମୁତାବକ ନିର୍ମାଣ କରିଥିଲେ ହେଲିକପ୍ଟର ଇଣ୍ଡିଗୋ କାର୍। ଯେଉଁ କାର୍ ନିର୍ମାଣ ପାଇଁ ତାଙ୍କୁ ଖର୍ଚ୍ଚ କରିବାକୁ ପଡ଼ିଥିଲା ହାରାହାରି ଅଢେଇରୁ ୩ ଲକ୍ଷ ଟଙ୍କା। ଏହି କାର୍‌ଟି ଅତି ସୁନ୍ଦର ଭାବେ ଲାଇଟ୍‌ରେ ଡିଜାଇନ ହୋଇଛି। ହେଲିକପ୍ଟର ଭଳି କାର୍ ଉପରେ ଫ୍ୟାନ ବୁଲୁଛି। ବାସ୍ତବିକ ଯେ କେହି ବି ଏହାକୁ ପ୍ରଥମେ ଦେଖିଲେ ହେଲିକପ୍ଟର ବୋଲି ଭାବିବେ। ଆଗକୁ ଆସୁଛି ବାହାଘର ସିଜିନ୍। ଏହି ହେଲିକପ୍ଟର କାର୍‌ଟି ବାହାଘର, ବ୍ରତଘର ପାଇଁ ଏକ ପ୍ରକାର ଭଲ ରୋଜଗାରର ମାଧ୍ୟମ ହୋଇପାରିବ ବୋଲି ଗ୍ରାମବାସୀମାନେ କହିଛନ୍ତି। ମାନସଙ୍କ ଏହି ଅଭିନବ ପ୍ରୟାସକୁ ଅଞ୍ଚଳର ବୁଦ୍ଧିଜୀବୀମାନେ ବେଶ୍ ପ୍ରଶଂସା କରିଛନ୍ତି।



ହେଲିକପ୍ଟର ଭଳି ସଜାଯାଇଥିବା ଇଣ୍ଡିଗୋ କାର୍।

# 'ସାମ୍ବାଦିକତା ସର୍ବଦା ନିରପେକ୍ଷ ହେବା ଦରକାର'



ଉତ୍ସବରେ ଅତିଥିମାନେ ପ୍ରଗତିବାଦୀର ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୭।୧୧(ଅନୁରାଧା ମହାରଣା)

**ପ୍ରଦ୍ୟୁମ୍ନ ବଳଙ୍କ ୯୧ତମ ରାଜ୍ୟସ୍ତରୀୟ ଜୟନ୍ତୀ**

ସାମ୍ବାଦିକତା ସର୍ବଦା ସ୍ୱଚ୍ଛ ଓ ନିରପେକ୍ଷ ହେବା ଦରକାର। ସେଥିରେ କିଛି ମିଶାଇଦେଲେ ତା'ର ପ୍ରକୃତ ମର୍ମ ମଳିନ ପଡ଼ିଯାଏ। ସମାଜର ସାମଗ୍ରିକ ଉନ୍ନତି, ପଛୁଆ ବର୍ଗଙ୍କ କଲ୍ୟାଣ ଲାଗି ଯଦି ପ୍ରକୃଷ୍ଟ ସ୍ୱର କେଉଁଠି ଉଠାଯାଇପାରିବ ତାହା ହେଉଛି ଗଣମାଧ୍ୟମ। ସ୍ୱର୍ଗତ ପ୍ରଦ୍ୟୁମ୍ନ ବଳ ଏହି ବିଷୟକୁ ଖୁବ ସମ୍ବେଦନଶୀଳ ଭାବେ ନେଇ ଖବରକାଗଜ ପ୍ରତିଷ୍ଠା କରିଥିଲେ ବୋଲି ପ୍ରଦ୍ୟୁମ୍ନ ବଳଙ୍କ ୯୧ତମ ଜୟନ୍ତୀ ସମାରୋହର ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ଆୟୋଜିତ ପ୍ରଦର୍ଶନୀ ଓ ସାରସ୍ୱତ ସମ୍ମିଳନୀ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରଦ୍ୟୁମ୍ନ ବଳ ଜୟନ୍ତୀ କମିଟି ରାଜ୍ୟସ୍ତରୀୟ ଅଧ୍ୟକ୍ଷା ତଥା ଗାନ୍ଧିବାଦୀ ନେତ୍ରୀ କୃଷ୍ଣା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ପଦ୍ମଭୂଷଣ ପ୍ରତିଭା ରାୟ ଯୋଗଦେଇ କହିଥିଲେ, ସମ୍ବାଦପତ୍ର ପ୍ରତିଷ୍ଠା କରିବା ପଛରେ ପ୍ରଦ୍ୟୁମ୍ନ ବଳଙ୍କର କୌଣସି ସ୍ୱାର୍ଥ ନ ଥିଲା। ସେ ସମାଜର ଅବହେଳିତ ଓ ନିଷ୍ପେସିତଙ୍କ ସ୍ୱର ହେବାଲାଗି ପ୍ରଗତିବାଦୀ ଖବରକାଗଜ ପ୍ରତିଷ୍ଠା କରିଥିଲେ। ସାଧାରଣ ଲୋକଙ୍କ ସ୍ୱର କିପରି ଉପର ମହଲରେ ପହଞ୍ଚିପାରିବ ଓ ଗରିବଟିଏ ତା'ର ହକ ପାଇବ ତାହା ହିଁ ତାଙ୍କର ଉଦ୍ଦେଶ୍ୟ ଥିଲା ବୋଲି ରାୟ କହିଥିଲେ। ସମ୍ମାନିତ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ ଶୁଭା ଶର୍ମା ଯୋଗଦେଇ କହିଥିଲେ, ପ୍ରଦ୍ୟୁମ୍ନ ବଳ ହେଉଛନ୍ତି ମାଟିର ମଣିଷ। ସମାଜର ଉନ୍ନତି ଓ ଗରିବଙ୍କ ପାଇଁ ଲଢିବା ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା। ଅନ୍ୟତମ ଅତିଥି ସାହିତ୍ୟିକା ଛନ୍ଦା ମିଶ୍ର କହିଥିଲେ, ମୂକମାନଙ୍କ ମୁଖ ହେବାକୁ ପ୍ରଦ୍ୟୁମ୍ନ ବଳ ପ୍ରାଥମିକତା ଦେଇଥିଲେ। ଅନ୍ୟତମ ଅତିଥି ସାହିତ୍ୟିକା ପ୍ରୀତିଛନ୍ଦା ଧଳ କହିଥିଲେ, କ୍ଷମତା ଏବଂ ଚାପର ବଶବର୍ତ୍ତୀ ହୋଇ କିଛି ଗଣମାଧ୍ୟମ ନୀତିଗତ ମୂଲ୍ୟବୋଧ ହରାଇଦେଉଛନ୍ତି। ସେହିପରି ଜୟନ୍ତୀ କମିଟି ଅଧ୍ୟକ୍ଷା କୃଷ୍ଣା ମହାନ୍ତି କହିଥିଲେ, ସାମ୍ବାଦିକତା ଏବେ ବି ଭୟଭୀତ ଅବସ୍ଥାରେ ରହିଛି। ସତ୍ୟକୁ ଲୁଚାଇ ଦେବା ଲାଗି ସବୁବେଳେ ପ୍ରଚେଷ୍ଟା ହେଉଛି। ପ୍ରଶାସନର ହାତବାରିସି ସାଜି ଖବରର ମୋଡ଼ ବଦଳାଯାଉଛି। ପ୍ରଦ୍ୟୁମ୍ନ ବଳ ସେହିଭଳି ସାମ୍ବାଦିକତାର ଘୋର ବିରୋଧୀ ଥିଲେ, ଯାହା ସ୍ପଷ୍ଟ ତାହା ଖବରକାଗଜରେ ପ୍ରକାଶ କରାଯିବା ଭଳି ସାହସିକ ପଦକ୍ଷେପ ନେଉଥିଲେ ବୋଲି ମହାନ୍ତି କହିଥିଲେ। ପ୍ରଗତିବାଦୀର ଅଧ୍ୟକ୍ଷା ଶାଶ୍ୱତୀ ବଳ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜୟନ୍ତୀ କମିଟି ସହଅଧ୍ୟକ୍ଷା ତଥା ପ୍ରଗତିବାଦୀର ନିର୍ଦ୍ଦେଶିକା ଡ. ମୋନାଲିସା ବଳ କାର୍ଯ୍ୟକ୍ରମ ସଞ୍ଚାଳନ ଓ ସାମ୍ବାଦିକା ଶାରଳା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ଜୟନ୍ତୀ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଶେଷରେ ପଲ୍ଲୀରୁ ପାର୍ଲାମେଣ୍ଟ ସ୍ୱତନ୍ତ୍ର ଫଟୋ ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ପଦ୍ମଭୂଷଣ ପ୍ରତିଭା ରାୟ ଉଦ୍‌ଘାଟନ କରିଥିଲେ।

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୮ ନଭେମ୍ବର, ୨୦୨୩



## ସଂକ୍ଷେପରେ

### ଇଲେକ୍ଟ୍ରିକାଲ୍ସ ଦୋକାନରେ ଅଗ୍ନିକାଣ୍ଡ

**୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜଳିଗଲା**



ଟାଙ୍ଗୀ,୭।୧୧(ରଘୁନାଥ ସାହୁ)

ଟାଙ୍ଗୀ ନିକଟ କନ୍ଧନୟାଗଡ଼ ଛକରେ ଥିବା ପ୍ରଭୁ ଇଲେକ୍ଟ୍ରିକାଲ୍ସ ଦୋକାନରେ ଅଗ୍ନିକାଣ୍ଡ ଘଟି ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ଗତ ସୋମବାର ରାତିରେ ଉକ୍ତ ଦୋକାନର ମାଲିକ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଦୋକାନରେ ନିଆଁ ଲାଗିଥିବା ନେଇ ବିଳମ୍ବିତ ରାତିରେ ଖବରପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଟାଙ୍ଗୀ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଫ୍ୟାନ, ଗ୍ରାଇଣ୍ଡର, ମୋଟର, ଷ୍ଟାବ୍ଲାଇଜର ପୋଡ଼ି ନଷ୍ଟ ହେଇଯାଇଛି। ଦୋକାନୀଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

### ୧୪ରୁ ଦେଉଳିରେ ଗିରି ଗୋବର୍ଦ୍ଧନ ପୂଜା ଉତ୍ସବ

ବୋଲଗଡ଼,୭।୧୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଦେଉଳି ଗ୍ରାମ ଠାରେ ଆସନ୍ତା ୧୪ ତାରିଖ ମଙ୍ଗଳବାର ରାତିରୁ ଠାକୁରମାନଙ୍କ ଚାଚେରି ଭ୍ରମଣ ସହ ଗିରି ଗୋବର୍ଦ୍ଧନ ପୂଜା ଉତ୍ସବ ଆରମ୍ଭ ହେବ। ଦେଉଳି ଗ୍ରାମର ରାଧା ଦାମୋଦର ମନ୍ଦିର ପରିସରସ୍ଥିତ ଗିରି ଗୋବର୍ଦ୍ଧନ ପ୍ରାଙ୍ଗଣରେ ଏହି ଉତ୍ସବ ୧୭ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ଜାରିରହିବ। ଏହି ଅବସରରେ ଯାତ୍ରାସ୍ଥଳରେ ବିରାଜମାନ ହୋଇଥିବା ଗ୍ରାମର ଭାଗବତ ଦେବ, ଦଧିବାମନ ଦେବ, ରାଧାଦାମୋଦର ଏବଂ ଚୈତନ୍ୟ ଦେବ ଠାକୁରଙ୍କ ମିଳିତ ପୂଜାର୍ଚ୍ଚନା କରାଯିବ। ଯାତ୍ରା ପଡ଼ିଆରେ ଉକ୍ତ ଦିନଗୁଡ଼ିକରେ ବିଭିନ୍ନ ସାମଗ୍ରୀର ଅନେକ ଦୋକାନ ବଜାର ଖୋଲାଯିବା ସହ ପିଲାମାନଙ୍କ ମନୋରଞ୍ଜନ ପାଇଁ ବିଶେଷ ବ୍ୟବସ୍ଥା ହେବ। ଅପରାହ୍ନରେ ବିଭିନ୍ନ ଗ୍ରାମ୍ୟଦଳ ଆଧାତ୍ମିକ କାର୍ଯ୍ୟକ୍ରମ ମାନ ପ୍ରସ୍ତୁତ କରିବାକୁ ଥିବାବେଳେ ରାତିରେ ଦୁର୍ଗାଶ୍ରୀ ଗଣନାଟ୍ୟ ଦ୍ୱାରା ନାଟକ ପରିବେଷଣ କରାଯିବ। ଏହିକ୍ରମରେ ୧୫ ତାରିଖ ବୁଧବାର 'ସାଲିଆ ସାହିର ସରିତା ଅପା', ଗୁରୁବାର 'ବାଟ ପାଉନି ମୁ ହାଟ ମଝିରେ' ଏବଂ ଶୁକ୍ରବାର 'ତୋ ପାଇଁ ଭୁଲିଛି ସାରା ଦୁନିଆ' ନାଟକ ମଞ୍ଚସ୍ଥ ହେବ ବୋଲି ଆୟୋଜକ ଦେଉଳି ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଯାତ୍ରା ଉତ୍ସବ ପାଇଁ ମଙ୍ଗଳବାର ରାକେଶ ନାୟକ ଓ ଅନ୍ୟମାନେ ଠାକୁରମାନଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି।

# ଜମିରେ ପାଣି ନାହିଁ, ମୋଟରପମ୍ପ ଭରସା

ଖୋର୍ଦ୍ଧା,୭।୧୧ (ପ୍ରଭାତ ପାଣିଗ୍ରାହୀ)



ମୋଟର ପମ୍ପ ମାଧ୍ୟମରେ ଜମିକୁ ପାଣି ମଡ଼ାଯାଉଛି।

ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟି, ଅନାବୃଷ୍ଟି ଚାଷ କାର୍ଯ୍ୟକୁ ପ୍ରଭାବିତ କରିଥିଲା। ଲଘୁଚାପ ବର୍ଷା ଆଶ୍ୱସ୍ତି ଆଣିଥିବା ବେଳେ ପରେ ବନ୍ୟାଜନିତ ସମସ୍ୟା ଯୋଗୁ ଜମିରେ ପାଣି ମାଡ଼ିଗଲା। ସବୁ ବାଧାବିଘ୍ନ ଦେଇ ଅଣ୍ଟାସଳଖିବା ବେଳେ ଏବେ ଧାନଥୋଡ଼ ବାହାରିବା ସମୟରେ ସମସ୍ୟା ସୃଷ୍ଟି ହୋଇଛି। ଜଳସେଚନ ଅଭାବରୁ ଜମି ଫାଟି ଆଁ କଲାଣି। ନଦୀ, କେନାଲ ଶୁଖିଲା ପଡ଼ିଥିବା ବେଳେ ପାଣିର ଅଭାବ ଦେଖାଦେଇଛି। ତୁରନ୍ତ ଜଳସେଚନର ସୁବିଧା ନ କରାଗଲେ ଧାନ ଫସଲ ନଷ୍ଟ ହୋଇଯିବା ଆଶଙ୍କା ରହିଛି। ଏପରିକି ମରୁଡ଼ି ଭଳି ସ୍ଥିତି ଉପୁଜିଲାଣି। ଫସଲ ବଞ୍ଚାଇବା ପାଇଁ ଚାଷୀ ମୋଟରପମ୍ପ ଲଗାଇ ଜମିକୁ ପାଣି ମଡ଼ାଇବାକୁ ବାଧ ହେଉଛି। ଧାନକେଣ୍ଡା ଶୁଖିଯିବାରୁ ନିକଟରେ ବେଗୁନିଆ ଓ ବୋଲଗଡ଼ ବ୍ଲକର ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ କ୍ଷତିପୂରଣ ଦାବି କରିଥିଲେ।

ସୂଚନାଥାଉ କି, ବର୍ଷାର ଅଭାବ ସାଙ୍ଗକୁ ଜଳସେଚନର ସୁବିଧା ନ ଥିବାରୁ ଜମି ଫାଟି ଆଁ କରିବା ସହ ଧାନକେଣ୍ଡା ଶୁଖିଗଲାଣି। ତୁରନ୍ତ ଜଳସେଚନର ସୁବିଧା ନ କରାଗଲେ ଆଗକୁ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବା ସମ୍ଭାବନା ରହିଛି। ଫଳରେ ବ୍ୟାଙ୍କ ଓ ଅନ୍ୟାନ୍ୟ ସଂସ୍ଥା ସହ ମହାଜନଙ୍କଠାରୁ ଋଣ ନେଇଥିବା ଚାଷୀ କିପରି ଶୁଝିବ ଚିନ୍ତାରେ ପଡ଼ିଛି। ଏନେଇ ଭାଜପା କୃଷକ ନେତା ରଞ୍ଜନ ମଙ୍ଗରାଜ କହିଛନ୍ତି, ସରକାରଙ୍କ ପକ୍ଷରୁ ଦିଆଯାଉଥିବା କ୍ଷୟକ୍ଷତି ରାଶି ସମୁଦ୍ରକୁ ଶଙ୍ଖେ ସଦୃଶ। ଏଥିସହ କ୍ଷତିଗ୍ରସ୍ତ ଚାଷୀ ଚିହ୍ନଟରେ ମଧ୍ୟ ପାତରଅନ୍ତର କରାଯାଉଛି। ସେହିପରି ଜରିପୁଟ ଅଞ୍ଚଳର ଚାଷୀ ମନୋରଞ୍ଜନ ସାମନ୍ତରାୟ ଓ ଶିବଶଙ୍କର ଦୌତାରି ସେନାପତି କହିଛନ୍ତି, ବିଳମ୍ବିତ ମୌସୁମୀ ପ୍ରବେଶ ଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଏବେ ପୁଣି ପାଣିର ସମସ୍ୟା ଉପୁଜିଛି। ସେହିପରି ଶରଧାପୁରର ଚାଷୀ ଜିତେନ୍ଦ୍ର ବେହେରା କହିଛନ୍ତି, ଜଳସେଚନର ସୁବିଧା ନ ଥିବାରୁ ଭଡାରେ ପମ୍ପସେଟ ଆଣି ଜମିକୁ ପାଣି ମଡ଼ାଇବାକୁ ପଡୁଛି। ଏଥିଲାଗି ଅଧିକା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ମୋ ଦଳ ଜିଲା ଆବାହକ ସୁରେଶ ବଳିୟାରସିଂ କହିଛନ୍ତି, ସମସ୍ତଙ୍କ ମୁଖରେ ଅନ୍ନ ଯୋଗାଉଥିବା ଅନ୍ନଦାତା ଏବେ ସଙ୍କଟରେ। ଜଳସେଚନର ସୁବିଧା ନ ଥିବାରୁ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନବନିର୍ମାଣ କୃଷକ ସଙ୍ଗଠନ ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଏମ୍.ଅଲ୍ଲୀ କହିଛନ୍ତି, ଅନେକ ଚାଷୀ ବ୍ୟାଙ୍କ, ସେବା ସମବାୟ ସମିତି ତଥା ମହାଜନଙ୍କଠାରୁ ଋଣ ଆଣି ଧାନ ଫସଲ କରିଛନ୍ତି। ଧାନ ଥୋଡ଼ ବାହାରିବା ସମୟରେ ବିଲରେ ପାଣି ନ ଥିବାରୁ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମୟରେ ଜିଲା କୃଷି ବିଭାଗର କୌଣସି ଅଧିକାରୀ, ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଦେଖାନାହିଁ। ପ୍ରତିବର୍ଷ ଚାଷୀ କ୍ଷତି ସହୁଛନ୍ତି। ସରକାର

- ଧାନ କେଣ୍ଡା ଶୁଖିଗଲାଣି
- ଚିନ୍ତାରେ ଚାଷୀ, ପ୍ରଶାସନ ନୀରବ

ଜମିକୁ ଜଳସେଚନର ବ୍ୟବସ୍ଥା କରନ୍ତୁ ବୋଲି ସେ କହିଛନ୍ତି। କଂଗ୍ରେସ ଯୁବନେତା ପ୍ଲାବନ ପଟ୍ଟନାୟକ କହିଛନ୍ତି, ପ୍ରତିକୂଳ ପାଗ ସତ୍ତ୍ୱେ ଫସଲ କରିଥିବା ଚାଷୀ ଏବେ ମୁଣ୍ଡରେ ହାତଦେଇ ବସିଛି। ଚାଷୀଙ୍କ ଦୁର୍ଦ୍ଦିନ ସମୟରେ ସରକାର ଚାଷୀଙ୍କୁ ସହଯୋଗର ହାତ ବଢ଼ାଇବାକୁ ନିବେଦନ କରିଛନ୍ତି। କୃଷି ଋଣ ଛାଡ଼ ସହ ବିହନ, ସାର, କୀଟନାଶକ ମାଗଣାରେ ଯୋଗାଇ ଦେବାକୁ ବିଭିନ୍ନ କୃଷକ ସଙ୍ଗଠନ ଦାବି କରିଛନ୍ତି। ଜିଲାର ବିଭିନ୍ନ ଅଞ୍ଚଳର ଚାଷୀମାନେ ସମସ୍ୟା ନେଇ ପ୍ରଶାସନ କାର୍ଯ୍ୟାଳୟକୁ ଆସୁଥିବା ବେଳେ ଜିଲା ପ୍ରଶାସନ କେବଳ ପ୍ରତିଶ୍ରୁତି ଦେଇ ନୀରବ ସାଜିଛି ବୋଲି ଚାଷୀ ନେତା କାହ୍ନୁଚରଣ ବେହେରା କହିଛନ୍ତି। ତେବେ ଏ ସମ୍ପର୍କରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି, ଏନେଇ ରିପୋର୍ଟ ପ୍ରଦାନ କରିବାକୁ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୋଲଗଡ଼ ଓ ବେଗୁନିଆ ବ୍ଲକ ଅଞ୍ଚଳରେ କୃଷି ଅଧିକାରୀ ସ୍ଥିତି ଅନୁଧ୍ୟାନ ସହ ଚାଷୀଙ୍କ ସହ ଆଲୋଚନା କରିଥିବା କୃଷି କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

### ଆନିକଟ୍‌ରୁ ଆହତ ମାଛ ଧରାଳି ଉଦ୍ଧାର



କଟକ,୭।୧୧(କାର୍ତ୍ତିକ ସାହୁ)

କଟକସ୍ଥିତ ଯୋବ୍ରା ଆନିକଟ୍‌ରେ ଗଳିପଡ଼ି ଆହତ ହୋଇଥିବା ଜଣେ ମାଛ ଧରାଳିଙ୍କୁ ଚାଉଳିଆଗଞ୍ଜ ଅଗ୍ନିଶମ ବାହିନୀ ମଙ୍ଗଳବାର ଉଦ୍ଧାର କରିଛି। ସେ ହେଲେ ଯୋବ୍ରା ମଝିସାହିର ଟୁଟୁ ଦାସ(୫୦)। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ସବୁଦିନ ଭଳି ମଙ୍ଗଳବାର ଟୁଟୁ ଯୋବ୍ରା ବ୍ୟାରେଜର ଏକ ଗେଟ୍‌ରେ ଚଢ଼ି ମାଛ ଧରୁଥିଲେ। ଅପରାହ୍ନ ପ୍ରାୟ ୧ଟାରେ ହଠାତ୍ ତାଙ୍କ ଗୋଡ଼ ଖସିଯିବାରୁ ସେ ଭାରସାମ୍ୟ ହରାଇ ଗେଟ୍ ତଳ ଭାଗରେ ଥିବା ଲୁହା ପ୍ଲେଟ୍ ଉପରେ ପଡ଼ିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଜୋର୍ ମାଡ଼ ହୋଇଥିଲା। ସ୍ଥାନୀୟ ଲୋକେ ଏହା ଦେଖିବା ପରେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀ ପହଞ୍ଚି ଦଉଡି ସାହାଯ୍ୟରେ ଟୁଟୁଙ୍କୁ ଉଦ୍ଧାର କରି ଉପରକୁ ଆଣିଥିଲେ।



ଖୋର୍ଦ୍ଧା ଟ୍ରାଫିକ ଛକସ୍ଥିତ ଏକ ଦୋକାନ ଆଗରେ ଗଦା ହୋଇଥିବା ଅଳିଆ। (ଫଟୋ-ପ୍ରଭାତ ପାଣିଗ୍ରାହୀ)

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଯାଁଳା,୭।୧୧(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ କୋଦମୁଣ୍ଡା ଆଦିବାସୀ ସାହିର ପ୍ରଶାନ୍ତ ନାୟକ ଓରଫ କାଳିଆ। ସୂଚନା ମୁତାବକ, ବର୍ଷେ ହେବ କାଳିଆଙ୍କ ବିବାହ ହୋଇଥିଲା। ତେବେ ମଙ୍ଗଳବାର ସକାଳେ ଏକ ଗଛରେ କାଳିଆ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଉପଦେଷ୍ଟାଙ୍କ ସ୍ମାର୍ଟ ସ୍କୁଲ ପରିଦର୍ଶନ



ଉପଦେଷ୍ଟା ଅନୁଭବ ପଟ୍ଟନାୟକ ଶିକ୍ଷକଙ୍କ ସହ ଆଲୋଚନା କରୁଛନ୍ତି।

ବୋଲଗଡ଼/ ବେଗୁନିଆ,୭।୧୧ (ଦେବବ୍ରତ ହୋତା /ହର ପ୍ରସନ୍ନ ପଣ୍ଡା)

ରାଜ୍ୟ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନଫରମେଶନ ଟେକ୍ନୋଲୋଜି(ଇ ଆଣ୍ଡ ଆଇଟି)ବିଭାଗର ଉପଦେଷ୍ଟା ତଥା ପୂର୍ବତନ ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳ ଗସ୍ତ କରିଛନ୍ତି। ସେ ବଡ଼କୁମାରୀ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥିତ ମୋ ସେବା କେନ୍ଦ୍ର ଓ ବାଙ୍କୋଇ ଉଚ୍ଚ ବିଦ୍ୟାଳୟର ସ୍ମାର୍ଟ କ୍ଲାସରୁମ, ଇ-ଲାବୋରୋଟେରି, ଇ-ଲାଇବ୍ରେରି ଓ ଇ-କଣ୍ଟେଣ୍ଟ ବିଭାଗ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ସେ ସମ୍ପୃକ୍ତ ବିଷୟଗୁଡ଼ିକର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଶ୍ନ ପଚାରି ସନ୍ତୋଷଜନକ ଉତ୍ତର ପାଇ ଖୁସି ଜାହିର କରିଛନ୍ତି। ତାଙ୍କ ସହିତ ବିଡିଓ ଶରତ କୁମାର ମଲିକ, ବ୍ଲକ ଶିକ୍ଷାଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ,ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ପଦ୍ମ ଚରଣ ବେହେରା, ସିଆରସିସି ଧୀରେନ ପାତ୍ର, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ସେହିପରି ଉପଦେଷ୍ଟା ଅନୁଭବ ପଟ୍ଟନାୟକ ବେଗୁନିଆ ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଛନ୍ତି। ଏହି ବ୍ଲକ ଅନ୍ତର୍ଗତ ବାଘମାରି ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ସିମୋର ପଞ୍ଚାୟତର ମୋ ସେବା କେନ୍ଦ୍ର ପରିଦର୍ଶନ କରିଥିଲେ। ବିଡିଓ ଲକ୍ଷ୍ମୀଧର ସାହୁ, ଡିଜିଇଏମ ମାନସ କୁମାର ବ୍ରହ୍ମା, ଜିଲା ମୋ ସେବା କେନ୍ଦ୍ର ପରିଚାଳକ ବିକାଶ କୁମାର ବିଶ୍ୱାଳ, ବ୍ଲକ ଉନ୍ନୟନ ଅଧିକାରୀ ଲକ୍ଷ୍ମୀଧର ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଚନ୍ଦ୍ର ଲେଙ୍କା, ଏବିଡିଓ ସୁମିତ୍ରା ଜେନା, ପଞ୍ଚାୟତ ଉନ୍ନୟନ ଅଧିକାରୀ ନୀଳକଣ୍ଠ ମାନସିଂହ, ବାଘମାରୀ ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ସମିତି ସଭ୍ୟ ନବନିତା ମହାନ୍ତି, ସାମାଜିକ କର୍ମୀ ପ୍ରେମାନନ୍ଦ ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପଟ୍ଟନାୟକ, ସାରୁଅ କ୍ଲଷ୍ଟର ସିଆରସିସି ରଞ୍ଜନ କୁମାର ସିଂହ ପ୍ରମୁଖ ବିଦ୍ୟାଳୟର ସ୍ମାର୍ଟ କ୍ଲାସ ରୁମ, ଇ-ଲାଇବ୍ରେରି ଓ କମ୍ପ୍ୟୁଟର ରୁମର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ମାଧ୍ୟମରେ ଶିକ୍ଷା ଲାଭ ସହଜ ଓ ସୁଗମ ହୋଇପାରିବ ବୋଲି କହିଥିଲେ। ପରେ ସିମୋର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜନସାଧାରଣ ମୋ ସେବା କେନ୍ଦ୍ରର ଲାଭ ଉଠାଇ ପାରିବେ କହିଥିଲେ। ସ୍ୱଳ୍ପ ବ୍ୟୟରେ ସରକାରୀ ଯୋଜନାର ଆବେଦନ କରିବା ପ୍ରକ୍ରିୟାର ଆନୁଷଙ୍ଗିକ ସୁବିଧା ଉପଲବ୍ଧ ରହିଛି। ସ୍ଥାନୀୟ ସରପଞ୍ଚ ହାଡୁବନ୍ଧୁ ମହାପାତ୍ର ଓ ସମିତି ସଭ୍ୟା ନଳିନୀ ପଣ୍ଡାଙ୍କ ସମେତ ବହୁ ମହିଳା ଗୋଷ୍ଠୀ ଉପସ୍ଥିତ ଥିଲେ।

## ଦୀପ ତିଆରିରେ ନିମଗ୍ନ କୁମ୍ଭକାର ପରିବାର

ବୋଲଗଡ଼,୭।୧୧(ଦେବବ୍ରତ ହୋତା)

**ଦୀପାବଳି ପାଇଁ ଚଳଚଞ୍ଚଳ ଦେଉଳି ଗାଁ**



ପାଖେଇ ଆସୁଛି ଆଲୋକର ପର୍ବ ଦୀପାବଳି। ପ୍ରତ୍ୟେକ ଘର ଦୀପ ଆଲୋକରେ ଆଲୋକିତ ହେବ। ତେଣୁ ଦୀପ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଦେଉଳି ଗ୍ରାମର ୪୦ କୁମ୍ଭକାର ପରିବାର। ୩୦ ପଇସାରୁ ଆରମ୍ଭ କରି ୨୦ଟଙ୍କା ଦରରେ ବିକ୍ରି ପାଇଁ ଛୋଟବଡ଼ ରଙ୍ଗବେରଙ୍ଗର ଦୀପ ପ୍ରସ୍ତୁତିରେ ମହିଳା ପୁରୁଷ ଓ ପିଲାମାନେ ସାମିଲ ହୋଇଛନ୍ତି। ଅଧିକରୁ ଅଧିକ ସଂଖ୍ୟକ ଦୀପ ତିଆରି କରିପାରିଲେ ଅଧିକ ଉପାର୍ଜନ ଆଶା ରଖି ସମସ୍ତେ ଲାଗିପଡିଛନ୍ତି। ସ୍ଥାନୀୟ ତଥା ଆଖପାଖ ଜିଲାର ବେପାରୀମାନେ ବରାଦ ଅନୁଯାୟୀ ଓ ସିଧାସଳଖ କ୍ରୟ କରି ନେଇଥାନ୍ତି। କଞ୍ଚାମାଲ(ମଟାଳ ମାଟି)ର ଅଭାବ ଓ ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ମିଳୁ ନ ଥିବାରୁ ଅନେକ ଏହି କୌଳିକ ବୃତ୍ତିରୁ ଦୂରେଇଯାଇ ଅନ୍ୟ ଧନ୍ଦାରେ ମନୋନିବେଶ କରୁଛନ୍ତି। ଅନ୍ୟପଟେ ଦୀପାବଳି ବଜାରରେ ଅପେକ୍ଷାକୃତ ଚାଇନା ଦୀପର ଚାହିଦା ବଢୁଥିବାରୁ ମାଟି ଦୀପ କାମ ବିକ୍ରି ହେଉଛି। ଅନ୍ୟଦିନ ଗୁଡ଼ିକରେ କୁଡୁଆ ଓ ଅନ୍ୟାନ୍ୟ ସାମଗ୍ରୀ ତିଆରି କରି ଏହି ପରିବାରମାନେ ଗୁଜୁରାଣ ମେଣ୍ଟାଇବା ବେଳେ ଭୁବନେଶ୍ୱର ଲିଙ୍ଗରାଜ ଓ ଅନନ୍ତ ବାସୁଦେବ ମନ୍ଦିରକୁ ମଧ୍ୟ ସାମଗ୍ରୀ ପଠାଇଥାନ୍ତି। ତେବେ ଏହି କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାକୁ ସରକାରୀ ପ୍ରୋତ୍ସାହନର ଅଭାବ ଏବଂ କମ୍ ଲାଭ କାରଣରୁ ଦିନକୁ ଦିନ ଏହି ପରିବାରମାନେ ଅନ୍ୟ ଧନ୍ଦା ପ୍ରତି ଆକର୍ଷିତ ହଉଛନ୍ତି। ଏହି ବୃତ୍ତିକୁ ବଞ୍ଚାଇ ରଖିବାକୁ ସରକାର ଦୃଷ୍ଟି ଦେବାକୁ କୁମ୍ଭକାରମାନେ ନିବେଦନ କରିଛନ୍ତି।

### କାର୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

ଯାଁଳା,୭।୧୧(ବୁଲା ବାରିକ)

୧୬ ନମ୍ବର ଜାତୀୟ ରାଜପଥର ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା ପଞ୍ଚାୟତ ସ୍ଥିତ ଏକ ଆପାର୍ଟମେଣ୍ଟ ସମ୍ମୁଖରେ କାର୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ଯମୁନା ଗ୍ରାମର ରୀନା ଦେଈ (୫୮)। ସୂଚନା ମୁତାବକ, ଯମୁନା ଗ୍ରାମର ସୁଦ୍ଧିର ଭୂୟାଁ ଓ ତାଙ୍କ ସ୍ତ୍ରୀ ରୀନା ବାଇକରେ କୌଣସି କାମରେ ଭୁବନେଶ୍ୱର ଆସିଥିଲେ। ଭୁବନେଶ୍ୱରରୁ ଅପରାହ୍ନ ପ୍ରାୟ ୩ଟାରେ ଫେରୁଥିବା ବେଳେ ଏକ କାର ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ରୀନା ଗାଡିରୁ ଛିଟିକି ପଡ଼ିଥିଲେ। ତାଙ୍କର ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିବା ସହ ରକ୍ତସ୍ରାବ ହୋଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ରିନାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ନିରାକାରପୁର ଷ୍ଟେଶନରେ ଏକ୍ସପ୍ରେସ୍ ଟ୍ରେନ୍ ରହଣି ଦାବି

ନିରାକାରପୁର,୭।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)




ଖୋର୍ଦ୍ଧାରୋଡ୍ ରେଳ ଡିଭିଜନ ଅନ୍ତର୍ଗତ ନିରାକାରପୁର ରେଳ ଷ୍ଟେଶନରେ ପୁରୀ-ଅହମ୍ମଦାବାଦ, ପ୍ରଶାନ୍ତି, କୋଣାର୍କ, ହୀରାକୁଦ ଏକ୍ସପ୍ରେସ୍ ଟ୍ରେନ ରହଣି ଦାବିରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଷ୍ଟେଶନ ଉପରେ ଖୋର୍ଦ୍ଧା, ପୁରୀ ଓ ନୟାଗଡ଼ ଜିଲାର ବେଗୁନିଆ, ସତ୍ୟବାଦୀ, ରଣପୁର, ବ୍ରହ୍ମଗିରି ଆଦି ନିର୍ବାଚନମଣ୍ଡଳୀର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀ ନିର୍ଭର କରିଥାନ୍ତି। ଏଠାରେ କେତେକ ପାସେଞ୍ଜର ଟ୍ରେନ୍ ରହଣି ଯୋଗୁ ଯାତ୍ରୀମାନେ ଜଟଣୀ, ଭୁବନେଶ୍ୱର, କଟକ, ପୁରୀ ଆଦି କର୍ମସ୍ଥାନକୁ ଯାଇ ସୁବିଧାରେ ଫେରିଥାନ୍ତି। ତେବେ ଏଠାରେ ଏକ୍ସପ୍ରେସ ଟ୍ରେନ ରହୁ ନ ଥିବାରୁ ଯାତ୍ରୀମାନେ ହାଇଦ୍ରାବାଦ, ସିକନ୍ଦରାବାଦ, ମୁମ୍ବାଇ, ନୂଆଦିଲ୍ଲୀ, ସୁରଟ, ଗୁଜରାଟ, ବାଙ୍ଗାଲୋର, କୋଲକାତା ଆଦି ସ୍ଥାନକୁ ଯାଇପାରନ୍ତି ନାହିଁ। ଏହି ଷ୍ଟେଶନରୁ ମାସିକ ପାଖାପାଖି ୧୦ରୁ ୧୫ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ସତ୍ତ୍ୱେ ଏକ୍ସପ୍ରେସ ଟ୍ରେନ ରହଣି ନିମନ୍ତେ ବିଭାଗ ପକ୍ଷରୁ ଦୃଷ୍ଟି ଦିଆ ନ ଯିବା ବିଡ଼ମ୍ବନାର ବିଷୟ ବୋଲି ବିଭୂତି ଭୂଷଣ ଦାଶ, ରମାନାଥ ଦଶଙ୍କ ସମେତ ଦୈନିକ ରେଳଯାତ୍ରୀ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା କହିଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି ସ୍ଥାୟୀ ସମାଧାନ ନ ହେବାରୁ ଆଞ୍ଚଳିକ କମିଟି ପକ୍ଷରୁ ଏମ୍‌ପି ଷଡ଼ଙ୍ଗୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଷ୍ଟେଶନ ଉପରେ ନିର୍ଭର କରୁଥିବା ରେଳଯାତ୍ରୀଙ୍କ ସ୍ୱାର୍ଥ, ସୁବିଧା ଦୃଷ୍ଟିରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଏମ୍‌ପି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଦୀର୍ଘଦିନ ପରେ ସ୍କୁଲ ନାମକରଣ ବିବାଦ ତୁଟିଲା

ବେଗୁନିଆ,୭।୧୧(ହର ପ୍ରସନ୍ନ ପଣ୍ଡା)

**ବାଲୁଙ୍କେଶ୍ୱର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ଶଗଡ଼ଭଙ୍ଗା ନାମକରଣ ପାଇଁ ପ୍ରସ୍ତାବ**



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ବେଗୁନିଆ ବ୍ଲକ ଅନ୍ତର୍ଗତ ଶଗଡ଼ଭଙ୍ଗା ପଞ୍ଚାୟତରେ ଥିବା ବାଲୁଙ୍କେଶ୍ୱର ଦେବ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ନାମକରଣକୁ ନେଇ ଶଗଡ଼ଭଙ୍ଗା ଏବଂ ବେତରଜଙ୍ଗ ଗ୍ରାମ ମଧ୍ୟରେ ଦୀର୍ଘଦିନ ହେବ ବିବାଦ ଲାଗି ରହିଥିଲା। ଏନେଇ ମଧ୍ୟ ଉଚ୍ଚ ନ୍ୟାୟାଳୟରେ କେଶ ରୁଜୁ ହୋଇଛି। ବିଦ୍ୟାଳୟର ନାମ ବାଲୁଙ୍କେଶ୍ୱର ଦେବ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଶଗଡ଼ଭଙ୍ଗା ଥିବାବେଳେ ବେତରଜଙ୍ଗର ଗ୍ରାମବାସୀ ଉକ୍ତ ବିଦ୍ୟାଳୟକୁ ବାଲୁଙ୍କେଶ୍ୱର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ବେତରଜଙ୍ଗରେ ନାମିତ କରିବାକୁ ନେଇ ବିବାଦ ଦେଖାଦେଇଥିଲା। ଏଥିପାଇଁ ଉଚ୍ଚ ନ୍ୟାୟାଳୟରେ ଡବ୍ଲୁପି(ସି)ନଂ୧୯୭୮୩/୨୦ରେ ଦୁର୍ଗାଚରଣ ବଳିୟାରସିଂହ ମାମଲା ରୁଜୁ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଗତ ଅକ୍ଟୋବର ୩୦ରେ ନାମକରଣ ବିବାଦର ସମାଧାନ ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ସମାଧାନ ହୋଇପାରି ନ ଥିଲା। ମଙ୍ଗଳବାର ବିଦ୍ୟାଳୟ ପରିସରରେ ସରପଞ୍ଚ ଲୀଳା ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ସାଥୁଆ, ଶିକ୍ଷକ ଶ୍ୟାମସୁନ୍ଦର ମଲ୍ଲିକ, ଜୟକୃଷ୍ଣ ଫତେସିଂହ, ଜଙ୍କିଆ ଥାନା ଅଧିକାରୀ ପ୍ରଜ୍ଞା ପାରମିତା କର ଏବଂ ସିଆର୍‌ସିସି ମାନସ ରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ୨୦୧୭-୧୮ମସିହାରେ ଥିବା କମିଟିର ପ୍ରାଥମିକ ବିଦ୍ୟାଳୟର ୧୨ଜଣ ସଭ୍ୟଙ୍କ ମଧ୍ୟରୁ ୮ଜଣ ବିଦ୍ୟାଳୟର ନାମ ଶଗଡ଼ଭଙ୍ଗା ରହିବା ପାଇଁ ପ୍ରସ୍ତାବ ଦେଇଥିବା ବେଳେ ୪ଜଣ ବେତରଜଙ୍ଗ ପାଇଁ ପ୍ରସ୍ତାବ ଦେଇଥିଲେ। ସେହିପରି ଏମ୍‌ଇ ସ୍କୁଲର ୧୦ ଜଣ ସଭ୍ୟଙ୍କ ମଧ୍ୟରୁ ୬ ଜଣ ଶଗଡ଼ଭଙ୍ଗା ସପକ୍ଷରେ ମତ ରଖିଥିବାବେଳେ ୪ ଜଣ ବେତରଜଙ୍ଗ ସପକ୍ଷରେ ମତ ରଖିଥିଲେ। ଉଚ୍ଚ ବିଦ୍ୟାଳୟର ୭ଜଣ ସଭ୍ୟଙ୍କ ମଧ୍ୟରୁ ୫ଜଣ ଶଗଡ଼ଭଙ୍ଗା ସପକ୍ଷରେ ମତ ରଖିଥିବା ବେଳେ ୨ଜଣ ବେତରଜଙ୍ଗ ସପକ୍ଷରେ ମତ ରଖିଥିଲେ। ଶଗଡ଼ଭଙ୍ଗା ସପକ୍ଷରେ ୧୯ ଜଣ ଏବଂ ବେତରଜଙ୍ଗ ସପକ୍ଷରେ ୧୦ଜଣ ଭୋଟିଂ କରିଥିବାରୁ ବିଦ୍ୟାଳୟର ନାମ ବାଲୁଙ୍କେଶ୍ୱର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ଶଗଡ଼ଭଙ୍ଗା ରହିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏହା ବିଦ୍ୟାଳୟର ୧୮ନଂ. ଅଧିବେଶନରେ ସ୍ଥାନ ପାଇଥିଲା। ଦୀର୍ଘଦିନ ଧରି ଲାଗି ରହିଥିବା ବିବାଦର ସମାଧାନ ହୋଇଥିବାରୁ ସରପଞ୍ଚ ଲୀଳା ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ସ୍କାଉଟ୍ସ ଓ ଗାଇଡ୍ସର ପ୍ରତିଷ୍ଠା ଦିବସ

କଣାସ,୭।୧୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ସିରେଇ ଗ୍ରାମ ପଞ୍ଚାୟତ ସିରେଇ ଗ୍ରାମର ବିଶ୍ୱନାଥ ସ୍ମୃତି ବିଦ୍ୟା ନିକେତନର ସ୍କାଉଟ୍ ଭବନ ପରିସରରେ ମଙ୍ଗଳବାର ସ୍କାଉଟ୍ସ ଓ ଗାଇଡ୍ସ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ସ୍କାଉଟ୍ ଗାଇଡ୍ ପତାକା ଉତ୍ତୋଳନ କରାଯାଇଥିଲା। ପ୍ରତ୍ୟୁଷରେ ରାମଧୁନ୍ ଗାନ ପୂର୍ବକ ପ୍ରଭାତ ଫେରି କରାଯାଇଥିଲା। ବିଭିନ୍ନ ସରକାରୀ ପଦାଧିକାରୀ ବ୍ଲକ ଶିକ୍ଷାଧିକାରୀ, ଡାକ୍ତର, ତହସିଲଦାର, କଣାସ ଥାନା ଆଇଆଇସି, ଫାୟାର ବିଗ୍ରେଡ୍ ଇନ୍ସପେକ୍ଟର, ପୋଷ୍ଟାଲ ଅଧିକାରୀ, ଏସ୍‌ବିଆଇ ମ୍ୟାନେଜର ପ୍ରମୁଖଙ୍କୁ ଫାଉଣ୍ଡେଶନ୍ ଡେ' ପ୍ରତୀକ ପ୍ରଦାନ କରାଯାଇଥିଲା। କଣାସ ବ୍ଲକର ସ୍କାଉଟ୍ ମାଷ୍ଟର, ଗାଇଡ୍ କ୍ୟାପ୍‌ଟେନ୍, ଜେଏମ୍‌ସି, ରୋଭରରେଞ୍ଜରମାନେ ପ୍ରତିଷ୍ଠା ଦିବସର ସ୍ମୃତିଚାରଣ କରିଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ ଯୋଗ ଦେଇଥିଲେ।

### ଇସ୍ରାଏଲର ଆକ୍ରମଣକୁ ନିନ୍ଦା

ଚାରିଛକ,୭।୧୧(ଶିଶିର ସ୍ୱାଇଁ)

ନିମାପଡ଼ା ବ୍ଲକ ଅଧୀନ ଚାରିଛକ ବଜାରରେ ଥିବା ଗୋପବନ୍ଧୁ ପ୍ରତିମୂର୍ତ୍ତି ନିକଟରେ ମଙ୍ଗଳବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ପାଲେଷ୍ଟାଇନ ଉପରେ ଇସ୍ରାଏଲ୍‌ର ହେଉଥିବା ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହ ଯୁଦ୍ଧବନ୍ଦ କରିବାକୁ ଜାତିସଂଘ ପାଖରେ ଦାବି କରାଯାଇଛି। ଏହି ଆକ୍ରମଣରେ ସାଧାରଣ ଜନତା, ମହିଳା ଓ ଶିଶୁଙ୍କ ମୃତ୍ୟୁ ଘଟୁଛି। ଇସ୍ରାଏଲ ପକ୍ଷରୁ ପାଲେଷ୍ଟାଇନ ଉପରେ ହେଉଥିବା ଆକ୍ରମଣ ଓ ଯୁଦ୍ଧ ବନ୍ଦ କରିବା ଦାବିରେ ସିପିଆଇ ଜାତୀୟ ପରିଷଦ ସଭ୍ୟ କ୍ଷୀରୋଦ ସିଂଦେଓ, ପୁରୀ ଜିଲା କମ୍ୟୁନିଷ୍ଟ ପାର୍ଟି ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ପୂର୍ବତନ ସରପଞ୍ଚ ସନ୍ତୋଷ ବେହେରା, ସନାତନ ପାତ୍ର, ମନୋଜ ମଲିକ୍‌ଙ୍କ ସମେତ ଅନେକ କର୍ମୀ ଉପସ୍ଥିତ ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

### ସୁରଭି ପ୍ରତିଯୋଗିତା ପାଇଁ ମନୋନୀତ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ ଛାତ୍ରୀଛାତ୍ର

ପିପିଲି,୭।୧୧(ଦୁର୍ଗା ମାଧବ ମିଶ୍ର)

ଜିଲାସ୍ତରୀୟ ସୁରଭି ଏବଂ ଓଡ଼ିଶା ମିଲେଟ ପ୍ରତିଯୋଗିତା ସୋମବାର ପୁରୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିପିଲି ବ୍ଲକ ଅଧୀନ ଦାଣ୍ଡମୁକୁନ୍ଦପୁର ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ୍‌ର ଛାତ୍ରୀଛାତ୍ର ସରକାରଙ୍କ ସଫଳ ଶିକ୍ଷାନୀତି ଉପରେ ଆଧାରିତ ଏକ ନାଚ ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ପ୍ରଥମ ସ୍ଥାନ ଅଧିକାର କରି ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବା ସହ ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଏହି ସଫଳତାକୁ ନେଇ ବିଦ୍ୟାଳୟ ସମେତ ଦାଣ୍ଡମୁକୁନ୍ଦପୁର ଅଞ୍ଚଳରେ ଖୁସିର ବାତାବରଣ ସୃଷ୍ଟି ହୋଇଛି। ପ୍ରକାଶଥାଉକି, ଏହି ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକ ବିଦ୍ୟାଳୟରୁ ୪ଶହ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତା ତଥା ପ୍ରବନ୍ଧ, କୁଇଜ୍, ହସ୍ତାକ୍ଷର, ଚିତ୍ରାଙ୍କନ, ତର୍କ, ସଙ୍ଗୀତ, ନାଚ ଆଦିରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମଙ୍ଗଳବାର ହାଇସ୍କୁଲ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ଷଡ଼ଙ୍ଗୀ କୃତୀ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

### ୪ର୍ଥ ଥର ପାଇଁ ଗଛ ଲାଗିଲା

କଣାସ,୭।୧୧(ବିଭୂତି ଭୂଷଣ ତ୍ରିପାଠୀ)

ଖୋର୍ଦ୍ଧା ବନ ବିଭାଗ ପକ୍ଷରୁ କଣାସ ବ୍ଲକର ବିଭିନ୍ନ ରାସ୍ତାରେ ୨୦୨୨-୨୩ରେ ଗଛ ଲଗାଯାଇଥିବା ଦର୍ଶାଯାଇ ଲକ୍ଷଲକ୍ଷ ଟଙ୍କା ହଡ଼ପ କରିଥିବା ସମ୍ପର୍କରେ ସୂଚନା ଅଧିକାର ଆଇନ୍‌ରୁ ଜଣାପଡ଼ିବା ପରେ ତାହା ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇଥିଲା। ଚଳିତବର୍ଷ ମଧ୍ୟ ଅଡାଲଠାରୁ ମାଆଙ୍କ ଗାଁ ୬କି.ମି. ରାସ୍ତାରେ ୩ଥର ଗଛ ଲଗାଯାଇଥିବାବେଳେ ଗଛର ଆବଦ୍ଧ ପାଇଁ ବାଡ଼ ଦିଆଯାଇ ନ ଥିବାରୁ ଗଛଗୁଡ଼ିକୁ ଗୋରୁ ଖାଇ ଦେଇଥିବା ସମ୍ପର୍କରେ ଖବରକାଗଜରେ ପ୍ରକାଶ ପାଇଥିଲା। ଏହାପରେ ପୁନଶ୍ଚ ଉକ୍ତ ରାସ୍ତାରେ ଗଛ ଲଗାଯାଇ ଆବଦ୍ଧବାଡ଼ ଦିଆଯାଇଥିବା ଦେଖିବାକୁ ମିଳିଛି। ଗଛଗୁଡ଼ିକର ସୁରକ୍ଷା ପାଇଁ ଜଳର ଆବଶ୍ୟକ ରହିଥିବାବେଳେ କାହିଁକି ବର୍ଷା ଦିନେ ଗଛ ଲଗାଇ ଆବଦ୍ଧ ବାଡ଼ କରା ନ ଗଲା, ତାହା ଆଲୋଚନାର ବିଷୟବସ୍ତୁ ହୋଇଛି। ଏ ସମ୍ପର୍କରେ ଖୋର୍ଦ୍ଧା ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନଙ୍କୁ ପଚାରିବାରେ, ସେ ଏ ବାବଦରେ କିଛି କହିପାରିବେନି ବୋଲି କହିଥିଲେ।

# କୌଳିକ ବୃତ୍ତି ବଞ୍ଚାଇ ରଖିବାକୁ ସଂଘର୍ଷ

ପୁରୀ,୭।୧୧(ଅଜିତ୍ ମହାନ୍ତି):


ଦୀପାବଳି ପାଇଁ ଦୀପ ପ୍ରସ୍ତୁତିରେ ନିମଗ୍ନ କାରିଗର ।

କାର୍ତ୍ତିକ ମାସ ଅମାବାସ୍ୟା ତିଥିକୁ ଦୀପାବଳି ଭାବେ ପାଳନ କରାଯାଇଥାଏ। ଦୀପାବଳି ଦିନ ସହରଠାରୁ ପଲ୍ଲୀଯାଏ ପ୍ରତ୍ୟେକ ବ୍ୟକ୍ତି ଦୀପ ଜାଳି ଦୀପାବଳି ପାଳନ କରିଥାନ୍ତି। ତେବେ ଦୀପାବଳିକୁ ଆଉ ଅଳ୍ପଦିନ ବାକିଥିବା ବେଳେ ଦୀପ ପ୍ରସ୍ତୁତିରେ ନିମଗ୍ନ ରହିଛନ୍ତି କୁମ୍ଭକାର। ତେବେ ଆଗଭଳି ଦୀପାବଳିରେ ମାଟିଦୀପର ଚାହିଦା ଦେଖିବାକୁ ମିଳୁ ନ ଥିବାରୁ ଦୀପ ନିର୍ମାଣ ଲାଗି କୁମ୍ଭକାରମାନଙ୍କ ମଧ୍ୟରେ ସେତେଟା ଆଗ୍ରହ ଦେଖିବାକୁ ମିଳୁନାହିଁ। ଅନେକ କୁମ୍ଭକାର କେବଳ କୌଳିକ ବୃତ୍ତିକୁ ବଞ୍ଚେଇ ରଖିବା ପାଇଁ ଦୀପ ନିର୍ମାଣ ଜାରି ରଖିଛନ୍ତି। ବର୍ତ୍ତମାନ ଆଧୁନିକତାର ଛାପ ଦୀପାବଳିରେ ଦେଖିବାକୁ ମିଳୁଛି। ଦୀପାବଳିରେ ଚାଇନା ଲାଇଟ୍, ଚାଇନା ଦୀପ ଓ ମହମବତି ଆଦିର ବହୁଳ ବ୍ୟବହାର ଦେଖିବାକୁ ମିଳୁଛି। ପୁରୀରେ ବାସ କରୁଥିବା କୁମ୍ଭାରପଡ଼ା, ବାଡ଼ସାହି ଜେନାପୁର, ଟିକରପଡ଼ା ଓ ନୂଆସାହିର ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ କୁମ୍ଭକାର ପରିବାର ଦୀପ ଗଢୁଛନ୍ତି। କୁମ୍ଭକାରମାନେ ବିଭିନ୍ନ ଡିଜାଇନ୍‌ର ଦୀପ ନିର୍ମାଣ କରୁଛନ୍ତି। ଅମାବାସ୍ୟା ଦୀପ, ଗୁଲି ଦୀପ, ନଖଦୀପ, ପାନପତ୍ର ଦୀପ ଆଦି ବିଭିନ୍ନ ପ୍ରକାର ଡିଜାଇନ୍‌ର ଦୀପ ତିଆରି କରାଯାଉଛି। ଏହାର ଦର ୫୦ ପଇସା, ୧ ଟଙ୍କାରୁ ନେଇ ୨୦ ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ କିଛି କୁମ୍ଭକାର ବରାଦ ମୁତାବକ ବହୁ ବଡ଼ ଦୀପ ମଧ୍ୟ ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ କୁମ୍ଭକାର ପରିବାରର ଆବାଳବୃଦ୍ଧବନିତା ଏହି କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। କୁମ୍ଭକାର ପରିବାରର ସଦସ୍ୟ ସବିତା ବିଶୋଇ କହିଛନ୍ତି, ଦୀପ ହେଉ କି ଯେକୌଣସି ମାଟିଜିନିଷ ହେଉ, ସେଥିପାଇଁ ମାଟିର ଆବଶ୍ୟକତା ହୋଇଥାଏ। ବର୍ତ୍ତମାନ ମାଟି ବାହାରୁ କିଣିବାକୁ ପଡୁଛି। ଗୋଟିଏ ଟ୍ରିପ୍ ମାଟିକୁ ୨ ହଜାର ଟଙ୍କା ପଡୁଛି। ଦୀପାବଳି ଲାଗି ଦୀପ ପ୍ରସ୍ତୁତି ପାଇଁ ଦୁଇ ଟ୍ରିପ୍ ମାଟି ୪ ହଜାର ଟଙ୍କା ଦେଇ କିଣାଯାଇଛି। ପୂର୍ବଭଳି ଦୀପର ଚାହିଦା ଆଉ ନାହିଁ। ବଜାରରେ ଚାଇନା ଦୀପ, ପ୍ଲାଷ୍ଟିକ୍ ଦୀପ ଆଦିର ଚାହିଦା ରହୁଛି। କେବଳ ବୃତ୍ତି ବଞ୍ଚେଇ ରଖିବା ପାଇଁ ମାଟିଦୀପ କରୁଛି। ସେହିପରି ଅନେକ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ଦୀପାବଳିକୁ ଆଖିଆଗରେ ରଖି ଦୀପ ପ୍ରସ୍ତୁତ କରୁଛନ୍ତି। ଗ୍ରୁପ୍‌ର ସଦସ୍ୟା ସ୍ୱର୍ଣ୍ଣଲତା ବିଶୋଇ କହିଛନ୍ତି, ଦୀପାବଳିକୁ ଦୃଷ୍ଟିରେ ରଖି ଦୁଇମାସ ଆଗରୁ ଦୀପ ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଦୀପ ଛୋଟ ଆକାରର ହୋଇଥିବା ହେତୁ ନିର୍ମାଣ ସମୟରେ ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ। ନିର୍ମାଣ ପାଇଁ ଯେତିକି ଖର୍ଚ୍ଚ ହେଉଛି ସେତିକି ମୂଲ୍ୟ ମିଳୁନାହିଁ। ମାତ୍ର କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାକୁ ପଡୁଛି। ଖାଲି ମାଟି ନୁହେଁ, ବାଲି ଏବଂ ଭାଟିରେ ଦୀପ ପୋଡ଼ିବା ପାଇଁ ଝାଟିଗୁଡ଼ିକର ମୂଲ୍ୟ ବୃଦ୍ଧି ପାଉଥିବାରୁ ଆସ୍ତେ ଆସ୍ତେ କୁମ୍ଭକାରମାନେ ବର୍ତ୍ତମାନ ମାଟି ଜିନିଷ ବିଶେଷକରି ଦୀପ ନିର୍ମାଣ କରିବାକୁ ପଛଘୁଞ୍ଚା ଦେଉଛନ୍ତି। କୁମ୍ଭକାରମାନଙ୍କ କୌଳିକ ବୃତ୍ତି ବଞ୍ଚାଇ ରଖିବା ପାଇଁ ସରକାରଙ୍କ ପକ୍ଷରୁ କୁମ୍ଭକାରଙ୍କୁ ସାହାଯ୍ୟ ଯୋଗାଇଦେଲେ ସେମାନେ ସେମାନଙ୍କ ବୃତ୍ତିକୁ ଆଗେଇ ନେଇପାରନ୍ତେ ବୋଲି ମତପ୍ରକାଶ ପାଇଛି।

# ମନମୁଖି କାର୍ଯ୍ୟ କରୁଛନ୍ତି ଡାକ୍ତର

ପୁରୀ, ୭।୧୧(ଅଜିତ ମହାନ୍ତି):

ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ନିଯୁକ୍ତି ପାଇଥିବା କେତେଜଣ ପ୍ରଫେସର ଏବଂ ଡାକ୍ତର ନିଜ ଇଚ୍ଛାନୁସାରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରୁଥିବା ଆଇନଜୀବୀ ଦିଲୀପ କୁମାର ବରାଳ ଅଭିଯୋଗ ଆଣିଛନ୍ତି। ଏ ନେଇ ସେ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଅଧୀକ୍ଷକଙ୍କୁ ଦାବିପତ୍ର ଦେଇଛନ୍ତି। ନିୟମ ଉଲ୍ଲଂଘନ କରୁଥିବା ପ୍ରଫେସର ଓ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବରାଳ ଦାବି କରିଛନ୍ତି। ବରାଳ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ନିଯୁକ୍ତି ପାଇଥିବା କେତେଜଣ ପ୍ରଫେସର, ଆସୋସିଏଟ୍ସ ପ୍ରଫେସର, ଆସିଷ୍ଟାଣ୍ଟ

**କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର**

ପ୍ରଫେସର ନିଜ ଇଚ୍ଛାନୁସାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରୁଛନ୍ତି। ଅନେକ ବିଭାଗର ପ୍ରଫେସର, ଆସୋସିଏଟ୍ସ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର ସପ୍ତାହକୁ ଦୁଇଦିନ କେବଳ ସକାଳବେଳା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ରୋଗୀଙ୍କୁ ଚିକିତ୍ସା କରୁଛନ୍ତି। ମାତ୍ର ଅପରାହ୍ଣରେ ଆସୁନାହାନ୍ତି। ଏପରିକି କେତେଜଣ ପ୍ରଫେସର, ଆସୋସିଏଟ୍ସ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର କାର୍ଯ୍ୟଦିବସରେ ମହାବିଦ୍ୟାଳୟ କିମ୍ବା ଚିକିତ୍ସାଳୟକୁ ନ ଆସି ଘରୋଇ ଚିକିତ୍ସାଳୟକୁ ଯାଇ ଅର୍ଥ ଉପାର୍ଜନ କରୁଥିବା ଜଣାପଡ଼ିଛି। ଫଳରେ ଗରିବ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବାକୁ ବରାଳ ଦାବି କରିଛନ୍ତି।

# ଶସ୍ୟ କାଟ ପାଇଁ ପ୍ରଶିକ୍ଷଣ ଶିବିର

ପୁରୀ, ୭।୧୧ (ଅଜିତ୍ ମହାନ୍ତି):

ଜିଲାସ୍ତରୀୟ ଖରିଫ ଧାନ ଶସ୍ୟ କାଟ ସମ୍ପର୍କରେ ଏକ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତଥା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଜିଲା ନୋଡାଲ ଅଫିସର ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରି ସ୍ୱଚ୍ଛତା ଓ ନିରପେକ୍ଷତାର ସହ ଶସ୍ୟ କାଟ ପାଇଁ ପରାମର୍ଶ ଦେଇଥିଲେ। ଜିଲାର ୨୬୮ ଗ୍ରାମପଞ୍ଚାୟତ ଓ ୪ଟି ସହରାଞ୍ଚଳରେ ଉକ୍ତ ଶସ୍ୟକାଟ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିବାର ଅବଗତ କରାଇଥିଲେ। ପୁରୀ ତହସିଲଦାର ଅଭିଷେକ ଦାସ, ମୁଖ୍ୟ ଜିଲା କୃଷି ଅଧିକାରୀ ମନୋଜ ମହାନ୍ତି ଓ ଯୋଜନା ଅଧିକାରୀ ଅଶୋକ ଦାସ ଏ ସମ୍ପର୍କରେ ବିଶେଷ ଭାବରେ ଆଲୋଚନା କରିଥିଲେ। କୃଷି ଜିଲା ଅଧିକାରୀ ବିଷ୍ଣୁ ଚରଣ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ, ଗ୍ରାମ୍ୟ କୃଷି ଅଧିକାରୀ, ରାଜସ୍ୱ ଓ ପରିସଂଖ୍ୟାନ ବିଭାଗର କ୍ଷେତ୍ର କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ।



ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀ ।

# 'ବିକଶିତ ରାଷ୍ଟ୍ର ଗଠନରେ ମତଦାତାଙ୍କ ପ୍ରମୁଖ ଭୂମିକା ରହିଛି'



ସାକ୍ଷୀଗୋପାଳ କଲେଜରେ ଭୋଟର ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର ।

ସାକ୍ଷୀଗୋପାଳ,୭।୧୧
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ସତ୍ୟବାଦୀ ପଞ୍ଚାୟତ ସମିତି ଆନୁକୂଲ୍ୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ସତ୍ୟଶିବ ସୁନ୍ଦର ମିଶ୍ର ସଭାପତିତ୍ୱ କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଏକ ସୁସ୍ଥ ବିକଶିତ ରାଷ୍ଟ୍ର ଗଠନରେ ଠିକ୍ ବ୍ୟକ୍ତି ଚୟନ ନିମନ୍ତେ ଠିକ୍ ମତଦାନ ପାଇଁ ମତଦାତାଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ମିଶ୍ର କହିଥିଲେ। ଏଥିସହ ନୂତନ ଭୋଟରଙ୍କୁ ଭାରତ ସରକାରଙ୍କ ପକ୍ଷରୁ କରାଯାଉଥିବା ପଞ୍ଜୀକରଣରେ ସାମିଲ ହେବାକୁ ଗୁରୁତ୍ୱ ଦେଇଥିଲେ। ଅଧ୍ୟାପକ ରତ୍ନାକର ସାହୁ, ମନୋଜ ପରିଡ଼ା, ଚନ୍ଦ୍ରଶେଖର ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଭୋଟ ଦାନ ପାଇଁ କିଭଳି ସଚେତନତା ସୃଷ୍ଟି କରାଯାଇ ଅଧିକ ମତଦାନ ହାର ବଢ଼ିପାରିବ, ସେନେଇ ପରାମର୍ଶ ଦେଇଥିଲେ। ସତ୍ୟବାଦୀ ଜିପିଓ ସୌଭାଗ୍ୟ ରଞ୍ଜନ କର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ଡ. ଶଙ୍କର୍ଷଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ରାସ୍ତାରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ବଳଙ୍ଗା,୭।୧୧(କେଦାରେଶ୍ୱର ନନ୍ଦ)

ସ୍ଥାନୀୟ ବଳଙ୍ଗା ବଜାରର ଲଙ୍କେଶ୍ୱରୀ ମନ୍ଦିର ଛକଠାରେ ମଙ୍ଗଳବାର ଅପରାହ୍ଣରେ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ସୂଚନା ମୁତାବକ, ସୋମବାର ବଳଙ୍ଗା ଥାନାରେ ନୂତନ ଘରର ଛାତ ପଡ଼ିବା ପାଇଁ ଠିକାଦାର ଭୁବନେଶ୍ୱରରୁ ଶ୍ରମିକଙ୍କୁ ଆଣିଥିଲେ। ଶ୍ରମିକଙ୍କ ସହିତ ଉକ୍ତ ବ୍ୟକ୍ତି କାମ କରିବାକୁ ଆସିଥିଲେ। ଛାତ ପଡ଼ି ସାରିବା ପରେ ସମସ୍ତେ ଗାଡ଼ିରେ ଉଠିବା ସମୟରେ ଉକ୍ତ ବ୍ୟକ୍ତିଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ତାଙ୍କୁ ନ ପାଇ ସମସ୍ତେ ଭୁବନେଶ୍ୱର ଫେରିଯାଇଥିଲେ। ପରେ ଠିକାଦାର ତାଙ୍କୁ ଖୋଜି କ୍ୟାମ୍ପକୁ ନେଇଥିଲେ। ହେଲେ ସକାଳୁ ସେ କ୍ୟାମ୍ପରେ ନ ଥିବା ଦେଖିବାକୁ ମିଳିଥିଲା। ପରେ ଲଙ୍କେଶ୍ୱରୀ ମନ୍ଦିର ରାସ୍ତାରେ ଜଣେ ବ୍ୟକ୍ତି ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦେଖିବାବେଳକୁ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା।

# 'ଯକ୍ଷ୍ମାମୁକ୍ତ ପଞ୍ଚାୟତ ପାଇଁ ଟିବି ଫୋରମ୍ ସଂକଳ୍ପବଦ୍ଧ'

ପୁରୀ, ୭।୧୧ (ଅଜିତ୍ ମହାନ୍ତି):

ଯକ୍ଷ୍ମା ରୋଗୀ ଚିହ୍ନଟ, ଆବଶ୍ୟକ ସେବା ମାଧ୍ୟମରେ ରୋଗମୁକ୍ତ ପ୍ରୟାସ ପାଇଁ ଟିବି ଫୋରମ୍ ସଙ୍କଳ୍ପବଦ୍ଧ ବୋଲି କହିଛନ୍ତି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ। ଡାକ୍ତର ଲଲାଟେନ୍ଦୁ ମିଶ୍ରଙ୍କ ଆବାହକତ୍ୱରେ ଜିଲା ଟିବି ଫୋରମ୍‌ର ସ୍ୱତନ୍ତ୍ର ସଭାରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ ସାହୁ କହିଛନ୍ତି ଯେ ଜିଲାର ସଂଖ୍ୟାଧିକ ପଞ୍ଚାୟତକୁ ଯକ୍ଷ୍ମାମୁକ୍ତ କରିବାପାଇଁ ଫୋରମ୍‌ର ସମସ୍ତ ଟିମ୍ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଆରମ୍ଭ କରିବା ଉଚିତ୍। ଯଦ୍ଦ୍ୱାରା କେନ୍ଦ୍ର ସରକାରଙ୍କଠାରୁ ବିଗତବର୍ଷ ରୌପ୍ୟ ପଦକ ପାଇଥିବା ପୁରୀ ଜିଲା ଚଳିତବର୍ଷ ସ୍ୱର୍ଣ୍ଣପଦକ ହାସଲ କରିପାରିବ। ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଡକ୍ଟର ଶରତ ଚନ୍ଦ୍ର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଜାତା ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଟି. ନାରାୟଣ ରାଓ, ଡାକ୍ତର ବାମଦେବ ମହାନ୍ତି, ଫୋରମ୍ ସଦସ୍ୟ ବଦ୍ରି ମିଶ୍ର ଓ ଗୁଣ୍ଡିଚା ବରାଳ, ଡାକ୍ତର ଅଶୋକ ମିଶ୍ର, ପ୍ରଣତି ମହାନ୍ତି, ସୁଦର୍ଶନ ଜେନା ପ୍ରମୁଖ ଯୋଗଦେଇ ଯକ୍ଷ୍ମାମୁକ୍ତ ପଞ୍ଚାୟତ, ନିକ୍ଷୟମିତ୍ର ଚିହ୍ନଟ ପ୍ରକ୍ରିୟାର ଦୃଢ଼ତା, ପୁଷ୍ଟିକର ଖାଦ୍ୟ ଯୋଗାଣ ଇତ୍ୟାଦି ସଂପର୍କ ଉପରେ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ପରେ କୁଷ୍ଠ ନିରାକରଣ ଉପରେ ଆଲୋଚନା କରାଯାଇ ରୋଗୀ ଚିହ୍ନଟ, ଆବଶ୍ୟକ ଔଷଧ ଯୋଗାଣ ତଥା ସଚେତନତା ସୃଷ୍ଟି ପାଇଁ ବିଭିନ୍ନ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ଡାକ୍ତର ବିରଜା ଶଙ୍କର ରଥ, ଡାକ୍ତର ଯସ୍ମିନ ଆରୋହ, ସୁନୀଲ୍ ସାମନ୍ତସିଂହାର, ରବିନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଦୈତାରୀ ପଟ୍ଟନାୟକ ଓ ଦେବାଶିଷ ମର୍ଦ୍ଦରାଜ ପରିଚାଳନା କରିଥିଲେ। ପ୍ରାରମ୍ଭରେ ପ୍ରାକ୍ତନ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କ ବିୟୋଗରେ ଶୋକସଭା କରାଯାଇଥିଲା।

# ଜିଲା ବିଜେଡି ସଭାପତିଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ପିପିଲି,(ଦୁର୍ଗାମାଧବ ମିଶ୍ର)/
ସାକ୍ଷୀଗୋପାଳ,(ଭରତ ରାଉତ/
ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର) ୭।୧୧

ଜିଲା ବିଜେଡି ସଭାପତି ତଥା ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି, ମନ୍ତ୍ରୀ, ପୂର୍ବତନ ପୁରୀ ବିଧାୟକ ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ସୋମବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ଭୁବନେଶ୍ୱରରୁ ପୁରୀ ଆଭିମୁଖ୍ୟ ସ୍ୱର୍ଗତ ମହାନ୍ତିଙ୍କ ପାର୍ଥିବ ଶରୀର ଯିବା ସମୟରେ ପିପିଲି ବିଜେଡି କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ସେଠାରେ ଅନେକ ବିଜେଡି କର୍ମୀଙ୍କ ଭିଡ଼ ଲାଗିଥିଲା। ଏଠାରେ ପିପିଲି ବିଧାୟକ ରୁଦ୍ର ମହାରଥୀ, ବ୍ଲକ ସଭାପତି ପ୍ରଫୁଲ୍ଲ ସ୍ୱାଇଁ, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁଙ୍କ ସମେତ ଅନ୍ୟ କର୍ମୀମାନେ ତାଙ୍କୁ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏଥିସହ ପଦଯାତ୍ରା କରି ପାର୍ଥିବ ଶରୀର ଗାଡ଼ିକୁ ପାଛୋଟି ନେଇଥିଲେ। ପରେ ସ୍ୱର୍ଗ ରଥ ସାକ୍ଷୀଗୋପାଳରେ ପହଞ୍ଚିଥିଲା। ସତ୍ୟବାଦୀ ବିଜେଡି ସଙ୍ଗଠନ ପକ୍ଷରୁ ବିଧାୟକ ଉମାକାନ୍ତ ସାମନ୍ତରାୟ ସତ୍ୟବାଦୀ ବ୍ଲକ ଛକ ନିକଟରେ ସ୍ୱର୍ଗତ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା, ବ୍ଲକ ବିଜେଡି ସଭାପତି ପ୍ରମୋଦ ରାଉତରାୟ, ଜିଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ, ଆମ୍ବ ଅଧ୍ୟକ୍ଷ ମହମ୍ମଦ ଜିକିରିଆ ଯୁବ ସଭାପତି ଶରତ ରାଉତରାୟ, ଛାତ୍ର ବିଜେଡି ସଭାପତି ଦିନେଶ ମହାପାତ୍ର, ଦଳୀୟ କର୍ମୀ ବାବୁଲି ଦାଶ, ପ୍ରଶାନ୍ତ ମହାପାତ୍ର, ଲଳିତ ମୋହନ ନାୟକ, ପ୍ରକାଶ ଖଟେଇ, ଦେବଦତ୍ତ ସାମନ୍ତରାୟଙ୍କ ସମେତ ସ୍ଥାନୀୟ ଜନସାଧାରଣ ସାମିଲ ହୋଇ ତାଙ୍କ ମର ଶରୀରରେ ପୁଷ୍ପାଞ୍ଜଳି ଅର୍ପଣ କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଅଚଳ ହୋଇପଡ଼ିଛି ପ୍ରାଣୀ ସହାୟକ କେନ୍ଦ୍ର

ଚାରିଛକ,୭।୧୧(ଶିଶିର ସ୍ୱାଇଁ)

ନିମାପଡ଼ା ବ୍ଲକ ଅଧୀନ ବାହାରଣା ଗ୍ରାମ ପଞ୍ଚାୟତରେ ଦୀର୍ଘ ୮ ବର୍ଷ ତଳେ ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ତଥା ବର୍ତ୍ତମାନର ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ପ୍ରାଣୀ ସହାୟକ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ତାହା ଦୀର୍ଘ ୭ ବର୍ଷ ହେବ ଅଚଳ ଅବସ୍ଥାରେ ପଡ଼ି ରହିଛି। କୌଣସି ଦିନ ବି ଡାକ୍ତର ଏଠାକୁ ଆସିଥିବା ଦେଖିବାକୁ ମିଳୁନି। ଫଳସ୍ୱରୂପ ଏ ଅଞ୍ଚଳବାସୀଙ୍କ ଗୋରୁ, ମଇଁଷି, ମେଣ୍ଢା, ଛେଳି ଆଦି ବିଭିନ୍ନ ରୋଗରେ ପ୍ରାଣ ହରାଉଛନ୍ତି। ଗୋମାତାର ସୁରକ୍ଷା ପାଇଁ ସରକାର ରାଜ୍ୟ ସାରା ଚର୍ଚ୍ଚାରେ ଥିବାବେଳେ ବାହାରଣାରେ ଗୋରୁଙ୍କ ମୃତ୍ୟୁ ସଂଖ୍ୟା ଅଧିକ ରହିଛି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଆକର୍ଷଣ କରି ପ୍ରାଣୀ ସୁରକ୍ଷାକେନ୍ଦ୍ରକୁ ଚଳଚଞ୍ଚଳ କରି ଡାକ୍ତରଙ୍କୁ ନିଯୁକ୍ତି ଦେଲେ ବହୁ ଜୀବଜନ୍ତୁ ମରଣ ମୁହଁରୁ ରକ୍ଷା ପାଇବେ ବୋଲି ଗ୍ରାମବାସୀ ସରକାରଙ୍କ ପାଖରେ ଗୁହାରି କରିଛନ୍ତି। ପଶୁ ସହାୟକ କେନ୍ଦ୍ରଟି ଅଚଳାବସ୍ଥା ଯୋଗୁ ଏହା ଏବେ ମଦ୍ୟପଙ୍କ ଆଡ୍ଡାସ୍ଥଳ ପାଲଟି ଗଲାଣି। ଏହି କେନ୍ଦ୍ରକୁ ତୁରନ୍ତ କାର୍ଯ୍ୟକ୍ରମ କରିବାକୁ ଗ୍ରାମବାସୀ ପ୍ରଶାସନକୁ ନିବେଦନ କରିଛନ୍ତି।



# ୩ ଦିନର ଶିଶୁ କନ୍ୟାଙ୍କୁ ଧରି ଥାନା ଆଗରେ ଧାରଣା

ଗୋପ, ୭।୧୧ (ଭାରତୀ ଭୂଷଣ ଉପାଧ୍ୟାୟ):

ସ୍ୱାମୀଙ୍କୁ ଜେଲ୍‌ରୁ ମୁକୁଳାଇବା ପାଇଁ ୩ ଦିନର ଶିଶୁକନ୍ୟାଙ୍କୁ ଧରି ଗୋପ ଥାନା ସମ୍ମୁଖରେ ମହିଳାଙ୍କ ଧାରଣ ଦେବା ଘଟଣା ଉକ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହାକୁ ସମର୍ଥନ ଜଣାଇ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ମହିଳା ମଧ୍ୟ ଧାରଣେ ଦେଇଥିଲେ। ଦୀର୍ଘ ୨ ଘଣ୍ଟା ପରେ ଥାନା ଅଧିକାରୀ ମହେଶ୍ୱର ସେଠୀଙ୍କ ପ୍ରତିଶ୍ରୁତି ମିଳିବା ପରେ ମହିଳାମାନେ ଧାରଣାସ୍ଥଳରୁ ଉଠିଥିଲେ। ପ୍ରକାଶ ଯେ, ଗତ ୫ ତାରିଖ ବିଳମ୍ବିତ ରାତିରେ ଗୋପ ବଜାର ନିକଟସ୍ଥ ତଳସାହି ଗ୍ରାମର ଯୁବକମାନେ ଗଜଲକ୍ଷ୍ମୀ ପୂଜା ଭସାଣୀ ଶେଷ କରି ଘରକୁ ଫେରୁଥିବା ବେଳେ ଗାଁ ରାସ୍ତାରେ ଥିବା ମୁସଲମାନ ସାହିର ଜଣଙ୍କର ବିବାହ ଉତ୍ସବ ଟେଣ୍ଟରେ ଟ୍ରାକ୍ଟର ବାଜିବାରୁ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ପରେ ଏହି ଘଟଣାକୁ ନେଇ ମାରପିଟ୍ ହେବାରୁ ଗୋଟିଏ ଗୋଷ୍ଠୀର ୩/୪ ଜଣ ମହିଳା ଆହତ ହୋଇଥିଲେ। ଗୋଟିଏ ଗୋଷ୍ଠୀର ଅଭିଯୋଗକୁ ନେଇ ପୋଲିସ କେସ୍ ନମ୍ବର ୪୪୮/୨୩ରେ


ଗିରଫ ଦାରିକୁ ବିରୋଧ କରି ଗୋପ ଥାନା ସମ୍ମୁଖରେ ମହିଳାଙ୍କ ବିକ୍ଷୋଭ ।

ମାମଲା ରୁଜୁ କରି ୮ ଜଣଙ୍କ ସହ ଜଣେ ନାବାଳକଙ୍କୁ ଗିରଫ କରିଥିଲା। ପରେ ଉଭୟଙ୍କ ମଧ୍ୟରେ ସମାଧାନ କରାଯିବା ଲାଗି ଉଦ୍ୟମ ହୋଇଥିଲେ ମଧ୍ୟ କୌଣସି ବାଟ ବାହାରି ନ ପାରିବାରୁ ଗିରଫ ହୋଇଥିବା ୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ତେବେ ଅପରଗୋଷ୍ଠୀର ଅଭିଯୋଗକୁ ନେଇ ପୋଲିସ କେସ୍ ନମ୍ବର ୪୪୯/୨୩ରେ ମାମଲା ରୁଜୁ କରିଥିଲେ ବି କାହାରିକୁ ଗିରଫ କରାନଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ତଳସାହି ନିକଟସ୍ଥ ସାପୁଆସାହି ଗ୍ରାମର ଦୀପକ କୁମାର ପଲାଇ ଉକ୍ତ ଘଟଣାରେ ସାମିଲ ନଥିଲେ ବି ତାଙ୍କୁ କାହିଁକି ଗିରଫ କରାଗଲା ସେ ନେଇ ଦୀପକଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ତାଙ୍କ ୩ଦିନର ଶିଶୁକନ୍ୟାଙ୍କୁ ଧରି ଧାରଣା ଦେଇଥିଲେ। ତାଙ୍କୁ ସମର୍ଥନ ଜଣାଇ ଗ୍ରାମର ଆଉ କେତେକ ମହିଳା ଧାରଣାରେ ବସିଥିଲେ। ପରେ ଥାନା ଅଧିକାରୀ ମହେଶ୍ୱର ସେଠୀ ଓ କେତେକ ଭଦ୍ର ଲୋକମାନେ ଆସି ବୁଝାସୁଝା କରିବାରୁ ମହିଳାମାନେ ଧାରଣାସ୍ଥଳରୁ ଉଠିଥିଲେ। ଏହି ଘଟଣାରେ ଥାନା ଅଧିକାରୀ କହିଛନ୍ତି, ଖୁବ୍‌ଶୀଘ୍ର ଘଟଣାର ସମାଧାନ କରାଯିବ।

## ଗୁଟ୍‌ଖା ବିକ୍ରି: ୬ ଦୋକାନ ସିଲ୍

କଟକ,(ସୁପ୍ରିୟା ପ୍ରିୟଦର୍ଶିନୀ): କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି)ରେ ଥିବା ବିଭିନ୍ନ ଦୋକାନରେ ଗୁଟ୍‌ଖା ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା। ଏ ନେଇ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଉକ୍ତ ଦୋକାନଗୁଡିକରେ ଚଢ଼ାଉ କରାଯାଇଥିଲା। ସେଠାରେ ୬ ଦୋକାନରୁ ବିପୁଳ ପରିମାଣର ଗୁଟ୍‌ଖା ଜବତ କରାଯାଇଥିଲା। ପରେ ସେହି ଦୋକାନଗୁଡିକୁ ସିଲ୍ କରାଯାଇଛି। ଏନ୍‌ଫୋର୍ସମେଣ୍ଟ ଟିମ୍ ଅଧିକାରୀ ପରେଶ ନାୟକଙ୍କ ନେତୃତ୍ୱରେ ଏହି ଚଢାଉରେ ସିଏନ୍‌ବିଟିର ମ୍ୟାନେଜର ପ୍ରଶାନ୍ତ କୁମାର ଦାସ, ବିଭୁତି ରାୟ, ରଞ୍ଜିତ ସାହୁଙ୍କ ସମେତ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ।

### ସଂକ୍ଷେପରେ

## ସିଏମ୍‌ସିର ୧୩ ଅଧିକାରୀଙ୍କୁ ନୂଆ ଦାୟିତ୍ୱ

କଟକ,୭।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

ଏଣିକି କଟକ ମହାନଗର ନିଗମ (ସିଏମ୍‌ସି)ର ସମସ୍ତ ବିଭାଗର ଫାଇଲ୍ ଦୁଇ ବରିଷ୍ଠ ଅଧିକାରୀଙ୍କ ଜରିଆରେ କମିଶନରଙ୍କ ଅନୁମୋଦନ ନିମନ୍ତେ ପଠାଯିବ। ଏଥିପାଇଁ ଅତିରିକ୍ତ କମିଶନର ଅନାମ ଚରଣ ପାତ୍ର ଓ ସୋନା ଟୁଡୁଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ସିଏମ୍‌ସିର ୧୩ ଜଣ ଅଧିକାରୀଙ୍କ ଦାୟିତ୍ୱ ଆବଣ୍ଟିତ କରାଯାଇଛି। ଯୁଗ୍ମ କମିଶନର ଅନିତା ପାତ୍ରଙ୍କୁ ନିର୍ବାଚନ ସଂକ୍ରାନ୍ତ, ପେନ୍‌ସନ୍, ଡେପୁଟି କମିଶନର ସଞ୍ଜିବୀତା ରାୟଙ୍କୁ ପରିମଳ, ଏନ୍‌ଏଲ୍‌ଏମ୍‌ଟି, ନଗର ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କୁ ସ୍ୱାସ୍ଥ୍ୟ ଓ ପରିମଳ, ଜନ୍ମ-ମୃତ୍ୟୁ, ଖାଦ୍ୟ ସୁରକ୍ଷା, ନଗର ଯନ୍ତ୍ରୀ ଅତନୁ କୁମାର ସାମନ୍ତଙ୍କୁ ସ୍ୱତନ୍ତ୍ର ପ୍ରକଳ୍ପ, ୱାର୍ଡ ଅଫିସ, ଅଭିଯୋଗ, ନିୟନ୍ତ୍ରଣ କକ୍ଷ, ଡେପୁଟି କମିଶନର ଅଜୟ ମହାନ୍ତିଙ୍କୁ ଏନ୍‌ଫୋର୍ସମେଣ୍ଟ, ସର୍ଭେ ଓ ଇଷ୍ଟେଟ, ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀଙ୍କୁ ସାମାଜିକ ସୁରକ୍ଷା ଯୋଜନା, ଏୟୁଏଲ୍‌ଏମ୍, ସହରାଞ୍ଚଳ ଘର, ଆହାର, ଜାଗା ମିଶନ ଦାୟିତ୍ୱ ଦିଆଯାଇଛି। ମଙ୍ଗଳବାର ସିଏମ୍‌ସି କମିଶନର ନିଖିଳ ପଓ୍ୱନ କଲ୍ୟାଣ ଏ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ଜାରି କରିଛନ୍ତି।

## ଏସ୍‌ସିବିରେ ଓପିଡି ସଂଖ୍ୟା ବୃଦ୍ଧି ପାଇବ

କଟକ,୭।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ସୁପରସ୍ପେଶାଲିଟି ଓପିଡି ସଂଖ୍ୟା ବୃଦ୍ଧି ପାଇଁ କର୍ତ୍ତୃପକ୍ଷ ଯୋଜନା କରିଛନ୍ତି। ଏନେଇ ମଙ୍ଗଳବାର ଏସ୍‌ସିବି ମେଡିକାଲରେ ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ତେବେ କେବେଠାରୁ କେମିତି ଭାବେ ଓପିଡିର ନବକଳେବର ହେବ ସେ ନେଇ ଖୁବ୍‌ଶୀଘ୍ର ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯିବ ବୋଲି ଅଧୀକ୍ଷକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏସ୍‌ସିବି ସୁପରସ୍ପେଶାଲିଟି ଓପିଡିରେ ଅସମ୍ଭାଳ ଭିଡ଼ ହେଉଛି। ଫଳରେ ରୋଗୀଙ୍କ ସୁବିଧା ପାଇଁ ହେପାଟୋଲୋଜି, ରୁମାଟୋଲୋଜି, ଗ୍ୟାଷ୍ଟ୍ରୋଲୋଜି, ଏଣ୍ଡରେକ୍ରୋନୋଲୋଜି ଭଳି ବିଭିନ୍ନ ବିଭାଗରେ ଓପିଡି ସଂଖ୍ୟା ବୃଦ୍ଧି ସହ ଓପିଡିକୁ କମ୍ପ୍ୟୁଟରାଇଜ୍ କରାଯିବ ବୋଲି ଜଣାପଡିଛି।

## ସିଏମ୍‌ସି ପ୍ଲାନିଂ, ଉନ୍ନୟନ ସ୍ଥାୟୀ କମିଟି ବୈଠକ

କଟକ,୭।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

ଗୃହ ନିର୍ମାଣ ନିୟମ ଖିଲାପକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ରାଜ୍ୟ ସରକାର ସର୍ବକ୍ଷମା ଯୋଜନା ଅଧୀନରେ ସମୁଦାୟ ୪ ହଜାର ୮୦ଟି ଆବେଦନ ଆସିଥିଲା। ସେଥିମଧ୍ୟରୁ ୨୨୩୦ଟି ଅବେଦନର ବିଚାର ହୋଇନାହିଁ। ଏହାକୁ ତୁରନ୍ତ ବିଚାର କରିବାକୁ ନିଷ୍ପତ୍ତି ନିଆଯାଉ ବୋଲି ସିଏମ୍‌ସି ବିଜୁଭବନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ କଟକ ମହାନଗର ନିଗମ (ସିଏମ୍‌ସି) ପ୍ଲାନିଂ ଓ ଉନ୍ନୟନ ସ୍ଥାୟୀ କମିଟି ବୈଠକରେ ଆଲୋଚନା ହୋଇଥିଲା। ସର୍ବକ୍ଷମା ଯୋଜନାରେ ବିଚାର ନିମନ୍ତେ ପଡ଼ିଥିବା ୨୨୩୦ ମାମଲାର ବିଭିନ୍ନ ନଥିପତ୍ରରେ ତ୍ରୁଟି ଥିବାରୁ ସେମାନଙ୍କ ମାଲିକଙ୍କୁ ନୋଟିସ ଦିଆଯିବ। ସେହିଭଳି ସମସ୍ତ ଫାଇଲଗୁଡ଼ିକ ସ୍ଥାୟୀ କମିଟି ଅଧ୍ୟକ୍ଷଙ୍କ ଜରିଆରେ ଅନୁମୋଦନ କରିବା ନିମନ୍ତେ କାଉନସିଲକୁ ପ୍ରସ୍ତାବ ଦିଆଯିବ। ଏହି ବୈଠକରେ ଅଧ୍ୟକ୍ଷ ଅଶୋକ କୁମାର ଶର୍ମା, ଅରୁନ୍ଧତି କର, ନଳିନୀ ବେହେରା, ପ୍ରଦୀପ କୁମାର ରାଉତ, ସଦସ୍ୟା ଲିପ୍ସା ନାୟକ, ସତ୍ୟ ରଞ୍ଜନ ତ୍ରିପାଠୀ, ଭାନୁ ସେନାପତି, ବିକାଶ ବେହେରା ଓ ପ୍ରଦୀପ୍ତ କିଶୋର ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ।

# ବାଜିବନି ଡିଜେ, ନିଶାମୁକ୍ତ ଶୋଭାଯାତ୍ରା

କଟକ,୭।୧୧(କାର୍ତ୍ତିକ ସାହୁ)


ବିଦ୍ୟାଧରପୁର କାଳୀପୂଜା ପ୍ରସ୍ତୁତି ବୈଠକରେ ବିଧାୟକ ସୌଭିକ୍ ବିଶାଳଙ୍କ ସମେତ ଅନ୍ୟମାନେ।

### ବିଦ୍ୟାଧରପୁର କାଳୀପୂଜା ପ୍ରସ୍ତୁତି ବୈଠକ

କଟକ ବିଦ୍ୟାଧରପୁରରେ କାଳୀପୂଜା ଓ ଭସାଣି ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସ୍ଥାନୀୟ ତାରିଣୀ ମଣ୍ଡପଠାରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଳୀପୂଜାକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରାଯିବା ସହ ଶୃଙ୍ଖଳିତ ଭସାଣି ଶୋଭାଯାତ୍ରା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ୧୨ ତାରିଖରେ କାଳୀପୂଜା ଓ ୨୧ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଶାନ୍ତିଶୃଙ୍ଖଳାର ସହ ଭସାଣି ଉତ୍ସବ ସମାପନ ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଅତିରିକ୍ତ ଡିସିପି ଅନିଲ ମିଶ୍ର ସୂଚନା ଦେଇଛନ୍ତି।

କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପୂଜା କମିଟି ଉପସଭାପତି ନଗେନ ମହାରଣା ସ୍ୱାଗତ ଭାଷଣ ଦେଇ କାଳୀପୂଜା ଏବଂ ଭସାଣିକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବା ନିମନ୍ତେ ସମସ୍ତ ପୂଜା ମଣ୍ଡପର କର୍ମକର୍ତ୍ତାଙ୍କୁ ନିବେଦନ କରିଥିଲେ। ଭସାଣି ଉତ୍ସବକୁ ନିଶାମୁକ୍ତ କରାଯିବା ସହ ଭସାଣିରେ ଡିଜେ ବାଜିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିବା ବିଦ୍ୟାଧରପୁର ପୂଜା କମିଟି ସଭାପତି ନୃସିଂହ ସାହୁ ପ୍ରକାଶ କରିଥିଲେ। କେତେକ ପୂଜା ମଣ୍ଡପର କର୍ମକର୍ତ୍ତା ରାତି ୧୦ଟା ପରେ ଭସାଣି ଉତ୍ସବରେ ବାଜାକୁ ଅନୁମତି ମିଳୁ ବୋଲି ପୋଲିସକୁ ନିବେଦନ କରିଥିଲେ। କଟକ ମହାନଗର ଶାନ୍ତି କମିଟି ସମ୍ପାଦକ ଭିକାରି ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟିର ନିରଞ୍ଜନ ସାହୁ, ପ୍ରଫୁଲ୍ଲ କୁମାର ସାହୁ ଯୋଗଦେଇ ବିଦ୍ୟାଧରପୁର କାଳୀପୂଜା ଶାନ୍ତିଶୃଙ୍ଖଳାର ସହ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ବିଧାୟକ ସୌଭିକ୍ ବିଶାଳ, କର୍ପୋରେଟର ବିଶ୍ୱବନ୍ଦିତା ପଣ୍ଡା, ତାପସ ସାମନ୍ତରାୟ, ଏସିପି କୃଷ୍ଣଚନ୍ଦ୍ର ସେଠୀ, ସିଆର୍‌ଆର୍‌ଆଇ ଥାନା ଅଧିକାରୀ କୃପାସିନ୍ଧୁ ବରାଡ, ପୂର୍ବାଞ୍ଚଳ ଶାନ୍ତି କମିଟି କୋଷାଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁ ପ୍ରମୁଖ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କମିଟି ସଭ୍ୟ ଦିଲ୍ଲୀପ ମହାରଣା, ଦେବଦତ୍ତ ପଣ୍ଡା, ସୁରେନ୍ଦ୍ର ଭୋଇ, କାହ୍ନୁ ଚରଣ ସ୍ୱାଇଁ, ଧୀରେନ୍ଦ୍ର ପଣ୍ଡା, ରଞ୍ଜିତ ଲେଙ୍କା, ରବୀନ୍ଦ୍ର ଚୌଧୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଧରପୁର ଅଞ୍ଚଳର ୩୦ଟି ପୂଜା ମଣ୍ଡପର କର୍ମକର୍ତ୍ତା ବୈଠକରେ ଉପସ୍ଥିତ ରହି ମତାମତ ଉପସ୍ଥାପନ କରିଥିଲେ। ରାଜେନ୍ଦ୍ର ଚୌଧୁରୀ ଧନ୍ୟବାଦ ଦେଇଥିଲେ।



କଟକ ବାଲିଯାତ୍ରା ଉପର ପଡିଆରେ ସାତସାହି କଟକ ନୃତ୍ୟୋତ୍ସବର ମଙ୍ଗଳବାର ଷଷ୍ଠ ସନ୍ଧ୍ୟାରେ ରୂପାୟନ ନୃତ୍ୟାନୁଷ୍ଠାନ ପକ୍ଷରୁ ପରିବେଷିତ ଓଡ଼ିଶୀ ନୃତ୍ୟ।

## ଆନିକଟ୍‌ରୁ ଆହତ ମାଛ ଧରାଳି ଉଦ୍ଧାର

କଟକ,୭।୧୧(କାର୍ତ୍ତିକ ସାହୁ)

କଟକସ୍ଥିତ ଯୋବ୍ରା ଆନିକଟ୍‌ରେ ଗଳିପଡ଼ି ଆହତ ହୋଇଥିବା ଜଣେ ମାଛ ଧରାଳିଙ୍କୁ ଚାଉଳିଆଗଞ୍ଜ ଅଗ୍ନିଶମ ବାହିନୀ ମଙ୍ଗଳବାର ଉଦ୍ଧାର କରିଛି। ସେ ହେଲେ ଯୋବ୍ରା ମଖିସାହିର ଟୁଟୁ ଦାସ(୫୦)। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ସବୁଦିନ ଭଳି ମଙ୍ଗଳବାର ଟୁଟୁ ଯୋବ୍ରା ବ୍ୟାରେଜର ଏକ ଗେଟ୍‌ରେ ଚଢ଼ି ମାଛ ଧରୁଥିଲେ। ଅପରାହ୍ଣ ପ୍ରାୟ ୧ଟାରେ ହଠାତ୍ ତାଙ୍କ ଗୋଡ଼ ଖସିଯିବାରୁ ସେ ଭାରସାମ୍ୟ ହରାଇ ଗେଟ୍ ତଳ ଭାଗରେ ଥିବା ଲୁହା ପ୍ଲେଟ୍ ଉପରେ ପଡ଼ିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଜୋର୍ ମାଡ଼ ହୋଇଥିଲା। ସ୍ଥାନୀୟ ଲୋକେ ଏହା ଦେଖିବା ପରେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ।


ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀ ପହଞ୍ଚି ଦଉଡି ସାହାଯ୍ୟରେ ଟୁଟୁଙ୍କୁ ଉଦ୍ଧାର କରି ଉପରକୁ ଆଣିଥିଲେ।

## ଆଲୋଚନା ବିଫଳ: ଧାରଣା ଜାରି

କଣ୍ଠାପଡା, ୭।୧୧(ସୁରନାରାୟଣ ସାହୁ)

କଣ୍ଠାପଡା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତରେ ହୋଇଥିବା ଅନିୟମିତତାର ତଦନ୍ତ ଓ ୧୩ ଦଫା ଦାବି ନେଇ ଉକ୍ତ ପଞ୍ଚାୟତର ନାଏବ ସରପଞ୍ଚଙ୍କ ସମେତ ୭ ଜଣ ୱାର୍ଡ ସଭ୍ୟାସଭ୍ୟ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ସକାଳୁ ଧାରଣାରେ ବସିଛନ୍ତି। ମଙ୍ଗଳବାର କଣ୍ଠାପଡା ତହସିଲଦାର ପ୍ରସନ୍ନ କୁମାର ସମନ୍ତରାୟ ଧାରଣାସ୍ଥଳରେ ପହଞ୍ଚି ଧାରଣାରତ ୱାର୍ଡ ସଭ୍ୟାସଭ୍ୟଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୯ ତାରିଖରେ ୧୪ ଦଫା ଦାବି ଉପରେ ତଦନ୍ତ କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ। ତେବେ ତହସିଲଦାରଙ୍କ ପ୍ରତିଶ୍ରୁତିକୁ ପ୍ରତ୍ୟାଖ୍ୟାନ କରି ସଭ୍ୟାସ୍ୟମାନେ ଧାରଣାରେ ବସି ରହିଛନ୍ତି। ସୂଚନାଯୋଗ୍ୟ, ଗତ ଅଗଷ୍ଟରେ ୧୪ଦଶ ଅର୍ଥ କମିଶନ ପାସ୍‌ବୁକରୁ ଉଠାଯାଇଥିବା ୯ଲକ୍ଷ ୨୦ ହଜାର ୯୭୨ ଟଙ୍କା ଖର୍ଚ୍ଚର ହିସାବ, ପଞ୍ଚାୟତ ମାସିକ ବୈଠକ ନୋଟିସ୍‌ରେ ନିର୍ବାହୀ ଅଧିକାରୀ ଦସ୍ତଖତ କରିବା, ବୈଠକରେ ମାସିକ ଆୟବ୍ୟୟର ମିଥ୍ୟା ବିବରଣୀ ପ୍ରଦାନ କରାଯିବା, ହରିଶ୍ଚନ୍ଦ୍ର ଯୋଜନା ଅର୍ଥର ହିସାବ ସମେତ ଅନ୍ୟାନ୍ୟ ଦାବି ନେଇ ଧାରଣା ଦିଆଯାଇଛି। ନାଏବ ସରପଞ୍ଚ ସରିତା ନାୟକ, ୱାର୍ଡ ସଭ୍ୟା ପ୍ରମିଳା ଭୋଇ, ମମତା ମୁଦୁଲି(୨୦), ନିରଞ୍ଜନ ମଲ୍ଲିକ, ମମତା ମୁଦୁଲି(୩), ୱାର୍ଡସଭ୍ୟ ନରୋତ୍ତମ ମହାନ୍ତି ଓ ଉମା ଦାସ ଧରଣାରେ ବସି ରହିଛନ୍ତି।

## ବୈଠକକୁ ସମିତି ସଭ୍ୟାଙ୍କୁ ଡକା ନ ଯିବା ଅଭିଯୋଗ: ଉତ୍ତର ଦେଲେ ପିଇଓ

କଟକ ସଦର,୭।୧୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଧରିଣା ପଞ୍ଚାୟତର ମାସିକିଆ ସାଧାରଣ ବୈଠକରେ ସମିତି ସଭ୍ୟାଙ୍କୁ ଡକାଯାଉନାହିଁ ବୋଲି ସୋମବାର କଟକ ଜିଲାପାଳ ନରହରି ସେଠୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ(ପିଇଓ) ତାଙ୍କୁ ଜାଣିଶୁଣି ଡାକୁନାହାନ୍ତି ବୋଲି ସମିତି ସଭ୍ୟା ସସ୍ମିତା ଦାଶ କରିଥିବା ଅଭିଯୋଗର ଉତ୍ତର ସମ୍ପୃକ୍ତ ପିଇଓ ଅଜୟ ସେଠୀ ବିଡ଼ିଓଙ୍କ ମାଧ୍ୟମରେ ଜିଲାପାଳଙ୍କୁ ଜଣାଇଛନ୍ତି। ପ୍ରତିମାସର ଏକ ନିର୍ଦ୍ଦିଷ୍ଟ ତାରିଖରେ ପଞ୍ଚାୟତ ବୈଠକ ସମ୍ପର୍କରେ ଅନ୍‌ଲାଇନ୍‌ରେ ସୂଚନା ଦିଆଯାଇଥାଏ। ଯଦି ସମିତି ସଭ୍ୟା ଦାଶ ଏ ସମ୍ପର୍କରେ ଅବଗତ ନ ଥାଆନ୍ତି, ତା'ହେଲେ ଏନେଇ ଲିଖିତ ଭାବେ ଜଣାଇ ଦିଆଯିବ। ସେହି ନିର୍ଦ୍ଦିଷ୍ଟ ତାରିଖରେ ସଭ୍ୟା ପଞ୍ଚାୟତ ସମ୍ମିଳନୀ କକ୍ଷକୁ ଆସି ଆଲୋଚନାରେ ଅଂଶଗ୍ରହଣ କରିପାରିବେ ବୋଲି ପିଇଓ ସେଠୀ ଜଣାଇଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ୍‌ର ସଂଶୋଧନ କରାଯାଇ ୨୦୦୨ ମସିହାରୁ ସମିତି ସଭ୍ୟାସଭ୍ୟମାନେ ଗ୍ରାମପଞ୍ଚାୟତ ବୈଠକରେ ବସିବା ପାଇଁ ନୋଟିସ ଦିଆଯିବ ବୋଲି ନିୟମ କରାଯାଇଛି। ଏହାକୁ ସମସ୍ତ ପଞ୍ଚାୟତରେ ପାଳନ କରାଯିବ। ନୋଟିସ ଦିଆଯାଉଛି କି ନାହିଁ ତାହାର ତଦାରଖ ବ୍ଲକ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ କରିବାର ନିୟମ ରହିଛି।

## ବିଧାୟକଙ୍କ ଗିରଫ ଦାବି କଲା ଭାଜପା


ଡିଜିପିଙ୍କୁ ଭେଟିବାକୁ ଆସିଥିବା ଭାଜପା ପ୍ରତିନିଧିମଣ୍ଡଳୀ।

କଟକ,୭।୧୧ (କାର୍ତ୍ତିକ ସାହୁ)

### ଅମ୍ବାଭୋନା ଥାନା ଭଙ୍ଗାରୁଜା ଘଟଣା

### ■ଡିଜିପିଙ୍କୁ ଦାବିପତ୍ର

ବରଗଡ଼ ଜିଲା ଅମ୍ବାଭୋନା ଥାନା ଭଙ୍ଗାରୁଜା ଘଟଣାରେ ସମ୍ପୃକ୍ତି ଥିବା ଅଭିଯୋଗ କରି ଭଟ୍ଲି ବିଧାୟକ ସୁଶାନ୍ତ ସିଂଙ୍କ ଗିରଫ ଦାବି କରାଯାଇଛି। ଭାଜପା ପକ୍ଷରୁ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଡିଜିପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭାଜପା ପ୍ରତିନିଧି ଡିଜିପିଙ୍କୁ ଭେଟି ମାମଲାର ଉପଯୁକ୍ତ ତଦନ୍ତ ସହ ଅଭିଯୁକ୍ତଙ୍କ ପ୍ରତି ପୋଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ଆଲୋଚନା କରିଥିଲେ। ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ଗଣମାଧ୍ୟମ ମୁଖ୍ୟ ଦିଲ୍ଲୀପ ମଲ୍ଲିକ, ମୁଖପାତ୍ର ଠାକୁର ରଞ୍ଜିତ ଦାସ, ରାଜ୍ୟ ଗଣମାଧ୍ୟମ ସହ ମୁଖ୍ୟ ସୁଜିତ କୁମାର ଦାସ, ଲଲାଟେନ୍ଦୁ ବଡୁ, ରାଜ୍ୟ ସଂଖ୍ୟା ଲଘୁ ମୋର୍ଚ୍ଚା ସଭାପତି ସିକନ୍ଦର ଅଲ୍ଲୀ, ପୂର୍ବତନ ମହିଳା ମୋର୍ଚ୍ଚା ରାଜ୍ୟ ସଭାପତି ସ୍ମୃତି ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପବିତ୍ର ଦାଶ, ଶ୍ରୀତମ ଦାସ, ବିଶ୍ୱରଞ୍ଜନ ମିଶ୍ର, ନଳିନୀ ରାୟ, ସତ୍ୟବ୍ରତ ମିଶ୍ର, ହରିଚନ୍ଦନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଦକ୍ଷତା ବୃଦ୍ଧି ତାଲିମ ଶିବିର ଉଦ୍‌ଘାଟିତ

କଟକ,୭।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

### ୧୩ ଦିନରେ ତାଲିମ ନେବେ ୨୫୨ କର୍ମକର୍ତ୍ତା

କଟକ ମହାନଗର ନିଗମ (ସିଏମ୍‌ସି)ପକ୍ଷରୁ ସ୍ଥାନୀୟ ଉତ୍ତର ଦେଉଳସାହି ତାଲିମ କେନ୍ଦ୍ରରେ ବସ୍ତିବାସିନ୍ଦା ସଂଘ(ଏସ୍‌ଡିଏ) କର୍ମକର୍ତ୍ତାମାନଙ୍କୁ ନେଇ ଦକ୍ଷତା ବୃଦ୍ଧି ତାଲିମ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି ମେୟର ସୁବାସ ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। ମଙ୍ଗଳବାଠାରୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ୫୯ଟି ୱାର୍ଡରେ ଥିବା ଏସ୍‌ଡିଏର ୨୫୨ କର୍ମକର୍ତ୍ତାଙ୍କୁ ନେଇ ଏହି ତାଲିମ କାର୍ଯ୍ୟକ୍ରମ କରାଯିବ। ପ୍ରଥମ ଦିନରେ ୧ରୁ ୫ ନମ୍ବର ୱାର୍ଡର ୧୯ଟି ଏସ୍‌ଡିଏ କର୍ମକର୍ତ୍ତାଙ୍କୁ ତାଲିମ ଦିଆଯାଇଥିଲା । ଏହି ତାଲିମ ଦ୍ୱାରା ଏସ୍‌ଡିଏର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ, ସଭାପତି, ସମ୍ପାଦକ ଏବଂ କୋଷାଧ୍ୟକ୍ଷ ଭାବେ ସେମାନେ ନିଜର ଦାୟିତ୍ୱ, କର୍ତ୍ତବ୍ୟ ଏବଂ ଭୂମିକା ସମ୍ପର୍କରେ ଅବଗତ ହୋଇପାରିବେ ବୋଲି ମେୟର ସିଂ କହିଥିଲେ । ସେହିପରି ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ କହିଥିଲେ, ବସ୍ତିବାସିନ୍ଦା ସଂଘର କର୍ମକର୍ତ୍ତା ବସ୍ତିରେ ଥିବା ସମ୍ପତ୍ତିଗୁଡିକ ବ୍ୟବହାର ପାଇଁ ପ୍ରାପ୍ତ ଅର୍ଥର ହିସାବ ରଖିବା ସହ ବ୍ୟାଙ୍କ୍ ଖାତାରେ ଜମା ରଖିବେ। ଫଳରେ ସେମାନଙ୍କ ମଧ୍ୟରେ ନେତୃତ୍ୱ ନେବାର ଦକ୍ଷତା ବଢ଼ିବ, ଜୀବନ ଜୀବିକା କ୍ଷେତ୍ର ଉନ୍ନତ ହୋଇପାରିବ ଏବଂ ସେମାନେ ଆର୍ଥିକ ସାକ୍ଷର ହୋଇ ବ୍ୟାଙ୍କ୍ ଜମା ଖାତାରେ ଠିକ୍ ପରିଚାଳନା ମଧ୍ୟ କରିପାରିବେ।

ଏହି କାର୍ଯ୍ୟକ୍ରମରେ ଡେପୁଟି କମିଶନର (ବସ୍ତି ଉନ୍ନୟନ ଅଧିକାରୀ) ଶ୍ୱେତପଦ୍ମା ଡି. ଶତପଥୀ, ଡେପୁଟି ମେୟର ଦମୟନ୍ତୀ ମାଝି, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ପ୍ରଳୟା ବେଉରା, କର୍ପୋରେଟର ଭାନୁ ସେନାପତି, ପୁଷ୍ପିତା ମହାନ୍ତି, ପ୍ରଦୀପ କୁମାର ରାଉତ, ପ୍ରିୟମ୍ବଦା ମହାନ୍ତି, ପ୍ରିୟମ୍ବଦା ସ୍ୱାଇଁଙ୍କ ସମେତ ସିଏମ୍‌ସି ଅଧିକାରୀମାନେ ଉପସ୍ଥିତ ଥିଲେ।

## ବାଲିଯାତ୍ରାରେ ଖୋଲିବ ଚାରା ଷ୍ଟଲ୍

କଟକ,୭।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

### ପାର୍କ, ପ୍ଲାଣ୍ଟେଶନ ସ୍ଥାୟୀ କମିଟି ବୈଠକ

ଚଳିତବର୍ଷ ବାଲିଯାତ୍ରାରେ ଚାରା ଷ୍ଟଲ ଖୋଲାଯିବ। ସେଠାରେ ବିଭିନ୍ନ ପ୍ରକାର ଚାରା ବିକ୍ରି କରିବାକୁ କଟକ ମହାନଗର ନିଗମ(ସିଏମ୍‌ସି) ଲକ୍ଷ୍ୟ ରଖିଛି। ସବୁଜ କଟକ ଗଠନ ଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବ। ଏନେଇ ମଙ୍ଗଳବାର ସିଏମ୍‌ସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସିଏମ୍‌ସି ପାର୍କ ଓ ପ୍ଲାଣ୍ଟେଶନ ସ୍ଥାୟୀ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ସହରର ବିଭିନ୍ନ ସ୍ଥାନରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଉଦ୍ୟାନଗୁଡ଼ିକର ସୌନ୍ଦର୍ଯ୍ୟକରଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଉଦ୍ୟାନର ସୌନ୍ଦର୍ଯ୍ୟକରଣ ନିମନ୍ତେ ସ୍ୱତନ୍ତ୍ର ବ୍ୟୟବରାଦ କରିବାକୁ ଦାବି କରାଯାଇଥିଲା। କମିଟି ଅଧ୍ୟକ୍ଷା ତଥା କର୍ପୋରେଟର ମୋନାଲିସା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଡେପୁଟି କମିଶନର ଅଜୟ ମହାନ୍ତିଙ୍କ ସମେତ ବିଭାଗୀୟ ଅଧିକାରୀ ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଏଥରର ଆକର୍ଷଣ ଥ୍ରି-ଡି ଇଫେକ୍ଟ, ଫାୟାର ଶୋ

କଟକ,୭।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

### ବାଲିଯାତ୍ରା ପ୍ରସ୍ତୁତି

### ■ରାଜ୍ୟ ବୁଲିବ ପ୍ରଜ୍ଞାପନ ମେଢ଼

ଚଳିତବର୍ଷ ବାଲିଯାତ୍ରାରେ ଡିଜିଟାଲ ଥ୍ରି-ଡି ଇଫେକ୍ଟ ଶୋ ଦେଖିବାକୁ ମିଳିବ। ଗତବର୍ଷ ଲେଜର ଲାଇଟ୍ ଶୋ ବଦଳରେ ନୂଆ ଆକର୍ଷଣୀୟ କାର୍ଯ୍ୟକ୍ରମ କରାଯିବ। ଥ୍ରି-ଡି ଇଫେକ୍ଟ ଶୋ ପାଇଁ ଏକ ବଡ଼ ଅସ୍ଥାୟୀ ହଲ୍ ବ୍ୟବସ୍ଥା କରାଯିବ। ଏହି ହଲ୍ ମଧ୍ୟରେ ବିଭିନ୍ନ ବିଷୟବସ୍ତୁ ପ୍ରଦର୍ଶିତ ହେବ। ସେହିପରି ଫାୟାର ଶୋ' ସହ ସବୁଜ ବାଣ ଶୋ' ଦେଖାଇବାର ଯୋଜନା ମଧ୍ୟ ରହିଛି। ଏଥିସହ ସେଲଫି ଜୋନ୍, ଆର୍ଟ ୱାଲ, ଦୁଇଟି ସ୍ୱାଗତ ତୋରଣ ଦେଖିବାକୁ ମିଳିବ। ସେହିପରି ବାଲିଯାତ୍ରା ସମ୍ପର୍କରେ ବାର୍ତ୍ତା ନେଇ ରାଜ୍ୟରେ ପ୍ରଜ୍ଞାପନ ମେଢ଼ ବୁଲାଇବା ନିମନ୍ତେ ଯୋଜନା କରାଯାଇଛି। ଏନେଇ ସିଏମ୍‌ସି ବିଜୁଭବନ ପରିସରରେ ଅନୁଷ୍ଠିତ ଟେଣ୍ଡର ମନୋନୟନ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବାଲିଯାତ୍ରାରେ ଏସବୁ ନୂଆ ଶୋ କରିବା ନିମନ୍ତେ ଇ-ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିପାଇଁ ୩ଟି ବାହାର ସଂସ୍ଥା ଭାଗ ନେବା ସହ ସେମାନେ କିଭଳି ବାଲିଯାତ୍ରାରେ ନୂଆ ଅତ୍ୟାଧୁନିକ ଶୋ ଦେଖାଇପାରିବେ ତା'ର ଏକ ଝଲକ ପାୱାର ପଏଣ୍ଟ ଜରିଆରେ ଦେଖାଇଥିଲେ। ଟେଣ୍ଡରର ଟେକ୍ନିକାଲ ବିଡ୍ ଖୋଲାଯିବା ପରେ ଭାଗ ନେଇଥିବା ୩ଟି ସଂସ୍ଥାରୁ ମୁମ୍ବାଇ ଓ ଦିଲ୍ଲୀର ସଂସ୍ଥା ଟେକ୍ନିକାଲ ବିଡିରେ ମନୋନୀତ ହୋଇଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ବାଲିଯାତ୍ରାକୁ ଉତ୍ସବ ମୁଖର କରିବାକୁ ଜିଲା ପ୍ରଶାସନ ଠାରୁ ପାଦେ ଆଗକୁ ଯାଇ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ନୂଆ ଯୋଜନାମାନ ପ୍ରସ୍ତୁତ କରାଯାଇଛି। ନୂତନ ଜ୍ଞାନକୌଶଳ ପ୍ରଦର୍ଶନ ସହ ଲୋକଙ୍କ ମନୋରଞ୍ଜନ ଯେଭଳି ହେବ ସେଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।



ଇସ୍ରାଏଲ୍‌ର ବର୍ବରୋଚିତ ଆକ୍ରମଣ ବିରୋଧରେ ଓ ତୁରନ୍ତ ଯୁଦ୍ଧ ବନ୍ଦ ଦାବିରେ ସିପିଆଇ ପକ୍ଷରୁ ମଙ୍ଗଳବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଦେଶବ୍ୟାପୀ ପାଲେଷ୍ଟାଇନ୍ ସଂହତି ଦିବସ ପାଳନ।



କଟକ ନେତାଜୀ ବସ୍ ଟର୍ମିନାଲ ଭିତରେ ଅଫିସ୍ ଗୃହ ଓ ଟିକେଟ୍ ବୁକିଂ କାଉଣ୍ଟର ଯୋଗାଇ ଦେବା ଦାବିରେ ବାଦାମବାଡି କଟକ ମୋଟର କର୍ମଚାରୀ ୟୁନିୟନ ପକ୍ଷରୁ ମଙ୍ଗଳବାର ବସ୍ ଟର୍ମିନାଲ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭା।

# ୫–ଟି ଅଧ୍ୟକ୍ଷଙ୍କୁ ଭେଟିଲେ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା



ଭୁବନେଶ୍ୱର,୭।୧୧(ଅନିଲ ଦାସ)

ବିଭିନ୍ନ ସରକାରୀ ଓ ବେସରକାରୀ ସଂଘର କର୍ମକର୍ତ୍ତା ମଙ୍ଗଳବାର ନବୀନ ନିବାସଠାରେ ୫–ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ.ପାଣ୍ଡିଆନଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇଛନ୍ତି। ଲିଙ୍ଗିପୁର ସନ୍ଥବିହାର ଉନ୍ନୟନ ସମିତିର କର୍ମକର୍ତ୍ତା, ଏସ୍‌ସି ଏସ୍‌ଟି ବିଭାଗ କର୍ମକର୍ତ୍ତାଙ୍କ ସମେତ ପ୍ରାୟ ୮ଟି ସଙ୍ଗଠନର କର୍ମକର୍ତ୍ତା ଭେଟି ଶୁଭେଚ୍ଛା ଜଣାଇଛନ୍ତି। ପାଣ୍ଡିଆନ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେବା ସହ ଓଡ଼ିଶାର ବିକାଶକୁ ଆହୁରି ଆଗକୁ ନେବା ଲାଗି ସହଯୋଗ କରିବାକୁ ପରାମର୍ଶ ଦେଇଛନ୍ତି। ସଙ୍ଗଠନର କର୍ମକର୍ତ୍ତାମାନେ ରାଜ୍ୟର ବିକାଶରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ପୁରସ୍କୃତ ହେଲେ ୩୪ ଛାତ୍ରୀଛାତ୍ର



## ରାଜ୍ୟସ୍ତରୀୟ ଶିଶୁ ଉତ୍ସବ 'ମହକ'

ଭୁବନେଶ୍ୱର, ୭।୧୧(ଅସମାପିକା ସାହୁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଶିଶୁ ଉତ୍ସବ 'ମହକ'ର ମଙ୍ଗଳବାର ଦ୍ୱିତୀୟ ଦିନରେ ପୁରସ୍କାର ବିତରଣ କରାଯାଇଥିଲା। ରାଜ୍ୟର ୨୨୮ ଶିଶୁ ଯତ୍ନ ଅନୁଷ୍ଠାନରୁ ଆସିଥିବା ୫୧୧ ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୩୪ ଜିଲାସ୍ତରୀୟ ବିଜେତାଙ୍କୁ ପୁରସ୍କୃତ କରାଯାଇଛି। ସଙ୍ଗୀତ, ଗ୍ରୁପ୍ ଡ୍ୟାନ୍ସ, ବିତର୍କ, ଚିତ୍ର ଓ କୁଇଜ ଆଦି ବିଭାଗରେ ଏହି ବିଜେତାଙ୍କ ମଧ୍ୟରୁ ୧୬ ସିନିୟର ଓ ୧୮ ଜୁନିୟର ବର୍ଗର। ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଶୁଭା ଶର୍ମା ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ ଦିନର ମୁଖ୍ୟ ଆକର୍ଷଣ ଥିଲେ ଓଲିଉଡ୍‌ର ସୁପରିଚିତ ଗାୟିକା ଦୀପ୍ତିରେଖା ପାଢ଼ୀ ଏବଂ ଅଭିନେତା ସ୍ୱରାଜ ବାରିକ। ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ରେଗା ଗୀତାରାଣୀ ପଟ୍ଟନାୟକ ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ଶିଶୁ ସୁରକ୍ଷା ସମିତିର ପ୍ରବନ୍ଧକ ପ୍ରୀତିକାନ୍ତ ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ।

# ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ କଲ୍‌ଚରାଲ ଫ୍ୟୁଜନ୍




ଭୁବନେଶ୍ୱର,୭।୧୧(ବନ୍ଦନା ସେଠୀ)

ଭାରତ ସ୍କାଉଟ୍ସ ଓ ଗାଇଡ୍ସ ସଂସ୍ଥାର ପ୍ରତିଷ୍ଠା ଦିବସ ଅବସରରେ ମଙ୍ଗଳବାର ଓଡ଼ିଶା ଶାଖା ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ କଲ୍‌ଚରାଲ ଫ୍ୟୁଜନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୬ ଜିଲାରୁ ୬ଶହ ସ୍କାଉଟ୍ ଓ ଗାଇଡ୍ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଅନ୍ୟାନ୍ୟ ମନ୍ତ୍ରୀ ଏବଂ ବିଭିନ୍ନ କାର୍ଯ୍ୟାଳୟରେ ଅଧିକାରୀଙ୍କୁ ଭେଟି ସ୍କାଉଟ୍ ଓ ଗାଇଡ୍ ପତାକା ଦେଇଥିଲେ। ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡ. କାଳୀପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ପରିଚାଳିତ କାର୍ଯ୍ୟକ୍ରମକୁ ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ ସଭାପତି ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ, ଉପସଭାପତି ଏବଂ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତି ବେହେରା ଯୋଗଦେଇ କ୍ୟାମ୍ପର ସଫଳତା କାମନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାସ୍ଥ୍ୟ ଚିକିତ୍ସାରେ ରେଡିଓଲୋଜି

## ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ



ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ ହେଉଛି ଏକ ବାର୍ଷିକ କାର୍ଯ୍ୟକ୍ରମ, ଯାହା ଆଧୁନିକ ସ୍ୱାସ୍ଥ୍ୟସେବାରେ ମେଡିକାଲ ଇମେଜିଙ୍ଗର ଭୂମିକାକୁ ପ୍ରୋତ୍ସାହିତ କରିଥାଏ। ଏହି ଦିବସ ପ୍ରତିବର୍ଷ ନଭେମ୍ବର ୮ରେ ପାଳନ କରାଯାଇଥାଏ ଏବଂ ଏକ୍ସ–ରେ ଆବିଷ୍କାର ବାର୍ଷିକୀ ସହିତ ପାଳନ କରାଯାଇଥାଏ। ୟୁରୋପୀୟ ସୋସାଇଟି ଅଫ ରେଡିଓଲୋଜି, ଉତ୍ତର ଆମେରିକା ରେଡିଓଲୋଜିକାଲ ସୋସାଇଟି ଏବଂ ଆମେରିକୀୟ ରେଡିଓଲୋଜି କଲେଜର ମିଳିତ ପଦକ୍ଷେପ ଭାବରେ ଏହା ପ୍ରଥମେ ୨୦୧୨ରେ ପାଳନ କରାଯାଇଥିଲା। ଅନ୍ତର୍ଜାତୀୟ ରେଡିଓଲୋଜି ଦିବସକୁ ବିଶ୍ୱର ପ୍ରାୟ ୨୦୦ ସଂସ୍ଥା ଦ୍ୱାରା ସ୍ୱୀକୃତି ଦିଆଯାଇ ପାଳନ କରାଯାଉଛି। ଭାରତର ମଧ୍ୟପ୍ରଦେଶର ରେଡିଓଗ୍ରାଫର୍ସ ଆସୋସିଏଶନ ଏହି ଦିବସକୁ ୧୯୯୬ ମସିହାରୁ ପାଳନ କରିଆସୁଛି।

ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ ୟୁରୋପୀୟ ରେଡିଓଲୋଜି ଦ୍ୱାରା ୨୦୧୧ରେ ଆରମ୍ଭ କରାଯାଇଥିଲା। ୱିଲହେମ କୋନରାଡ ରୋଣ୍ଟଜେନଙ୍କ ମୃତ୍ୟୁ ବାର୍ଷିକୀକୁ ସ୍ମରଣୀୟ କରିବା ପାଇଁ ୧୦ ଫେବୃୟାରୀ ୨୦୧୧ରେ ପ୍ରଥମ ୟୁରୋପୀୟ ରେଡିଓଲୋଜି ଦିବସ ଅନୁଷ୍ଠିତ ହୋଇଥିଲା। ୟୁରୋପୀୟ ସୋସାଇଟି ଅଫ ରେଡିଓଲୋଜି ଦିବସର ସଫଳତା ପରେ ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ ପାଳନ ପାଇଁ ପ୍ରୟାସ ଆରମ୍ଭ ହୋଇଥିଲା। ଏହା ମଧ୍ୟ ସ୍ଥିର ହୋଇଥିଲା ଦିବସର ତାରିଖ ରୋଣ୍ଟଜେନଙ୍କ ମୃତ୍ୟୁ ବାର୍ଷିକୀରୁ ଏକ୍ସ–ରେ ଆବିଷ୍କାର ତାରିଖକୁ ସ୍ଥାନାନ୍ତରିତ କରାଯିବା ଉଚିତ। ୨୮ ନଭେମ୍ବର ୨୦୧୧ରେ ଚିକାଗୋରେ ବାର୍ଷିକ ବୈଠକ ସମୟରେ ଏହା ଉପରେ ଆଲୋଚନା ହୋଇଥିଲା।

୮ ନଭେମ୍ବର ୧୮୯୫ରେ ୱିଲହେମ କୋନରାଡ ରୋଣ୍ଟଜେନ କ୍ୟାଥୋଡ ରଶ୍ମି ଅନୁସନ୍ଧାନ କରିବା ସମୟରେ ଏକ୍ସ–ରେ ଆବିଷ୍କାର କରିଥିଲେ ଏବଂ ରେଡିଓଲୋଜିର ଡାକ୍ତରୀ ଚିକିତ୍ସା ପାଇଁ ମୂଳଦୁଆ ପକାଇଲେ। ଏହି ଆବିଷ୍କାର ଇମେଜିଙ୍ଗର ବିଭିନ୍ନ ପଦ୍ଧତିକୁ ଅନ୍ତର୍ଭୁକ୍ତ କରି ଆଧୁନିକ ଚିକିତ୍ସାର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବରେ ନିଜକୁ ପ୍ରତିଷ୍ଠିତ କରିବା ଆରମ୍ଭ କରିଥିଲା। ନଭେମ୍ବର ୮କୁ ଶେଷରେ ଉପଯୁକ୍ତ ଦିବସ ଭାବରେ ମନୋନୀତ କରାଯାଇଥିଲା, ଯାହାକି ସମଗ୍ର ବିଶ୍ୱରେ ରେଡିଓଲୋଜିକାଲ ସୋସାଇଟି ଦ୍ୱାରା ପାଳନ କରାଯାଉଛି। ପ୍ରତିବର୍ଷ ଏହି ଦିବସ ଏକ ନିର୍ଦ୍ଦିଷ୍ଟ ବାର୍ତ୍ତା ବହନ କରିଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ହେଉଛି ରୋଗୀଙ୍କର ନିରାପତ୍ତା ପାଳନ। ଏହି ବାର୍ତ୍ତା ସ୍ୱାସ୍ଥ୍ୟସେବା ପ୍ରଣାଳୀର ଦକ୍ଷତା ବଜାୟ ରଖିବା ଏବଂ ବିକିରଣ ସୁରକ୍ଷା ବାହାରେ ରୋଗୀର ନିରାପତ୍ତା ସୁନିଶ୍ଚିତ କରିବାରେ ବୃତ୍ତିଗତ ଭୂମିକା ଉପରେ ଗୁରୁତ୍ୱାରୋପ କରିଥାଏ।

# ମକା ବଜାରରେ ଦଲାଲ ରାଜ୍

ଭବାନୀପାଟଣା,୭।୧୧
(ଉତ୍ତମ କୁମାର ଦାଶ)



ମକା ଖରାରେ ଶୁଖାଯାଉଛି।

ଚିନ୍ତାରେ କଳାହାଣ୍ଡିର ମକା ଚାଷୀ। ମକା ମଣ୍ଡି ଖୋଲି ନ ଥିବାରୁ ଉତ୍ପାଦିତ ମକା ଉଚିତ୍ ଦରରେ ବିକ୍ରି କରି ପାରୁନାହାନ୍ତି ଚାଷୀ। ମାଲାମାଲ ହେଉଛନ୍ତି ଦଲାଲ। ଜିଲାର ଲୋକେ ପାରମ୍ପରିକ ଚାଷ କାମରୁ ଧୀରେ ଧୀରେ ବିଭିନ୍ନ ଅର୍ଥକାରୀ ଫସଲ ଆଡକୁ ମୁହାଁଉଛନ୍ତି। କିଲୋ ପିଛା ୨୪ରୁ ୨୫ ଶହ ଟଙ୍କାରେ ବିହନ କିଣି ଚାରା ପ୍ରସ୍ତୁତ କରି ଜମିରେ ଗଛ ଲାଗିବାର ୭୦ରୁ ୮୦ ଦିନ ପରେ ମକା ବିକ୍ରି ପାଇଁ ଉପଯୋଗୀ ହେଉଥିବାରୁ ମକଚାଷ ପ୍ରତି ଲୋକଙ୍କ ଆଗ୍ରହ ବଢୁଛି। ହେଲେ ଫସଲ ଅମଳ ପରେ ଚାଷୀଙ୍କୁ ବିକ୍ରି ସମସ୍ୟା ଘାରୁଛି। କଳାହାଣ୍ଡି ଓ ନବରଙ୍ଗପୁର ଜିଲାର ସୀମାନ୍ତରେ ଥିବା ଜୟପଟଣା ବ୍ଲକର ଭାଲୁଜୋର ଗାଁରେ ଜଳସେଚନର ଅଭାବ ଯୋଗୁ ପ୍ରାୟ ଅଧିକାଂଶ ଚାଷୀ କମ୍ ସମୟରେ ଅଧିକ ଲାଭ ଆଶାରେ ମକା ଚାଷ କରି ଏବେ ହରଡ଼ଘଣାରେ ପଡିଛନ୍ତି। କାରଣ ମଣ୍ଡି ଅଭାବରୁ ସେମାନେ ବହୁ ପରିଶ୍ରମ କରି ଅମଳ କରିଥିବା ମକାକୁ ବିକ୍ରି କରିପାରୁନାହାନ୍ତି। ପଡୋଶୀ ନବରଙ୍ଗପୁର ଜିଲାରେ ରହିଛି ମକା ମଣ୍ଡିର ବ୍ୟବସ୍ଥା। କଳାହାଣ୍ଡିରେ ଧାନ, କପା ପରେ ଚାଷୀ କରୁଛନ୍ତି ହଜାର ହାଜର ହେକ୍ଟର ଜମିରେ ମକା ଚାଷ। ମକାର ଅମଳ ସମୟ ଆସିଗଲେ ଗାଁ ମୁହାଁ ହୋଇଯାଉଛନ୍ତି ଦଲାଲ। ଯେଉଁ ମକାକୁ କୁଇଣ୍ଟାଲ ପିଛା ୨୧ଶହ ରୁ ୨୨ଶହ ଟଙ୍କାରେ

## ଅଭାବୀ ବିକ୍ରିର ଶିକାର ହେଉଛନ୍ତି ଚାଷୀ

ଚାଷୀ ବିକ୍ରି କରିବା କଥା ତାହା ମଣ୍ଡି ଅଭାବରୁ ୧୫ଶହରୁ ୧୭ଶହ ଟଙ୍କାରେ ଦଲାଲଙ୍କ ହାତକୁ ଟେକି ଦେଉଛନ୍ତି। ଆନ୍ଧ୍ର ଓ ଛତିଶଗଡ଼ ବଜାରରେ ମକାର ଉଚିତ ମୂଲ୍ୟ ଥିବାରୁ କମ୍ ଦରରେ ଚାଷୀଙ୍କଠାରୁ କିଣିନେଇ ଲାଭବାନ ହେଉଛନ୍ତି ଦଲାଲ। ବର୍ଷାର ଅଭାବ ଓ ରୋଗ ପୋକ ଦାଉରୁ ବଞ୍ଚାଇ ଥିବା ମକା ଫସଲରୁ ଚାଷୀମାନେ କ୍ଷତି ସହିଲେଣି। କେମିତି ଘର ଚଳିବ ଏବଂ ଆଉ ଥରେ ଚାଷରେ ଅର୍ଥ ବିନିଯୋଗ କରିହେବ ସେନେଇ ଏବେ ଚିନ୍ତାରେ ଚାଷୀ। ସରକାରଙ୍କ ପକ୍ଷରୁ ମକା କିଣିବା ପାଇଁ ବ୍ୟବସ୍ଥା ଆସିଲେ ମଣ୍ଡି ଖୋଲିବ ବୋଲି ସ୍ଥାନୀୟ କୃଷି ଅଧିକାରୀ ଅନନ୍ତ ଚରଣ ଦାସ ପ୍ରକାଶ କରିଛନ୍ତି।

# ଫିଲ୍ମ ସିଟି ନିର୍ମାଣକୁ ଗୁରୁତ୍ୱାରୋପ

## ପଶ୍ଚିମ ଓଡ଼ିଶା ପ୍ରଡ୍ୟୁସର ଆସୋସିଏଶନ ବୈଠକ

ବରଗଡ଼,୭।୧୧
(ପ୍ରେମାନନ୍ଦ ଖମାରୀ)

ସିନେ ଅଭିନେତା ମନୋଜ ମିଶ୍ରଙ୍କୁ ନେଇ ଚର୍ଚ୍ଚା ଥମିବା ନାଁ ନେଉନାହିଁ। ଉତ୍କଳ ଫିଲ୍ମ ପ୍ରଯୋଜକ ସଂଘ ତାଙ୍କୁ ୨ବର୍ଷ ବାସନ୍ଦ କରିବା ପରେ ମନୋଜଙ୍କ ସପକ୍ଷରେ ପଶ୍ଚିମ ଓଡ଼ିଶାବାସୀ ଏକଜୁଟ୍ ହୋଇଛନ୍ତି। ଏହି କ୍ରମରେ ବରଗଡ଼ କାଦମ୍ବିନୀ ହଲରେ ମଙ୍ଗଳବାର ପଶ୍ଚିମ ଓଡ଼ିଶା ପ୍ରଡ୍ୟୁସର ଆସୋସିଏଶନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁଧୀର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବର୍ତ୍ତମାନ ଫିଲ୍ମ ବିତରଣ ଉପରେ ଉପୁଜିଥିବା ସମସ୍ୟା, ଅଭିନେତା ମନୋଜ ମିଶ୍ରଙ୍କ ଉପରେ ଲାଗିଥିବା ବାସନ୍ଦ, ପଶ୍ଚିମ ଓଡ଼ିଶାରେ ଏକ ଫିଲ୍ମ ସିଟି ନିର୍ମାଣ ଆଦି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ମନୋଜ ମିଶ୍ରଙ୍କ ସମେତ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ଶରତ ମହାକୁର, ସମ୍ପାଦକ ଦେବେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ତଣ୍ଟିରେ ଗୁଲୁଗୁଲା ଲାଗି ଯୁବକଙ୍କ ଜୀବନ ଗଲା

## ସାଙ୍ଗସାଥୀଙ୍କ ସହ ବାଜି ଲଗାଇବା କାଳ ହେଲା

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/
ମୋରଡ଼ା(ସ୍ମାରକ ମାଝୀ),୭।୧୧

ସାଙ୍ଗସାଥୀଙ୍କ ବାଜି ଲଗାଇ ଗୁଲୁଗୁଲା ଖାଇ ଜଣେ ଯୁବକ ପ୍ରାଣ ହରାଇଛନ୍ତି। ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ ହାଟରେ ମଙ୍ଗଳବାର ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ସେହି ଗ୍ରାମର ଶିରୀଶ ଚନ୍ଦ୍ର ମହାନାୟକ। ଏ ସଂକ୍ରାନ୍ତରେ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ବଡ଼ଜାମବଣି ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା (ନଂ.୫୯/୨୩) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ସାପ୍ତାହିକ ହାଟକୁ ଶିରିଶ ଯାଇ ଏକ ଜଳଖିଆ ଦୋକାନରେ ବସିଥିଲେ। ସେଠାରେ ଉପସ୍ଥିତ ସାଙ୍ଗସାଥୀଙ୍କ ସହ ବାଜି ଲଗାଇ ଏକା ଥରକେ ୪ଟି ଗୁଲଗୁଲା ଓ ଗୋଟିଏ ମାଳପୁଆ ପାଟିରେ ପୁରାଇ ଖାଇବାକୁ ଚେଷ୍ଟା କରିଥିଲେ। ତେବେ ଖାଇବା ସମୟରେ ଗୁଲୁଗୁଲା ତଣ୍ଟିରେ ଲାଗିଯିବାରୁ ସେ ଅଣନିଃଶ୍ୱାସୀ ହୋଇ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।


**झारखण्ड सरकार**
**कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमंडल,साहेबगंज**
**विकास भवन, साहेबगंज**

**ई– निविदा आमंत्रण सूचना**

ई0–निविदा संख्या–08 / 2023–2024 / RWD/SAHIBGANJ/2023-24

| क्र0 सं0 | आईडेन्टिफिकेशन संख्या / पैकेज संख्या | प्रखण्ड | कार्य का नाम | प्राक्कलित राशि (रू0 में) अंकमें | प्राक्कलित राशि (रू0 में) अक्षरमें | कार्यसमाप्ति की अवधि |
|---|---|---|---|---|---|---|
| 1 | RWD/SAHIBGANJ/ 01/2023-24 | पतना | पी0डब्लू0डी0 रोड केन्दुआ से कल्याण अस्पताल एवं पंचायत भवन होते हुए विशनपुर पी0एम0जी0एस0वाई0 रोड तक पथ निर्माण कार्य। (लं0–1.400 कि0मी0) | 181.725 | एक करोड़ एकासी लाख बहत्तर हजार पांच सौ रूपये मात्र) | 9 माह |
| 2 | RWD/SAHIBGANJ/ 02/2023-24 | पतना | पतना चौक से बी0एस0के0 कॉलेज और बिन्दुवासिनी मंदिर होते हुए होली फैमली स्कूल बड़हरवा–दिग्घी पी0डब्लू0डी0 रोड तक पथ निर्माण कार्य।(लं0–4.600 कि0मी0) | 664.224 | छः करोड़ चौसठ लाख बाईस हजार चार सौ रूपये मात्र) | 12 माह |

2. वेबसाईट में निविदा प्रकाशन की तिथि– 16.11.2023
3. ई–निविदा प्राप्ति की अंतिम तिथि एवं समयः– 29.11.2023 अपराहन् 05.00 बजे तक।
4. निविदा खोलने की तिथि एवं समय– 30.11.2023 अपराहन् 3.30 बजे।
5. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियन्ता, ग्रामीण कार्य विभाग, कार्यप्रमंडल, साहेबगंज, पिन–816109
6. . ई–निविदा प्रकोष्ट का मोबाइल न0– 8292371115

विस्तृत जानकारी के लिए वेबसाईट–https://www.jharkhandtenders.gov.in में देखा जा सकता है।

ह0 / –
कार्यपालक अभियंता, ग्रामीण कार्य विभाग,
कार्य प्रमंडल,साहेबगंज

PR 310833 Rural Work Department(23-24)#D



**OFFICE OF THE PANCHAYAT SAMITI, RAJNAGAR**

**DETAIL TENDER CALL NOTICE No. 4/23-24**

The Block Development Officer, Rajnagar invites sealed tenders on behalf of Governor of Odisha from registered and eligible contractors of the State P.W.D. (R&B)/Water Resources/Rural Works/M.I./C.P.W.D. for the following work eventually to be drawn up in the P.W.D. F-2 forms in conformity with the Detailed Tender Call Notice.

| Sl. No. | Name of the Work | Amount put to Tender | Cost of Tender Paper Non-refundable | E.M.D. 1% | Time for Completion the Work in Months | Class of Contractors |
|---|---|---|---|---|---|---|
| 1 | Construction of GP Building at Bagapatia | Rs.14,46,558.00 | Rs.6000/- | Rs.14,465.00 | 06 (Six) Calendar Months | "D" & "C" |

**Terms and Conditions:**

1. Availability of Tender Papers: The bid document can be downloaded from the official website of District **(http://www.kendrapara.nic.in)** from Date 10.11.2023 to Date 16.11.2023. The cost of bid document shall be attached with the bid in sealed envelope in shape of D.D. in favour of BDO, Rajnagar.
2. Date of Receipt and Mode of Submission of Tender Papers: The tenderers have to submit tender papers in the Office of the Panchayat Samiti, Rajnagar to be dropped in designated tender box. The tenderers also can send the tender to the office of the BDO, Rajnagar in complete shape through Registered Post/ Speed Post only to the B.D.O., Rajnagar in his official postal address. The last date of receipt of tender papers is Date: 16.11.2023 (5.00 P.M.). The undersigned will not be responsible for postal delay if any for non-receipt of the papers in time. The tenderers must superscribe the name of the work/project and Tender Call Notice No. on the sealed envelopes.
3. Date of Opening of Tender Paper: The tender papers shall be opened on Date 17.11.2023 at 11.00 A.M. in the presence of the tenders or their authorized representatives having written authorization for the purpose and the tender committee.
4. Earnest Money Deposit: The E.M.D. is to be deposited in shape of Post Office Short Term Deposit/ Term Deposit/N.S.C./KVP or STDR/TDR from any Nationalized Bank duly pledged in favour of Block Development Officer, Rajnagar. The tender papers without required amount of E.M.D. will not be considered and transfer or adjustment of E.M.D. is not also admissible.
5. Document to be Attached: The tenderer is to submit the tender in one cover containing E.M.D., signed DTCN, Price bid duly filled in and signed by the tenderer along with the following documents failing which the tender will be liable to rejection.
6. a) E.M.D. for the amount stipulated in DTCN pledged in favour of the Block Development Officer, Rajnagar, b) Attested copy of contractor Registration Certificate, c) Attested copy of PAN Card, d) valid GST Registration Certificate, e) Affidavit as regards the fact of availing award of work without submission of E.M.D./I.S.D. during the current financial year in case of Engineer Contractors desirous of availaing exemption of E.M.D., f) Affidavit about the authentication of document including bank guarantee.
7. Performance Security Deposit: Performance security amounting to entire less amount of the bid amount shall be deposited by the successful bidder before execution of agreement, failing which his tender will be cancelled and further action will be taken as per relevant Works Department norm.
8. Forfeiture:
   a) The E.M.D. amount will be forfeited, if the tenderers backs out from the offer of acceptance of tender.
   b) Submission of more than one tender paper by a bidder for a single work will be liable for rejection of all such tender papers.
   c) On review of the last performance of the works executed through B.D.O., Rajnagar previously, the lowest - 1 tenderer may/may not be considered for the works, though he/she becomes lowest-1 tenderer.
   d) The contractors who have failed to execute projects of this agency/backed out from execution process/ abandoned the project work midway/those who have been declared by this agency to be the defaulters otherwise will not be allowed to participate in the present tender process. If any of such contractors participates then his/her papers will not be considered at all.
   e) The undersigned reserves the right either to reject any or all tenders or cancel the entire process without assigning the reason thereof.
9. The rate and tender amount is excluding GST as per Finance Department norms.

**Sd./- Block Development Officer, Rajnagar**



**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-2754: OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.5805/RE/OSIC Dt.07.11.2023

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 1 nos. of works i.e. "**Design, Development & Implementation of Web portal & Mobile App for Ama Odisha Nabin Odisha**" Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.

Sd/-
GENERAL MANAGER(O)

OIPR-14073/11/0072/2324



**OFFICE OF THE TAHASILDAR, ASKA (LAND ACQUISITION CELL)**

No.6374/ Date 04.11.2023

**PUBLIC NOTICE**

**For land owners / persons interested therein for delivery of possession of land acquired for construction of a National Highway**

Kind attention of all land owners / interested persons is invited to the Public Notice published in the following newspapers informing then regrding:

- Announcement of award.
- Calling upon them to collect the compensation amount within a period of 60 days and
- Requesting the land owners to hand over the possession of the subject land to the undersigned.

| Sl. No. | Name of Newspapers in which published | Date of Newspaper |
|---|---|---|
| 1 | The Samaja | 05.08.2023 |
| 2 | The Dharitri | 05.08.2023 |

The prescribed time of 60 days has expired on 04.10.2023.

Accordingly, all the concerned land owners / interested persons are hereby called upon to hand over the possession of the acquired land to the undersigned immediately. Failing which the same shall be taken with the police assistance in accordance with sub-Section (2) of Section 3(E) of the NH Act. 1956.

Needless to say, such of the land owners / interested persons, who have still not collected their compensation amount, may collect the same on any working day from the office of the undersigned.

Sd./- Tahasildar, Aska-cum-CALA (NH-59)



ORMAS
Odisha Rural Development and Marketing Society
Panchayati Raj and Drinking Water Department

Tel.:06724-231752
Fax:06724-231752
(URL:www.ormas.org)
E-mail:dsmsjagatsinghpur@gmail.com

**ORMAS, JAGATSINGHPUR**
**A District unit of ORMAS**
**Office of the Zilla Parishad, Jagatsinghpur**
**Sanra, Nalibar-754104**

Letter No.604 Dt.01.11.2023

**TENDER NOTICE**

Sealed tenders are invited from reputed Firms/ Agencies/Organisation etc. for different works like Tentage and Allied Works, Security Services, Still Photography and Videography, Printing Works/ Advertisement Hording for the State Level Pallishree Mela-2023 to be held at Kalinga Baliyatra Ground, Paradeep from 26th Nov. to 2nd Dec. 2023. The engagement of Firms/ Agencies/Organisation shall be made through tender systems.

The tender papers alongwith the details specification and eligibility criteria of the above works will be available in the Office of ORMAS, Jagatsinghpur, C/O-Zilla Parishad, Jagatsinghpur upto 10th November, 2023 by 12.00 PM or Tender paper can be downloaded from website www.jagatsinghpur.nic.in or www.ormas.org. The sealed tenders will be received in Dy. CEO,ORMAS, Jagatsinghpur Office Drop Box latest by 12.00 PM of 10th November, 2023. The tenders will be opened in the office chamber of CDO-cum-EO, Zilla Parishad, Jagatsinghpur Office on the same day at 4.30 PM in the presence of the Bidders or their authorized representatives.

The undersigned reserves the right to accept or reject any or all the tenders without assigning any reason thereof.

**Sd./- CDO-cum-EO, ZP, Jagatsinghpur**

# ଏସ୍‌ସିବି ଫିଜିଓଲୋଜି ବିଭାଗରୁ ସ୍ଲିପ୍ କ୍ଲିନିକ୍ ଉଭାନ

**କଟକ,୭।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)**

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ(ଏସ୍‌ସିବି) ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଫିଜିଓଲୋଜି ବିଭାଗର ସ୍ଲିପ୍ ଡିଜ୍‌ଅର୍ଡର କ୍ଲିନିକ୍‌କୁ ନେଇ ଉଠିଛି ଦ୍ୱନ୍ଦ୍ୱ। ଏହି ବିଭାଗରେ ସ୍ଲିପ୍ କ୍ଲିନିକ ୨୦୧୩ରେ ଆରମ୍ଭ ହୋଇ ଏଠାରେ ରୋଗୀ ଚିକିତ୍ସା ଚାଲିଥିଲା। ହେଲେ ଦାୟିତ୍ୱରେ ଥିବା ଡାକ୍ତରଙ୍କ ବଦଳି ହେବା ପରଠାରୁ ଏହା ୨୦୧୭ରୁ ବନ୍ଦ ହୋଇଯାଇଛି। ଫଳରେ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଦର୍ଶାଇ ଏହାକୁ ପୁନଃକାର୍ଯ୍ୟକ୍ଷମ କରାଇବାକୁ ୨୦୧୮ ଜୁନ୍ ୮ରେ ତତ୍କାଳୀନ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ବି.ବି. ପ୍ରଧାନ ସ୍ୱାସ୍ଥ୍ୟ ସଚିବଙ୍କ ନିକଟକୁ ଚିଠି ଲେଖିଥିଲେ। ମାତ୍ର ୨୦୨୩ ମାର୍ଚ୍ଚ ୨୯ରେ ବିଭାଗୀୟ ମୁଖ୍ୟ ଡାକ୍ତର ଅର୍ଚ୍ଚନା ମିଶ୍ର ଏସ୍‌ସିବି ଅଧୀକ୍ଷକଙ୍କୁ ଦେଇଥିବା ଏକ ଉତ୍ତରରେ ଉକ୍ତ ବିଭାଗରେ ଏଭଳି କୌଣସି କ୍ଲିନିକ୍ ନ ଥିବା ଲେଖିଛନ୍ତି। ବିଭାଗର ୨ ବରିଷ୍ଠ ଅଧିକାରୀଙ୍କ ଏଭଳି ଭିନ୍ନ ଲେଖା ପଛରେ କ'ଣ କାରଣ ରହିଛି ତାକୁ ନେଇ ଆଲୋଚନା ଜୋର ଧରିଛି। ଏପରି କି ଅତ୍ୟାଧୁନିକ ଢାଞ୍ଚାରେ ନିର୍ମାଣ ହୋଇଥିବା ସ୍ଲିପ୍ ଡିଜ୍‌ଅର୍ଡର କ୍ଲିନିକ୍‌କୁ ବଡ଼ ମେଡିକାଲର କେତେକ ବରିଷ୍ଠ ଅଧିକାରୀ ଗାଏବ କରିଦେଇଛନ୍ତି ବୋଲି ଜଣେ ଡାକ୍ତର ମଧ୍ୟ ଅଭିଯୋଗ ଉଠାଇଛନ୍ତି।

ପରିବର୍ତ୍ତିତ ଜୀବନଶୈଳୀ, କାମ ଚାପ, ଅଧିକ ସମୟ ମୋବାଇଲ ଫୋନ୍, କମ୍ପ୍ୟୁଟର ଆଦି ବ୍ୟବହାର କରିବା ଦ୍ୱାରା ରାତିରେ ଠିକ୍ ଭାବେ ନିଦ ହୋଇ ନ ଥାଏ। ଏପରିକି ଅନେକ ଜଟିଳ ରୋଗରେ ଆକ୍ରାନ୍ତ ରୋଗୀ ମଧ୍ୟ ଠିକ୍‌ରେ ଶୋଇପାରେ ନାହିଁ। ରାତିରେ ଠିକ୍ ଭାବେ ନ ଶୋଇବା ଦ୍ୱାରା ଶରୀରରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ନିଦ୍ରାଜନିତ ସମସ୍ୟା


OFFICE OF. THE PROF & HOD, P.G DEPARTMENT OF PHYSIOLOGY
S.C.B.MEDICAL COLLEGE, CUTTACK.

No 144 /Phy Dated, Cuttack the 8th June 2018
To

The Commissioner - Secretary,
Health & Family Welfare Department,
Government of Odisha, Bhubaneswar

( Through proper channel )

Sub: Resumption of Sleep Disorder Clinic and Lab O P D
Sir,

With reference to the subject mentioned above, I draw your kind attention to the following:-

1. The sleep Disorder clinic and Lab. O P D Regularly functioning for 2 days in a week on all Wednesdays & Fridays since September 2016.Under the Applied Physiology Section of our Department with an average attendance of about 80 to 100 patients per month.
2. This clinic, the only Sleep Disorder Clinic in any Govt. Medical College Hospital in eastern part of our country having referred cases from West Bengal, Jharkhand , Chhattisgarh including from all Medical Colleges of our State . It is also treated as a referral Centre for defence organizations in this part our country .
3. We have tie-ups with IIT Kharagpur & IIT Kanpur , I C M R for development of equipments in diagnosis , treatment of sleep disorders and prevention of traffic accidents .
4. Dr.ArpitaPriyadarsini, who has Fellowship in Sleep Medicine at American Academy of Sleep Medicine Ohio, U S A in 2009 under Govt. Permission, was in-charge of Sleep Disorder Clinic . As no other faculty is trained in Sleep Medicine in our State, the Clinic/O P D has stopped after Dr.Arpita Priyadarsini is transferred to Govt. College Bolangir on promotion since 22.12.2017 (vide Govt. Order No-32430 dtd.22.12.2017).
5. Due to closure of O P D, the Sleep Disorder patients are coming and making demand for continuation of guidance/treatment of their problems.

Under the circumstances, I request you to take steps for resumption of Sleep Disorder Clinic and Lab O P D at the convenience of the Govt. in anyone/two days in a week in S C B Medical College Hospital, so that the benefit goes to the patients .

This is for your information and necessary action .

Yours Faithfully,
Professor and Head,
Department of Physiology,
SCB Medical College, Cuttack

୨୦୧୮ରେ ତତ୍କାଳୀନ ବିଭାଗୀୟ ମୁଖ୍ୟ ସ୍ୱାସ୍ଥ୍ୟସଚିବଙ୍କୁ ଦେଇଥିବା ପତ୍ରର ନକଲ।


OFFICE OF THE P.G DEPARTMENT OF PHYSIOLOGY,
S C B MEDICAL COLLEGE, CUTTACK .

No. 303 / Phy. Dated, Cuttack the 29th May 2023
To

The Registrar, (Administration),
S C B Medical College & Hospital,
Cuttack .

Sub:- Reply to your Memo No-12193 dtd.25.5.23 .

Sir,

In reply to your aforesaid letter, I am furnishing the following information .

In the P.G Department of Physiology , despite extensive search of the record as available on date, we could not find, any Govt./D M E T/Dean/Medical Superintendent order for a sleep Clinic/Lab, nor any record of its functioning or any patient treated.

There are no records of any specific lab equipments related sleep disorder clinic received/installed in Physiology Department. No technician or other paramedical staff appointed, nor any patient record . Procurement is not done by Physiology Department .

The teaching requirement of PG students is well met in liaison with Department of Psychiatry, Neurology & Pulmonary Medicine, in accordance with NMC .

Existing infrastructure, human resources & equipment does not permit functioning of a sleep clinic/lab in the P.G department of Physiology, SCBMCH, as on date, nor is a NMC requisite .

This is for your kind information and necessary action.

Yours faithfully,
Professor and HOD, Physiology,
SCB Medical College, Cuttack.

୨୦୨୩ରେ ବିଭାଗୀୟ ମୁଖ୍ୟ ଅଧୀକ୍ଷଙ୍କୁ ଦେଇଥିବା ପତ୍ରର ନକଲ।

ମୁକ୍ତି ପାଇବା ପାଇଁ ଏସ୍‌ସିବି ମେଡିକାଲ ପରିସରରେ ସ୍ଲିପ୍ ଡିଜ୍‌ଅର୍ଡର କ୍ଲିନିକ୍ ଆରମ୍ଭ ହୋଇଥିଲା। ବଡ଼ ମେଡିକାଲର ଓପିଡି ଟିକେଟ ଅନୁଯାୟୀ ୨୦୧୩ରୁ ୨୦୧୭ ପର୍ଯ୍ୟନ୍ତ ପ୍ରାୟ ୨,୬୦୦ ରୋଗୀ ଏଠାରେ ଚିକିତ୍ସିତ ହୋଇଥିଲେ। ହେଲେ ୨୦୧୭ ଡିସେମ୍ବର ୨୨ରେ ଏହି କ୍ଲିନିକ ଦାୟିତ୍ୱରେ ଥିବା ଡାକ୍ତରଙ୍କ ବଦଳି ପରେ ଏହାକୁ ବନ୍ଦ କରାଯାଇଥିଲା। ୨୦୧୮ରେ ସ୍ଲିପ କ୍ଲିନିକ ପୁନର୍ବାର ଖୋଲିବା ନେଇ ଫିଜିଓଲୋଜି ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ନଂ.୧୪୪ରେ ଅନୁରୋଧ କରାଯାଇଥିଲା। ତତ୍କାଳୀନ ବିଭାଗୀୟ ମୁଖ୍ୟ ଡାକ୍ତର ପ୍ରଧାନଙ୍କ ଦ୍ୱାରା ଲେଖା ହୋଇଥିବା ଚିଠିରେ ଉଲ୍ଲେଖ କରାଯାଇଥିଲା ଯେ ସ୍ଲିପ ଡିଜ୍‌ଅର୍ଡର କ୍ଲିନିକର ଓପିଡି ସପ୍ତାହକୁ ୨ଥର ତଥା ବୁଧବାର ଓ ଶୁକ୍ରବାର ଖୋଲା ହେଉଥିଲା। ୮୮ ପ୍ରକାରର ନିଦ୍ରାଜନିତ ସମସ୍ୟାର ଚିକିତ୍ସା ଏଠାରେ କରାଯାଉଥିଲା। ଏଠାକୁ ପ୍ରତିମାସରେ ୮୦ରୁ ୧୦୦ ଲୋକ ଚିକିତ୍ସା ପାଇଁ ଆସୁଥିଲେ। ଏପରିକି ରାଜ୍ୟ ତଥା ରାଜ୍ୟ ବାହାରୁ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଲୋକ ମଧ୍ୟ ଏଠାକୁ ଆସୁଥିଲେ। ଲ୍ୟାବ୍‌ର ନବୀକରଣ ଏବଂ ଆଧୁନିକୀକରଣ ନିମନ୍ତେ କାନପୁର ଏବଂ ଖଡଗପୁରର ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ସହିତ ଏକ ବୁଝାମଣା ପତ୍ର(ଏମଓୟୁ) ସ୍ୱାକ୍ଷର ହୋଇଥିଲା। ଏଥିରେ ଡାକ୍ତର ଅର୍ପିତା ପ୍ରିୟଦର୍ଶିନୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ୨୦୧୭ରେ ଡା.ଅର୍ପିତାଙ୍କ ବଲାଙ୍ଗୀର ବଦଳି ଯୋଗୁ କ୍ଲିନିକ ବନ୍ଦ ହୋଇଯାଇଥିଲା। ତେବେ କ୍ଲିନିକ ଏବଂ ଓପିଡି ବନ୍ଦ ହେବା ପରେ ମଧ୍ୟ ଲୋକ ଏଠାକୁ ଚିକିତ୍ସା ପାଇଁ ଆସୁଥିଲେ। ଲୋକଙ୍କ ମଧ୍ୟରେ ଏହାର ଚାହିଦା ଦେଖି ତତ୍କାଳୀନ ବିଭାଗୀୟ ମୁଖ୍ୟ ଓପିଡି ଓ ସ୍ଲିପ୍ ଡିଜ୍‌ଅର୍ଡର କ୍ଲିନିକ ପୂର୍ବଭଳି ସପ୍ତାହକୁ ୨ଥର ଖୋଲିବା ପାଇଁ ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି କରିଥିଲେ। ତେବେ ଫିଜିଓଲୋଜି ବିଭାଗର ୨୦୧୮ ଚିଠି ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାବେଳେ ଏବେ ୨୦୨୩ରେ ବିଭାଗୀୟ ମୁଖ୍ୟ ଦେଇଥିବା ଚିଠି ସାମ୍ନାକୁ ଆସିଛି। ଫିଜିଓଲୋଜି ବିଭାଗ ପକ୍ଷରୁ ମେଡିକାଲ ଅଧୀକ୍ଷକଙ୍କୁ ଦିଆଯାଇଥିବା ଚିଠି ନଂ.୩୦୩ରେ ଲେଖାଯାଇଛି ଯେ ଫିଜିଓଲୋଜି ବିଭାଗରେ ସ୍ଲିପ୍ କ୍ଲିନିକ୍/ଲ୍ୟାବ କିମ୍ବା ଏ ସମ୍ବନ୍ଧୀୟ ଡିଏମ୍‌ଇଟି ଅର୍ଡର ନାହିଁ। ଏପରିକି ଏହି ବିଭାଗରେ ସ୍ଲିପ୍ କ୍ଲିନିକ କାର୍ଯ୍ୟ କରିବା କିମ୍ବା ରୋଗୀଙ୍କ ସମ୍ବନ୍ଧୀୟ କୌଣସି ସୂଚନା ନାହିଁ। ଏଥିସହିତ ସ୍ଲିପ୍ କ୍ଲିନିକ ନେଇ କୌଣସି ଯନ୍ତ୍ରାଂଶ, ଟେକ୍ନିସିଆନ, ଫାର୍ମାସିଷ୍ଟଙ୍କୁ ଏଠାରେ ନିଯୁକ୍ତ କରାଯାଇଥିବା ନେଇ ତଥ୍ୟ ମଧ୍ୟ ନାହିଁ। ଏନ୍‌ଏମ୍‌ସି ଗାଇଡଲାଇନ ଅନୁଯାୟୀ ବିଭାଗର ଭିତ୍ତିଭୂମି, ମାନବ ସମ୍ବଳ ଓ ଯନ୍ତ୍ରପାତି ସ୍ଲିପ କ୍ଲିନିକ ପାଇଁ ଅନୁମତି ନାହିଁ। ବିଭାଗର ପିଜି ପିଲା ଏ ସମ୍ବନ୍ଧିତ ଅଧ୍ୟୟନ ପାଇଁ ସାଇକୋଲୋଜି, ନ୍ୟୁରୋଲୋଜି, ପଲ୍‌ମୋନାରି ବିଭାଗ ଉପରେ ନିର୍ଭର ବୋଲି ଚିଠିରେ ଲେଖାଯାଇଛି। ଏବେ ଏହି ୨ଟି ଚିଠି ଲେଖାରୁ ମେଡିକାଲରେ ଏକ ବଡ଼ ଧରଣର ଅନିୟମିତତା ବାରି ହୋଇଯାଉଛି। ୨୦୧୮ ଚିଠିରେ ଫିଜିଓଲୋଜି ବିଭାଗରେ ସ୍ଲିପ୍ ଡିଜ୍‌ଅର୍ଡର କ୍ଲିନିକ୍ ଥିବାବେଳେ ୨୦୨୩ ଚିଠିରେ କ୍ଲିନିକ ବିଭାଗରୁ ଉଭାନ ହୋଇଯାଇଛି। ଅପରପକ୍ଷେ କ୍ଲିନିକ ନେଇ ମାମଲା କୋର୍ଟରେ ମଧ୍ୟ ପହଞ୍ଚିଛି। ଜଣେ ମହିଳା ଆଇନଜୀବୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ପୁନର୍ବାର ଏହାକୁ କାର୍ଯ୍ୟକ୍ଷମ କରାଇବା ନିମନ୍ତେ ଯୋଜନା ଅଗ୍ରଗତି ହୋଇଥିଲା। ଏ ସଂକ୍ରାନ୍ତରେ ଡିଏମ୍‌ଇଟିଙ୍କୁ ପଚାରିବାରୁ ସେ ଏନେଇ ଏସ୍‌ସିବିକୁ ରିପୋର୍ଟ ମଗାଯାଇଛି, ରିପୋର୍ଟ ଆସିବା ପରେ ପ୍ରତିକ୍ରିୟା ଦେବେ ବୋଲି କହିଛନ୍ତି। ଏନେଇ ବର୍ତ୍ତମାନର ବିଭାଗୀୟ ମୁଖ୍ୟ ଡାକ୍ତର ଅର୍ଚ୍ଚନା ମେଡିକାଲ ଅଧୀକ୍ଷକଙ୍କୁ ଦେଇଥିବା ଚିଠିରେ ଏଭଳି ମନ୍ତବ୍ୟ ଦେଇଛନ୍ତି। ବିଭାଗରେ ଏନେଇ କୌଣସି ତଥ୍ୟ ନାହିଁ ବୋଲି ସେ କହିଛନ୍ତି। ହେଲେ ତତ୍କାଳୀନ ଦାୟିତ୍ୱରେ ଥିବା ଡାକ୍ତର ଅର୍ପିତାଙ୍କ ମତାମତ ଦୁର୍ନୀତିର ସନ୍ଦେହକୁ ବଢ଼ାଇ ଦେଇଛି। ସେ କହିଛନ୍ତି ସପ୍ତାହକୁ ୨ଥର କ୍ଲିନିକ ଚାଲୁଥିଲା। ମେଶିନ ଆବଶ୍ୟକତା ଥିବା ନେଇ ସେ ସରକାରଙ୍କୁ ଚିଠି ଲେଖିଥିଲେ। ଏହା ଭିତରେ ତାଙ୍କର ବଦଳି ହୋଇଗଲା ଏବଂ ସେ ଆଉ ଏ ସମ୍ପର୍କରେ କିଛି ସୂଚନା ରଖିନାହାନ୍ତି ବୋଲି କହିଛନ୍ତି। ତେବେ ଏନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ବିଭାଗରେ କ୍ଲିନିକ କାର୍ଯ୍ୟ କରୁଥିଲା ତେବେ ଏବେ ଗଲା କୁଆଡ଼େ ? ଏନେଇ ବର୍ତ୍ତମାନ ବିଭାଗରେ କୌଣସି ତଥ୍ୟ ମିଳୁନାହିଁ କାହିଁକି।

## ଡିସେମ୍ବର ୧ରୁ ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର'

**ଭୁବନେଶ୍ୱର,୭।୧୧(ଶର୍ମିଷ୍ଠା ପାଣିଗ୍ରାହୀ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆଗାମୀ ଡିସେମ୍ବର ୧ତାରିଖରୁ ୫ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଅକ୍ଷର ଆରମ୍ଭ ହେବାକୁ ଯାଉଛି। ଏହା ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ୧୦ଦିନ ଧରି ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ହେବ। ଏହି ପୁସ୍ତକ ମେଳାରେ ପ୍ରକାଶକ, ବିତରକ, ବିକ୍ରେତା, ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଯୋଗଦେବେ। ଚଳିତ ବର୍ଷ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ, ଦିଲ୍ଲୀ, ହରିୟାଣା, ଛତିଶଗଡ଼, ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ପ୍ରଭୃତି ରାଜ୍ୟର ବହୁ ପୁସ୍ତକ ପ୍ରକାଶକ ଯୋଗଦେବେ। ନଭେମ୍ବର ୧୭ରୁ ପ୍ରଦର୍ଶନୀ ପଡ଼ିଆରେ ଷ୍ଟଲ ନିର୍ମାଣ କାମ ଆରମ୍ଭ ହେବ। ଏ ନେଇ ରାଜଧାନୀ ପୁସ୍ତକମେଳା, ଏକାମ୍ର ପୁସ୍ତକ ମହୋତ୍ସବ କମିଟି ଏବଂ ଓଡ଼ିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘର କର୍ମକର୍ତ୍ତାମାନଙ୍କ ସହ ଜରୁରୀ ବୈଠକ ବସିଥିଲା। ଏଥିରେ ଡ. ଉପେନ୍ଦ୍ର କୁମାର ଜେନା, ବିଧୁଭୂଷଣ ପଟ୍ଟନାୟକ, ରମେଶଚନ୍ଦ୍ର ସ୍ୱାଇଁ, ଡ. ପୀତବାସ ରାଉତରାୟ, ଅଭୟ ନାୟକ ଏବଂ ଭାସ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବାଣ ଫୁଟାଇବା ଉପରେ କଟକଣା
# ରାୟ ସ୍ୱାଗତଯୋଗ୍ୟ, ପୂର୍ବରୁ ହେବାର ଥିଲା

**ଦେଶରେ ବାଣ ଫୁଟାଇବା ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସାରା ଦେଶରେ ଘାତକ ପ୍ରଦୂଷଣକାରୀ ବାଣ ଉପରେ କଟକଣା ଲଗାଇବାକୁ ସବୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ବାରୁଦରେ ବେରିଅମ୍ ସଲ୍ଟ ମିଶ୍ରିତ ବାଣ ଫୁଟାଇବା ଉପରେ କଟକଣା ଜାରି ହୋଇଛି। ସୁପ୍ରିମକୋର୍ଟଙ୍କ ରାୟ ପରେ ଏବେ ଏହାକୁ ସବୁ ମହଲରେ ସ୍ୱାଗତ କରାଯାଇଛି। କିନ୍ତୁ ଏତେ ବିଳମ୍ବରେ ନିର୍ଦ୍ଦେଶ ଆସିଥିବାରୁ ବ୍ୟବସାୟୀମାନେ ଦୁଃଖ ପ୍ରକାଶ ସହ ଚିନ୍ତା ପ୍ରକଟ କରିଛନ୍ତି, କାରଣ ବାଣ ବ୍ୟବସାୟ ଆରମ୍ଭ ହୋଇଗଲାଣି। ଏ ନେଇ ବ୍ୟବସାୟୀ, ସାମାଜିକକର୍ମୀ, ସାଧାରଣ ଲୋକଙ୍କ ମତାମତଭିତ୍ତିକ ଏକ ଉପସ୍ଥାପନା।**



" ସୁପ୍ରିମକୋର୍ଟଙ୍କ ରାୟ ସ୍ୱାଗତଯୋଗ୍ୟ। ବାଣ ନିର୍ମାଣ କରୁଥିବା ଯେଉଁ କମ୍ପାନୀଗୁଡ଼ିକୁ ଗ୍ରୀନ କ୍ରାକର ପାଇଁ ସିଏସ୍‌ଆଇଆର୍-ନ୍ୟାଶନାଲ ଏନଭାଇରନ୍‌ମେଣ୍ଟାଲ ଇଞ୍ଜିନିୟରିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ସାର୍ଟିଫିକେଟ୍ ମିଳିଛି, ସେହି ବାଣ ବିକ୍ରି କରାଯାଇପାରିବ। ଚାଇନା ବାଣ ବିକ୍ରି ହୋଇପାରିବ ନାହିଁ। ପ୍ରଶାସନ ପକ୍ଷରୁ ଏହାର ଯାଞ୍ଚ ହେବା ଉଚିତ। ଯେଉଁମାନେ ଏହାର ଖିଲାପ କରୁଥିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ।

**-ତ୍ରିଲୋଚନ ପଟ୍ଟନାୟକ, ସଭାପତି, ଅଲ୍ ଓଡ଼ିଶା ବାଣ ବ୍ୟବସାୟ ସଂଘ**



" ସୁପ୍ରିମକୋର୍ଟଙ୍କ ରାୟକୁ ଆମେ ସମ୍ମାନ ଦେଉଛୁ। କିନ୍ତୁ ଏହି ରାୟ ୧୦-୧୨ ଦିନ ପୂର୍ବରୁ ଆସିଥିଲେ ଭଲ ହୋଇଥାନ୍ତା। କାରଣ ଯେଉଁମାନେ ବାଣ ବ୍ୟବସାୟ କରି ଗୁଜରାଣ ମେଣ୍ଟାଇଥାନ୍ତି, ସେମାନେ ଅସୁବିଧାର ସମ୍ମୁଖୀନ ହେବେ। ବର୍ତ୍ତମାନ ଖୁଚୁରା ବ୍ୟବସାୟୀମାନେ ବିଭିନ୍ନ ଦୋକାନରେ ବାଣ ଗଚ୍ଛିତ ରଖି ବ୍ୟବସାୟ କରିବା ପାଇଁ ୩୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିସାରିଲେଣି। ଯଦି ଏହି ରାୟକୁ ପାଳନ କରାଯିବ, ତା'ହେଲେ ବ୍ୟବସାୟୀମାନଙ୍କର ବହୁ କ୍ଷତି ହେବ।

**- ଚିତ୍ତରଞ୍ଜନ ଦଲାଇ, ବ୍ୟବସାୟୀ ତଥା ଉପଦେଷ୍ଟା, ଜଟଣୀ ବାଣ ବଜାର ସଂଘ**



" ଦିଲ୍ଲୀରେ ଯେଉଁ ପରିସ୍ଥିତି ବର୍ତ୍ତମାନ ହୋଇଛି, ଓଡ଼ିଶାରେ ଆଗକୁ ମଧ୍ୟ ସେହିଭଳି ପରିସ୍ଥିତି ଦେଖାଦେବ। ତେଣୁ ଏବେଠାରୁ ସଚେତନ ହେବା ଉଚିତ। ଆଇନକୁ ଦୃଢ଼ ଭାବେ କାର୍ଯ୍ୟକାରୀ କରାଯିବା ଦରକାର। ଯେଉଁମାନେ ଚୋରା ବାଣ କାରବାର କରୁଛନ୍ତି ଓ ଯେଉଁମାନେ ବାଣ ଫୁଟାଉଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଗଲେ ଆଗାମୀ ଦିନରେ ଲୋକେ ତାହା କରିବାକୁ ଭୟ କରିବେ।

**-ଡ. ଜୟକୃଷ୍ଣ ପାଣିଗ୍ରାହୀ, ପରିବେଶବିତ୍**



" ଦିଲ୍ଲୀ ବର୍ତ୍ତମାନ ଆମ ପାଇଁ ଏକ ଉଦାହରଣ। ସେଠାରେ ପିଲାମାନେ ପାଠ ପଢ଼ିପାରୁ ନାହାନ୍ତି। ତେଣୁ ସୁପ୍ରିମକୋର୍ଟ ଦେଇଥିବା ରାୟ ସ୍ୱାଗତଯୋଗ୍ୟ। ଏହା ବହୁ ପୂର୍ବରୁ ହେବାର ଥିଲା। ଦିପାବଳି ଦୀପ ଜାଳିବାର ପର୍ବ, ବାଣ ଫୁଟାଇବାର ନୁହେଁ। ଆମେମାନେ ତାକୁ ଏଭଳି କରିଦେଇଛୁ। ତେଣୁ ଜୀବନ ଆମ ପାଇଁ ବଡ଼। ଜୀବନ ରହିଲେ ତ ଆମେ କିଛି କରିପାରିବା।

**- ସୁଶାନ୍ତ ସାହୁ, ସାମାଜିକ କର୍ମୀ**



" ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ରାଜ୍ୟ ସରକାର ମାନି ଗାଇଡ୍‌ଲାଇନ ବାହାର କରିପାରନ୍ତି। କିନ୍ତୁ ତାହା କ୍ଷେତ୍ର ବିଶେଷରେ କେତେ ପାଳନ ହେଉଛି, ତାହା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। କାରଣ ଖୁଚୁରା ବ୍ୟବସାୟୀମାନେ ଚୋରାରେ ବାଣ ବିକ୍ରି କରୁଛନ୍ତି। ଲାଇସେନ୍ସ ନ ପାଇ ମଧ୍ୟ ବିକ୍ରି କରୁଛନ୍ତି। ପ୍ରଶାସନ ଏହା ଉପରେ ଦୃଷ୍ଟି ଦେବା ଦରକାର।

**- ଭାସ୍କର ବଳ, କର୍ମଜୀବୀ**



" ଏହା ସ୍ୱାଗତଯୋଗ୍ୟ। ଏହାକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଉଚିତ। କେହି ଖିଲାପ କଲେ ପ୍ରଶାସନ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଉଚିତ। ଏହା ବହୁ ଆଗରୁ କରିବାର ଥିଲା। କାରଣ ବାଣ ବ୍ୟବସାୟୀମାନେ ବିକ୍ରି କରିବା ଆରମ୍ଭ କରିଦେଲେଣି। ତେଣୁ ସେମାନଙ୍କର ମଧ୍ୟ କ୍ଷତି ହେବ।

**-ରଶ୍ମିତା ନାୟକ, ଛାତ୍ରୀ**

**ପ୍ରସ୍ତୁତି: ଅସମାପିକା ସାହୁ/ରବୀନ୍ଦ୍ରନାଥ ମହାକୁଡ଼**

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ
### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଚନ୍ଦ୍ରକାନ୍ତ


@ ଅମିତ୍


@ ରୁଦ୍ରାଂଶ


@ ସଞ୍ଜୀପ


@ ତୃପ୍ତିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।


ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ଇନ୍‌ଫୋସିସ୍ ଫାଉଣ୍ଡେଶନ ଏବଂ ଭାରତୀୟ ବିଦ୍ୟା ଭବନ ପକ୍ଷରୁ ଆୟୋଜିତ ଲୁପ୍ତପ୍ରାୟ କଳା ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଗୋଳର ଓଡ଼ଶସ୍ଥିତ ରାବଣ ଛାୟା ନାଟ୍ୟ ସଂସଦ ଅନୁଷ୍ଠାନ ପକ୍ଷରୁ ଛାୟା କଣ୍ଢେଇ ନାଚ ପରିବେଷଣ କରାଯାଉଛି। (ଫଟୋ- ମୌସମ ନନ୍ଦ)

# ପ୍ରତ୍ୟୁଷା ବିବାହିତା ପ୍ରମାଣ ପାଇଁ ସୋମାଲିକା ନେଲେ ୨ ସପ୍ତାହ

**କଟକ,୭।୧୧ (କାର୍ତ୍ତିକ ସାହୁ)**

**ତିର୍ତ୍ତୋଲ ବିଧାୟକଙ୍କ ବିବାହ ପଞ୍ଜୀକରଣ ଆବେଦନ ମାମଲା**
- ଆସିଲେନି ବିଜୟଶଙ୍କର, ପ୍ରତ୍ୟୁଷା
- ୨୧ରେ ପରବର୍ତ୍ତୀ ଶୁଣାଣି



କଟକସ୍ଥିତ ସବ୍‌ରେଜିଷ୍ଟ୍ରାର ତଥା ବିବାହ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କ ପୂର୍ବତନ ବାନ୍ଧବୀ ସୋମାଲିକା ଦାଶ ମଙ୍ଗଳବାର ହାଜର ହୋଇଛନ୍ତି। ବିଜୟଶଙ୍କରଙ୍କ ବାନ୍ଧବୀ ପ୍ରତ୍ୟୁଷା ନନ୍ଦ ପୂର୍ବରୁ ବିବାହିତା ବୋଲି ସୋମାଲିକା ଯୁକ୍ତି ଦର୍ଶାଇଥିଲେ। ପ୍ରତ୍ୟୁଷାଙ୍କ ବିବାହ ସମ୍ପର୍କିତ ପ୍ରମାଣ ଦାଖଲ କରିବାକୁ ପଞ୍ଜୀକରଣ ଅଧିକାରୀ କହିଥିଲେ। ଏଥିନିମନ୍ତେ ୨ ସପ୍ତାହ ସମୟ ଦେବାକୁ ସୋମାଲିକା ଅନୁରୋଧ କରିଛନ୍ତି। ନିଜ ପକ୍ଷରୁ ୩ ଜଣ ସାକ୍ଷୀଙ୍କ ସାକ୍ଷ୍ୟଗ୍ରହଣ ପାଇଁ ସୋମାଲିକା ଆବେଦନ କରିଛନ୍ତି। ସେହି ସାକ୍ଷୀମାନଙ୍କୁ ହାଜର ହେବାକୁ ନୋଟିସ୍ କରାଯିବ ବୋଲି ଜଣାପଡ଼ିଛି। ସୋମାଲିକା, ପ୍ରତ୍ୟୁଷା ଓ ବିଜୟଶଙ୍କରଙ୍କୁ ବିବାହ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ହାଜର ହେବାକୁ ନୋଟିସ୍ ଜାରି କରାଯାଇଥିଲା। ହେଲେ ବିଜୟଶଙ୍କର ଓ ତାଙ୍କ ବାନ୍ଧବୀ ହାଜର ହୋଇ ନ ଥିଲେ। ଆସନ୍ତା ୨୧ରେ ଏହାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନା ଅନୁଯାୟୀ, ବିଧାୟକ ବିଜୟଶଙ୍କର ଅରୁଣୋଦୟ ମାର୍କେଟ ଅଞ୍ଚଳର ଜଣେ ମହିଳାଙ୍କୁ ବିବାହ ପାଇଁ କଟକ ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ ଗତ ସେପ୍ଟେମ୍ବର ୨୧ରେ ଆବେଦନ କରିଥିଲେ। ସୋମାଲିକା ଏ ବାବଦରେ ଜାଣିବା ପରେ ସବ୍‌ରେଜିଷ୍ଟ୍ରାରଙ୍କୁ ଭେଟି ବିଜୟଶଙ୍କରଙ୍କ ବିବାହ ଆବେଦନକୁ ରଦ୍ଦ କରିବାକୁ ଦାବି କରିଥିଲେ। ବିବାହ ତାରିଖ ପାଖେଇ ଆସୁଥିବାବେଳେ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ସୋମାଲିକା ଅନୁଭବ କରିଥିଲେ। ଫଳରେ ସେ ତ୍ୱରିତ ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଆବେଦନର ଶୁଣାଣି କରି ଏହି ମାମଲା ନିମ୍ନ ଅଦାଲତରେ ବିଚାରାଧୀନ ଥିବା ଦର୍ଶାଇ ହସ୍ତକ୍ଷେପ କରିବାକୁ ମନା କରିଦେଇଥିଲେ। ଅପରପକ୍ଷରେ କଟକ ବିବାହ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ହାଜର ହେବା ପାଇଁ ସୋମାଲିକା, ବିଜୟଶଙ୍କର ଓ ପ୍ରତ୍ୟୁଷାଙ୍କୁ ନୋଟିସ କରାଯାଇଥିଲା। ତଦନୁସାରେ ସୋମାଲିକା ମଙ୍ଗଳବାର ହାଜର ହୋଇ ସବ୍‌ରେଜିଷ୍ଟ୍ରାରଙ୍କ ନିକଟରେ ନିଜର ପକ୍ଷ ରଖିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୭।୧୧।୨୦୨୩

| ୩,୯୯,୮୯୭ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୯.୩୦୦ ଗ୍ରାମ |

## ସଂକ୍ଷେପରେ

### ଶିଳ୍ପୋଦ୍ୟୋଗୀ କୌଶିକନାଥ ଓଝାଙ୍କ ପରଲୋକ



**ଭୁବନେଶ୍ୱର,୭।୧୧(ଅନୁରାଧା ମହାରଣା):** କଟକ ତୁଳସୀପୁର ଅଞ୍ଚଳର ପୂର୍ବତନ ଶିଳ୍ପୋଦ୍ୟୋଗୀ, ସାମାଜିକ କର୍ମୀ ତଥା ଦକ୍ଷ ବାଣିଜ୍ୟିକ ପରିଚାଳକ ଭାବେ ପରିଚିତ କୌଶିକନାଥ ଓଝାଙ୍କର ପରଲୋକ ହୋଇଯାଇଛି। ମଙ୍ଗଳବାର ସକାଳ ୬ଟାରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ମାରୁତି ସୁଜୁକି ଡିଲର ସ୍ୱାଏ ଅଟୋମୋବାଇଲରେ ସେ ମୁଖ୍ୟ ପରିଚାଳନା ସଂଯୋଜକ ଭାବେ ଦୀର୍ଘ ୨୦ ବର୍ଷ କାଳ କାର୍ଯ୍ୟ କରିଥିଲେ। ତେଣୁ ଉକ୍ତ ସଂସ୍ଥା ତରଫରୁ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ଶୋକସଭା ଆୟୋଜନ କରାଯିବା ସହ ତାଙ୍କର ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରାଯାଇଥିଲା।

### ପୂର୍ବତନ ଚମ୍ପୁଆ ବିଧାୟକଙ୍କ ବିରୋଧରେ ଇଡି ଚାର୍ଜଶିଟ୍

#### ଖଣି ଦୁର୍ନୀତି ମାମଲାରେ ବେଆଇନ ଅର୍ଥ କାରବାର

**ଭୁବନେଶ୍ୱର,୭।୧୧(ସତ୍ୟଜିତ୍ ରାଉତ):** ଖଣି ଦୁର୍ନୀତି ମାମଲାରେ ବେଆଇନ ଅର୍ଥ କାରବାର ଦିଗକୁ ନେଇ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କେନ୍ଦୁଝର ଜିଲା ଚମ୍ପୁଆର ପୂର୍ବତନ ବିଧାୟକ ତଥା ଖଣି ମାଲିକ ଜିତେନ୍ଦ୍ର ନାଥ ଓରଫ ଜିତୁ ପଟ୍ଟନାୟକ ଓ ବଂଶୀଧର ପଟ୍ଟନାୟକ ଖଣି କମ୍ପାନୀ ବିରୋଧରେ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର କୋର୍ଟ (ପିଏମ୍ଏଲଏ)ରେ ଚାର୍ଜଶିଟ୍ (ପ୍ରସିକ୍ୟୁସନ୍ କମ୍ପ୍ଲେଣ୍ଟ) ଦାଖଲ କରିଛି। ମନି ଲଣ୍ଡରିଂ ଆକ୍ଟ- ୨୦୦୨ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ନେଇ ଇଡି ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଇଡି ସୂଚନା ଅନୁଯାୟୀ, ବଂଶୀଧର ପଟ୍ଟନାୟକ ଫାର୍ମର ପାର୍ଟନର ଥିବା ଜିତୁ ବେଆଇନ ଭାବେ ଖଣି ଖନନ କରିଥିଲେ। ରାଜ୍ୟ ସରକାରଙ୍କଠାରୁ ମାଇନିଂ ଲିଜ୍ ନ ନେଇ ୧୯୯୯ରୁ ୨୦୦୦ ମଧ୍ୟରେ ସେ ଏବଂ ଅନ୍ୟମାନେ ଏହି ଖନନ କରିଥିଲେ। ଫଳରେ ରାଜ୍ୟ ସରକାର ୧୩୦ କୋଟି ୩୯ ଲକ୍ଷ ଟଙ୍କା କ୍ଷତି ସହିଥିଲେ। ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୦୯ ନଭେମ୍ବର ୧୮ରେ ଭିଜିଲାନ୍ସ ପକ୍ଷରୁ ଏହି ବେଆଇନ ଖଣି ଖନନର ତଦନ୍ତ କରାଯାଇଥିଲା। ଜିତୁଙ୍କ ସମେତ ୧୫ଜଣଙ୍କ ନାଁରେ ମାମଲା ରୁଜୁ ହୋଇଥିଲା। ୨୦୧୩ ଜୁନ ୧୧ରେ ଭିଜିଲାନ୍ସ ଏହି ମାମଲାରେ ଚାର୍ଜଶିଟ୍ ଦାଖଲ କରିଥିଲା। ପରେ ବେଆଇନ ଅର୍ଥ କାରବାର ତଦନ୍ତ କରିବାକୁ ଇଡି ୨୦୨୧ରେ ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୨୦୨୨ ମେ' ୧୧ରେ ଜିତୁଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଇଡି ଚଢ଼ାଉ କରିଥିଲା। ଯାଞ୍ଚ ବେଳେ ଜିତୁଙ୍କ ଘରୁ ନଗଦ ୭୦ ଲକ୍ଷ ଟଙ୍କା ସହ ବିଭିନ୍ନ ବ୍ୟାଙ୍କରେ ଥିବା ୧୨୪ଟି ଫିକ୍ସ ଡିପୋଜିଟ୍ ବଣ୍ଡ (ଜମା ୧୩୩.୧୭ କୋଟି ଟଙ୍କା)କୁ ଜବତ କରାଯାଇଥିଲା। ତେବେ ଏହି ସମ୍ପତ୍ତିକୁ ଆଟାଚ୍ କରିବାକୁ ଇଡି ପକ୍ଷରୁ ନୂଆଦିଲ୍ଲୀସ୍ଥିତ ପିଏମ୍ଏଲ୍ଏ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ ହୋଇଥିବାବେଳେ ଏନେଇ ନଭେମ୍ବର ୧ରେ ଅନୁମତି ମିଳିଥିବା ସୂଚନା ମିଳିଛି।

# ଅନାହତ ଗୁମ୍ଫା ବିକୃତ, ଆଦି ମାନବଙ୍କ ଶିଳାଚିତ୍ର ନଷ୍ଟ

ଭୁବନେଶ୍ୱର, ୭।୧୧(ଅସମାପିକା ସାହୁ)





ଅନାହତ ଗୁମ୍ଫାର ପୂର୍ବ (ବାମ) ଏବଂ ଏବେର ଦୃଶ୍ୟ।

ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ଚତୁଃପାର୍ଶ୍ୱରେ ଅନେକ ପ୍ରାଚୀନ କୀର୍ତ୍ତିରାଜି ଆବିଷ୍କୃତ ବା ଠାବ କରାଯାଇଛି। ଏଥିମଧ୍ୟରେ ରହିଛି ପ୍ରାଗ୍ ଐତିହାସିକ ସମୟର ଅନାହତ ଗୁମ୍ଫା। ଗୁମ୍ଫା କାନ୍ଥରେ ଥିବା ସାଙ୍କେତିକ ଶିଳାଚିତ୍ର ହିଁ କୀର୍ତ୍ତିରାଜିର ଗୁରୁତ୍ୱ ବହନ କରୁଛି। ହେଲେ ଏହା କେନ୍ଦ୍ର ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍ଆଇ) ଓ ରାଜ୍ୟ ସରକାର ଗୁରୁତ୍ୱ ଦେଉ ନ ଥିବାରୁ ୪ହଜାର ବର୍ଷ ତଳର ଏହି କୀର୍ତ୍ତିରାଜି ଏବେ ନଷ୍ଟ ହେବାରେ ଲାଗିଛି। ଏପରିକି ପର୍ଯ୍ୟଟନ ବିକାଶ ନାଁରେ ଅନାହତ ଗୁମ୍ଫାର ଐତିହ୍ୟକୁ ବିକୃତ କରିଦିଆଯାଇଛି। ଶିଳାଚିତ୍ର ଥିବା ପଥର ଖଣ୍ଡକୁ ଭାଙ୍ଗି ଦିଆଯାଇଥିବାବେଳେ ଚଟାଣ ସହ ବିଭିନ୍ନ ସ୍ଥାନରେ ସିମେଣ୍ଟ ବୋଳାଯାଇଥିବା ଦେଖିବାକୁ ମିଳୁଛି।

କଟକ ଜିଲା ବାଙ୍କୀ ଅନ୍ତର୍ଗତ କୁଶପଙ୍ଗୀ ଗ୍ରାମ ନିକଟରେ ଅନାହତ ଗୁମ୍ଫା ରହିଛି। ୨୦୧୭ ଜୁନ୍‌ରେ ଏହା ନଜରକୁ ଆସିଥିଲା। ବାଙ୍କୀସ୍ଥିତ ସେଣ୍ଟର ଫର୍ ରୁରାଲ ଟୁରିଜମ୍ ଆଣ୍ଡ୍ ଡେଭଲପ୍‌ମେଣ୍ଟ(ସିଆର୍‌ଟିଡି) ସଂସ୍ଥା ପକ୍ଷରୁ ସେତେବେଳେ ଏହି ଗୁମ୍ଫା ବିଷୟରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅନାହତ ଗୁମ୍ଫାରେ ଆଦିମାନବମାନେ ବସବାସ କରୁଥିଲେ। ଏହା ସେମାନଙ୍କ ନିରାପଦ ବାସସ୍ଥଳୀ ଥିଲା। ସେତେବେଳର ମାନବ କଥା କହିବା ଶିଖି ନ ଥିଲେ କିମ୍ବା ଭାଷାର ଉତ୍ପତ୍ତି ମଧ୍ୟ ହୋଇ ନ ଥିଲା। ତେଣୁ ଆଶ୍ରୟ ସ୍ଥଳ(ଗୁମ୍ଫା) କାନ୍ଥରେ ଲୋକମାନେ ଚିତ୍ର କରି ନିଜ ମନର ଭାବ ପ୍ରକାଶ କରୁଥିଲେ ବୋଲି ବିଶ୍ୱାସ କରାଯାଏ। ଏହି ଶିଳାଚିତ୍ର ହିଁ ଅନାହତ ଗୁମ୍ଫା ଇତିହାସର ବଡ଼ ମୂକସାକ୍ଷୀ ପାଲଟିଥିଲା। ଗୁମ୍ଫାର କାନ୍ଥର ଦୁଇଟି ସ୍ଥାନରେ ଶିଳା ଚିତ୍ର ରହିଥିଲା। ଗୋଟିଏ କାନ୍ଥରେ ପାଖାପାଖି ଦୁଇଟି ଫୁଲ ଚିହ୍ନ ଅଙ୍କା ଯାଇଥିବାବେଳେ ଅନ୍ୟଏକ କାନ୍ଥରେ ଏକ ଜାଲ ପରି ସଙ୍କେତ ରହିଥିଲା। ଏହାହିଁ ସେକାଳରେ ଅନାହତ ଗୁମ୍ଫାରେ ଆଦି ମାନବ ରହୁଥିବା ପ୍ରମାଣ ଦେଉଛି। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଏବେ ସେହି ଶିଳାଚିତ୍ର ଥିବା କାନ୍ଥ ଆଉ ନାହିଁ। ପର୍ଯ୍ୟଟକମାନେ ଗୁମ୍ଫା ପାର୍ଶ୍ୱରେ ରୋଷେଇ କରିବା ସମୟରେ ମୁଣ୍ଡ ବାଜିବା ସହ ଅସୁବିଧା ହେବାରୁ ଶିଳାଚିତ୍ର ଅଙ୍କା ଯାଇଥିବା ପଥରଗୁଡ଼ିକୁ ଭାଙ୍ଗି ଦେଇଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଏଭଳି କିଛି ଶିଳା ଚିତ୍ର ଥାଇ ମଧ୍ୟପ୍ରଦେଶର ଭୀମ ବେଟକ ଆଜି ବିଶ୍ୱ ଐତିହ୍ୟରେ ସ୍ଥାନ ପାଇଛି। କିନ୍ତୁ ଭୀମ ବେଟକଠାରୁ ଅନାହତ ଗୁମ୍ଫା ବହୁ ପୁରୁଣା ହୋଇ ମଧ୍ୟ ଓଡ଼ିଶା ସେହି ସାଙ୍କେତିକ ଶିଳା ଚିତ୍ରକୁ ସଂରକ୍ଷଣ କରିବା ବଦଳରେ ଧ୍ୱଂସ କରିଦେଲା ବୋଲି ଏହାକୁ ଲୋକଲୋଚନକୁ ଆଣିଥିବା ଜାତୀୟ ଗାଇଡ୍ ତଥା ସିଆର୍‌ଟିଡିର ସମ୍ପାଦକ ଲଳିତ ମୋହନ ପଣ୍ଡା କ୍ଷୋଭର ସହିତ କହିଛନ୍ତି। ପ୍ରାଚୀନ ଶିଳା ଚିତ୍ରକୁ ନଷ୍ଟ କରିବା ସମ୍ପର୍କରେ ସେ ଏଏସ୍ଆଇ ଓ ରାଜ୍ୟ ସରକାରଙ୍କୁ ଇମେଲ ମାଧ୍ୟମରେ ସବିଶେଷ ଅବଗତ କରିଛନ୍ତି। ଆଗରୁ ଅନାହତ ଗୁମ୍ଫା କାନ୍ଥରେ କିଭଳି ଶିଳାଚିତ୍ର ଥିଲା, ଏବେ ତାହା ନାହିଁ ଏବଂ ଆଗରୁ ଗୁମ୍ଫା ଚଟାଣ କିପରି ଥିଲା, ଏବେ ସିମେଣ୍ଟ

## ଅବହେଳିତ ପ୍ରାଗ୍ ଐତିହାସିକ କୀର୍ତ୍ତିରାଜି

ପ୍ଲାଷ୍ଟର ପରେ କିପରି ଅଛି- ତାହାର ପ୍ରମାଣ ସ୍ୱରୂପ ତୁଳନାତ୍ମକ ଫଟୋ ମଧ୍ୟ ସଂଲଗ୍ନ କରିଛନ୍ତି। ଯଦି ୨୦୧୭ରୁ ଏଏସ୍ଆଇ ଅନାହତ ଗୁମ୍ଫାକୁ ପ୍ରାଚୀନ କୀର୍ତ୍ତିରାଜି ଭାବେ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେଇଥାନ୍ତେ, ତା'ହେଲେ ଲୋକେ ସେ ଶିଳାଚିତ୍ରକୁ ଭାଙ୍ଗିବା ପାଇଁ ଡରିଥାନ୍ତେ। ଅନାହତ ଗୁମ୍ଫାରେ ଥିବା ଫୁଲ ଓ ଜାଲି ସଙ୍କେତରୁ ଉକ୍ତ ସ୍ଥାନଟି ମାନବ ବସବାସ ପାଇଁ ଉପଯୁକ୍ତ ଅଞ୍ଚଳ ଥିଲା ବୋଲି ସୂଚାଉଥିଲା। ହେଲେ ଓଡ଼ିଶାର ଏହି ଅମୂଲ୍ୟ ସମ୍ପଦ ଆଜି ଆଉ ନାହିଁ କିମ୍ବା ଫେରିବା ସମ୍ଭାବନା ମଧ୍ୟ ନାହିଁ। ସେହିପରି ଗୁମ୍ଫା ଭିତରେ ଚିମିଣିମାନେ ବାସ କରିବା ଫଳରେ ଦୁର୍ଗନ୍ଧ ଆସିବାରୁ ଗୁମ୍ଫା ଭିତରେ ନିଆଁ ଲଗାଇ ସେମାନଙ୍କୁ ପୋଡ଼ି ବା ତଡ଼ି ଦିଆଯିବା ପରେ ଗୁମ୍ଫାର ଦ୍ୱାର ଓ ଚଟାଣକୁ ସିମେଣ୍ଟ ପ୍ଲାଷ୍ଟର କରି ଦିଆଯାଇଛି। ଏଭଳି କ୍ଷତି ଆଉ ଭରଣା ହେବା ମଧ୍ୟ ଅସମ୍ଭବ ବୋଲି ଲଳିତ କହିଛନ୍ତି।

## ୪.୧୬ ଲକ୍ଷ ଟଙ୍କା ଜବତ, ଯୁବକ ଗିରଫ

ଜଟଣୀ,୭।୧୧(ରବୀନ୍ଦ୍ର ନାଥ ମହାକୁଡ଼)

ଟଙ୍କା ଚୋରି ଅଭିଯୋଗରେ ଜଟଣୀ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଥାନା ଅଧୀନ ରଥିପୁର ଭୋଇ ସାହିର ସନିଆ ନାୟକ(୨୪)। ତାଙ୍କ ନିକଟରୁ ୪ଲକ୍ଷ ୧୬ହଜାର ଟଙ୍କା ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩୮୩/୨୩) ରୁଜୁ ହୋଇଥିବା ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଜଟଣୀ ଥାନା ଅଧୀନ ଗଜପତି ନଗରର ୱାହିଦ ଖାନ ନୂଆ ଗାଡି କିଣିବା ପାଇଁ ତାଙ୍କ ୱାର୍କଶପ୍ କ୍ୟାସବାକ୍ସରେ ୭ଲକ୍ଷ ୫୦ହଜାର ଟଙ୍କା ରଖିଥିଲେ। ଗତ ୨ ତାରିଖ ରାତିରେ ସନିଆ ଓ ତାଙ୍କ ସହଯୋଗୀ ୱାର୍କସପ କବାଟ ତାଲା ଭାଙ୍ଗି କ୍ୟାଶ ବାକ୍ସରୁ ଟଙ୍କା ଚୋରିକରି ନେଇଯାଇଥିଲେ। ଏନେଇ ୱାହିଦ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରିବା ସମୟରେ କୌଣସି ସୂତ୍ରରୁ ଖବରପାଇ ସନିଆ ଲୁଚିଥିବା ସ୍ଥାନରେ ଚଢ଼ାଉ କରି କାବୁ କରିବା ସହିତ ୪ଲକ୍ଷ ୧୬ହଜାର ଟଙ୍କା ଜବତ କରିଥିଲେ। ପଚରାଉଚରା ବେଳେ ସହଯୋଗୀ ସହିତ ମିଶି ଉକ୍ତ ଟଙ୍କା ଚୋରି କରିଥିବା ସନିଆ ସ୍ୱୀକାର କରିଥଲା ବୋଲି ପୋଲିସ କହିଛି।




ଦିଲ୍ଲୀ ଗ୍ରେଟର ନୋଏଡାର ଏସିଡ୍ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଏସିଡ୍ ପୀଡ଼ିତାଙ୍କ ନୀରବ ଆନ୍ଦୋଳନ। (ଫଟୋ- ମନୋରଞ୍ଜନ ମିଶ୍ର)

## ଦୋକାନରେ ମହିଳାଙ୍କୁ ଛୁରି ଭୁସି ହତ୍ୟା

ଭୁବନେଶ୍ୱର/ବାରଙ୍ଗ,୭।୧୧
(ସତ୍ୟଜିତ୍ ରାଉତ/ଲିଙ୍ଗରାଜ ରାଉତ)



ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଚନ୍ଦକା ଥାନା ଅନ୍ତର୍ଗତ ଗୋଠପାଟଣା ଆଇଆଇଆଇଟି ଛକ ନିକଟରେ ସୋମବାର ରାତିରେ ଜଣେ ବିବାହିତା ମହିଳାଙ୍କୁ ଜଣେ ଦୁର୍ବୃତ୍ତ ଛୁରି ଭୁସି ହତ୍ୟା କରିଛନ୍ତି। ମୃତା ମହିଳା ହେଲେ ସସ୍ମିତା ବେହେରା (୩୫)। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି। ଏ ସଂକ୍ରାନ୍ତରେ ମୃତା ସସ୍ମିତାଙ୍କ ଭାଇ ବିପିନଙ୍କ ଏତଲା ଆଧାରରେ ମଙ୍ଗଳବାର ପୋଲିସ ଏକ ହତ୍ୟା ମାମଲା (ନଂ.୩୫୦/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଫେରାର ଅଛନ୍ତି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ମୃତଦେହକୁ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ମିଳିଥିବା ସୂଚନା ଅନୁସାରେ, ସସ୍ମିତାଙ୍କ ଘର କଟକ ସଦର ଥାନା ଅନ୍ତର୍ଗତ ନଖରା ଅଞ୍ଚଳରେ। ସ୍ୱାମୀଙ୍କ ସହ ସେ ଗୋଠପାଟଣାସ୍ଥିତ କ୍ରିଷ୍ଣାପୁରୀ କଲୋନୀରେ ଦୀର୍ଘଦିନ ଧରି ରହୁଥିଲେ। ସେମାନଙ୍କ ଗୋଟିଏ ପୁଅ ଅଛି। ସ୍ୱାମୀ ସ୍ତ୍ରୀ ପ୍ରାୟ ୩ ବର୍ଷ ହେବ ଆଇଆଇଆଇଟି ଛକ ନିକଟରେ ଏକ ଅସ୍ଥାୟୀ ଦୋକାନ କରି ଠେଲା ଗାଡ଼ିରେ ଜଳଖିଆ ବିକ୍ରି କରି ଚଳୁଥିଲେ। ସୋମବାର ରାତି ପ୍ରାୟ ୯ଟା ବେଳେ ସ୍ୱାମୀ ବିଶ୍ୱନାଥ ନିକଟରେ ଥିବା ଏକ ଟ୍ୟାପରୁ ପାଣି ଆଣିବାକୁ ଯାଇଥିବା ବେଳେ ସସ୍ମିତା ଦୋକାନରେ ଥିଲେ। ଏହି ସମୟରେ ଏକ ବାଇକ୍‌ରେ ଦୁଇଜଣ ଯୁବକ ସେଠାକୁ ଆସିଥିଲେ। ଜଣେ ଯୁବକ ସସ୍ମିତାଙ୍କୁ ପାଖକୁ ଡାକିଥିଲେ। କଥାବାର୍ତ୍ତା ସମୟରେ ହଠାତ୍ ସସ୍ମିତାଙ୍କୁ ଛୁରିରେ ଆକ୍ରମଣ କରି ଯୁବକଦ୍ୱୟ ବାଇକରେ କାଟେଣୀ ଆଡେ ପଳାଇଯାଇଥିଲେ। ତେବେ ଅପରାଧୀଦ୍ୱୟ କିଏ ଓ ସସ୍ମିତାଙ୍କ ସହ କାହିଁକି ସେମାନେ ଏଭଳି ଘଟାଇଲେ ତାହା ଏବେ ରହସ୍ୟ ଘେରରେ ରହିଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ରକ୍ତ ନମୁନା ସହ ଫିଙ୍ଗର୍ ଓ ଫୁଟ୍ ପ୍ରିଣ୍ଟ ଆଦି ପ୍ରମାଣ ସଂଗ୍ରହ କରିଛି। ଅପରାଧୀଙ୍କୁ ଧରିବାକୁ ପୋଲିସ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ସ୍ଥାନୀୟ ଅଞ୍ଚଳରେ ଅନ୍ଧାର ରହୁଥିବାରୁ ଅପରାଧୀଙ୍କୁ ଏହା ସୁହାଉଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ସେଠାରେ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ନିଶା କାରବାର ବଢ଼ୁଥିବା ଚର୍ଚ୍ଚା ହେଉଛି। ବଡ଼କଥା ହେଲା, ଗୋଠପାଟଣା ଫାଣ୍ଡିରୁ ମାତ୍ର ୨ଶହ ମିଟର ଦୂରରେ ଏଭଳି ହତ୍ୟାକାଣ୍ଡ ଘଟିଥିବାରୁ ପୋଲିସ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ହାତୀ ଆକ୍ରମଣରେ ମହିଳା ମୃତ

ବଡ଼ମ୍ବା/ମାଣିଆବନ୍ଧ,୭।୧୧
(ମାୟାଧର ମଲ୍ଲିକ/ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ କୁଆଁରପାଳ ନିକଟସ୍ଥ ବିରିଗଡି ଜଙ୍ଗଲରେ ମଙ୍ଗଳବାର ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ମାଣିଆବନ୍ଧ ଥାନା ଅନ୍ତର୍ଗତ ଅଭିମାନପୁର ଗ୍ରାମର ସ୍ୱର୍ଗତ ପବିତ୍ର ସେନାପତିଙ୍କ ସ୍ତ୍ରୀ ମଞ୍ଜୁ (୫୮)। ସେହିପରି ଆହତ ଦ୍ୱୟ ହେଲେ ଉକ୍ତ ଗ୍ରାମର ସ୍ୱର୍ଗତ କସ୍ତୁରୀ ସେନାପତିଙ୍କ ସ୍ତ୍ରୀ ବାସନ୍ତୀ (୪୬) ଓ ପ୍ରଭାକର ସେନାପତିଙ୍କ ସ୍ତ୍ରୀ ସବିତା (୪୫)। ୩ ଜଣ ଗ୍ରାମ ନିକଟସ୍ଥ ବିରିଗଡି ଜଙ୍ଗଲକୁ ସକାଳେ ଜାଳେଣି କାଠ ଆଣିବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ମଞ୍ଜୁଙ୍କୁ ହାତୀ ଶୁଣ୍ଢରେ ଧରି କଚାଡି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଏହା ଦେଖି ବାସନ୍ତୀ ଓ ସବିତା କୌଶଳକ୍ରମେ ସେଠାରୁ ଦୌଡ଼ି ପଳାଇ ଆସିବାବେଳେ ତଳେ ପଡ଼ି ଆହତ ହୋଇଛନ୍ତି। ଖବରପାଇ ପୋଲିସ ମଞ୍ଜୁଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏହାପରେ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମବାସୀ କ୍ଷତିପୂରଣ ଦାବିରେ ଅଭିମାନପୁର ଛକରେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ମାଣିଆବନ୍ଧ ଥାନା ଅଧିକାରୀ ବସନ୍ତ କୁମାର ଶତପଥୀ, ବଡ଼ମ୍ବା ବନାଞ୍ଚଳ ଅଧିକାରୀ ସୀତାରାମ ଶବର, ମାଣିଆବନ୍ଧ ଓ ବଡ଼ମ୍ବା ବନପାଳ ଦିବ୍ୟସିଂହ ପରିଡ଼ା, କୃଷ୍ଣଚନ୍ଦ୍ର ସ୍ୱାଇଁ ସଦଳବଳ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ତତ୍କାଳ ୬୦ହଜାର ଟଙ୍କା ପ୍ରଦାନ କରିଥିଲେ। ଏହାପରେ ରାସ୍ତା ଅବରୋଧ ହଟିଥିଲା। ଅପରପକ୍ଷେ ହାତୀକୁ ଘଉଡ଼ଇବା ପାଇଁ ବନ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି।

# ୫୩ ବର୍ଷ ପରେ ପୁଣି ଦର୍ଶକ ଦେଖିଲେ 'ପରିଣାମ'

## ୧୯୬୦ ମସିହାରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର ହେଲା ସ୍କ୍ରିନିଂ



'ପରିଣାମ'ର ଏକ ଦୃଶ୍ୟ।



ଅଭିନେତା ତୁଷାର ପାଣିଗ୍ରାହୀ।

ଭୁବନେଶ୍ୱର,୭।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

କଥାରେ ଅଛି 'ଓଲ୍ଡ ଇଜ୍ ଗୋଲ୍ଡ'। ଅର୍ଥାତ୍ ପୁରୁଣା ସବୁବେଳେ ସତେଜ। ୧୯୬୦ ମସିହାର ଓଡ଼ିଆ ଚଳଚ୍ଚିତ୍ର 'ପରିଣାମ'ର ସ୍କ୍ରିନିଂରୁ ସେ ସମୟର ଲୋକଙ୍କ ସ୍ମୃତିଚାରଣ ଓ ନୂଆ ପିଢ଼ିଙ୍କ ପାଇଁ ପୁରୁଣା ପୃଷ୍ଠାର ସୁନ୍ଦର ଝଲକ ଦେଖିବାକୁ ମିଳିଛି। ଓଡ଼ିଆ ସିନେମା ପ୍ରତି ଲୋକଙ୍କର କେତେ ଭଲ ପାଇବା ରହିଛି ତାହା ମଧ୍ୟ ବାରି ହୋଇପଡ଼ିଛି। ଦୀର୍ଘ ୫୩ ବର୍ଷ ପରେ ମଙ୍ଗଳବାର ଭୁବନେଶ୍ୱର ସୂଚନା ଭବନଠାରେ 'ପରିଣାମ' ଚଳଚ୍ଚିତ୍ରକୁ ପୁଣି ଥରେ ପ୍ରଦର୍ଶନ କରାଯାଇଥିଲା। ୯୦ ମିନିଟ୍ ଅବଧିର ଏହି ଚଳଚ୍ଚିତ୍ରକୁ ଦର୍ଶକ ଦେଖି ଉଲ୍ଲସିତ ହେବା ସହ ଅତୀତର ସ୍ମୃତିକୁ ମନେ ପକାଇଥିଲେ। ପାରିବାରିକ କାହାଣୀ ଉପରେ ଏହି ଚଳଚ୍ଚିତ୍ର ପର୍ଯ୍ୟବସିତ।

ଫିଲ୍ମ ଜର୍ନାଲିଷ୍ଟ ଫୋରମ୍ ପକ୍ଷରୁ ବିଂଶତମ ସ୍ମୃତିଛାୟା କ୍ରମରେ ପରିଣାମର ସ୍କ୍ରିନିଂ କରାଯାଇଥିଲା। ସୀତାବିବାହ ସଙ୍ଗୀତରୁ ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ପରିଣାମର ବିବରଣୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଚଳଚ୍ଚିତ୍ର ପୁନରୁଦ୍ଧାରରେ ଅବଦାନ ଥିବା ଆଲୋକ ସାହାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ନିକଟରେ ଜାତୀୟ ପୁରସ୍କାର ପାଇଥିବା ଚଳଚ୍ଚିତ୍ର 'ପ୍ରତୀକ୍ଷା'ର ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ଏବଂ 'ଦ ହିଲିଂ ଟଚ୍'ର ନିର୍ଦ୍ଦେଶକ ଶ୍ୱେତ କୁମାର ଦାଶଙ୍କୁ ଫୋରମ୍ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଫୋରମ୍‌ର ପ୍ରମୁଖ ସଦସ୍ୟ ସୂର୍ଯ୍ୟ ଦେଓ କହିଛନ୍ତି, ୧୯୮୯ରେ ପ୍ରକାଶିତ ଏକ ସାକ୍ଷାତ୍କାରରେ ଉକ୍ତ ଫିଲ୍ମର ପ୍ରଯୋଜକ କହିଥିଲେ, ୧୯୬୯ ବନ୍ୟାରେ ସବୁ ନଷ୍ଟ ହୋଇଯାଇଛି। ପରିଣାମ ଯେ ପୁଣି ଥରେ ଦେଖିହେବ ସେ ଆଶା ପ୍ରାୟ ନ ଥିଲା। ତେବେ ବହୁ କଷ୍ଟରେ ତାହାକୁ ପୁଣି ସ୍କ୍ରିନିଂ କରାଗଲା। କାର୍ଯ୍ୟକ୍ରମରେ ସିନେମା ଓ ସାହିତ୍ୟ ଜଗତ ସହ ସମ୍ପୃକ୍ତ ବହୁ ବ୍ୟକ୍ତି ଯୋଗଦେଇଥିଲେ। ଅମିତାଭ ଖିଲାର ଧନ୍ୟବାଦ ଦେଇଥିବା ବେଳେ ଆର୍‌ଜେ କେପି ଏବଂ ଗୁଞ୍ଜି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପରଦାରେ ଓ ପଛରେ

ଅସ୍କାର ଉତ୍କଳ ଚଳଚ୍ଚିତ୍ର ପ୍ରତିଷ୍ଠାନ ପକ୍ଷରୁ ନିର୍ମିତ ଏହି ସିନେମାର ପ୍ରଯୋଜକ ଥିଲେ କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମା। କାହାଣୀରେ ପ୍ରମୋଦ ପାଣିଗ୍ରାହୀ, ସଂଳାପରେ ପ୍ରମୋଦଙ୍କ ସହ କାର୍ତ୍ତିକ କୁମାର ଘୋଷ, ସମ୍ପାଦନା ଦେବୀଦାସ ଗାଙ୍ଗୁଲି, ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନାରେ ବିଶ୍ୱନାଥ ନାୟକ ରହିଥିଲେ। ସଙ୍ଗୀତ ନିର୍ଦ୍ଦେଶନାରେ ଭୁବନେଶ୍ୱର ମିଶ୍ରଙ୍କ ସହ ଅକ୍ଷୟ ମହାନ୍ତି, ନିର୍ମଳା ମିଶ୍ର ଓ ସନ୍ଧ୍ୟା ମୁଖାର୍ଜୀଙ୍କ ଭଳି ବିଶିଷ୍ଟ କଣ୍ଠଶିଳ୍ପୀ ସ୍ୱର ଦେଇଥିଲେ। ପ୍ରମୋଦ କୁମାର, ଗୀତିସୁଧା, କାର୍ତ୍ତିକ କୁମାର, ତୁଷାର ପାଣିଗ୍ରାହୀ, ଦୁଃଖୀରାମ ସ୍ୱାଇଁ, ମାଷ୍ଟର ମାଣିଆ, ପୂର୍ଣ୍ଣ ଚାନ୍ଦ, ଧୀରେନ୍ଦ୍ର ବିଶ୍ୱାଳ, କିଶୋରୀ, ସୁନ୍ଦରମଣି, ପ୍ରମିଳା, ଶିଶୁ କଳାକାର ଭାବେ ମାଷ୍ଟର ଟୁନୁ, ରାମ, ଭରତ ପ୍ରମୁଖ ଅଭିନୟ କରିଥିଲେ।

### କମ୍ ଖର୍ଚ୍ଚ, କମ୍ ଦିନର ଶୁଟିଂ

୧୯୪୮ରୁ ୧୯୬୦ ମସିହା ମଧ୍ୟରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର ଭିତରୁ 'ପରିଣାମ' ସବୁଠୁ କମ୍ ଖର୍ଚ୍ଚ ଓ କମ୍ ଦିନର ଶୁଟିଂରେ ନିର୍ମାଣ ହୋଇଥିଲା। ୧ଲକ୍ଷ ୧୦ହଜାର ଟଙ୍କାରେ ନିର୍ମିତ ଏହି ଚଳଚ୍ଚିତ୍ର ଶୁଟିଂ ୧୮ରୁ ୨୦ଦିନ ମଧ୍ୟରେ କରାଯାଇଥିଲା। କଟକର କ୍ୟାପିଟାଲ୍ ଟକିଜ୍, ପୁରୀର ଶ୍ରୀକୃଷ୍ଣ ସିନେମା, ବ୍ରହ୍ମପୁରର ବିଜୟା ଟକିଜ୍, ଆସ୍କାରେ ଥିବା ଉତ୍କଳ ସିନେମା ହଲ୍‌ରେ ୧୯୬୦ ନଭେମ୍ବର ୪ ତାରିଖରେ ଏହି ଚଳଚ୍ଚିତ୍ର ରିଲିଜ୍ ହୋଇଥିଲା।




ଫିଲ୍ମ ଜର୍ନାଲିଷ୍ଟ ଫୋରମ୍ ପକ୍ଷରୁ ବିଂଶତମ ସ୍ମୃତିଛାୟା କାର୍ଯ୍ୟକ୍ରମରେ ଅତିଥିମାନେ 'ପରିଣାମ' ଚଳଚ୍ଚିତ୍ରର ବିବରଣୀ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

# ମିନୁ ମହାନ୍ତଙ୍କୁ 'ୱିଙ୍ଗସ୍ ଅଫ୍ ଷ୍ଟିଲ୍' ଆୱାର୍ଡ

## ଜେଏସ୍ଏଲ୍‌ର ପ୍ରଥମ ମହିଳା ଓଭରହେଡ୍ କ୍ରେନ୍ ପରିଚାଳିକା




ଭୁବନେଶ୍ୱର,୭।୧୧(ଅଭୟ ଦାଶ)

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍ଏଲ୍)ର ପ୍ରଥମ ମହିଳା ଓଭରହେଡ୍ କ୍ରେନ୍ ପରିଚାଳିକା ମିନୁ ମହାନ୍ତଙ୍କୁ ନିକଟରେ ଇଣ୍ଡିଆନ ଷ୍ଟିଲ୍ ଆସୋସିଏସନ (ଆଇଏସ୍ଏ) ପକ୍ଷରୁ 'ୱିଙ୍ଗସ୍ ଅଫ୍ ଷ୍ଟିଲ୍' ଆୱାର୍ଡ ପ୍ରଦାନ କରାଯାଇଛି। ବିଶେଷକରି 'ଲିଙ୍ଗ ଏବଂ ବିବିଧତା' ବର୍ଗରେ ସେ ଉପରୋକ୍ତ ଆୱାର୍ଡ (ପୁରସ୍କାର) ପାଇଛନ୍ତି। ଏପରିକି ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଆଗକୁ ଆସୁଥିବା ଯାଜପୁରର ୪୩ ବର୍ଷୀୟ ମିନୁଙ୍କ ଅଧ୍ୟବସାୟ ଓ ଦୃଢ଼ ସଂକଳ୍ପକୁ ଆଇଏସ୍ଏ ଢେର ପ୍ରଶଂସା କରିଛି। ସେହିଭଳି ନୂଆଦିଲ୍ଲୀଠାରେ ଆୟୋଜିତ ଆଇଏସ୍ଏ ଷ୍ଟିଲ କନ୍‌କ୍ଲେଭର ୪ର୍ଥ ସଂସ୍କରଣରେ କଠିନ ପରିସ୍ଥିତିକୁ ସାମ୍ନା କରି ହାର ମାନି ନଥିବା ମିନୁଙ୍କୁ ଜ୍ୟୁରି ସ୍ପେଶାଲ ଆୱାର୍ଡ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଜିନ୍ଦଲ ଷ୍ଟେନ୍‌ଲେସ୍‌ରେ ଯୋଗଦେବା ପୂର୍ବରୁ ମିନୁ ପଥର ଭାଙ୍ଗି ଗୁଡ଼ି ତିଆରି କରିବା କାମ କରୁଥିଲେ। ୨୦୧୧ରେ ସେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଷ୍ଟିଲ୍ ମେଲ୍ଟିଂ ଶପ୍‌ର ହାଉସ କିପିଂ ଦଳରେ ଯୋଗଦେଲେ। ଏପରିକି ମେଶିନ ପରିଚାଳନା କରିବା କାମ ଶିଖିବା ପାଇଁ ତାଙ୍କର ପ୍ରବଳ ଇଚ୍ଛା ଶକ୍ତି ଥିଲା। ଫଳରେ ସେ ଖୁବ୍‌ଶୀଘ୍ର ଇଞ୍ଜିନ ଚାଳିତ କ୍ଲିନିଂ ଯାନ ଚଳାଇବା ଶିଖିପାରିଲେ।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ମିନୁଙ୍କ ସାହସ ଓ ପରିଶ୍ରମକୁ ଆଇଏସ୍ଏ ପକ୍ଷରୁ ମାନ୍ୟତା ମିଳିଥିବାରୁ ମୁଁ ଗର୍ବ ଅନୁଭବ କରୁଛି। ଏହା ହେଉଛି କାମ ପ୍ରତି ତାଙ୍କର ଅଦମ୍ୟ ନିଷ୍ଠା ଓ ପ୍ରତିବଦ୍ଧତାର କାହାଣୀ। ଜିନ୍ଦଲ ଷ୍ଟେନ୍‌ଲେସ୍‌ରେ ଆମେ ସବୁବେଳେ ମହିଳାମାନଙ୍କୁ ଆହ୍ୱାନମୂଳକ କାମ କରି ଅନ୍ୟମାନଙ୍କ ପ୍ରେରଣା ସାଜିବା ପାଇଁ ପ୍ରୋତ୍ସାହନ କରିଆସୁଛୁ। ମିନୁ କାରଖାନା (ପ୍ଲାଣ୍ଟ)ରେ କାର୍ଯ୍ୟରତ ମହିଳାମାନଙ୍କୁ ତାଲିମ ଦେବା ସହ ପୁରୁଷ ପ୍ରଧାନ କାମଗୁଡ଼ିକ କରିବା ପାଇଁ ଉତ୍ସାହିତ କରନ୍ତି। ଆଇଏସ୍ଏ ଏଭଳି ଏକ ପ୍ଲାଟ୍‌ଫର୍ମ ରୂପେ ଉଭା ହୋଇଛି,ଯାହା ଭାରତୀୟ ଆଇରନ ଓ ଷ୍ଟିଲ୍ ଶିଳ୍ପରେ ଥିବା ବିଭିନ୍ନ ସମସ୍ୟା, ଆହ୍ୱାନଗୁଡ଼ିକୁ ସରକାର ତଥା ଭାରତ ଓ ଦେଶ ବାହାରର ଅନ୍ୟ ଅଂଶୀଦାରମାନଙ୍କ ସହ ଆଲୋଚନା କରିଥାଏ। ମିନୁ କହିଛନ୍ତି, ଏହା ମୋ ପାଇଁ ଏକ ବଡ ଦିନ, ମୋ ମତରେ ସାହସୀ ହେବା ଛଡ଼ା ମହିଳାଙ୍କ ପାଇଁ ଅନ୍ୟ କୌଣସି ବିକଳ୍ପ ନାହିଁ। ଜିନ୍ଦଲ ଷ୍ଟେନ୍‌ଲେସ୍‌ରେ ମୋତେ ସୁଯୋଗ ମିଳିଥିବାରୁ ମୁଁ କୃତଜ୍ଞ ଏବଂ ଏକ ସାହସୀ ଓ ନିର୍ଭୀକ ମହିଳା ଦଳ ଗଠନ କରିବା ପାଇଁ ମୁଁ ପ୍ରତିବଦ୍ଧ ରହିଛି।

# ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର,୭।୧୧

ଗତ କିଛି ସପ୍ତାହ ହେଲା ଘରୋଇ ଶେୟାର ବଜାର କାରବାରରେ କ୍ରମାଗତ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୬ (୧୬.୨୯) ପଏଣ୍ଟ ଖସି (କମି) ୬୪,୯୪୨ (୬୪,୯୪୨.୪୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୫ (୫.୦୫) ପଏଣ୍ଟ ହ୍ରାସ ଘଟି ୧୯,୪୦୭ (୧୯,୪୦୬.୭୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଥିଲା।

# ପାହାଳରେ ଗୋଦ୍‌ରେଜ୍ ଇଣ୍ଟେରିଓର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍



ଭୁବନେଶ୍ୱର,୭।୧୧

ଗୋଦ୍‌ରେଜ୍ ଗ୍ରୁପ୍‌ର ଫ୍ଲାଗ୍‌ଶିପ କମ୍ପାନୀ ଗୋଦ୍‌ରେଜ୍ ଇଣ୍ଟେରିଓର ଏକ୍ସକ୍ଲୁସିଭ ଆଉଟ୍‌ଲେଟ ମଙ୍ଗଳବାର ଭୁବନେଶ୍ୱର ଉପକଣ୍ଠ ପାହାଳଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗୋଦ୍‌ରେଜ୍ ଇଣ୍ଟେରିଓର ବରିଷ୍ଠ ଉପସଭାପତି (ବି୨ସି) ଡ. ଦେବନାରାୟଣ ସରକାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହୋମ୍ ଏକ୍ସପ୍ରେସନ୍ସ (ଗୋଦ୍‌ରେଜ୍ ଇଣ୍ଟେରିଓର ଡିଲର) ର ସ୍ୱତ୍ୱାଧିକାରୀ ଶରତ ପୃଷ୍ଟି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି ୧୦୦୦ବର୍ଗ ଫୁଟ ପରିମିତ ସ୍ଥାନରେ ବଢି ଉଠିଥିବା ଏହି ନବନିର୍ମିତ ଷ୍ଟୋରରେ ରୋଷେଇ ଘର, ଘର ଜିନିଷ ରଖିବା ତଥା ଇଣ୍ଟେରିଓ ବ୍ୟବସ୍ଥାର ବ୍ୟାପକ ସମାଧାନ ଉପଲବ୍ଧ। ଅପରପକ୍ଷରେ ଉଦ୍‌ଘାଟନୀ ଅଫର ୨୦%ର ଛାଡ଼ ସହିତ ନିଶ୍ଚିତ ଉପହାରର ସୁଯୋଗ ଗ୍ରାହକମାନେ ପାଇପାରିବେ। ଏ ସମ୍ପର୍କରେ ଗୋଦ୍‌ରେଜ୍ ଇଣ୍ଟେରିଓର ବରିଷ୍ଠ ଉପସଭାପତି (ବି୨ସି) ଡ. ଦେବନାରାୟଣ ସରକାର କହିଛନ୍ତି, ବ୍ରାଣ୍ଡ୍ ଏହି ଅଞ୍ଚଳରେ ଏକ ମଜଭୁତ ପାଦ ଥାପିପାରିଛି। ଏପରିକି ଆମର ଦୃଢ଼ବିଶ୍ୱାସ ଏହି ଅଞ୍ଚଳ ନିଶ୍ଚିତ ଭାବେ ଆମକୁ ନିକଟ ଭବିଷ୍ୟତରେ ପ୍ରଚୁର ମାତ୍ରାରେ ରାଜସ୍ୱ ଯୋଗାଇବାରେ ବେଶ୍ ସହାୟ ହେବ। ଉକ୍ତ ଷ୍ଟୋରର ଏକ ସର୍ବୋତ୍କୃଷ୍ଟ ଅବସ୍ଥିତି ତଥା ଆଗକୁ ଆସୁଥିବା ନୂଆ ନୂଆ ଘରୋଇ ଆପାର୍ଟମେଣ୍ଟର ଗଠନକୁ ଦୃଷ୍ଟିରେ ରଖି ଗୋଦ୍‌ରେଜ୍ ଇଣ୍ଟେରିଓ ଏକ ଦୃଢ଼ ଏବଂ ବିକଶିତ ବ୍ରାଣ୍ଡ୍ ଭାବେ ଉକ୍ତ ଅଞ୍ଚଳରେ ସବୁଠାରୁ ଆଗରେ ରହି ପ୍ରଥମ ବର୍ଷରେ ଏହି ଷ୍ଟୋର ୭୫ଲକ୍ଷ ଟଙ୍କାରୁ ଅଧିକ ରାଜସ୍ୱ ସ୍ପର୍ଶ କରିପାରିବ। ସେହିଭଳି ହୋମ୍ ଏକ୍ସପ୍ରେସନ୍ସ (ଗୋଦ୍‌ରେଜ୍ ଇଣ୍ଟେରିଓର ଡିଲର) ର ସ୍ୱତ୍ୱାଧିକାରୀ ଶରତ ପୃଷ୍ଟି କହିଥିଲେ, ଭୁବନେଶ୍ୱର-କଟକ ଦ୍ୱୈତ ନଗରୀ ମଧ୍ୟ ଭାଗରେ ଏହି ଷ୍ଟୋର ସବୁ ବର୍ଗଙ୍କ ଆବଶ୍ୟକତା ପୂରଣ ସହିତ ବିକ୍ରି ପରବର୍ତ୍ତୀ ସେବା ଯୋଗାଇଦେବ। ବିଶେଷକରି ଏହା ଆମର ୫ମ ଷ୍ଟୋର ହୋଇଥିବାବେଳେ ଜମି-ଘରଦ୍ୱାର ବ୍ୟବସାୟରେ ଅଦ୍ୟାବଧି ଦେଖାଦେଇଥିବା ବିକଶିତ ଦୃଶ୍ୟପଟରେ ଆମେ ଏହାର ବିସ୍ତାରିତର ଆଶା ରଖି ତଥା ଏହି ଷ୍ଟୋରରେ ଉପଲବ୍ଧ ତଥା ପ୍ରଦର୍ଶିତ ବିଭିନ୍ନ ଶୈଳୀ ତଥା ପକେଟକୁ ସୁହାଇଲା ଭଳି ବିଭିନ୍ନ ଧରଣର ବିବିଧ ରୋଷେଇ ଘର ସାମଗ୍ରୀ ତଥା ୱାର୍ଡରୋବ୍ ଚିନ୍ତାଧାରା ଗ୍ରାହକମାନଙ୍କୁ ନିଶ୍ଚିତ ଭାବେ ଅନୁପ୍ରାଣିତ କରିବ ଏହା ଆମର ଆଶା।

# ବିଓଏମ୍‌ର ତ୍ରୈମାସିକ ଫଳାଫଳ




ଭୁବନେଶ୍ୱର,୭।୧୧

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଶେଷ ହୋଇଯାଇଛି। ଉକ୍ତ ବୈଠକରେ ବ୍ୟାଙ୍କର କାରବାର ଓ ଆଗାମୀ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ କାରବାର ସମ୍ପର୍କିତ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ବିଶେଷକରି ଋଣ ଓ ଜମା ଅଭିବୃଦ୍ଧି କ୍ଷେତ୍ରରେ ବିଓଏମ୍ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ବ୍ୟାଙ୍କ ରୂପେ ପରିଗଣିତ ହୋଇଛି। ଅପରପକ୍ଷରେ ପୁଣେସ୍ଥିତ ବିଓଏମ୍‌ର ମୁଖ୍ୟାଳୟର ସୂଚନା ଅନୁସାରେ ବ୍ୟାଙ୍କ ଜମା ଓ ଅଗ୍ରିମ କ୍ଷେତ୍ରରେ ୨୦% ଅଭିବୃଦ୍ଧି ହାର ହାସଲକରି ୨ୟ ତ୍ରୈମାସରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ମଧ୍ୟରେ ସବୁଠାରୁ ଶୀର୍ଷ ସ୍ଥାନ ହାସଲ କରିପାରିଛି। ଏପରିକି ପ୍ରକାଶ ପାଇଥିବା ସୂଚନା ଅନୁଯାୟୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ତାଲିକାରେ ଚଳିତ ବର୍ଷ ସେପ୍ଟେମ୍ବର ଶେଷ ସୁଦ୍ଧା ଘରୋଇ ଗ୍ରସ୍ ଅଗ୍ରିମ କ୍ଷେତ୍ରରେ ବ୍ୟାଙ୍କ ୨୩.୫୫% ଅଭିବୃଦ୍ଧି ହାରରେ ୧,୮୩,୧୨୨ କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି ଜମା ଅଭିବୃଦ୍ଧି କ୍ଷେତ୍ରରେ ବ୍ୟାଙ୍କର ୨୨.୧୮% ଅଭିବୃଦ୍ଧି ଘଟିଥିଲାବେଳେ ୨୦୨୩ ସେପ୍ଟେମ୍ବର ଶେଷ ସୁଦ୍ଧା ବ୍ୟାଙ୍କ ୨,୩୯,୨୯୮ କୋଟି ଟଙ୍କା ସଂଗ୍ରହ କରିପାରିଛି। ଏପରିକି ସ୍ୱଳ୍ପ ମୂଲ୍ୟରେ ଚଳନ୍ତି ଖାତା ଏବଂ ସଞ୍ଚୟ ଖାତା (କାସା) ଜମା କ୍ଷେତ୍ରରେ ୫୦.୭୧% ହାରରେ ବ୍ୟାଙ୍କ ଶୀର୍ଷ ସ୍ଥାନ ବଜାୟ ରଖିଛି। ସେହିପରି ବ୍ୟାଙ୍କର ମୋଟ୍ ବ୍ୟବସାୟିକ ଅଭିବୃଦ୍ଧି ୨୨.୭୭% ବୃଦ୍ଧି ପାଇ ସର୍ବାଧିକ ୪,୨୨,୪୨୦ କୋଟି ଟଙ୍କାରେ ପହଞ୍ଚିଛି।

# ଅରୁନ୍ଧତୀର ସର୍ବଶ୍ରେଷ୍ଠ ଧନ୍‌ତେରସ୍ ଅଫର

ଭୁବନେଶ୍ୱର,୭।୧୧




ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସର୍ବଶ୍ରେଷ୍ଠ ଧନ୍‌ତେରସ୍ ଅଫରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଆଲୋକ ଓ ଅମୃତର ପର୍ବ ଦୀପାବଳି ଓ ଧନ୍‌ତେରସ୍ ପାଇଁ ନୂତନ ଓ ପ୍ରିମିୟମ କଲେକ୍ସନ୍ 'ଅର୍କ ଓ ଅମେୟା' ଭଳି ସିଗ୍ନେଚର ଡିଜାଇନ ସହ ୧୦୦୦ରୁ ଊର୍ଦ୍ଧ୍ୱ ୟୁନିକ ଡିଜାଇନର ଗହଣା ପ୍ରସ୍ତୁତ କରାଯାଇଛି। ସେହିଭଳି ଏହି ସର୍ବଶ୍ରେଷ୍ଠ ଧନ୍‌ତେରସ୍ ଅଫରରେ ସମସ୍ତ ରେଗୁଲାର ସୁନାଗହଣାର ଗଡ଼ା ମଜୁରି ଫ୍ଲାଟ୍ ୫୯୯ ଟଙ୍କା ହୋଇଥିବାବେଳେ ପ୍ରତି ୧୦ଗ୍ରାମ ସୁନାଗହଣା କ୍ରୟ ଉପରେ ଗୋଟିଏ ସ୍ୱର୍ଣ୍ଣମୁଦ୍ରା ସମ୍ପୂର୍ଣ୍ଣ ମାଗଣା ରଖାଯାଇଛି। ଏପରିକି ଅଗ୍ରିମ ବୁକିଂ କରୁଥିବା ଗ୍ରାହକଙ୍କ ପାଇଁ ଗହଣା ଉପରେ ସର୍ବନିମ୍ନ ଦର ଲାଗୁ ହେବ। ବିଶେଷକରି ଫ୍ଲେକ୍ସିବୁଲ ସୁନା ଦର ଓ ପୁରୁଣା ଗହଣା ଏକ୍ସଚେଞ୍ଜ ଉପରେ ମିଳିବ ୧୦୦% ଏକ୍ସଚେଞ୍ଜ ଭାଲ୍ୟୁ ଏବଂ ହୀରା ଗହଣାର ମୂଲ୍ୟ ଉପରେ ଫ୍ଲାଟ୍ ୨୦% ରିହାତି (ଅଫ୍) ଓ ରୁପା ଗହଣାର ଗଡ଼ା ମଜୁରି ଉପରେ ଫ୍ଲାଟ୍ ୩୫% ରିହାତି (ଅଫ୍) ଗ୍ରାହକମାନେ ପାଇପାରିବେ।

ଏ ସମ୍ପର୍କରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଅରୁନ୍ଧତୀ ଓଡ଼ିଶାର ସର୍ବଶ୍ରେଷ୍ଠ ବଜାର ମୂଲ୍ୟ (ଗୋଲଡ୍ ରେଟ୍+ମେକିଂ ଚାର୍ଜ)ର ଗହଣା ସବୁ ବର୍ଗର ଗ୍ରାହକଙ୍କୁ ଯୋଗାଇ ଆସୁଥିବାବେଳେ ଓଡ଼ିଶାର ସର୍ବଶ୍ରେଷ୍ଠ କାରୁକାର୍ଯ୍ୟଭରା ବିସ୍ତୃତ କଲେକ୍ସନ୍,ସର୍ବଶ୍ରେଷ୍ଠ-୫ ଷ୍ଟାର ପ୍ରମିଜ୍ ସେବା ସହ ସର୍ବଶ୍ରେଷ୍ଠ ଧନ୍‌ତେରସ୍ ଅଫର ମଧ୍ୟ ଆଣିଛି। ଏହି ଆକର୍ଷଣୀୟ ଅଫରରେ ସାମିଲହେବା ପାଇଁ ସେ ସମସ୍ତଙ୍କୁ ସାଦର ନିମନ୍ତ୍ରଣ କରିଛନ୍ତି।

# ରିଲାଏନ୍ସ ଫାଉଣ୍ଡେସନର ସ୍ନାତକୋତ୍ତର ଶିକ୍ଷାବୃତ୍ତି

ଭୁବନେଶ୍ୱର,୭।୧୧




ରିଲାଏନ୍ସ ଫାଉଣ୍ଡେସନର ସମ୍ମାନଜନକ ସ୍ନାତକୋର ଶିକ୍ଷାବୃତ୍ତି-୨୦୨୩ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ସ୍ନାତକୋତ୍ତର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ୯ଟି କ୍ଷେତ୍ରରେ ଆବେଦନ ଆହ୍ୱାନ କରାଯାଉଛି। ଉକ୍ତ ଆବେଦନ ୨୦୨୩ ଡିସେମ୍ବର ୧୭ ପର୍ଯ୍ୟନ୍ତ ଖୋଲା ରହିଛି। ରିଲାଏନ୍ସ ଫାଉଣ୍ଡେସନର ସିଇଓ ଜଗନ୍ନାଥ କୁମାର କହିଛନ୍ତି, ୪ର୍ଥ ଶିଳ୍ପ ବିପ୍ଳବ ଯୁଗରେ ଭାରତର ଯୁବପିଢ଼ି ଦେଶର ପ୍ରଗତିକୁ ନୂଆ ରୂପ ଦେବାକୁ ପ୍ରସ୍ତୁତ ଅଛନ୍ତି। ବିଶେଷକରି ରିଲାଏନ୍ସ ଫାଉଣ୍ଡେସନର ସ୍ନାତକୋତ୍ତର ଶିକ୍ଷାବୃତ୍ତି ଦେଶର ସବୁଠାରୁ ପ୍ରତିଭାଶାଳୀ ଯୁବ ପ୍ରତିଭାମାନଙ୍କୁ ଚିହ୍ନଟ ଏବଂ ସଶକ୍ତ କରିବ, ଯେଉଁମାନେ ସମାଜର ହିତ ପାଇଁ ବୃହତ୍ତର,ସବୁଜ ଓ ଡିଜିଟାଲ ଭାବନା ବିକାଶ କରିପାରିବେ। ଭାରତର ବିକାଶକୁ ଶକ୍ତି ଦେବା ପାଇଁ ପ୍ରତିବର୍ଷ ଉତ୍କୃଷ୍ଟ ଲୋକମାନଙ୍କ ଏକ ଗୋଷ୍ଠୀ ସୃଷ୍ଟି କରିବା ଆମର ଲକ୍ଷ୍ୟ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ୨୦୨୦ରୁ ଏ ପର୍ଯ୍ୟନ୍ତ ରିଲାଏନ୍ସ ଫାଉଣ୍ଡେସନ ୧୭୮ ଛାତ୍ରୀଛାତ୍ରଙ୍କୁ ସ୍ନାତକୋତ୍ତର ପାଠପଢ଼ାରେ ଉତ୍କର୍ଷ ପାଇଁ ମେଧାଭିତ୍ତିକ ଶିକ୍ଷାବୃତ୍ତି ପ୍ରଦାନ କରାଯାଇଛି। ରିଲାଏନ୍ସ ଫାଉଣ୍ଡେସନରୁ ଶିକ୍ଷାବୃତ୍ତି ପାଇଥିବା ଉପରୋକ୍ତ ଛାତ୍ରୀଛାତ୍ର ବର୍ତ୍ତମାନ ଉନ୍ନତ ଭବିଷ୍ୟତ ଆଡ଼କୁ ଅଗ୍ରସର ହୋଇଛନ୍ତି। ଏହି ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷାବୃତ୍ତି ଏକ ପ୍ଲାଟ୍‌ଫର୍ମ ସାବ୍ୟସ୍ତ ହୋଇଛି, ଯେଉଁଠାରେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ବୃଦ୍ଧି କରାଯିବା ସହ ସେମାନଙ୍କୁ ଶିଳ୍ପର ଅଗ୍ରଣୀ ପରାମର୍ଶଦାତାଙ୍କ ନିକଟରେ ପହଞ୍ଚାଇବା ତଥା ଦକ୍ଷତା ହାସଲ କରିବାରେ ଏହା ସହାୟତା ପ୍ରଦାନ ସହ ସଫଳତାର ମାର୍ଗରେ ଦୃଢ଼ ଭାବେ ପାଦ ଥାପିବାରେ ସାହାଯ୍ୟ କରାଯାଇଥିଲା। ଛାତ୍ରବୃତ୍ତି ପାଇଁ ଚୟନ ହୋଇଥିବା ଶ୍ରେଷ୍ଠ ୧୦୦ଛାତ୍ରୀଛାତ୍ରଙ୍କୁ ୬ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ଦିଆଯିବ। ଫଳରେ ଉକ୍ତ ଶିକ୍ଷାବୃତ୍ତି ସମଗ୍ର ଅଧ୍ୟୟନ ଅବଧି ଏବଂ ଏକ ସାମଗ୍ରିକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ରହିଥିଲାବେଳେ ବିଶେଷଜ୍ଞଙ୍କ ସହ ଆଲୋଚନା, ଶିଳ୍ପ ପରିଦର୍ଶନ ଓ ପ୍ରଦର୍ଶନ ଏବଂ ନିଜେ କାମ କରିବାର ସୁଯୋଗ ଅନ୍ତର୍ଭୁକ୍ତ ହେବ। ଏପରିକି ଏକ କଠୋର ପ୍ରକ୍ରିୟା ପରେ ଛାତ୍ରୀଛାତ୍ରଙ୍କୁ ଚୟନ କରାଯିବ। ଯେଉଁଥିରେ ଆବେଦନ ମୂଲ୍ୟାୟନ, ଆପ୍‌ଟିଚ୍ୟୁଡ୍ ପରୀକ୍ଷା ଏବଂ ଅଗ୍ରଣୀ ବିଶେଷଜ୍ଞଙ୍କ ସାକ୍ଷାତ୍‌କାର ଆଦି ସାମିଲ ରହିଛି।

# ୟୁକୋ ବ୍ୟାଙ୍କର ନୂତନ ଆଞ୍ଚଳିକ ମୁଖ୍ୟ



ଚିନ୍ମୟ କୁମାର ସାହୁ

ଭୁବନେଶ୍ୱର,୭।୧୧

ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ନୂତନ ଆଞ୍ଚଳିକ ମୁଖ୍ୟ ଭାବେ ଉପ-ମହାପ୍ରବନ୍ଧକ ଚିନ୍ମୟ କୁମାର ସାହୁ ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ୟୁକୋ ବ୍ୟାଙ୍କ, ଲକ୍ଷ୍ନୌ ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ମୁଖ୍ୟ ଭାବେ କାର୍ଯ୍ୟରତ ଥିଲେ। ଉଲ୍ଲେଖଯୋଗ୍ୟ, ୨୦୦୬ରେ ସାହୁ ୟୁକୋ ବ୍ୟାଙ୍କରେ ଯୋଗ ଦେଇଥିଲାବେଳେ ଓଡ଼ିଶା, ପଶ୍ଚିମବଙ୍ଗ, ହିମାଚଳ ପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟ, ମହାରାଷ୍ଟ୍ର ଓ ଉତ୍ତର ପ୍ରଦେଶ ଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦପଦବୀରେ ରହି ସଫଳତାର ସହ କାର୍ଯ୍ୟ କରିଛନ୍ତି। ବିଶେଷକରି ସାହୁ ଶାଖାସ୍ତରରେ ୧୩ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରିଥିବା ବେଳେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ଓ ଆଞ୍ଚଳିକ କାର୍ଯ୍ୟାଳୟରେ ମଧ୍ୟ କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି। ଏପରିକି ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଗୃହ, କୃଷି, ରିଟେଲ, ଏମ୍ଏସ୍ଏମ୍ଇ ଋଣ ସହ କାସା କ୍ଷେତ୍ରକୁ ମଧ୍ୟ ଅଧିକ ଗୁରୁତ୍ୱ ଦେବେ ବୋଲି ସାହୁ ମତପ୍ରକାଶ କରିଛନ୍ତି।

# ଦେହାତ ସହ ଓର୍‌ମାସ୍‌ର ବୁଝାମଣା




ଭୁବନେଶ୍ୱର,୭।୧୧

ଦେଶର ସର୍ବବୃହତ୍ ଏଗ୍‌ଟେକ୍ କମ୍ପାନୀ ଦେହାତ ଏବଂ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ମାର୍କେଟିଂ ସୋସାଇଟି (ଓର୍‌ମାସ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ହୋଇଯାଇଛି। ବିଶେଷକରି ଓଡ଼ିଶାରେ ମକା ମୂଲ୍ୟ ଶୃଙ୍ଖଳକୁ ସୁଦୃଢ କରିବା ପାଇଁ ଉଭୟ ଦେହାତ ଏବଂ ଓର୍‌ମାସ୍ ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ପରିପ୍ରେକ୍ଷୀରେ ଓର୍‌ମାସ୍‌ର ସିଇଓ ଗୁହା ପୁନମ ତାପସ କୁମାରଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ ଏମ୍ଓୟୁ ସ୍ୱାକ୍ଷର ଉତ୍ସବରେ ବହୁ ବରିଷ୍ଠ ଅଧିକାରୀ ଓ ବିଭିନ୍ନ ଅନୁଷ୍ଠାନ ଓ ସଂଘର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସେହିଭଳି ନିକଟରେ ମୁଖ୍ୟମନ୍ତ୍ରୀ ମକା ମିଶନ ଅଧୀନରେ କ୍ରେତା ବିକ୍ରେତା ବୈଠକରେ ଓର୍‌ମାସ୍ ସହ ଦେହାତର ବୁଝାମଣା ପତ୍ର ସ୍ୱାକ୍ଷର ହୋଇଥିଲା। ଉକ୍ତ ବୁଝାମଣା ପତ୍ର କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲାର କୃଷକମାନଙ୍କୁ ପ୍ରତିଯୋଗିତାମୂଳକ ଦରରେ ମକା ବିକ୍ରି କରିବାରର ସୁଯୋଗ ପ୍ରଦାନ କରିବା ସହ ନିରବଚ୍ଛିନ୍ନ ଭାବେ ମକା ସଂଗ୍ରହ, ସଂରକ୍ଷଣ, ଗୁଣବତ୍ତା ଏବଂ ପରିବହନ ସୁବିଧା ସୁନିଶ୍ଚିତ କରିବ ବୋଲି ବିସ୍ତୃତ ଆଲୋଚନା ହୋଇଥିଲା।

# ନେକ୍ସସ୍ ଏସ୍‌ପ୍ଲାନେଡ୍‌ରେ ହାଇସ୍ପିଡ୍ ଇଭି ଚାର୍ଜିଂ ଷ୍ଟେଶନ




ଭୁବନେଶ୍ୱର,୭।୧୧

ଭାରତର ଅତ୍ୟାଧୁନିକ ଇଭି ଚାର୍ଜିଂ ନେଟ୍‌ୱର୍କ ଷ୍ଟାଟିକ୍ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱରର ନେକ୍ସସ୍ ଏସ୍‌ପ୍ଲାନେଡ୍‌ଠାରେ ଏକ ଅତ୍ୟାଧୁନିକ ଫାଷ୍ଟ ଇଭି ଚାର୍ଜିଂ ଷ୍ଟେଶନର ଶୁଭାରମ୍ଭ କରାଯାଇଛି। ବିଶେଷକରି ଏହି ରଣନୈତିକ ପଦକ୍ଷେପ ଭାରତରେ ଇଭି ଚାର୍ଜିଂ ପରିଦୃଶ୍ୟକୁ ବୈପ୍ଳବିକ କରିବା ଏବଂ ଦେଶର ସର୍ବବୃହତ୍ ଇଭି ଚାର୍ଜିଂ ନେଟ୍‌ୱର୍କ ଭାବେ ନିଜର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଷ୍ଟାଟିକ୍‌ର ପ୍ରତିବଦ୍ଧତାକୁ ସୂଚିତ କରୁଛି। ଉଲ୍ଲେଖଯୋଗ୍ୟ, ନେକ୍ସସ୍ ଏସ୍‌ପ୍ଲାନେଡ୍ ବେସ୍‌ମେଣ୍ଟ ବି-୧ରେ ଅବସ୍ଥିତ ଏହି ଅତ୍ୟାଧୁନିକ ଚାର୍ଜିଂ ଷ୍ଟେଶନରେ ୨ଟି ୬୦କେଡବ୍ଲ୍ୟୁ ଇଭି ଚାର୍ଜର ରହିଛି। ଏହି ଉତ୍କୃଷ୍ଟ ଭିତ୍ତିଭୂମି ବିବିଧ ଇଭି ଟେକ୍ନୋଲୋଜିଗୁଡ଼ିକ ସହ ଏକ ବିସ୍ତୃତ ଶୃଙ୍ଖଳାର ୪ଚକିଆ ଯାନ ପାଇଁ ଚାର୍ଜିଂ ଆବଶ୍ୟକତାକୁ ପୂରଣ କରିବ। ଏପରିକି ଉଲ୍ଲେଖନୀୟ ଭାବେ ପ୍ରତ୍ୟେକ ଗନ୍ ଏକ ଇଲେକ୍‌ଟ୍ରିକ୍ କାର୍‌କୁ କେବଳ ୪୫ ମିନିଟ୍‌ରେ ୮୦% ଏସ୍ଓସି ପର୍ଯ୍ୟନ୍ତ ରିଚାର୍ଜ କରିବା ପାଇଁ ସୁସଜ୍ଜିତ ରହିଛି, ଯାହାକି ଆଜିର ଦ୍ରୁତ ଗତିଶୀଳ ଦୁନିଆ ପାଇଁ ସୁବିଧାଜନକ ଚାର୍ଜିଂକୁ ସକ୍ଷମ କରୁଛି।

ଏ ସମ୍ପର୍କରେ ଷ୍ଟାଟିକ୍‌ର ସହପ୍ରତିଷ୍ଠାତା ଓ ସିଇଓ ଅକ୍ଷିତ୍ ବଂଶଲ କହିଛନ୍ତି, ନେକ୍ସସ୍ ଏସ୍‌ପ୍ଲାନେଡ୍‌ରେ ଆମର ଚାର୍ଜିଂ ଷ୍ଟେଶନର ଉଦ୍‌ଘାଟନ କରି ଆମେ ବେଶ୍ ଉତ୍ସାହିତ ଥିବାବେଳେ ଏହା ସମସ୍ତ ଭାରତୀୟଙ୍କ ପାଇଁ ସ୍ଥାୟୀ ପରିବହନକୁ ପହଞ୍ଚଯୋଗ୍ୟ କରିବାର ଆମର ଲକ୍ଷ୍ୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଚିହ୍ନିତ କରୁଛି। ସେହିଭଳି ନେକ୍ସସ୍ ଏସ୍‌ପ୍ଲାନେଡ୍‌ର ସେଣ୍ଟର ଡାଇରେକ୍ଟର ପାର୍ଥପ୍ରତିମ୍ ନାୟକ କହିଛନ୍ତି, ଆମେ ଏହି ଆଧୁନିକ ଇଭି ଚାର୍ଜିଂ ଷ୍ଟେଶନର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଷ୍ଟାଟିକ୍ ସହ ସହଭାଗିତା କରି ଆନନ୍ଦିତ ଥିବାବେଳେ ଆମେ କାର୍ବନ ନିର୍ଗମନ ଓ ପରିବେଶ ଜନିତ ପ୍ରଭାବ ହ୍ରାସ କରିବା କ୍ଷେତ୍ରରେ ଇଲେକ୍‌ଟ୍ରିକ୍ ଯାନଗୁଡିକ ତୁଲାଉଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଭଲ ଭାବେ ବୁଝିଛୁ। ଏପରିକି ଇଭି ଚାର୍ଜିଂ ସୁବିଧା ପ୍ରଦାନ କରି ଆମେ ସହରର ସ୍ଥାୟୀ ବିକାଶ ଲକ୍ଷ୍ୟଗୁଡ଼ିକରେ ଯୋଗଦାନ ଦେଇ ଆମର ଗ୍ରାହକଙ୍କୁ ଏକ ବାଧାମୁକ୍ତ ଓ ସ୍ଥାୟୀ ଯାତାୟାତ ବିକଳ୍ପ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ।

# ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଦିନିକିଆ ଏଚ୍ଆର୍ କନ୍‌କ୍ଲେଭ



ଭୁବନେଶ୍ୱର,୭।୧୧

ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟ(ବିଜିୟୁ)ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ନିକଟରେ ଏକ ଦିନିକିଆ ମାନବ ସମ୍ବଳ (ଏଚ୍ଆର୍) ସମ୍ମିଳନୀର ଆୟୋଜନ କରାଯାଇଥିଲା। ବିଶେଷକରି ଭବିଷ୍ୟତ କାର୍ଯ୍ୟସ୍ଥଳୀରେ ଏଚ୍ଆର୍ ଶୀର୍ଷକ ଏଚ୍ଆର୍ କନ୍‌କ୍ଲେଭ୍ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କନ୍‌କ୍ଲେଭ୍‌ରେ ମୁଖ୍ୟ ଅତିଥି ଭାବେ ରମେଶ ଚନ୍ଦ୍ର ଜୋଷୀ ନିର୍ଦ୍ଦେଶକ(ଅର୍ଥ) ନାଲ୍‌କୋ, ସମ୍ମାନିତ ଅତିଥି ଅନୀଲ ସିହ୍ନା ମାନବ ସମ୍ବଳ ମୁଖ୍ୟ, ଜୟଶ୍ରୀ ଟା, ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଏକ୍ସ ସିଏଚ୍ଆର୍ଓ, ଆଦିତ୍ୟ ବିର୍ଲା ଗ୍ରୁପ୍, ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପି.ପି. ମାଥୁର,କୁଳସଚିବ ଡ. ବି.କେ. ଦାସ ଓ ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ପି.ନାୟକ ପ୍ରମୁଖ ଯୋଗ ଦେଇଥିଲେ।

ଏହି ପରିପ୍ରେକ୍ଷୀରେ ଜୋଷୀ କହିଥିଲେ, ପ୍ରଯୁକ୍ତିବିଦ୍ୟା ମଣିଷକୁ ହଟାଇବାକୁ ନାହିଁ, ବରଂ ମାନବ ସମ୍ବଳର କାର୍ଯ୍ୟକୁ ସାହଯ୍ୟ କରିବାକୁ ଅଛି। ସବୁବେଳେ ମଣିଷ ଦ୍ୱାରା ସମସ୍ୟାର ଅଭିନବ ସମାଧାନ ଦିଆଯାଇପାରେ, କିନ୍ତୁ ଯନ୍ତ୍ର ଦ୍ୱାରା ଏହା ସମ୍ଭବ ନୁହେଁ। ସେହିଭଳି ଅନ୍‌ଲାଇନ ମାଧ୍ୟମରେ ଯୋଗଦେଇଥିବା ଏଡିପିର ପୂର୍ବତନ ବରିଷ୍ଠ ଉପସଭାପତି ତଥା ମାନବ ସମ୍ବଳ ମୁଖ୍ୟ ବିପୁଲ୍ ସିଂ ଏହାର ଭବିଷ୍ୟତରେ ଚାକିରିର ଆବଶ୍ୟକତା ସହ ଡିଜିଟାଲ ଏବଂ ଆନାଲିଟିକାଲ୍ କୌଶଳକୁ ବିକାଶ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ।

ଉକ୍ତ କନ୍‌କ୍ଲେଭ୍‌ର ସଂଯୋଜକ ଡ. ଅର୍ଚ୍ଚନା ଚୌଧୁରୀ ବିଷୟ ପରିଚୟ ଦେଇ କନ୍‌କ୍ଲେଭ୍‌କୁ ଉପସ୍ଥାପନ କରିଥିଲେ। ଏହି କନ୍‌କ୍ଲେଭ୍‌ରେ ଚାକିରିର ଭବିଷ୍ୟ, ମାନବ ସମ୍ବଳର କୌଶଳ ଏବଂ ନବସୃଜନର ଆବଶ୍ୟକତା ଉପରେ ପ୍ୟାନେଲ ଆଲୋଚନା କରାଯାଇଥିଲା। କନ୍‌କ୍ଲେଭ୍‌ରେ ବିଭିନ୍ନ ବି-ସ୍କୁଲର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପୋଷ୍ଟର ତିଆରି, କେସ୍ ଆନାଲିସିସ୍, ଟ୍ରନ୍ କେସ୍ ଏବଂ ହ୍ୱାଟ୍ ଇଫ୍ ଇତ୍ୟାଦି ପ୍ରତିଯୋଗିତା କରାଯାଇଥିଲା। ପରିଶେଷରେ ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ର ଏବଂ ପ୍ରତିନିଧିଙ୍କ ଆଗ୍ରହ ପ୍ରଦ ଅଂଶଗ୍ରହଣ କରିବା ପରିଲକ୍ଷିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମଟି ସହ-ସଂଯୋଜକ ଡ. ସ୍ନିଗ୍ଧା ମହାପାତ୍ରଙ୍କ ଦ୍ୱାରା ପ୍ରସ୍ତାବିତ ଧନ୍ୟବାଦ ଅର୍ପଣ ସହ ସମାପ୍ତି ହୋଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୮ ନଭେମ୍ବର, ୨୦୨୩

**ମହାନଦୀ କୂଳ ଗମେଇରେ କୁମ୍ଭୀର: ଲୋକେ ଭୟଭୀତ**

ବଡ଼ମ୍ବା,(ମାୟାଧର ମଲ୍ଲିକ): ବଡ଼ମ୍ବା ଭଙ୍ଗାରିକା ନଦୀକୂଳ ଗମେଇ ନିକଟରେ ଏକ କୁମ୍ଭୀର ଦେଖିବାକୁ ମିଳିଛି। ମଙ୍ଗଳବାର ସକାଳେ ଲୋକେ ନଦୀକୁ ସ୍ନାନ କରିବାକୁ ଯାଉଥିବାବେଳେ ଉକ୍ତ କୁମ୍ଭୀର ଦେଖି ଭୟରେ ସେଠାରୁ ପଳାଇ ଆସିଥିଲେ। ଏନେଇ ବନ ବିଭାଗକୁ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ବଡ଼ମ୍ବା ରେଞ୍ଜର ସୀତାରାମ ଶବର, ଡେପୁଟି ରେଞ୍ଜର ମୌସୁମୀ ବେହେରା, ସଦର ଫରେଷ୍ଟର କୃଷ୍ଣଚନ୍ଦ୍ର ସ୍ୱାଇଁ ଓ ଗୋପପୁର ଫରେଷ୍ଟର ପ୍ରକାଶ ଚନ୍ଦ୍ର ବର୍ମା ପ୍ରମୁଖ ପହଞ୍ଚି ନଦୀକୁ ନ ଯିବା ପାଇଁ ଲୋକଙ୍କୁ ସତର୍କ କରାଇଥିଲେ। ନଦୀରେ ନ ଗାଧୋଇବା ପାଇଁ ବଡ଼ମ୍ବା ରେଞ୍ଜର ସୀତାରାମ ଶବର ସ୍ଥାନୀୟ ଲୋକଙ୍କୁ କହିଛନ୍ତି।



## ସଂକ୍ଷେପରେ

### ବିଜୁବାବୁଙ୍କୁ ଭାରତ ରତ୍ନ ପ୍ରଦାନ ଦାବି

**ଟାଙ୍ଗୀ-ସାଲେପୁର ବିକାଶ ମଞ୍ଚ ପକ୍ଷରୁ ଦସ୍ତଖତ ଅଭିଯାନ**

ସାଲେପୁର, ୭।୧୧( ଅରବିନ୍ଦ ଭୂୟାଁ)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ମରଣୋତ୍ତର ଭାରତ ରତ୍ନ ପ୍ରଦାନ ଦାବିରେ ଟାଙ୍ଗୀ-ସାଲେପୁର ବିକାଶ ମଞ୍ଚ ପକ୍ଷରୁ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ବିକାଶ ମଞ୍ଚ ଅଧ୍ୟକ୍ଷ ତଥା ବିଜେଡି ସଙ୍ଗଠକ ବିଶ୍ୱେଶ୍ୱର ସ୍ୱାଇଁ ଏହାର ନେତୃତ୍ୱ ନେଇଥିଲେ। ଏଥିରେ ମଞ୍ଚ କର୍ମକର୍ତ୍ତା ଓ ବିଜୁପ୍ରେମୀମାନେ ଏକତ୍ରିତ ହୋଇ ସାଲେପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତକୁ ଯାଇ ଜନସାଧାରଣଙ୍କଠାରୁ ଦସ୍ତଖତ ସଂଗ୍ରହ କରିଥିଲେ। ଏନେଇ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଦସ୍ତଖତ ସଂଗ୍ରହ କରାଯାଇ ଦିଲ୍ଲୀର ଯନ୍ତରମନ୍ତରଠାରେ ଦାବି କରାଯିବ ବୋଲି ଅଧ୍ୟକ୍ଷ ସ୍ୱାଇଁ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ବିଜୁ ପଟ୍ଟନାୟକଙ୍କୁ ପ୍ରତ୍ୟେକ ଓଡ଼ିଆ ଶ୍ରଦ୍ଧା ଓ ସମ୍ମାନ କରନ୍ତି। ନୂଆ ଓଡ଼ିଶା ଗଠନରୁ ଆରମ୍ଭ କରି ଆଜିର ନବୀନ ଓଡ଼ିଶା ଗଠନ ହେବା ପର୍ଯ୍ୟନ୍ତ ସବୁ ବିଜୁବାବୁଙ୍କ ପାଇଁ ସାର୍ଥକ ହୋଇପାରିଛି ବୋଲି ସେ କହିଛନ୍ତି। ଏହି ଅଭିଯାନରେ ମଞ୍ଚର ଉପାଧ୍ୟକ୍ଷ ଜୀବନାନନ୍ଦ ସାହୁ, ସମ୍ପାଦକ ସଚ୍ଚିଦାନନ୍ଦ ସ୍ୱାଇଁ, ଚତୁର୍ଭୁଜ ପ୍ରଧାନ, ଏସ.କେ.ହାସିନ, ଶିବୁ ବେହେରା, ନିରୋଜ ସ୍ୱାଇଁ, ସନାତନ ଦାସ, ପଞ୍ଚାନନ ରାଉତ, ସେକ୍ ଜାହାଙ୍ଗୀର, ସେକ ଅମିତ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମୃତ

ସାଲେପୁର,୭।୧୧(ଅରବିନ୍ଦ ଭୂୟାଁ)

ସାଲେପୁର ଥାନା ଅଧୀନ ଧୂଆଁସାହି ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଦୀପକ କୁମାର ମିଶ୍ର (୪୨)। ସେ ମଧ୍ୟାହ୍ନରେ ଦୋକାନରେ କାମ କରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୩୪/୨୩) ରୁଜୁ କରାଯାଇଛି।

### ବିୟର କମ୍ପାନୀରେ ଆୟକର ଚଢ଼ାଉ, ଗୁରୁତ୍ୱପୂର୍ଣ୍ଣ କାଗଜ ଜବତ

ମଙ୍ଗୁଳି-ଜଗତପୁର,୭।୧୧(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କନ୍ଦେଇପୁର ପଞ୍ଚାୟତ ବରପଦାସ୍ଥିତ 'ସୋମ ଡିଷ୍ଟିଲାରୀ ଓ ବିଭେରେଜ' ନାମକ ଏକ ବିୟର କମ୍ପାନୀରେ ମଙ୍ଗଳବାର ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ବିଭାଗର ୧୫ ଜଣିଆ ଟିମ୍ ଚଢ଼ାଉ କରି କମ୍ପାନୀର ବ୍ୟବସାୟ ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରି ନେଇଛନ୍ତି। କମ୍ପାନୀର ମାଲିକ କିମ୍ବା ବିଭାଗୀୟ ଅଧିକାରୀ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ନ ରଖିବା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ଚଢ଼ାଉ ଯୋଗୁ କର୍ମଚାରୀମାନେ କାର୍ଯ୍ୟର ଯୋଗ ନ ଦେବାରୁ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି।

# ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି ଉଚ୍ଚ ବିଦ୍ୟାଳୟ

**ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ**

- ଗନ୍ଧମୟ ପରିବେଶରେ ମଧ୍ୟାହ୍ନ ଭୋଜନ ଖାଉଛନ୍ତି ଛାତ୍ରୀଛାତ୍ର
- ପାଇଖାନାଗୁଡ଼ିକୁ ସଫା କରାଯାଉନାହିଁ
- ପରିସର ଦେଇ ଯାଇଥିବା କେନାଲରେ ଅଳିଆ, ଆବର୍ଜନା

ନିଶ୍ଚିନ୍ତକୋଇଲି, ୭।୧୧
(ଅଶୋକ କୁମାର ମହାପାତ୍ର)



ଅପରିଷ୍କାର ହୋଇଥିବା ପରିସ୍ରାଗାର ଓ ପାଇଖାନା।

ସରକାର ସ୍ୱଚ୍ଛତା ଓ ପରିମଳ ଉପରେ ଗୁରୁତ୍ୱାରୋପ କରୁଛନ୍ତି । ଏଥିନିମନ୍ତେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ବିନିଯୋଗ କରାଯାଉଛି। ଏହାସତ୍ତ୍ୱେ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସଂଲଗ୍ନ ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି। ଏପରି ପରିବେଶରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯାଇ ପିଲାଙ୍କୁ ଖାଇବାକୁ ଦିଆଯାଉଛି। ଫଳରେ ବିଦ୍ୟାଳୟର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟର ୧୦ଟି ଶ୍ରେଣୀରେ ୪୫୬ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ସରକାରଙ୍କ ତରଫରୁ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦ କରାଯାଇ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରୀଙ୍କ ମଳମୂତ୍ର ପରିତ୍ୟାଗ ନିମନ୍ତେ ପରିସ୍ରାଗାର ସ୍ଥାପନ କରାଯାଇଛି। ତେବେ ସେଗୁଡ଼ିକ ଜରାଜୀର୍ଣ୍ଣ ହୋଇପଡ଼ିଛି। ପରିସ୍ରାଗାର ଓ ପାଇଖାନାଗୁଡିକୁ ଦୈନନ୍ଦିନ ସଫା କରାଯାଉନାହିଁ। ଏପରିସ୍ଥଳେ ଛାତ୍ରୀଛାତ୍ରୀମାନେ ପାଇଖାନା ବ୍ୟବହାର ପାଇଁ ଉଚିତ ମନେକରୁନାହାନ୍ତି। ଏହାକୁ ମଳମୂତ୍ର ତ୍ୟାଗ ପାଇଁ ବ୍ୟବହାର କଲେ ସଂକ୍ରମଣ ହେବା ଆଶଙ୍କାକୁ ଏଡ଼ାଇ ହେବନି ବୋଲି ନିବାସ ଚନ୍ଦ୍ର ଗାହିଆ, ସରୋଜ ମହାପାତ୍ର, ମାନସ ରଞ୍ଜନ ସାହୁ, ସନ୍ତୋଷ ଦାସ ପ୍ରମୁଖ କହିଛନ୍ତି। ସେହିପରି ଏହି ବିଦ୍ୟାଳୟ ପରିସର ଦେଇ ନିଶ୍ଚିନ୍ତକୋଇଲି ହାଟ ଓ ବଜାରର ସମସ୍ତ ଅଳିଆ ଓ ଆବର୍ଜନା ଏବଂ ଦୂଷିତ ଜଳ ଏକ କେନାଲ ଦେଇ ପ୍ରବାହିତ ହେଉଅଛି। ଏହି କେନାଲ କେନ୍ଦୁପାଟଣା ଜଳସମ୍ପଦ ବିଭାଗ ଅଧୀନରେ ରହଛି। ମାତ୍ର କେନାଲକୁ ସଫେଇ କରାଯାଉନାହିଁ। ଫଳରେ ପଚାଶଢ଼ା ଗନ୍ଧରେ ବିଦ୍ୟାଳୟ ପରିସର ଫାଟିପଡୁଛି। ଏହି କେନାଲରେ ପୋକସାଲୁବାଲୁ ହେଉଥିବାବେଳେ ଏହା ମଶା ମାଛିଙ୍କ ପାଇଁ ଅଭୟାରଣ୍ୟ ପାଲଟିଛି। ଏଭଳି ସ୍ଥିତିରେ କେନାଲ ପାର୍ଶ୍ୱରେ କୋମଳମତି ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ରୋଷେଇ କରି ଖାଇବା ନିମନ୍ତେ ଦିଆଯାଉଛି। ଏହି ଦୂଷିତ ପରିବେଶରେ ଛାତ୍ରୀଛାତ୍ରମାନେ ମଧ୍ୟାହ୍ନ ଭୋଜନ ଖାଇବା ସହ ଚଳପ୍ରଚଳ ହେବା ଯୋଗୁ ନାନା ପ୍ରକାର ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ବିଦ୍ୟାଳୟ ପରିସର ଅନାବନା ଗଛଲତାରେ ପରିପୂର୍ଣ୍ଣ ହୋଇପଡିଛି। ସେଠାରେ ବିଷଧର ସାପ ରହୁଛନ୍ତି। ଏହାସତ୍ତ୍ୱେ ବିଦ୍ୟାଳୟ ପରିସର ସଫେଇ କରାଯାଉ ନ ଥିବାରୁ ଭବିଷ୍ୟତରେ ବିଷଧର ସାପଙ୍କ ଉତ୍ପାତ ବଢ଼ିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ବିଦ୍ୟାଳୟର ସ୍ୱଚ୍ଛତା ଉପରେ କାର୍ଯ୍ୟାନୁଷ୍ଠାନ ନିଆନଗଲେ ଆଗାମୀ ଦିନରେ ବଡ଼ ଧରଣର ଅଘଟଣକୁ ଏଡ଼ାଇ ଦିଆଯାଇନପାରେ ବୋଲି ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ ବିଇଓ ଲକ୍ଷେହୀରା ଲାବଣ୍ୟବତୀ ବେହେରା କୁହନ୍ତି, ଅସ୍ୱାସ୍ଥ୍ୟକର ପରିବେଶ ନେଇ ଏପର୍ଯ୍ୟନ୍ତ କୌଣସି ଅଭିଯୋଗ ହୋଇନାହିଁ। ସ୍କୁଲ ମଧ୍ୟ ଦେଇ କେନାଲ ଯିବା ଠିକ ନୁହେଁ। ସ୍ଥାନୀୟ ଲୋକେ ଓ ଜଳସେଚନ ବିଭାଗର କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ଏ ସମ୍ପର୍କରେ କେନ୍ଦୁପାଟଣା ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ମଲ୍ଲିକ କୁହନ୍ତି, ପୂର୍ବରୁ ଏହି କେନାଲ ରହିଛି। ମାତ୍ର ଏହା ପୋତି ହୋଇଯାଇଥିବାରୁ ସେଥିରେ ପାଣି ଛଡ଼ାଯାଏ ନାହିଁ। ତେବେ ହାଟର ନର୍ଦ୍ଦମା ପାଣି ଏହି କେନାରେ ଯାଉଥିବାରୁ ପରିବେଶ ଦୂଷିତ ହେଉଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ମଲିକ କୁହନ୍ତି, ବର୍ଷାଦିନେ କେନାଲରେ ପାଣି ଆସି ବିପଦଜନକ ପରିସ୍ଥିତି ଉପୁଜୁଛି। କିଛିସ୍ଥାନରେ କେନାଲ ଉପରେ ସ୍ଲାବ୍ ପଡ଼ିଥିବାବେଳେ ଆଉ କିଛି ସ୍ଥାନ ଫାଙ୍କା ରହିଛି। ଏହା ଛୋଟପିଲାଙ୍କ ପାଇଁ ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଛି। ଅପରପକ୍ଷେ ଅପରିଷ୍କାର ପାଣି ଆସିବା ଯୋଗୁ ପରିବେଶ ଦୂଷିତ ହେଉଛି ବୋଲି ସେ କହିଛନ୍ତି।

# ବିଦ୍ୟୁତ୍ ତାର ଚୋରି: ୪ ଗିରଫ

ଆଠଗଡ଼,୭।୧୧(ସତ୍ୟ ପ୍ରସାଦ ରଥ)

ବିଦ୍ୟୁତ ତାର ଚୋରି ଅଭିଯୋଗରେ ଆଠଗଡ଼ ପୋଲିସ ମେଣ୍ଟେନାସ ଠିକା ସଂସ୍ଥାର ୩ ଜଣ କର୍ମଚାରୀଙ୍କ ସମେତ ତାର କିଣିଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ଘଟଣାରୁ ପ୍ରକାଶ ବିଦ୍ୟୁତ ଷ୍ଟକଜର ପରିସର ମଧ୍ୟରୁ ଅକ୍ଟୋବର ୩୦ରେ ବିଦ୍ୟୁତ ତାର ଚୋରି ହୋଇଥିଲା। ଏ ସମ୍ପର୍କରେ ସମ୍ପୃକ୍ତ ବିଦ୍ୟୁତ ବିତରକ କମ୍ପାନୀର କନିଷ୍ଠ ଯନ୍ତ୍ରୀ ଅଶ୍ୱଘୋଷ ବେହେରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୨ କିଲୋମିଟର ତାର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ଏ ନେଇ ଥାନାରେ ନଂ. ୨୩୬/୨୩ରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ମଙ୍ଗଳବାର ଏହି ଘଟଣାରେ ପୋଲିସ ୩ଜଣ ଅଭିଯୁକ୍ତ ଓ ତାର କିଣିଥିବା କବାଡିଆବାଲାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଆଠଗଡ଼ ଥାନା ସମସରପୁର ଗାଁର ତାପସ କୁମାର ମହାନ୍ତି, ଖୁଣ୍ଟକଟା ରେଗେଡାପଡାର ବେଣୁଧର ଖଟୁଆଙ୍କ ପୁଅ ଧର୍ମାନନ୍ଦ ଖଟୁଆ, କରିକୋଲ ଗ୍ରାମର ଶିବପ୍ରସାଦ ମଲ୍ଲିକଙ୍କ ପୁତ୍ର ସୂର୍ଯ୍ୟକାନ୍ତ ମଲ୍ଲିକ । ଉକ୍ତ ତିନି ଜଣ ବିଦ୍ୟୁତ ଠିକା ସଂସ୍ଥାର ଅପରେଟର ରୁପେ କାମ କରୁଥିଲେ। ସେହିପରି ଏହି ଚୋରି ତାରକୁ କିଣିଥିବା ରାଧାଗୋବିନ୍ଦପୁର ଗାଁର ବସନ୍ତ କୁମାର ରାଉତଙ୍କୁ ମଧ୍ୟ ଗିରଫ କରାଯାଇଛି। ସେହିପରି ଅଭିଯୁକ୍ତମାନଙ୍କଠାରୁ ୨୫୦ କେଜି ତାର, ୨ ବାଇକ୍ ଜବତ କରାଯାଇଛି ବୋଲି ଆଇଆଇସି ଅନିରୁଦ୍ଧ ମୁଦୁଲି ପ୍ରକାଶ କରିଛନ୍ତି।

# ଆନ୍ତଃ ଡିଏଭି ଜୋନାଲ କ୍ରିକେଟ

କଟକ, ୭।୧୧(ଶିଳ୍ପା ପ୍ରିୟଦର୍ଶିନୀ):

ଡିଏଭି ଓଡ଼ିଶା ଜୋନ୍ ପକ୍ଷରୁ କଟକ ସିଡିଏ ଡ଼ିଏଭି ସହଯୋଗରେ ରାଜ୍ୟସ୍ତରୀୟ ଜୋନାଲ କ୍ରିକେଟ ପ୍ରତିଯୋଗିତା ବିଡ଼ାନାସୀ ଓ ଜଗତ୍‌ପୁରସ୍ଥିତ ନିମପୁର ଖେଳପଡ଼ିଆରେ ଆରମ୍ଭ ହୋଇଛି। ଗୁରୁବାର ପର୍ଯ୍ୟନ୍ତ ହେବାକୁ ଥିବା ତ୍ରିଦିବସୀୟ ଟୁର୍ନାମେଣ୍ଟରେ ୧୦ଟି ଡ଼ିଏଭିର ୧୭୦ ଜଣ ଖେଳାଳି ଭାଗ ନେଇଛନ୍ତି। ସିଡ଼ିଏ ଡ଼ିଏଭିର ଅଧ୍ୟକ୍ଷା ନମିତା ମହାନ୍ତି ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ମଙ୍ଗଳବାର ପ୍ରଥମ ଦିବସରେ ବିଡ଼ାନାସୀରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ସିଡ଼ିଏ ଡ଼ିଏଭି ତାଳଚେର କଳିଙ୍ଗ ଏରିଆକୁ ୫୮ ରନ୍‌ରେ ପରାସ୍ତ କରିଛି। ସେହିପରି ଡ଼ିଏଭି ରାଉରକେଲା, ଡ଼ିଏଭି କଳିଙ୍ଗନଗରକୁ ହରାଇ ଦେଇଥିବାବେଳେ ଏଲ୍‌ଆର ଡ଼ିଏଭି ଓ ସିଡ଼ିଏ ଡ଼ିଏଭି ମଧ୍ୟରେ ମ୍ୟାଚ୍‌ରେ ସିଡ଼ିଏ ଡ଼ିଏଭି ଏଲ୍‌ଆର ଡ଼ିଏଭିକୁ ହରାଇ ବିଜୟୀ ହୋଇଛି। ଅନ୍ୟପଟେ ନିମ୍ପୁର ଖେଳପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌ରେ ଡ଼ିଏଭି ବ୍ରହ୍ମପୁରକୁ ଡ଼ିଏଭି ଏସ୍‌ସିବି ପରାସ୍ତ କରିଥିବାବେଳେ ଡ଼ିଏଭି ଚନ୍ଦ୍ରଶେଖରପୁରକୁ ଡ଼ିଏଭି ୟୁନିଟ୍-୮ ହରାଇ ଦେଇଛି। ଦିବସର ଅନ୍ତିମ ମ୍ୟାଚ ଡ଼ିଏଭି ଏସ୍‌ସିବି ଓ ଡ଼ିଏଭି ନିମାପଡ଼ା ମଧ୍ୟରେ ହୋଇଥିଲା। ଏଥିରେ ଡ଼ିଏଭି ଏସ୍‌ସିବି ୭ ଉଇକେଟରେ ବିଜୟୀ ହୋଇଛି। ବୁଧବାର ଟୁର୍ନାମେଣ୍ଟର ଦୁଇ ସେମିଫାଇନାଲ ମ୍ୟାଚ ବିଡ଼ାନାସୀ ଖେଳ ପଡ଼ିଆରେ ଅନୁଷ୍ଠିତ ହେବ ।

# ନବୀନଙ୍କ ବାର୍ତ୍ତା ଘରେ ଘରେ ପହଞ୍ଚାଅ



ପ୍ରଶିକ୍ଷଣ ଶିବିରରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ବିଧାୟକ ପ୍ରଶାନ୍ତ ବେହେରା ଏବଂ ଅନ୍ୟମାନେ।

**ବିଜେଡିର ୩ ଦିନିଆ ପ୍ରଶିକ୍ଷଣ ଶିବିର ଶେଷ**

ସାଲେପୁର,୭।୧୧(ଅରବିନ୍ଦ ଭୂୟାଁ)

ସାଲେପୁର ବିଜେଡି ପକ୍ଷରୁ ମଧୁମଣ୍ଡପଠାରେ ୩ଦିନ ଧରି ନିର୍ବାଚନ ମଣ୍ଡଳୀ ସ୍ତରୀୟ ଚାଲିଥିବା ସକ୍ରିୟ କର୍ମୀମାନଙ୍କର ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଶେଷ ହୋଇଛି। ଏଥିରେ ଖଣି ଓ ଶିଳ୍ପ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟଅତିଥି ରୂପେ ଯୋଗଦେଇ ନବୀନଙ୍କ ବାର୍ତ୍ତା ଘରେ ଘରେ ପହଞ୍ଚାଇବା ସହ ଆଗାମୀ ୨୦୨୪ ନିର୍ବାଚନକୁ ବିଜେଡି କର୍ମୀମାନେ କିଭଳି ପରିଚାଳନା କରିବେ, ସେ ଦିଗରେ ପରାମର୍ଶ ଦେଇଥିଲେ। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ମଙ୍ଗଳବାର ୨ ଜିଲାପରିଷଦ ଜୋନର ଛାଣିପୁର, ବାରିଗୋଳ, ବାଲିସାହି, ଚନ୍ଦ୍ରାଦେଇପୁର, ତରିଡୋ, ରଟିଲୋ, ପୁରୁଣାହାଟ, ସୁନ୍ଦଖଣ୍ଡ, ମିର୍ଜାପୁର, ରାଇସୁଙ୍ଗୁଡ଼ା, ଭୀମଦାସପୁର, ଓଡ଼ାସିଂହ, କଟରପା, ରାମକୃଷ୍ଣପୁର, ମାଳଶାସନ, ନରଦା ପଞ୍ଚାୟତର ପ୍ରତି ୱାର୍ଡର ସକ୍ରିୟ କର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ବ୍ଲକ ବିଜେଡି କାର୍ଯ୍ୟକାରିଣୀ ସଭାପତି ନାରାୟଣ ପତି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରମେଶ ଜେନା, ଆମ୍ବ୍ରାର ସଭାପତି ଦିଲୀପ ଦାଶ, ପୂର୍ବତନ ଜିଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ମହିଳା ବିଜେଡି ସଭାନେତ୍ରୀ ରାଜଶ୍ରୀ ଜେନା, ଚିତ୍ତରଞ୍ଜନ ପୁହାଣ, ସରପଞ୍ଚ ଅଶୋକ କୁମାର ଭୂୟାଁ, ଟୁନ ଚୌଧୁରୀ, ପବିତ୍ର ସାମଲ, ମନୋଜ ପ୍ରଧାନ, ସମିତିସଭ୍ୟା ପୁଷ୍ପିତା ଭୂୟାଁ, ଗୌତମୀ ମଲିକ, ବ୍ଲକ ବିଜେଡି ସଂଖ୍ୟାଲଘୁ ସେଲ୍ ସଭାପତି ସମିମ ଅଖତର, ସୌମ୍ୟରଞ୍ଜନ ମଲ୍ଲଙ୍କ ସମେତ ବହୁ ପଞ୍ଚାୟତ ପ୍ରତିନିଧି ଓ କର୍ମୀମାନେ ସାମିଲ ହୋଇଥିଲେ। ଏଥିରେ ମାଷ୍ଟର ଟ୍ରେନର ଭାବେ ଇପ୍‌ସିତା ସାହୁ, ମଧୁସ୍ମିତା ନାୟକ ଯୋଗଦେଇ କର୍ମୀମାନଙ୍କୁ ତାଲିମ୍ ପ୍ରଦାନ କରିଥିଲେ।

### କାଛ ଭୁଶୁଡ଼ି ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ଖୁଣ୍ଟୁଣୀ, ୭।୧୧(ସଚ୍ଚିଦାନନ୍ଦ ପଣ୍ଡା)

କାନ୍ଥ ଭୁଶୁଡି ପଡିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାଶ୍ୟାମପୁର ଗ୍ରାମର ରଘୁ ଚାମ୍ପିଆ (୩୨)। ଏଥିରେ ତାଙ୍କ ସ୍ତ୍ରୀ ଦୁର୍ଗୀ ଚାମ୍ପିଆ ଗୁରୁତର ହୋଇ ଆଠଗଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୋମବାର ରାତିରେ ସେମାନେ ପରିବାର ସଦସ୍ୟଙ୍କ ସହିତ ଚାଳଘରେ ଶୋଇଥିଲେ। ହଠାତ୍ ମାଟିକାନ୍ଥ ଭୁଶୁଡି ସେମାନଙ୍କ ଉପରେ ପଡିଯାଇଥିଲା। ସେମାନେ କାନ୍ଥତଳେ ଚାପି ହୋଇ ଚିତ୍କାର କରିଥିଲେ। ଚିତ୍କାର ଶୁଣି ପଡୋସୀ ଲୋକେ ଆସି ସେମାନଙ୍କୁ ଉଦ୍ଧାର କରିଥିଲେ। ରାତିରେ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲେ ମଧ ଏହା ଦୁଇଘଣ୍ଟା ବିଳମ୍ବ ଅର୍ଥାତ୍ ରାତି ୩ଟାରେ ପହଞ୍ଚିଥିଲା। ସେଥିରେ ଉଭୟଙ୍କୁ ଆଠଗଡ଼ ଡାକ୍ତରଖାନା ପଠାଯାଇଥିଲା। ସେଠାରେ ରଘୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖୁଣ୍ଟୁଣୀ ପୋଲିସ ମଙ୍ଗଳବାର ପୂର୍ବାହ୍ନରେ ଆଠଗଡ଼ ଡାକ୍ତରଖାନାରେ ପହଞ୍ଚି ରଘୁଙ୍କ ମୃତଦେହ ବ୍ୟବଚ୍ଛେଦ କରାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫/୨୩) ରୁଜୁ ହୋଇଛି। ରଘୁ ଜଣେ ଦିନ ମଜୁରିଆ ହୋଇଥିବାରୁ ତାଙ୍କ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ଗ୍ରାମାଞ୍ଚଳ ଏସ୍‌ପିଙ୍କ ଥାନା ପରିଦର୍ଶନ

ମାଣିଆବନ୍ଧ/ତିଗିରିଆ,୭।୧୧
(ଅଖିଳ କୁମାର ସାହୁ/ଜାଫର ଖାଁ):

କଟକ ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା ମଙ୍ଗଳବାର ଅଚାନକ ମାଣିଆବନ୍ଧ ଓ ତିଗିରିଆ ଥାନା ପରିଦର୍ଶନ କରିଥିଲେ। ସେ ପ୍ରଥମେ ମାଣିଆବନ୍ଧ ଥାନା ଗସ୍ତରେ ଆସି ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ଖବରଦାତା ଓ ବିଭିନ୍ନ ବର୍ଗର ନାଗରିକମାନଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏଥିସହ ଆଇନ୍ ଶୃଙ୍ଖଳା ପରିସ୍ଥିତି ବିଷୟରେ ବୁଝିଥିଲେ। ଏହି ଅବସରରେ ୫୦୦ଘର ସମ୍ପାଦକ ପ୍ରସନ୍ନ କୁମାର ଶତପଥୀ, ମହୁଲିଆ ପୂର୍ବତନ ସରପଞ୍ଚ କେଶବ ପ୍ରଧାନ ମାଣିଆବନ୍ଧ ଥାନାକୁ ଅନ୍ୟତ୍ର ସ୍ଥାନାନ୍ତର ନ କରିବା, ଟ୍ରାଫିକ ନିୟନ୍ତ୍ରଣ ପାଇଁ ଅଧିକ କର୍ମଚାରୀ ଯୋଗାଇ ଦେବା ପାଇଁ ଏସ୍‌ପି ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସନ୍ଧ୍ୟାରେ ସେ ତିଗିରିଆ ଥାନା ଗସ୍ତରେ ଆସି ଥାନା ପରିସରରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଖବରଦାତା, ସାମାଜିକକର୍ମୀଙ୍କ ସହ ଆଲୋଚନା କରିବା ସହିତ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ମାସ ଶେଷ ସୁଦ୍ଧା ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ ପାଇଁ ସେ କହିଥିଲେ।

# ଚିତ୍ତରଞ୍ଜନ ସେବା ସଦନର ପ୍ରତିଷ୍ଠା ଦିବସ

ନିଆଳି, ୭।୧୧(ସୁକାନ୍ତ କୁମାର ସିଂହ)

ନିଆଳିଠାରେ ଥିବା ପୁରାତନ ନର୍ସିଂହୋମ୍ ଚିତ୍ତରଞ୍ଜନ ସେବା ସଦନର ୩୯ତମ ପ୍ରତିଷ୍ଠା ଦିବସ ନର୍ସିଂହୋମ୍ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ବାସ୍ତୁପୂଜା ସହ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ଅଭିନେତା, ସାହିତ୍ୟିକ ତଥା ବରିଷ୍ଠ ଡା. ପ୍ରଫେସର ଶୈଳେଶ୍ୱର ନନ୍ଦ ଓ ତାଙ୍କ ସ୍ତ୍ରୀ ପ୍ରଫେସର ଡା. ସଂଯୁକ୍ତା ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଅଶୋକ କୁମାର ପଣ୍ଡା ଅନୁଷ୍ଠାନ ସମ୍ପର୍କରେ ସାମୁହିକ ସୂଚନା ଦେଇଥିଲେ। ଏହି ଅନୁଷ୍ଠାନରେ ୨୦ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ବିଭିନ୍ନ ବିଭାଗରେ କାମ କରୁଥିବା କର୍ମଚାରୀ ତ୍ରିଲୋଚନ ମିଶ୍ର, ମାନସ ରଞ୍ଜନ ପାଢୀ, ମନୋରଞ୍ଜନ ପାଣ୍ଡି, ଦିବାକର ଭୋଇ, ସୁରେଶ ଚନ୍ଦ୍ର ଘଡାଇଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମାରୋହରେ ଭାରତୀୟ ଚିକିତ୍ସକ ସଂଘ ପ୍ରାଚୀ ଶାଖାର ସଭାପତି ଡା. ଅଧିରାଜ କୁମାର ପରିଡା, ଅନୁଷ୍ଠାନର ବରିଷ୍ଠ ଡାକ୍ତର ତଥା ପ୍ରଫେସର କ୍ଷିରୋଦ ନନ୍ଦ, ପ୍ରଫେସର ଭାଗ୍ୟଧର ସ୍ୱାଇଁ, ଡା. ମନୋରମା ମହାନ୍ତି, ଡା. ପୀତବାସ ମିଶ୍ରଙ୍କ ସମେତ ବହୁ ଚିକିତ୍ସକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡା. ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଶୈକ୍ଷିକ ଦକ୍ଷତା ନିରୀକ୍ଷକ ଦଳର ବାଙ୍କୀ କଲେଜ ପରିଦର୍ଶନ

ବାଙ୍କୀ,୭।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ମଙ୍ଗଳବାର ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ଶୈକ୍ଷିକ ନିରୀକ୍ଷକ ଦଳ ପରିଦର୍ଶନ କରି ବିଭିନ୍ନ ବିଭାଗର ଦକ୍ଷତା, ପରୀକ୍ଷା ପରିଚଳନା ଓ ପାଠାଗାର ଆଦିର ଦକ୍ଷତା ନିରୂପଣ କରିଥିଲେ। ୨ ଦିନିଆ ଏହି ଗସ୍ତରେ ପ୍ରଫେସର ଅତନୁ କୁମାର ପତିଙ୍କ ନେତୃତ୍ୱରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଯୁଗଳ କିଶୋର ମିଶ୍ର ଓ ଓଡ଼ିଶା ଉଚ୍ଚଶିକ୍ଷା ପରିଷଦର ସଦସ୍ୟ ଡ. ତୁଷାରକାନ୍ତି ତ୍ରିପାଠୀ ବାଙ୍କୀ ମହାବିଦ୍ୟାଳୟକୁ ପରିଦର୍ଶନରେ ଆସିଥିଲେ। ଉକ୍ତ ଟିମ୍‌କୁ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା, ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଯୁକ୍ତ ୨ ଅଧ୍ୟକ୍ଷ ରାଜକିଶୋର ପାଲ, ପ୍ରଶାସନିକ ଅଧିକାରୀ ଡ. ନିରଞ୍ଜନ ମହାନ୍ତି ଓ ଡ. ଶୈଳେନ୍ଦ୍ର ନାରାୟଣ ଦେଓ, ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ସ୍ୱାଗତ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ୨୩ଟି ବିଭାଗ, ପାଠାଗାର ଓ ପରୀକ୍ଷା ପରିଚାଳନା ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ତ୍ରୈଲୋକ୍ୟନାଥ ଦାଶ, ଡ. ମୁରଲୀଧର ରଥ, ଡ. ସନ୍ଧ୍ୟାରାଣୀ ମହାନ୍ତି, ପ୍ରାଧ୍ୟାପିକା ଗାୟତ୍ରୀ ନାୟକ, ଅଧ୍ୟାପକ ଯୋଗୀନାଥ ମଲ୍ଲିକ, ଅଧ୍ୟାପକ ସୁକାନ୍ତ କୁମାର ମହାପାତ୍ର, ପ୍ରାଧ୍ୟାପିକା ମିନତି ଧିର, ଡ. ସନ୍ତୋଷ ପଣ୍ଡା, ଡ. ମାନସ ରଞ୍ଜନ ମହାପାତ୍ର, ପ୍ରାଧ୍ୟାପକ ମନୋରଞ୍ଜନ ସାହୁ, ଡ. ସରୋଜ ସାହୁ, ଅଧ୍ୟାପକ ଅରଜିତ ମିଶ୍ର, ଅଧ୍ୟାପିକା ଦୀପ୍ତିସ୍ମିତା ଜେନା, ଅଧ୍ୟାପକ ମୁକ୍ତିପଦ ପଣ୍ଡା, ଲାଇବ୍ରେରିଆନ୍ ପ୍ରଭାତ କୁମାର ବଳିୟାର ସିଂହ, କ୍ରୀଡା ଅଧ୍ୟାପକ ରବିନାରାୟଣ ପ୍ରଧାନ ପ୍ରମୁଖ ଯୋଗଦେଇ ବିଭାଗର ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ।

### ଗୋପୀକୃଷ୍ଣ ଓଡ଼ିଶାର ଜଣେ ପ୍ରଖ୍ୟାତ ନୃତ୍ୟଗୁରୁ

ବାଙ୍କୀ,୭।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀର ବରପୁତ୍ର, ଓଡ଼ିଶୀ ନୃତ୍ୟଗୁରୁ ଓ ସଙ୍ଗୀତନିର୍ଦ୍ଦେଶକ ଗୋପୀକୃଷ୍ଣ ବେହେରାଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ପରିସରରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଏଥିରେ ସଭାପତିତ୍ୱ କରି ସ୍ୱର୍ଗତ ବେହେରା ବାଙ୍କୀ ତଥା ଓଡ଼ିଶାର ଜଣେ ପ୍ରଖ୍ୟାତ ନୃତ୍ୟଗୁରୁ ଭାବେ ପରିଚିତ ଥିଲେ ବୋଲି କହିଥିଲେ। ଏହି ଅବସରରେ ପରିସର ମଧ୍ୟରେ ସ୍ଥାପିତ ସ୍ୱର୍ଗତ ବେହେରାଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ବେଣୁଧର କର, ସାଂସ୍କୃତିକ ସମ୍ପାଦକ ବିଜୟ କୁମାର ଦୀକ୍ଷିତ, ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଶିକ୍ଷାବିତ୍ ମନୋଜ କୁମାର ରାଉତ, କବି ଲଲାଟେନ୍ଦୁ ପଣ୍ଡା ଓ ନୃତ୍ୟଗୁରୁ ମହେଶ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ବେହେରାଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ।

# ନ୍ୟାୟ ପାଇଁ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

ସାଲେପୁର,୭।୧୧(ଅରବିନ୍ଦ ଭୂୟାଁ)




ପରିବାର ସଦସ୍ୟଙ୍କ ସହ ଭୋଳାନାଥ ବେହେରା ଧାରଣାରେ ବସିଛନ୍ତି।

ବାପାଙ୍କ ମୃତ୍ୟୁ ପରେ ତାଙ୍କ ଚାକିରିରେ ରଖାଇ ଦେବାକୁ କଲେଜ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ରାଜନେତାମାନେ କହିଥିଲେ। ବାରମ୍ବାର ନେତାଙ୍କ ପାଖକୁ ଯାଇ ନିରାଶ ହେବାରୁ ଶେଷରେ ଭୋଳାନାଥ ବେହେରା ମଙ୍ଗଳବାର ସପରିବାର ସାଲେପୁର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। କଲେଜ ଅଧ୍ୟକ୍ଷା ଭୋଳାଙ୍କୁ ତାଙ୍କ ବାପାଙ୍କ ଚାକିରିରେ ରଖାଇ ଦେବାକୁ ପରିଚାଳନା କମିଟି ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

କଟକ ଜିଲା ସାଲେପୁର କଲେଜରେ ଝାଡୁଦାର ଭାବେ ଅଭିରାମ ବେହେରା ୨୦୦୮ ରେ ବ୍ଲକ ଗ୍ରାଣ୍ଟ ନିଯୁକ୍ତି ପାଇ କାମ କରି ଆସୁଥିଲେ। କାର୍ଯ୍ୟରତ ସମୟରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀ ପୁଅଙ୍କୁ ନିଯୁକ୍ତି ପାଇଁ କଲେଜ ପ୍ରଶାସନ ନିକଟରେ ନିବେଦନ କରିଥିଲେ। କଲେଜ ପ୍ରଶାସନ ପକ୍ଷରୁ ସମସ୍ତ କାଗଜପତ୍ର ଉଚ୍ଚ ଶିକ୍ଷା ବିଭାଗକୁ ପଠାଯାଇଥିଲା। ହେଲେ ଚାକିରି ମିଳି ନ ଥିଲା। ଫଳରେ ମୃତ ଅଭିରାମଙ୍କ ପରିବାର ଅଭାବ ଅନାଟନରେ ସମ୍ମୁଖୀନ ହେଉଥିଲେ। ଅଭିରାମଙ୍କ ପୁଅ ଭୋଳାନାଥ ବାରମ୍ବାର କଲେଜ କର୍ତ୍ତୃପକ୍ଷଙ୍କୁ ତାଙ୍କ ବାପା ସ୍ଥାନରେ ରଖିବାକୁ ନିବେଦନ କରିଥିଲେ। ସବୁ ଆଡୁ ନିରାଶ ହେବା ପରେ ଭୋଳା ନ୍ୟାୟ ପାଇବା ଉଦ୍ଦେଶ୍ୟରେ ସପରିବାର ସାଲେପୁର କଲେଜ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। କଲେଜ ଅଧ୍ୟକ୍ଷା ଡ. ସଙ୍ଗୀତା ମିଶ୍ର ଭୋଳାଙ୍କ ନିକଟରେ ପହଞ୍ଚି କଲେଜ ପକ୍ଷରୁ ତାଙ୍କ ଚାକିରି ନିମନ୍ତେ କୌଣସି ଅବହେଳା କରାଯାଇନାହିଁ। ଆବଶ୍ୟକ ଦସ୍ତାବିଜ ଉଚ୍ଚ ଶିକ୍ଷା ବିଭାଗକୁ ୨ଥର ଦିଆଯାଇଥିଲେ ମଧ ତାଙ୍କ ଆବେଦନକୁ ଖାରଜ କରି ଦିଆଯାଇଥିଲା ବୋଲି ସେ କହିଛନ୍ତି।

**ସଂକ୍ଷେପରେ**

## ଭାଗବତ ପାରାୟଣ, ମହାଯଜ୍ଞ ଉଦ୍‌ଯାପିତ

ବୋଲଗଡ଼,୭।୧୧(ଦେବବ୍ରତ ହୋତା)

ମାଣିକାଗୋଡ଼ା ଦିବ୍ୟଜୀବନ ସଂଘ ଆନୁକୂଲ୍ୟରେ ଶ୍ରୀଗୋବିନ୍ଦଜୀଉ ବଡ଼ମଠ ପରିସରରେ ଭାଗବତ ପାରାୟଣ ଓ ପ୍ରବଚନ ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ସଭାପତି ରାଧାଚରଣ ପୃଷ୍ଟି, ଶିକ୍ଷାବିତ୍ ଇଂ.କର୍ପୁର ସାହୁ, ସମ୍ପାଦକ ଫକୀର ମୋହନ ସୁବୁଦ୍ଧି, କୋଷାଧକ୍ଷ କୁବେର ସାହୁ, ଆଲୋକ ସୁନ୍ଦରାୟ, ଶରତ ଚନ୍ଦ୍ର ସାହୁ, ଅଜୟ ବେହେରା, ନନ୍ଦକିଶୋର ସାହୁ, ଅବାସୀ ରାଉତ, ସନ୍ତୋଷ କୁମାର ଦଳାଇ, ନୀଳକଣ୍ଠ ପ୍ରଧାନ, ଅରୁଣ ରାଉତ, ବରୁଣ ରାଉତ, ଶିଶିର ସାହୁ, ଗୋବିନ୍ଦ ସାହୁ , ଭିକାରୀ ପୃଷ୍ଟି ପ୍ରମୁଖ ବ୍ୟାସ ପୂଜନ କରିଥିଲେ। ବ୍ୟାସ ପଣ୍ଡିତ ଲକ୍ଷ୍ମୀଧର ମହାପାତ୍ର ଆଧାତ୍ମିକ ପ୍ରବଚନ ଦେଇଥିଲେ। ପୂର୍ବାହ୍ନରୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇ ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିଲା। ସନ୍ଧ୍ୟାରେ ଭାଗବତ ପଠନ ଓ ନାମଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପରେ ପଣ୍ଡିତ ଲକ୍ଷ୍ମୀଧର ମହାପାତ୍ର ପ୍ରବଚନ ପ୍ରଦାନ କରିଥିଲେ। ମହିଳାମାନେ ହୁଳହୁଳି ଦେବା ସହିତ ରାଧାକୃଷ୍ଣଙ୍କ ଜୟଗାନ ମଧ୍ୟରେ ପାରାୟଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା।

## ଜନ୍ମମାଟିରେ ବିଚିତ୍ରଙ୍କ ସ୍ମୃତିସଭା

ଖୋର୍ଦ୍ଧା,୭।୧୧(ପ୍ରଭାତ ପାଣିଗ୍ରାହୀ)

ବିଚିତ୍ର କୁମାର ବଡ଼ଜେନାଙ୍କ ପ୍ରଥମ ଶ୍ରାଦ୍ଧାବାର୍ଷିକୀ ତାଙ୍କ ଜନ୍ମମାଟି ବଣିଆଟାଙ୍ଗୀ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଡ.ଗୌରହରି ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଦିଲୀପ ଦାଶଶର୍ମା, ସମ୍ପାଦକ ଡ.ସୁରେନ୍ଦ୍ର ମିଶ୍ର, ଭୁବନେଶ୍ୱର ଶାଖାର ସୁବ୍ରତ ମହାପାତ୍ର, ଦିପ୍ତିମୟୀ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ କହିଥିଲେ, ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା, ସଂସ୍କୃତିର ସୁରକ୍ଷା ପାଇଁ ଜୀବନବ୍ୟାପୀ କାର୍ଯ୍ୟ କରିଛନ୍ତି। ଉତ୍କଳ ସମ୍ମିଳନୀର ସମ୍ପାଦକ ରହି ଓଡ଼ିଶା ତଥା ଝାଡଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟରେ ଓଡ଼ିଆଙ୍କ ସ୍ୱାଭିମାନ ପାଇଁ ଲଢ଼େଇ କରୁଥିଲେ। ଏହି ଅବସରରେ ତାଙ୍କ ବନ୍ଧୁ ରମେଶ ଚନ୍ଦ୍ର ପ୍ରଧାନ, ବୃନ୍ଦାବନ ଜେନା, କିଶୋର ଚନ୍ଦ୍ର ପରମଗୁରୁ, ପ୍ରସନ୍ନ ମହାପାତ୍ର ପ୍ରମୁଖ ଅତୀତର ସ୍ମୃତି ସାଉଣ୍ଟିଥିଲେ। ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ମହିଳା ନେତ୍ରୀ ବାସନ୍ତୀ ମହାପାତ୍ର, ଭାଜପା ନେତା କାଳୁଚରଣ ଖଣ୍ଡାୟତରାୟ, ରଶ୍ମିରଞ୍ଜନ ମହାପାତ୍ର, ରବିନାରାୟଣ ବେହେରା, ଶିକ୍ଷାବିତ୍ ସତ୍ୟବାନ ଶ୍ରୀଚନ୍ଦନ, ଇଂ.ବୃନ୍ଦାବନ ଜେନା, କିଶୋର ଚନ୍ଦ୍ର ପରମଗୁରୁ, ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂ, ଭୀମସେନ ପ୍ରଧାନ ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବିଚିତ୍ର ବଡଜେନାଙ୍କ ସ୍ମୃତିରେ ପ୍ରକାଶିତ ପୁସ୍ତକଙ୍କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶିକ୍ଷକ ସୁରେଶ ବିଶ୍ୱାଳ ସଂଯୋଜନା କରିଥିଲେ। ସ୍ଥାନୀୟ ଗ୍ରାମବାସୀ, ପରିବାର ବର୍ଗ ଉପସ୍ଥିତ ଥିଲେ।

# ୨୦ ଘଣ୍ଟା ପରେ ଅଭିଯୁକ୍ତ ଘନିଆ ଗିରଫ

**ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା**

- ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ
- ପୀଡ଼ିତାଙ୍କ ପରିବାରକୁ ୫୦ ଲକ୍ଷ ଦେବାକୁ ଦାବି


ଅଭିଯୁକ୍ତ ଘନିଆ ଦାସ

ଭୁବନେଶ୍ୱର,୭।୧୧ (ସତ୍ୟଜିତ୍ ରାଉତ)

ରାଜଧାନୀରେ ଜଣେ ୫ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା କରାଯିବା ଘଟଣାର ପ୍ରାୟ ୨୦ ଘଣ୍ଟା ପରେ ମଙ୍ଗଳବାର ପୋଲିସ ଅଭିଯୁକ୍ତ ଘନିଆ ଦାସଙ୍କୁ ଗିରଫ କରିଛି। ତେବେ ଘନିଆଙ୍କୁ କେଉଁଠୁ ଧରାଗଲା ସେନେଇ ପୋଲିସ କୌଣସି ସୂଚନା ଦେଇନାହିଁ। ଘନିଆଙ୍କୁ ମାମଲା ସଂକ୍ରାନ୍ତରେ ପଚରାଉଚରା କରି ଅଧିକ ତଥ୍ୟ ହାସଲ କରିବାକୁ ପୋଲିସ ପ୍ରୟାସ ଜାରି ରଖିଛି। ବୁଧବାର ଘନିଆଙ୍କୁ କୋର୍ଟଚାଲାଣ କରାଯିବ। ସେହିପରି ଏହି ମାମଲାରେ ଡିସିପି ପ୍ରତୀକ ସିଂ ବୁଧବାର ଖବରଦାତା ସମ୍ମିଳନୀରେ ବିସ୍ତୃତ ତଥ୍ୟ ଦେବେ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ 'ନ୍ୟାୟ ପାଇଁ ଲଢ଼େଇ ପରିବାର'ର ରାଜ୍ୟ ସଭାପତି ସୁବ୍ରତ ଦାସ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଏତଲା ଦେଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ପୀଡ଼ିତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଶିଶୁକନ୍ୟାଙ୍କ ମା'ବାପା କେଳା ବସ୍ତିରେ ରହି ଦିନମଜୁରିଆ ଭାବେ ଗୁଜରାଣ ମେଣ୍ଟାଉଛନ୍ତି। ସୋମବାର ସନ୍ଧ୍ୟା ପ୍ରାୟ ୬ଟାରେ ଶିଶୁକନ୍ୟା ଘର ପାଖରେ ଖେଳୁଥିଲେ। ଏହି ସମୟରେ ବସ୍ତିରେ ରହୁଥିବା ବିବାହିତ ଯୁବକ ଘନିଆ ଚକୋଲେଟ୍ କିଣାଇଦେବେ ବୋଲି କହି ଶିଶୁକନ୍ୟାଙ୍କୁ ନେଇଯାଇଥିଲେ। ଶିଶୁକନ୍ୟା ଘରକୁ ନ ଫେରିବାରୁ ପରିବାରଲୋକେ ଦେଢ଼ଘଣ୍ଟା ଧରି ଖୋଜାଖୋଜି କରିଥିଲେ। ସେମାନେ ଘନିଆଙ୍କୁ ଦେଖି ତାଙ୍କୁ ଶିଶୁକନ୍ୟା ସମ୍ପର୍କରେ ପଚାରିବାରୁ ସେ ଧକ୍କା ଦେଇ ସେଠାରୁ ଦୌଡ଼ି ପଳାଇଯାଇଥିଲେ। ଏହାପରେ ଘନିଆଙ୍କ ଘର ଖୋଲି ପରିବାର ଲୋକେ ଖୋଜାଖୋଜି କରିବାରୁ ଖଟ ତଳେ ଶିଶୁକନ୍ୟାଙ୍କ ମୃତଦେହ କମ୍ବଳ ଘୋଡ଼ାଯାଇ ରଖାଯାଇଥିବା ଦେଖିବାକୁ ପାଇଥିଲେ। ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ଏ ସଂକ୍ରାନ୍ତରେ ପ୍ରମାଣ ପାଇଁ ପୋଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ପୋଲିସ ଏକ ହତ୍ୟା ମାମଲା (ନଂ.୨୭୪/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।


ଖୋର୍ଦ୍ଧା ସମବାୟ ଛକଠାରେ ଜଣେ ବ୍ୟବସାୟୀ ଶାଗ ବିକ୍ରି କରୁଛନ୍ତି।

## କାଳୁଚୁଆ ପାହାଡ଼ର ସ୍ଥିତି ଅନୁଧ୍ୟାନକଲା ପ୍ରଶାସନ

**ଖଣିଜ ସମ୍ପଦ ଲୁଟ୍ ପ୍ରସଙ୍ଗ**

ବେଗୁନିଆ ,୭।୧୧(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅଧୀନ ଦେଉଳି ପଞ୍ଚାୟତ ଅଞ୍ଚଳରେ ଥିବା ଦୁଇ ପାହାଡ଼ର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛି ପ୍ରଶାସନ। ବାସ୍ତବରେ ଖଣିଜ ପଦାର୍ଥ ଚୋରାଚାଲାଣ ହେଉଛି ନା ନାହିଁ ସେନେଇ ମଙ୍ଗଳବାର ସନ୍ଧ୍ୟାରେ ଜିଲା ଓ ତହସିଲ ପ୍ରଶାସନିକ ଅଧିକାରୀ ଅନୁଧ୍ୟାନ କରିଥିଲେ। ଖୋର୍ଦ୍ଧା ଜିଲା ବିଭାଗୀୟ ଅଧିକାରୀ ଜଗନ ବେହେରା, ବେଗୁନିଆ ତହସିଲଦାର ତାପସ ବିଶି ଏବଂ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସହିତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଡଙ୍ଗରପଡ଼ା ରାଜସ୍ୱ ଗ୍ରାମର କାଳଚୁଆ ଏବଂ ଦଲକ ରାଜସ୍ୱ ଗ୍ରାମର ବଘେଇ ପାହାଡକୁ ମାଫିଆମାନେ ବେଆଇନ ଭାବେ ବ୍ଲାଷ୍ଟିଂ କରି ବଉଳମାଳା ଓ କଳା ମୁଗୁନି ପଥର ଚାଲାଣ କରୁଛନ୍ତି ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଥିଲେ। ସେହିପରି ପରିବେଶ ପ୍ରଦୂଷଣ ଏବଂ ସରକାରଙ୍କ ରାଜସ୍ୱ ହାନି ହେଉଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ଜିଲାପାଳ, ତହସିଲଦାର, ପ୍ରଦୂଷଣ ବିଭାଗ, ଶ୍ରୀମନ୍ଦିର ପ୍ରଶାସନ ଏବଂ ଏସ୍‌ପିଙ୍କ ନିକଟରେ ଶତାଧିକ ଲୋକଙ୍କ ଦସ୍ତଖତ ଥାଇ ଅଭିଯୋଗପତ୍ର ଦାଖଲ ହୋଇଥିଲା। ଏ ସମ୍ପର୍କରେ ତହସିଲଦାର ବିଶିଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା। ଥାନା ଅଧିକାରୀ ପଣ୍ଡା କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ପରେ ପାହାଡର ସ୍ଥିତିକୁ ମିଳିତଭାବେ ଅନୁଧ୍ୟାନ କରାଯାଇଛି। ତହସିଲ ପ୍ରଶାସନ ପକ୍ଷରୁ ନିଲାମ ଦିଆଯାଇଥିବା ଏରିଆଠାରୁ ଅଧିକ ଖନନ କରାଯାଇଛି ନା ନାହିଁ ଡିମାରକେଶନ କରିବା ପରେ ଜଣାପଡିବ।

## ପାଲେଷ୍ଟାଇନ୍ ଉପରେ ଇସ୍ରାଏଲ୍‌ର ଆକ୍ରମଣକୁ ବିରୋଧ



ଏଆଇସିସିଟିୟୁ ପକ୍ଷରୁ ପ୍ରତିବାଦ କରାଯାଉଛି।

**ଯୁଦ୍ଧ ବନ୍ଦ ପାଇଁ ଏଆଇସିସିଟିୟୁର ଦାବି**

ଭୁବନେଶ୍ୱର, ୭।୧୧(ବନ୍ଦନା ସେଠୀ)

ପାଲେଷ୍ଟାଇନ୍ ଓ ଇସ୍ରାଏଲ୍ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ଇତିମଧ୍ୟରେ ଏକମାସ ପୂରିଛି। ଇସ୍ରାଏଲ୍‌ର ଆକ୍ରମଣରେ ପାଲେଷ୍ଟାଇନ୍‌ର ପ୍ରାୟ ୧୦ହଜାର ଲୋକଙ୍କ ମୃତ୍ୟୁ ଘଟିଲାଣି। ସେମାନଙ୍କ ମଧ୍ୟରେ ପ୍ରାୟ ୪ ହଜାର ଶିଶୁ ରହିଛନ୍ତି। ତେଣୁ ଯୁଦ୍ଧ ବନ୍ଦ କରିବା ପାଇଁ ଭାରତ ସରକାର ତୁରନ୍ତ ଇସ୍ରାଏଲ ଉପରେ ଚାପ ସୃଷ୍ଟି କରିବା ସହିତ ଆଗକୁ କୌଣସି ପ୍ରକାର ଅଘଟଣ ରୋକିବା ପାଇଁ ପଦକ୍ଷେପ ନେବାକୁ ଏଆଇସିସିଟିୟୁ ଦାବି କରିଛି। ଏନେଇ ମଙ୍ଗଳବାର ଏଆଇସିସିଟିୟୁ ପକ୍ଷରୁ ଓଡ଼ିଶା ସମେତ ସାରା ଦେଶରେ ପ୍ରତିବାଦ କରି ୪ଦଫା ସମ୍ବଳିତ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପଠାଯାଇଛି। ହମାସ ବିରୋଧରେ ଇସ୍ରାଏଲ୍ ଜାରି ରଖିଥିବା ଯୁଦ୍ଧକୁ ନେଇ ମଧ୍ୟପ୍ରାଚ୍ୟରେ ତୀବ୍ର ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାର ସମାଧାନ କ୍ଷେତ୍ରରେ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଭାରତ ଇସ୍ରାଏଲ୍‌କୁ ସମର୍ଥନ ଦେବା ଦୁଃଖଦାୟକ ବୋଲି ସିପିଆଇ(ଏମ୍‌ଏଲ୍) ଲିବରେଶନର ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଆଇଟିର କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ରାଜ୍ୟ ସମ୍ପାଦକ ମହେନ୍ଦ୍ର ପରିଡା ଓ ଉପସଭାପତି ବଂଶୀଧର ପରିଡା ପ୍ରମୁଖ ମତବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପେନ୍ଦ୍ର ସାହୁ, ମାନସ ରଞ୍ଜନ ପ୍ରଧାନ, ବିଜୟ ବେହେରା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଯୁଦ୍ଧ ବଦଳରେ ଖାଦ୍ୟ ଦେବାକୁ ଦାବି କରିଥିଲେ।

## ବାହାରେ ଅଳିଆ ପକାଇବାରୁ ଜରିମାନା

ଭୁବନେଶ୍ୱର, ୭।୧୧(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହରର ସ୍ୱଚ୍ଛତାକୁ ନେଇ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ପରିମଳ ନିୟମ ଖିଲାପ କରୁଥିବା ଲୋକଙ୍କୁ ଆଉ ଚେତାବନୀ ନୁହେଁ ବରଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହି କ୍ରମରେ ମଙ୍ଗଳବାର ବିଏସ୍‌ଆର୍ ଡାଇଗ୍ନୋଷ୍ଟିକ୍ ସେଣ୍ଟରକୁ ୬୦ହଜାର ଟଙ୍କା ଜରିମାନା କରାଯାଇଛି। ୱାର୍ଡ ନଂ. ୩୬ ଅନ୍ତର୍ଗତ ୟୁନିଟ-୪, ମଧୁସୂଦନ ନଗର ପୋଷ୍ଟାଲ କଲୋନୀ ମୁଖ୍ୟରାସ୍ତାରେ ବାୟୋମେଡିକାଲ ଆବର୍ଜନା ଗଦା କରାଯାଉଥିଲା। ପୂର୍ବରୁ ଅନେକ ଥର ଏପରି କରୁଥିବା ଅଭିଯୋଗ ଆସିବା ପରେ ବିଏମ୍‌ସି ସାନିଟେଶନ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଚଢାଉ କରାଯାଇଥିଲା। ଏଥିସହ ଘଟଣାର ପୁନରାବୃତ୍ତି ଯେପରି ନ ହୁଏ ସେନେଇ ତାଗିଦା କରାଯାଇଥିଲା। ସେହିପରି ସୋମବାର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ଥିବା ୟୁନିକ୍ ଡିଷ୍ଟ୍ରିବ୍ୟୁଟର୍ସ ସଂସ୍ଥାକୁ ୫୦ହଜାର ଟଙ୍କା ଜରିମାନା କରାଯାଇଥିଲା। ସମ୍ପୃକ୍ତ ସଂସ୍ଥା ପ୍ରତ୍ୟେକ ଦିନ ସତ୍ୟନଗର ଓଭରବ୍ରିଜ୍ ତଳେ ଅଳିଆ ଫିଙ୍ଗୁଥିଲା। ତେବେ ବିଏମ୍‌ସି ସାନିଟେଶନ ଟିମ୍ ଏନେଇ ଖବର ପାଇବା ପରେ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ଅଳିଆ ଫୋପାଡ଼ିବା ସମୟରେ ଚଢ଼ାଉ କରାଯାଇଥିଲା।

## ଜୁଏଲର୍ସ ଦୋକାନରେ ଜିଏସ୍‌ଟି ବିଭାଗର ଚଢ଼ାଉ

ଗମ୍ଭାରୀମୁଣ୍ଡା,୭।୧୧(ଦିଲୀପ ସ୍ୱାଇଁ)



ଖୋର୍ଦ୍ଧା ଜିଲା ବାଣପୁର ବିଜ୍ଞାପିତ ଅଞ୍ଚଳର ମୁଖ୍ୟ ରାସ୍ତାରେ ଥିବା ଜୁଏଲର୍ସ ଦୋକାନରେ ମଙ୍ଗଳବାର ଜିଏସ୍‌ଟି ବିଭାଗର ସ୍ପେଶିଆଲ ସ୍କ୍ୱାଡ୍ ଚଢ଼ାଉ କରିଛି। ଏଥିସହ ଉକ୍ତ ଜୁଏଲର୍ସ ମାଲିକଙ୍କ ତଳସାହିସ୍ଥିତ ବାସଭବନରେ ମଧ୍ୟ ଚଢ଼ାଉ କରାଯାଇଛି। ଜଟଣୀର ଏକ ୭ ଜଣିଆ ଟିମ୍ ଓ ପୋଲିସ ଉପସ୍ଥିତିରେ ଚଢ଼ାଉ କରାଯାଇଥିବା ବେଳେ ବାଣପୁର ସୁନା ଦୋକାନୀମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଏପରିକି ଚଢ଼ାଉ ଭୟରେ ଅଞ୍ଚଳର ସମସ୍ତ ଛୋଟ ଓ ବଡ ସୁନା ଦୋକାନ ବନ୍ଦ ରହିଥିବା ଦେଖିବାକୁ ମିଳିଛି। ବାଣପୁର ଅଞ୍ଚଳରେ ୩୦ରୁ ଊର୍ଦ୍ଧ୍ୱ ଛୋଟବଡ ସୁନା ଦୋକାନ ରହିଛି। କେତେକ ଦୋକାନୀ ଜିଏସ୍‌ଟି ଫାଙ୍କୁଥିବା ନେଇ ଅଭିଯୋଗ ହୋଇଆସୁଥିଲା। ତେବେ ଗ୍ରାହକଙ୍କୁ ଜିଏସ୍‌ଟି ବିଲ୍ ନ ଦେବା ଯୋଗୁ ସରକାରଙ୍କୁ ଲକ୍ଷ ଲକ୍ଷ ଟଙ୍କାର ଟିକସ ଫାଙ୍କିବା ଦ୍ୱାରା ରାଜସ୍ୱହାନି ହେଉଥିବା ନେଇ ଖବରପାଇ ଉକ୍ତ ଜୁଏଲାର୍ସ ଦୋକାନରେ ଚଢ଼ାଉ କରାଯାଇଥିଲା ବୋଲି ଅଧିକାରୀମାନେ କହିଛନ୍ତି। ଏହି ଚଢ଼ାଉରେ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଜଟଣୀ ସର୍କଲର ଡେପୁଟି କମିଶନର ରାଜେଶ୍ୱର ନାୟକ, ସହକମିଶନର ବିଜୟ କୁମାର ନାୟକଙ୍କ ନେତୃତ୍ୱରେ ଏକ ୭ଜଣିଆ ଟିମ୍ ସାମିଲ ହୋଇଥିଲେ।

## ଅଭିଯୁକ୍ତ ସ୍ୱାମୀ ଜେଲ ଗଲେ

**ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା**

ଭୁବନେଶ୍ୱର,୭।୧୧ (ସତ୍ୟଜିତ୍ ରାଉତ)



ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପୁନାମା ଗେଟ୍ ନିକଟ ଅରବିନ୍ଦ ନଗରରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣାରେ ମଙ୍ଗଳବାର ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ଅରବିନ୍ଦ ନଗର ପ୍ଲଟ ନଂ.୧୫୪୮ରେ ରହୁଥିବା ସୁରଜ ଦାସ (୩୦)। ଅଭିଯୁକ୍ତ ସୁରଜଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମୃତା ମହିଳା ହେଲେ କେନ୍ଦ୍ରାପଡ଼ାର ପ୍ରିୟଙ୍କା ମିଶ୍ର (୨୭)।

ସୂଚନା ଅନୁଯାୟୀ, ପ୍ରିୟଙ୍କା ଶହୀଦନଗରରେ ଏକ ମୋବାଇଲ ଦୋକାନ କରିଥିବା ସୁରଜଙ୍କୁ ଅଢେଇ ବର୍ଷ ତଳେ ବିବାହ କରିଥିଲେ। ବିବାହର କିଛି ମାସ ପରେ ବିଭିନ୍ନ କାରଣକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପ୍ରାୟ ସମୟ ଝଗଡ଼ା ଲାଗୁଥିଲା। ଅଧିକ ଯୌତୁକ ଦାବି କରି ପ୍ରିୟଙ୍କାଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଇଆସୁଥିଲେ। ଫଳରେ ଘରେ ସବୁବେଳେ ଅଶାନ୍ତି ଲାଗି ରହୁଥିଲା। ପ୍ରିୟଙ୍କା ରଶି ଲଗାଇ ଫ୍ୟାନ୍ ଦ୍ୱାରା ଝୁଲି ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ ସୋମବାର ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ପଚରାଉଚରା ଆରମ୍ଭ କରିଥିଲା। ତେବେ ପ୍ରିୟଙ୍କାଙ୍କ ମୃତ୍ୟୁକୁ ତାଙ୍କ ପରିବାର ଲୋକେ ସହଜରେ ଗ୍ରହଣ କରିପାରି ନ ଥିଲେ। ପ୍ରିୟଙ୍କାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦିଆଯାଇ ହତ୍ୟା କରାଯାଇଥିବା ବାପା ବିଦ୍ୟାଧର ମିଶ୍ର ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଏତଲା ଭିତ୍ତିରେ ପୋଲିସ ଏକ ମାମଲା (ନଂ.୨୭୫/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

## ପଞ୍ଚଭୂତରେ ବିଲୀନ ହେଲେ ମହେଶ୍ୱର

ପୁରୀ, ୭।୧୧(ଅଜିତ୍ ମହାନ୍ତି)

ପଞ୍ଚଭୂତରେ ବିଲୀନ ହେଲେ ଓଡ଼ିଶାର ପୂର୍ବତନ ବାଚସ୍ପତି ତଥା ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତି। ଦୀର୍ଘ ୮ଦିନ ଧରି ଜୀବନ ଯୁଦ୍ଧରେ ସଂଗ୍ରାମ କରି ଶେଷରେ ସେ ହାରିଯାଇଛନ୍ତି। ତାଙ୍କ ମୃତ୍ୟୁରେ କେବଳ ପୁରୀ ନୁହେଁ, ସାରା ରାଜ୍ୟରେ ଶୋକର ଛାୟା ଖେଳିଯାଇଛି। ଅକ୍ଟୋବର ୩୧ରେ ଅସୁସ୍ଥତା କାରଣରୁ ମହେଶ୍ୱରଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କର ଚିକିତ୍ସା କରି ବ୍ରେନ ଷ୍ଟ୍ରୋକ୍ ହୋଇଥିବା ସୂଚନା ଦେଇଥିଲେ। ତେବେ ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ମଙ୍ଗଳବାର ଭୋର ୩ଟା ୨୫ ମିନିଟ୍‌ରେ ମହାନ୍ତି ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶେଷ ଦର୍ଶନ କରିବା ପାଇଁ ତାଙ୍କ ସମର୍ଥକ, ବିଜେଡି ନେତା, ମନ୍ତ୍ରୀ, ବିଭିନ୍ନ ଦଳର ନେତୃବୃନ୍ଦଙ୍କ ସମେତ ତାଙ୍କ ବନ୍ଧୁ ଓ ପରିଜନ ମେଡିକାଲକୁ ଯାଇଥିଲେ। ପରେ ତାଙ୍କ ପାର୍ଥିବ ଶରୀରକୁ ରାଜ୍ୟ ବିଜେଡି କାର୍ଯ୍ୟାଳୟ ଓ ବିଧାନସଭା ନିଆଯିବା ପରେ ପୁରୀ ଅଭିମୁଖେ ଅଣାଯାଇଥିଲା। ପୁରୀ ଆସିବା ସମୟରେ ବିଭିନ୍ନ ସ୍ଥାନରେ ତାଙ୍କର ସମର୍ଥକମାନେ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୁରୀର ପ୍ରବେଶ ପଥ ବୀର ହରେକୃଷ୍ଣପୁର ଅଠରନଳାଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ମହାନ୍ତିଙ୍କ ପାର୍ଥିବ ଶରୀରକୁ ବାର୍ ଆସୋସିଏସନ ଓ ପୌରପାଳିକା ନିକଟକୁ ନିଆଯାଇଥିଲା। ସେଠାରେ ଆଇନଜୀବୀ ଓ ପୌରସଂସ୍ଥାର କର୍ମଚାରୀମାନେ ମହାନ୍ତିଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ତାଙ୍କ ପାର୍ଥିବ ଶରୀର କୁମୁଟି ସାହି ସ୍ଥିତ ଘରେ ପହଞ୍ଚିବା ପରେ ସମଗ୍ର ଅଞ୍ଚଳ ଲୋକାରଣ୍ୟ ହୋଇପଡ଼ିଥିଲା।

## ଭାଷା, ସଂସ୍କୃତି କ୍ଷେତ୍ରରେ ବିଚିତ୍ରଙ୍କ ଅବଦାନ ଅତୁଳନୀୟ



ସ୍ମୃତିଚାରଣ ସଭାରେ ମଞ୍ଚାସୀନ ଅତିଥିମାନେ।

**ବିଚିତ୍ର ବଡଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ**

ଖୋର୍ଦ୍ଧା,୭।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଓକିଲ ସଂଘ ଆନୁକୂଲ୍ୟରେ ଉତ୍କଳ ସମ୍ମିଳନୀର ପୂର୍ବତନ ସମ୍ପାଦକ ତଥା ଆଇନଜୀବୀ ବିଚିତ୍ର କୁମାର ବଡ଼ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ଓକିଲ ସଂଘ ସଭାପତି ସର୍ବେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜଟଣୀ ବିଧାୟକ ସୁରେଶ ରାଉତରାୟ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ପୂର୍ବତନ ରାଜ୍ୟ ବାର୍ କାଉନସିଲ ଅଧ୍ୟକ୍ଷ ମାନସ ରଞ୍ଜନ ମହାପାତ୍ର, ନିଖିଳ ଉତ୍କଳ ଆଇନଜୀବୀ ସଂଘ ସଭାପତି ବୀରେନ୍ଦ୍ର ମୋହନ ପଟ୍ଟନାୟକ, ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ଶିବାନନ୍ଦ ରାୟ, ଜିଲା ଓକିଲ ସଂଘ ପୂର୍ବତନ ସଭାପତି ଶିଶିର ପରିଡା, ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିସ୍ମା ମାନ୍ଧାତା ପ୍ରମୁଖ ଯୋଗଦେଇ ବିଚିତ୍ରଙ୍କ ସ୍ମୃତିଚାରଣ କରିଥିଲେ। ଆଇନସେବା ବ୍ୟତୀତ ବିଚିତ୍ ଭାଷା ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଥିଲେ ବୋଲି ମତପ୍ରକାଶ ପାଇଥିଲା। ଓକିଲ ସଂଘ ସମ୍ପାଦକ ମନ୍ମଥ ମିଶ୍ର ସଂଯୋଜନା କରିଥିଲେ। ବରିଷ୍ଠ ଓକିଲ ବିଧାନଚନ୍ଦ୍ର ମହାନ୍ତି, ବିଜୟ ଛୋଟରାୟ, ନୃସିଂହ ନାଥ ମିଶ୍ର, ତ୍ରିଲୋଚନ ବରାଳ, ବସନ୍ତ ଦାଶ, ପୁଷ୍ପାଞ୍ଜଳି ମହାପାତ୍ର, ସଞ୍ଜୟ ପଟ୍ଟନାୟକ, ଅନନ୍ତ ମଙ୍ଗରାଜ, ସୁଧାଂଶୁ ଦାସଙ୍କ ସମେତ ଓକିଲ ସଂଘର ସମସ୍ତ ସଦସ୍ୟ, ବରିଷ୍ଠ, ନାଗରିକ, ଶିକ୍ଷାବିତ୍, ସାହିତ୍ୟିକ ପ୍ରମୁଖ ଉପସ୍ଥିତ ଥିଲେ।

## 'ସାମ୍ବାଦିକତା ସର୍ବଦା ନିରପେକ୍ଷ ହେବା ଦରକାର'

ଭୁବନେଶ୍ୱର,୭।୧୧(ଅନୁରାଧା ମହାରଣା)


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ପ୍ରଦ୍ୟୁମ୍ନ ବଳଙ୍କ ୯୧ତମ ରାଜ୍ୟସ୍ତରୀୟ ଜୟନ୍ତୀ**

ସାମ୍ବାଦିକତା ସର୍ବଦା ସ୍ୱଚ୍ଛ ଓ ନିରପେକ୍ଷ ହେବା ଦରକାର। ସେଥିରେ କିଛି ମିଶାଇ ଦେଲେ ତା'ର ପ୍ରକୃତ ମର୍ମ ମଳିନ ପଡ଼ିଯାଏ। ସମାଜର ସାମଗ୍ରିକ ଉନ୍ନତି, ପଛୁଆ ବର୍ଗଙ୍କ କଲ୍ୟାଣ ଲାଗି ଯଦି ପ୍ରକୃଷ୍ଟ ସ୍ୱର କେଉଁଠି ଉଠାଯାଇପାରିବ ତାହା ହେଉଛି ଗଣମାଧ୍ୟମ। ସ୍ୱର୍ଗତ ପ୍ରଦ୍ୟୁମ୍ନ ବଳ ଏହି ବିଷୟକୁ ଖୁବ ସମ୍ବେଦନଶୀଳ ଭାବେ ନେଇ ଖବରକାଗଜ ପ୍ରତିଷ୍ଠା କରିଥିଲେ ବୋଲି ପ୍ରଦ୍ୟୁମ୍ନ ବଳଙ୍କ ୯୧ତମ ଜୟନ୍ତୀ ସମାରୋହ ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ଆୟୋଜିତ ପ୍ରଦର୍ଶନୀ ଓ ସାରସ୍ୱତ ସମ୍ମିଳନୀ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରଦ୍ୟୁମ୍ନ ବଳ ଜୟନ୍ତୀ କମିଟି ରାଜ୍ୟସ୍ତରୀୟ ଅଧ୍ୟକ୍ଷା ତଥା ଗାନ୍ଧିବାଦୀ ନେତ୍ରୀ କୃଷ୍ଣା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ପଦ୍ମଭୂଷଣ ପ୍ରତିଭା ରାୟ ଯୋଗଦେଇ କହିଥିଲେ, ସମ୍ବାଦପତ୍ର ପ୍ରତିଷ୍ଠା କରିବା ପଛରେ ପ୍ରଦ୍ୟୁମ୍ନ ବଳଙ୍କର କୌଣସି ସ୍ୱାର୍ଥ ନ ଥିଲା। ସେ ସମାଜର ଅବହେଳିତ ଓ ନିଷ୍ପେଷିତଙ୍କ ସ୍ୱର ହେବାଲାଗି ପ୍ରଗତିବାଦୀ ଖବରକାଗଜ ପ୍ରତିଷ୍ଠା କରିଥିଲେ। ସାଧାରଣ ଲୋକଙ୍କ ସ୍ୱର କିପରି ଉପର ମହଲରେ ପହଞ୍ଚିପାରିବ ଓ ଗରିବଟିଏ ତାର ହକ ପାଇବ ତାହା ହିଁ ତାଙ୍କର ଉଦ୍ଦେଶ୍ୟ ଥିଲା ବୋଲି ରାୟ କହିଥିଲେ। ସମ୍ମାନିତ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ ଶୁଭା ଶର୍ମା ଯୋଗଦେଇ କହିଥିଲେ, ପ୍ରଦ୍ୟୁମ୍ନ ବଳ ହେଉଛନ୍ତି ମାଟିର ମଣିଷ। ସମାଜର ଉନ୍ନତି ଓ ଗରିବଙ୍କ ପାଇଁ ଲଢିବା ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା। ଅନ୍ୟତମ ଅତିଥି ସାହିତ୍ୟିକା ଛନ୍ଦା ମିଶ୍ର କହିଥିଲେ, ମୁକମାନଙ୍କ ମୁଖ ହେବାକୁ ପ୍ରଦ୍ୟୁମ୍ନ ବଳ ପ୍ରାଥମିକତା ଦେଇଥିଲେ। ଅନ୍ୟତମ ଅତିଥି ସାହିତ୍ୟିକା ପ୍ରୀତିଛନ୍ଦା ଧଳ କହିଥିଲେ, କ୍ଷମତା ଏବଂ ଚାପର ବଶବର୍ତ୍ତୀ ହୋଇ କିଛି ଗଣମାଧ୍ୟମ ନୀତିଗତ ମୂଲ୍ୟବୋଧ ହରାଇଦେଉଛନ୍ତି। ସେହିପରି ଜୟନ୍ତୀ କମିଟି ଅଧ୍ୟକ୍ଷା କୃଷ୍ଣା ମହାନ୍ତି କହିଥିଲେ, ସାମ୍ବାଦିକତା ଏବେ ବି ଭୟଭୀତ ଅବସ୍ଥାରେ ରହିଛି। ସତ୍ୟକୁ ଲୁଚାଇ ଦେବା ଲାଗି ସବୁବେଳେ ପ୍ରଚେଷ୍ଟା ହେଉଛି। ପ୍ରଶାସନର ହାତବାରିସି ସାଜି ଖବରର ମୋଡ଼ ବଦଳାଯାଉଛି। ପ୍ରଦ୍ୟୁମ୍ନ ବଳ ସେହିଭଳି ସାମ୍ବାଦିକତାର ଘୋର ବିରୋଧୀ ଥିଲେ, ଯାହା ସ୍ପଷ୍ଟ ତାହା ଖବରକାଗଜରେ ପ୍ରକାଶ କରାଯିବା ଭଳି ସାହସିକ ପଦକ୍ଷେପ ନେଉଥିଲେ ବୋଲି ମହାନ୍ତି କହିଥିଲେ। ପ୍ରଗତିବାଦୀର ଅଧ୍ୟକ୍ଷା ଶାଶ୍ୱତୀ ବଳ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜୟନ୍ତୀ କମିଟି ସହଅଧ୍ୟକ୍ଷା ତଥା ପ୍ରଗତିବାଦୀର ନିର୍ଦ୍ଦେଶିକା ଡ. ମୋନାଲିସା ବଳ କାର୍ଯ୍ୟକ୍ରମ ସଞ୍ଚାଳନ ଓ ସାମ୍ବାଦିକା ଶାରଳା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ଜୟନ୍ତୀ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଶେଷରେ ପଲ୍ଲୀରୁ ପାର୍ଲାମେଣ୍ଟ ସ୍ୱତନ୍ତ୍ର ଫଟୋ ପ୍ରଦର୍ଶନୀକୁ ମୁଖ୍ୟଅତିଥି ପଦ୍ମଭୂଷଣ ପ୍ରତିଭା ରାୟ ଉଦ୍‌ଘାଟନ କରିଥିଲେ।

**ସଂକ୍ଷେପରେ**

## କାର୍ତ୍ତିକ ମେଳା ପ୍ରସ୍ତୁତି ବୈଠକ

**ସାକ୍ଷୀଗୋପାଳ, ୭।୧୧(ଭରତ ରାଉତ):** ପଶ୍ଚିମ ସତ୍ୟବାଦୀ ଅନ୍ତର୍ଗତ ଅଳଗୁମଠାରେ ଥିବା ଶ୍ରୀ ଗଡିଶ୍ୱର ଦେବଙ୍କ ମନ୍ଦିର ବେଢ଼ାରେ କାର୍ତ୍ତିକ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରୁଦ୍ରାଭିଷେକ ପରିଷଦର ସଭାପତି ସନ୍ତୋଷ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ମେଳା କିଭଳି ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଏହି ମେଳା ୨୧ରୁ ୨୭ ନଭେମ୍ବର ପର୍ଯ୍ୟନ୍ତ ଚାଲିବ ବୋଲି ଜଣାଯାଇଛି। ଏଥିରେ ଗଡିଶ୍ୱର ଦେବଙ୍କ ବିଭିନ୍ନ ରୀତିନୀତି ସହ ବିଶ୍ୱଶାନ୍ତି ରୁଦ୍ରାଭିଷେକ ଯଜ୍ଞ ପାଇଁ ସମସ୍ତ ପ୍ରସ୍ତୁତି ନିର୍ଦ୍ଧାରିତ ସମୟ ପୂର୍ବରୁ ସାରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ମନ୍ଦିର, ମନ୍ଦିର ବେଢ଼ା ସମେତ ଆଖପାଖ ଗ୍ରାମ ଓ ମନ୍ଦିର ଚତୁଃପାର୍ଶ୍ୱରେ ସଫେଇ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ହୋଇଛି। ମେଳାରେ ବାଲୁକା କଳା ପ୍ରଦର୍ଶନୀ, ଯୋଗ ଶିବିର, ଫଟୋ ପ୍ରଦର୍ଶନୀ, ହସ୍ତଶିଳ୍ପ ପ୍ରଦର୍ଶନୀ, ସାହିତ୍ୟ ଆସର, ଝୋଟି ପ୍ରଦର୍ଶନୀ, ବିଭିନ୍ନ ଷ୍ଟଲ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶୀ ନୃତ୍ୟ, ଛଉନୃତ୍ୟ, ସମ୍ବଲପୁରୀ ଓ ଗ୍ରାମ୍ୟ କଳା ଆଦି ପରିବେଷଣ କରାଯିବ। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ, ସ୍ୱାସ୍ଥ୍ୟ, ପରିମଳ ଓ ଶାନ୍ତି ଶୃଙ୍ଖଳା ପାଇଁ ବିଭାଗୀୟ ଅଧିକାରୀଙ୍କ ସହଯୋଗ ଲୋଡିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ପରିଷଦର ସମ୍ପାଦକ ଉପେନ୍ଦ୍ର ପଣ୍ଡା, ଡ. ଯୋଗେନ୍ଦ୍ର ନାୟକ, ଲକ୍ଷ୍ମୀଧର ପଣ୍ଡା, ବଳରାମ ପଣ୍ଡା, ରବୀନ୍ଦ୍ର ସାହୁ, ସ୍ୱାଧୀନ ପ୍ରଧାନ, ମନୋରଞ୍ଜନ ପ୍ରଧାନ, ସଚ୍ଚିକାନ୍ତ ଜେନା, କୁନେଇ ପ୍ରଧାନ, ବନମାଳୀ ପ୍ରଧାନ, ପ୍ରକାଶ ମହାନ୍ତି, ପ୍ରଫୁଲ୍ଲ ବିଶ୍ୱାଳ, ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ବୋର୍ଡ ପରୀକ୍ଷାରେ ସଫଳତା ପାଇଁ ସହଜ ଉପାୟ

**ପିପିଲି,୭।୧୧(ଦୁର୍ଗାମାଧବ ମିଶ୍ର)**

ଓସେପା, ଭୁବନେଶ୍ୱର ନିର୍ଦ୍ଦେଶ ଅନୁସାରେ ଓଡ଼ିଶାର ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ଆଗାମୀ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷା ପ୍ରସ୍ତୁତି ପାଇଁ କେତୋଟି ସହଜ ଉପାୟ କାର୍ଯ୍ୟକ୍ରମର ନିୟମାବଳୀ ନେଇ ଆଲୋଚନା କରାଯାଇଥିଲା। ଏଥିରେ ୧୦ମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଗୋବିନ୍ଦପୁର ହାଇସ୍କୁଲରେ ସିଆରସିସି ଚିନ୍ତାମଣି ଓଝା, ପ୍ରଧାନ ଶିକ୍ଷକ ହରେକୃଷ୍ଣ ସେନାପତି, ଶିକ୍ଷୟିତ୍ରୀ ନିର୍ମଳା କୁମାରୀ ନାୟକ, ନମିତା ବିଶ୍ୱାଳ, ମହେନ୍ଦ୍ର ଡାଙ୍ଗୁଆ, ଇତିଶ୍ରୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ୧୦ମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ର ଚାପମୁକ୍ତ ରହି କିପରି ସୁଚାରୁରୂପେ ବୋର୍ଡ ପରୀକ୍ଷା ଦେଇ ସଫଳତା ହାସଲ କରି ପାରିବେ ସେ ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ।



ପୁରୀ ଜିଲା ବିଜେଡି ସଭାପତି ତଥା ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କୁ ମଙ୍ଗଳବାର ବିଧାନସଭା ପରିସରରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି।



ପୁରୀ ସ୍ୱର୍ଗଦ୍ୱାରଠାରେ ମହେଶ୍ୱରଙ୍କ ପାର୍ଥିବ ଶରୀରରେ ବିଧାୟକ ଜୟନ୍ତ ଷଡଙ୍ଗୀ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ।

# ପଞ୍ଚଭୂତରେ ବିଲୀନ ହେଲେ ମହେଶ୍ୱର

**ପୁରୀ, ୭।୧୧(ଅଜିତ୍ ମହାନ୍ତି):**

ପଞ୍ଚଭୂତରେ ବିଲୀନ ହେଲେ ଓଡ଼ିଶାର ପୂର୍ବତନ ବାଚସ୍ପତି ତଥା ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତି। ଦୀର୍ଘ ୮ଦିନ ଧରି ଜୀବନ ଯୁଦ୍ଧରେ ସଂଗ୍ରାମ କରି ଶେଷରେ ସେ ହାରିଯାଇଛନ୍ତି। ତାଙ୍କ ମୃତ୍ୟୁରେ କେବଳ ପୁରୀ ନୁହେଁ, ସାରା ରାଜ୍ୟରେ ଶୋକର ଛାୟା ଖେଳିଯାଇଛି। ଅକ୍ଟୋବର ୩୧ରେ ଅସୁସ୍ଥତା କାରଣରୁ ମହେଶ୍ୱରଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କର ଚିକିତ୍ସା କରି ବ୍ରେନ ଷ୍ଟ୍ରୋକ୍ ହୋଇଥିବା ସୂଚନା ଦେଇଥିଲେ। ତେବେ ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ମଙ୍ଗଳବାର ଭୋର ୩ଟା ୨୫ ମିନିଟ୍‌ରେ ମହାନ୍ତି ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶେଷ ଦର୍ଶନ କରିବା ପାଇଁ ତାଙ୍କ ସମର୍ଥକ, ବିଜେଡି ନେତା, ମନ୍ତ୍ରୀ, ବିଭିନ୍ନ ଦଳର ନେତୃବୃନ୍ଦଙ୍କ ସମେତ ତାଙ୍କ ବନ୍ଧୁ ଓ ପରିଜନ ମେଡିକାଲକୁ ଯାଇଥିଲେ। ପରେ ତାଙ୍କ ପାର୍ଥିବ ଶରୀରକୁ ରାଜ୍ୟ ବିଜେଡି କାର୍ଯ୍ୟାଳୟ ଓ ବିଧାନସଭା ନିଆଯିବା ପରେ ପୁରୀ ଅଭିମୁଖେ ଅଣାଯାଇଥିଲା। ପୁରୀ ଆସିବା ସମୟରେ ବିଭିନ୍ନ ସ୍ଥାନରେ ତାଙ୍କର ସମର୍ଥକମାନେ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୁରୀର ପ୍ରବେଶ ପଥ ବୀର ହରେକୃଷ୍ଣପୁର ଅଠରନଳାଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ମହାନ୍ତିଙ୍କ ପାର୍ଥିବ ଶରୀରକୁ ବାର୍ ଆସୋସିଏସନ ଓ ପୌରପାଳିକା ନିକଟକୁ ନିଆଯାଇଥିଲା। ସେଠାରେ ଆଇନଜୀବୀ ଓ ପୌରସଂସ୍ଥାର କର୍ମଚାରୀମାନେ ମହାନ୍ତିଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ତାଙ୍କ ପାର୍ଥିବ ଶରୀର କୁମୁଟି ସାହି ସ୍ଥିତ ଘରେ ପହଞ୍ଚିବା ପରେ ଲୋକାରଣ୍ୟ ହୋଇପଡ଼ିଥିଲା ସମଗ୍ର ଅଞ୍ଚଳ। ମହେଶ୍ୱର ମହାନ୍ତି ଅମର ରହେ ଧ୍ୱନି ସବୁଠି ଶୁଣିବାକୁ ମିଳିଥିଲା। କୁମୁଟି ସାହିସ୍ଥିତ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ମହାନ୍ତିଙ୍କ ଶେଷ ଦର୍ଶନ କରିବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ପରେ ତାଙ୍କର ପାର୍ଥିବ ଶରୀରକୁ ସାହିରେ ପରିକ୍ରମା କରାଯିବା ସହ ନରେନ୍ଦ୍ର କୋଣ ସ୍ଥିତ ପାର୍ଟି କାର୍ଯ୍ୟାଳୟ ଦେଇ ବିରାଟ ଶୋଭାଯାତ୍ରାରେ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା। ପ୍ରଶାସନ ପକ୍ଷରୁ ସେଠାରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ବିଜେଡିର ବହୁ ମନ୍ତ୍ରୀ, ନେତା, ଜିଲାପାଳ, ଏସ୍‌ପି, ଅତିରିକ୍ତ ଜିଲାପାଳ, ଉପ ଜିଲାପାଳ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ମହାନ୍ତିଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ କରାଯିବା ପରେ ବଡପୁଅ ସୁନୀଲ ମହାନ୍ତି ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ମହେଶ୍ୱର ୫ ଥର ପୁରୀ ବିଧାନସଭା ମଣ୍ଡଳୀରୁ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ। ୧୯୯୫ରେ ଜନତା ଦଳ ଟିକେଟ୍‌ରେ ଜିତିଥିବା ବେଳେ ୨୦୦୦ ରୁ ୨୦୧୯ ପର୍ଯ୍ୟନ୍ତ ବିଜେଡିରୁ ବିଧାୟକ ହୋଇଥିଲେ। ସେ ତାଙ୍କ କାର୍ଯ୍ୟକାଳରେ ବାଚସ୍ପତି ସହ ୬ଟି ବିଭାଗର ମନ୍ତ୍ରୀ ଦାୟିତ୍ୱ ତୁଲାଇଛନ୍ତି। ତାଙ୍କ ମୃତ୍ୟୁକୁ ନେଇ ପୁରୀ ତଥା ରାଜ୍ୟରେ ଶୋକର ଛାୟା ଖେଳିଯାଇଛି।




ସ୍ୱର୍ଗତ ମହାନ୍ତିଙ୍କ ଶେଷ ଦର୍ଶନ ପାଇଁ ଜନ ସମୁଦ୍ର ।

# ରାଜନୀତିର ପିତାମହ ଥିଲେ ମହେଶ୍ୱର

**ପୁରୀ, ୭।୧୧ (ଅଜିତ୍ ମହାନ୍ତି):**

ଓଡ଼ିଶା ରାଜନୀତିରେ ବେଶ୍ ଜଣାଶୁଣା ନାଁ ହେଉଛନ୍ତି ମହେଶ୍ୱର ମହାନ୍ତି। ମହିଆ ଭାଇ ଭାବେ ସେ ସମସ୍ତଙ୍କର ଅତି ପ୍ରିୟ ଥିଲେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ ପର୍ଯ୍ୟନ୍ତ ସର୍ବଦା ସେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସିଛନ୍ତି। ମହାନ୍ତି କେବଳ ଜଣେ ରାଜନେତା ନଥିଲେ, ସେ ଏକାଧାରାରେ ଥିଲେ ଜଣେ ଆଇନ ବିଶାରଦ ତଥା ସଂସ୍କୃତି ଓ କଳାପ୍ରେମୀ। ଛାତ୍ର ଜୀବନରୁ ରାଜନୀତି କରୁଥିବା ମହେଶ୍ୱର ମହାନ୍ତି ୧୯୯୫ରୁ ୨୦୧୯ ପର୍ଯ୍ୟନ୍ତ କ୍ରମାଗତ ଭାବେ ୫ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୧୯୯୫ରେ ପ୍ରଥମେ ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଜନତା ଦଳରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପରେ ବିଜୁ ଜନତା ଦଳର ଗଠନ ପରେ ସେ ବିଜେଡିରୁ ୨୦୦୦, ୨୦୦୪, ୨୦୦୯ ଓ ୨୦୧୪ରେ ପୁରୀ ବିଧାନସଭା କ୍ଷେତ୍ରରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୯ରେ ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକେଟ ଦେଇଥିଲେ ମଧ୍ୟ ରାଜନୀତିରେ ତାଙ୍କର ଶିଷ୍ୟ କୁହାଯାଉଥିବାଜୟନ୍ତ ଷଡଙ୍ଗୀଙ୍କ ଠାରୁ ମାତ୍ର କିଛି ଭୋଟ୍ ବ୍ୟବଧାନରେ ସେ ହାରିଯାଇଥିଲେ। ନିର୍ବାଚନରେ ହାରିଥିଲେ ମଧ୍ୟ ଲୋକମାନଙ୍କ ସେବା କରିବାରେ କେବେ ପଛଘୁଞ୍ଚା ଦେଇନଥିଲେ। ଲୋକମାନଙ୍କ ନିକଟକୁ ଯାଇ ସମସ୍ୟା ସମ୍ପର୍କରେ ବୁଝୁଥିଲେ।

୧୯୫୬ ଫେବୃୟାରୀ ୨୬ରେ ମହେଶ୍ୱର ମହାନ୍ତି ପୁରୀରେ ଜନ୍ମଗ୍ରହଣ କରିଥିଲେ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ସେ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ମଧ୍ୟ ଆଇନ ଡିଗ୍ରୀ ହାସଲ କରିଥିଲେ। ପେଶାରେ ସେ ଥିଲେ ଜଣେ ଆଇନଜୀବୀ। ମହାନ୍ତି ଛାତ୍ର ଜୀବନରୁ ରାଜନୀତି ପ୍ରତି ଆକୃଷ୍ଟ ରହିଥିଲେ। ୧୯୭୩ରେ ପୁରୀ ଏସ୍‌ସିଏସ୍ କଲେଜ ଛାତ୍ର ସଂସଦ ନିର୍ବାଚନରେ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ପରେ ୧୯୭୮ରେ ସେ ପୁରୀ ପୌର ପରିଷଦର କାଉନସିଲର ଭାବେ ନିର୍ବାଚିତ ହୋଇ ପ୍ରତ୍ୟକ୍ଷ ରାଜନୀତିରେ ପାଦ ଥାପିଥିଲେ। ପରେ ୧୯୮୫ରୁ ୧୯୯୦ ଓ ୧୯୯୨ରୁ ୧୯୯୫ ପର୍ଯ୍ୟନ୍ତ ଦୁଇ ଦୁଇ ଥର ପୁରୀ ପୌର ପରିଷଦର ଅଧ୍ୟକ୍ଷ ହୋଇଥିଲେ। ୧୯୯୪ ମସିହାରେ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ଥିଲେ। ୨୦୦୦ରୁ ୨୦୧୯ ନବୀନଙ୍କ ମନ୍ତ୍ରିମଣ୍ଡଳରେ ଏକାଧିକ ବିଭାଗର ମନ୍ତ୍ରୀ ଓ ବାଚସ୍ପତି ଭାବେ ଗୁରୁଦାୟିତ୍ୱ ତୁଲାଇଥିଲେ। ସେ ଆଇନ, ପର୍ଯ୍ୟଟନ, ପଞ୍ଚାୟତିରାଜ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଆଦି ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୦୪ରେ କାନାଡାରେ ଅନୁଷ୍ଠିତ ହୋଇଥିବା ୫୦ତମ କମନୱେଲଥ ପାର୍ଲାମେଣ୍ଟାରି କନଫରେନ୍ସରେ ଯୋଗଦେଇଥିଲେ। ୨୦୦୫ରେ ମଧ୍ୟ ଫିଜିରେ ଅନୁଷ୍ଠିତ ୫୧ତମ କମନୱେଲଥ ପାର୍ଲାମେଣ୍ଟାରି କନଫରେନ୍ସରେ ଯୋଗଦେଇଥିଲେ। ତାଙ୍କର ଅକାଳ ମୃତ୍ୟୁରେ ରାଜ୍ୟ ରାଜନୀତିରେ ଏକ ଅଭାବନୀୟ କ୍ଷତି ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

# ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

**ଅସ୍ତରଙ୍ଗ, ୭।୧୧(ମମତା ଜେନା):**

ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ ପୁରୀ ଜିଲା ଅସ୍ତରଙ୍ଗଠାରେ ମା' ଲକ୍ଷ୍ମୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ନାଟକ ପ୍ରତିଯୋଗିତାରେ ରାଜ୍ୟର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଥିଲେ ମୁକ୍ତିକାନ୍ତ ନାୟକ ଏବଂ ନଟକିଶୋର ମହାନ୍ତି। କାକଟପୁର ବ୍ଲକ ପଥରପକା ଗ୍ରାମର ମା' ବାଟମଙ୍ଗଳା ନାଟ୍ୟ ସଂସଦ ଦ୍ୱାରା ପରିବେଶିତ ସନ୍ତୋଷ ସ୍ୱାଇଁ (ଟୁଟୁ)ଙ୍କ ବଳିଷ୍ଠ ନିର୍ଦ୍ଦେଶନାର 'ଆଖି ଅବୁଝାକୁ ଲୁହ ଅବୁଝା' ନାଟକକୁ ଶ୍ରେଷ୍ଠ ନାଟକ ଭାବେ ବିବେଚନା କରି ପୁରସ୍କୃତ କରାଯାଇଥିଲା। ସେହିପରି ମା' ବୁଢ଼ୀ ସାହରେଇ ନାଟ୍ୟ ସଂସଦ, ଅନନ୍ତା ଉପବିଜେତା ହୋଇଥିବାବେଳେ ଏବଂ ତୃତୀୟ ଦଳ ଭାବେ ତ୍ରିଛକି ଡ୍ରାମାଟିକ୍ କ୍ଲବ କରଞ୍ଜପୁର ପୁରସ୍କୃତ ହୋଇଛି। ବିଜେତା ଦଳକୁ ନଗଦ ୨୫ ହଜାର ଟଙ୍କା, ଉପବିଜେତା ଦଳକୁ ୧୫ ହଜାର ଟଙ୍କା ଓ ତୃତୀୟ ଦଳକୁ ୧୦ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଉକ୍ତ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ କ୍ରୀଡା, ଯୁବ ବ୍ୟାପାର ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ପୂର୍ବତନ ପୁରୀ ଜିଲାପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ଜିଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ସାଂସଦଙ୍କ ପ୍ରତିନିଧି ଚମ୍ପକ ବାରିକ ଯୋଗଦେବା ସହିତ ଆୟୋଜକ କ୍ଲବର ସଭାପତି ପ୍ରମୋଦ ଦାଶ, ସମ୍ପାଦକ ଦିଲୀପ ଦାସ, ମୁଖ୍ୟ ପରିଚାଳକ ସମୀର କୁମାର କର, ପ୍ରକାଶ ପ୍ରଧାନ, ମନୋଜ ବିଶ୍ୱାଳ, ପ୍ରତାପ ବିଶ୍ୱାଳ, ସଞ୍ଜୟ ପ୍ରଧାନ, ରମାରଞ୍ଜନ ମହାନ୍ତି, ସୁକାନ୍ତ ତ୍ରିପାଠୀ, ନିରଞ୍ଜନ ଦାସ,ପବିନ କାଣ୍ଡି, ହରିହର ମହାନ୍ତି, ପଦିଆ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରତିଯୋଗିତାରେ ଟ୍ରଫି ସହ ବିଜୟୀ ଦଳ ।

# ମହେଶ୍ୱରଙ୍କ ବିୟୋଗରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋକ

**ପୁରୀ, ୭।୧୧(ଅଜିତ୍ ମହାନ୍ତି):**

ମହେଶ୍ୱର ମହାନ୍ତିଙ୍କ ଅକାଳ ବିୟୋଗରେ ବିଭିନ୍ନ ଅନୁଷ୍ଠାନ, ସଂଗଠନ, ମହାବିଦ୍ୟାଳୟ ପକ୍ଷରୁ ଶୋକ ପ୍ରକାଶ କରାଯିବା ସହ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରାଯାଇଛି। ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କ ବିୟୋଗରେ ଗଭୀର ଦୁଃଖପ୍ରକାଶ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ। ସେହିପରି ସୁରଜମଲ ସାହା ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ପ୍ରଫେସର ଶଙ୍କର୍ଷଣ ଦାଶ ଓ କଲେଜର ଅଧ୍ୟକ୍ଷ ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା ଏକ ଶୋକବର୍ତ୍ତାରେ ମହାନ୍ତିଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ଷ୍ଟାଫ୍ କାଉନସିଲର ସମ୍ପାଦକ ବିଜୟ କୁମାର ପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ବ୍ରହ୍ମାନନ୍ଦ ସାହୁ, ଷ୍ଟାଫ ଆସୋସିଏଶନ୍ ସଭାପତି ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ସମ୍ପାଦକ ରାଧାଶ୍ୟାମ ପଲେଇ, ଅଧ୍ୟାପକ ଅଜିତ କୁମାର ଦଳେଇ, ମୁଖ୍ୟ କିରାଣି ବଳରାମ ମିଶ୍ର ଓ ପର୍ଶୁରାମ ପ୍ରଧାନ ନିଜ ନିଜର ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ମହାନ୍ତିଙ୍କ ପ୍ରତି ସମ୍ମାନ ପୂର୍ବକ ଏକ ମିନିଟ୍ ନିରବତା ଅବଲମ୍ବନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ଶ୍ରୀଜଗନ୍ନାଥ ବେଦକର୍ମକାଣ୍ଡ ମହାବିଦ୍ୟାଳୟ ପକ୍ଷରୁ ଶୋକ ପ୍ରକାଶ କରାଯିବା ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି। ଶ୍ରୀ ମହାନ୍ତି ଅନେକ ଦିନ ଧରି ମହାବିଦ୍ୟାଳୟର ସଭାପତି ଭାବରେ କାର୍ଯ୍ୟ କରିବା ସହ ବିଭିନ୍ନ ସମୟରେ ସାହାଯ୍ୟର ହାତ ବଢାଇଥିଲେ ବୋଲି ମହାବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା। ଅନ୍ୟପକ୍ଷରେ ମହେଶ୍ୱର ମହାନ୍ତିଙ୍କ ଅକାଳ ବିୟୋଗରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଭାଜପା ନେତା ଓମ ପ୍ରକାଶ, ପ୍ରଭାତୀ ପରିଡା, ଜିଲା ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ, ଉପାସନା ମହାପାତ୍ର ଏବଂ ବିଭିନ୍ନ ଭାଜପା ନେତୃବୃନ୍ଦ ସ୍ୱର୍ଗତ ମହେଶ୍ୱରଙ୍କ ଶେଷ ଦର୍ଶନ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସେହିପରି ଶ୍ରୀ ମହାନ୍ତିଙ୍କ ଅକାଳ ବିୟୋଗରେ ସିପିଆଇଏମ୍ ଓ ସିପିଆଇ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଏପରି ଦୁଃଖଦ ସମୟରେ ମହାନ୍ତିଙ୍କ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ସିପିଏମ୍ ଜିଲା ସଂପାଦକ ଜଗନ୍ନାଥ ଦେଓ ଓ ସିପିଆଇ ଜିଲା ସଂପାଦକ ପ୍ରଦୀପ ମହାନ୍ତି। ସାଂସ୍କୃତିକ ତଥା ସମାଜିକ ଅନୁଷ୍ଠାନ ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ପକ୍ଷରୁ ଅନୁଷ୍ଠାନର ସଭାପତି ଶ୍ରୀ ମହାନ୍ତିଙ୍କ ଅକାଳ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ଅନୁଷ୍ଠାନର ସମ୍ପାଦକ ସଦାଶିବ ନାୟକ, ସାଂଗଠନିକ ସମ୍ପାଦକ ନାରାୟଣ ଗୋଛିକାର, କାର୍ଯ୍ୟାଳୟ ସଂପାଦକ ଜଗମୋହନ ପଟ୍ଟନାୟକ, ବରିଷ୍ଠ ସଦସ୍ୟ ପ୍ରଦୀପ କୁମାର ମିଶ୍ର, ଲକ୍ଷ୍ମୀ ନାରାୟଣ ପଣ୍ଡା, ବାସୁଦେବ ଦାଶ, ଅମୀୟ କୁମାର ନାଗଙ୍କ ସମେତ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ରହି ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ମହାନ୍ତିଙ୍କ ଅକାଳ ବିୟୋଗରେ ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ଜିଲାର ଜଣେ ଦକ୍ଷ ଓ ପ୍ରଭାବଶାଳୀ ରାଜନେତାଙ୍କ ଅବସାନ ହେଲା ବୋଲି ସଂଘର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ମତବ୍ୟକ୍ତ କରିଛନ୍ତି। ସେହିପରି ପୁରୀର ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ ପକ୍ଷରୁ ମହାନ୍ତିଙ୍କ ଅକାଳ ବିୟୋଗରେ ଶୋକ ପ୍ରକାଶ କରାଯିବା ସହ ତଙ୍କ ସମ୍ମାନାର୍ଥେ ବହୁ ବ୍ୟବସାୟିକ ଅନୁଷ୍ଠାନଗୁଡିକ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା।



ସୁରଜମଲ ସାହା ମହାବିଦ୍ୟାଳୟ ପରିସରରେ ଆୟୋଜିତ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ପ୍ରଗତିବାଦୀ ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳଙ୍କ ୯୧ତମ ଜୟନ୍ତୀ ସମାରୋହ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ, ପ୍ରଗତିବାଦୀ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ନ୍ୟୁଜରୁମ୍‌ର ୨ୟ ବାର୍ଷିକୋତ୍ସବ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ଷ୍ଟାର୍ଟଅପ୍ ଯାତ୍ରା ବୁଟ୍‌କ୍ୟାମ୍ପ, ପୁରୁଣା ଅଡିଟୋରିୟମ୍, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।
- ବଡ଼ ଖବରର ସ୍ୱନକ୍ଷତ୍ର ଉତ୍ସବ 'ପୁନର୍ଜନ୍ମ', ଗୀତଗୋବିନ୍ଦ ସଦନ, ଅପରାହ୍ନ ୫ଟା।
- ଇନ୍‌ଫୋସିସ୍ ଫାଉଣ୍ଡେଶନ ଏବଂ ଭାରତୀୟ ବିଦ୍ୟା ଭବନର ସାଂସ୍କୃତିକ କାର୍ଯ୍ୟକ୍ରମ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ସଂକ୍ଷେପରେ

### ଆନିକଟ୍‌ରୁ ଆହତ ମାଛ ଧରାଳି ଉଦ୍ଧାର

**କଟକ, ୭।୧୧ (କାର୍ତ୍ତିକ ସାହୁ):** କଟକସ୍ଥିତ ଯୋବ୍ରା ଆନିକଟ୍‌ରେ ଗଳିପଡ଼ି ଆହତ ହୋଇଥିବା ଜଣେ ମାଛ ଧରାଳିଙ୍କୁ ଚାଉଳିଆଗଞ୍ଜ ଅଗ୍ନିଶମ ବାହିନୀ ମଙ୍ଗଳବାର ଉଦ୍ଧାର କରିଛି। ସେ ହେଲେ ଯୋବ୍ରା ମଝିସାହିର ଟୁଟୁ ଦାସ(୫୦)। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ସବୁଦିନ ଭଳି ମଙ୍ଗଳବାର ଟୁଟୁ ଯୋବ୍ରା ବ୍ୟାରେଜର ଏକ ଗେଟ୍‌ରେ ଚଢ଼ି ମାଛ ଧରୁଥିଲେ। ଅପରାହ୍ନ ପ୍ରାୟ ୧ଟାରେ ହଠାତ୍ ତାଙ୍କ ଗୋଡ଼ ଖସିଯିବାରୁ ସେ ଭାରସାମ୍ୟ ହରାଇ ଗେଟ୍ ତଳ ଭାଗରେ ଥିବା ଲୁହା ପ୍ଲେଟ୍ ଉପରେ ପଡ଼ିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଜୋର୍ ମାଡ଼ ହୋଇଥିଲା। ସ୍ଥାନୀୟ ଲୋକେ ଏହା ଦେଖିବା ପରେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀ ପହଞ୍ଚି ଦଉଡି ସାହାଯ୍ୟରେ ଟୁଟୁଙ୍କୁ ଉଦ୍ଧାର କରି ଉପରକୁ ଆଣିଥିଲେ।

### ଏସ୍‌ସିବିରେ ଓପିଡି ସଂଖ୍ୟା ବୃଦ୍ଧି ପାଇବ

**କଟକ,୭।୧୧(ଶିଲ୍ପା ପ୍ରିୟଦର୍ଶିନୀ):** ଏସ୍‌ସିବି ମେଡିକାଲ ସୁପରସ୍ପେଶାଲିଟି ଓପିଡି ସଂଖ୍ୟା ବୃଦ୍ଧି ପାଇଁ କର୍ତ୍ତୃପକ୍ଷ ଯୋଜନା କରିଛନ୍ତି। ଏନେଇ ମଙ୍ଗଳବାର ଏସ୍‌ସିବି ମେଡିକାଲରେ ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ତେବେ କେବେଠାରୁ କେମିତି ଭାବେ ଓପିଡିର ନବକଳେବର ହେବ ସେ ନେଇ ଖୁବ୍‌ଶୀଘ୍ର ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯିବ ବୋଲି ଅଧୀକ୍ଷକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏସ୍‌ସିବି ସୁପରସ୍ପେଶାଲିଟି ଓପିଡିରେ ଅସମ୍ଭାଳ ଭିଡ଼ ହେଉଛି। ଫଳରେ ରୋଗୀଙ୍କ ସୁବିଧା ପାଇଁ ହେପାଟୋଲୋଜି, ରୁମାଟୋଲୋଜି, ଗ୍ରାଷ୍ଟ୍ରୋଲୋଜି, ଏଣ୍ଡରେକ୍ରୋନୋଲୋଜି ଭଳି ବିଭିନ୍ନ ବିଭାଗରେ ଓପିଡି ସଂଖ୍ୟା ବୃଦ୍ଧି ସହ ଓପିଡିକୁ କମ୍ପ୍ୟୁଟରାଇଜ୍ କରାଯିବ ବୋଲି ଜଣାପଡିଛି।

### ସଙ୍ଗୀତ ନିର୍ଦ୍ଦେଶକ ସ୍ୱରୂପ ନାୟକଙ୍କ ବିୟୋଗରେ ଶୋକସଭା

**ନିଆଳି, ୭।୧୧(ସୁକାନ୍ତ କୁମାର ସିଂହ):** ସଙ୍ଗୀତ ନିର୍ଦ୍ଦେଶକ ତଥା ଅଭିନେତା ସ୍ୱରୂପ ନାୟକଙ୍କ ବିୟୋଗରେ ନିଆଳିସ୍ଥିତ ରିମା କ୍ରିଏସନ୍ କାର୍ଯ୍ୟାଳୟରେ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କ୍ରିଏଟର ହେଡ୍ ସମୀର ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ହେମନ୍ତ ମିଶ୍ର, ସାମାଜିକ କର୍ମୀ ତ୍ରିଲୋଚନ ବେହେରା, ଚୈତନ୍ୟ ଚରଣ ଆପଟ୍ଟ, ପ୍ରକାଶ ନାୟକ, ଅଭିମନ୍ୟୁ ପଣ୍ଡା, ପ୍ରଦୀପ ସ୍ୱାଇଁଙ୍କ ସମେତ ବହୁମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱରୂପଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରିମା କ୍ରିଏସନର ମୁଖ୍ୟ ତଥା କଳାକାର ଡା. ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ନାୟକଙ୍କ ସ୍ମୃତିଚାରଣ କରିଥିଲେ।

# ଜମିରେ ପାଣି ନାହିଁ, ମୋଟରପମ୍ପ ଭରସା

- ଧାନକେଣ୍ଡା ଶୁଖିଗଲାଣି
- ଚିନ୍ତାରେ ଚାଷୀ, ପ୍ରଶାସନ ନୀରବ


ମୋଟର ପମ୍ପ ମାଧ୍ୟମରେ ଜମିକୁ ପାଣି ମଡ଼ାଯାଉଛି।

**ଖୋର୍ଦ୍ଧା,୭।୧୧ (ପ୍ରଭାତ ପାଣିଗ୍ରାହୀ)**

ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟି, ଅନାବୃଷ୍ଟି ଚାଷ କାର୍ଯ୍ୟକୁ ପ୍ରଭାବିତ କରିଥିଲା। ଲଘୁଚାପ ବର୍ଷା ଆଶ୍ୱସ୍ତି ଆଣିଥିବା ବେଳେ ପରେ ବନ୍ୟାଜନିତ ସମସ୍ୟା ଯୋଗୁ ଜମିରେ ପାଣି ମାଡ଼ିଗଲା। ସବୁ ବାଧାବିଘ୍ନ ଦେଇ ଅଣ୍ଟାସଳଖିବା ବେଳେ ଏବେ ଧାନଥୋଡ଼ ବାହାରିବା ସମୟରେ ସମସ୍ୟା ସୃଷ୍ଟି ହୋଇଛି। ଜଳସେଚନ ଅଭାବରୁ ଜମି ଫାଟି ଆଁ କଲାଣି। ନଦୀ, କେନାଲ ଶୁଖିଲା ପଡ଼ିଥିବା ବେଳେ ପାଣିର ଅଭାବ ଦେଖାଦେଇଛି। ତୁରନ୍ତ ଜଳସେଚନର ସୁବିଧା ନ କରାଗଲେ ଧାନ ଫସଲ ନଷ୍ଟ ହୋଇଯିବା ଆଶଙ୍କା ରହିଛି। ଏପରିକି ମରୁଡ଼ି ଭଳି ସ୍ଥିତି ଉପୁଜିଲାଣି। ଫସଲ ବଞ୍ଚାଇବା ପାଇଁ ଚାଷୀ ମୋଟରପମ୍ପ ଲଗାଇ ଜମିକୁ ପାଣି ମଡ଼ାଇବାକୁ ବାଧ୍ୟ ହେଉଛି। ଧାନକେଣ୍ଡା ଶୁଖିଯିବାରୁ ନିକଟରେ ବେଗୁନିଆ ଓ ବୋଲଗଡ଼ ବ୍ଲକର ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ।

ସୂଚନାଥାଉ କି, ବର୍ଷାର ଅଭାବ ସାଙ୍ଗକୁ ଜଳସେଚନର ସୁବିଧା ନ ଥିବାରୁ ଜମି ଫାଟି ଆଁ କରିବା ସହ ଧାନକେଣ୍ଡା ଶୁଖିଗଲାଣି। ତୁରନ୍ତ ଜଳସେଚନର ସୁବିଧା ନ କରାଗଲେ ଆଗକୁ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବା ସମ୍ଭାବନା ରହିଛି। ଫଳରେ ବ୍ୟାଙ୍କ ଓ ଅନ୍ୟାନ୍ୟ ସଂସ୍ଥା ସହ ମହାଜନଙ୍କଠାରୁ ଋଣ ନେଇଥିବା ଚାଷୀ କିପରି ଶୁଝିବ ଚିନ୍ତାରେ ପଡ଼ିଛି। ଏନେଇ ଭାଜପା କୃଷକ ନେତା ରଞ୍ଜନ ମଙ୍ଗରାଜ କହିଛନ୍ତି, ସରକାରଙ୍କ ପକ୍ଷରୁ ଦିଆଯାଉଥିବା କ୍ଷୟକ୍ଷତି ରାଶି ସମୁଦ୍ରକୁ ଶଙ୍ଖେ ସଦୃଶ। ଏଥିସହ କ୍ଷତିଗ୍ରସ୍ତ ଚାଷୀ ଚିହ୍ନଟରେ ମଧ୍ୟ ପାତରଅନ୍ତର କରାଯାଉଛି। ସେହିପରି ଜରିପୁଟ ଅଞ୍ଚଳର ଚାଷୀ ମନୋରଞ୍ଜନ ସାମନ୍ତରାୟ ଓ ଶିବଶଙ୍କର ଦୌତାରି ସେନାପତି କହିଛନ୍ତି, ବିଳମ୍ବିତ ମୌସୁମୀ ପ୍ରବେଶ ଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଏବେ ପୁଣି ପାଣିର ସମସ୍ୟା ଉପୁଜିଛି। ଶରଧାପୁରର ଚାଷୀ ଜିତେନ୍ଦ୍ର ବେହେରା କହିଛନ୍ତି, ଜଳସେଚନର ସୁବିଧା ନ ଥିବାରୁ ଭଡାରେ ପମ୍ପସେଟ ଆଣି ଜମିକୁ ପାଣି ମଡ଼ାଇବାକୁ ପଡୁଛି। ଏଥିଲାଗି ଅଧିକା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ମୋ ଦଳ ଜିଲା ଆବାହକ ସୁରେଶ ବଳିୟାରସିଂ କହିଛନ୍ତି, ସମସ୍ତଙ୍କ ମୁଖରେ ଅନ୍ନ ଯୋଗାଉଥିବା ଅନ୍ନଦାତା ଏବେ ସଙ୍କଟରେ। ଜଳସେଚନର ସୁବିଧା ନ ଥିବାରୁ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନବନିର୍ମାଣ କୃଷକ ସଙ୍ଗଠନ ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଏମ୍.ଅଲ୍ଲୀ କହିଛନ୍ତି, ଧାନ ଥୋଡ଼ ବାହାରିବା ସମୟରେ ବିଲରେ ପାଣି ନ ଥିବାରୁ ଚାଷୀ ହଇରାଣ ହେଉଛନ୍ତି। ଏହି ସମୟରେ ଜିଲା କୃଷି ବିଭାଗର ଅଧିକାରୀଙ୍କ ଦେଖାନାହିଁ। କଂଗ୍ରେସ ଯୁବନେତା ପ୍ଲାବନ ପଟ୍ଟନାୟକ କୃଷି ଋଣ ଛାଡ଼ ସହ ବିହନ, ସାର, କୀଟନାଶକ ମାଗଣାରେ ଯୋଗାଇ ଦେବାକୁ ବିଭିନ୍ନ କୃଷକ ସଙ୍ଗଠନ ଦାବି କରିଛନ୍ତି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି, ଏନେଇ ରିପୋର୍ଟ ପ୍ରଦାନ କରିବାକୁ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ପଞ୍ଚଭୂତରେ ବିଲୀନ ହେଲେ ମହେଶ୍ୱର


ପୁରୀ ସ୍ୱର୍ଗଦ୍ୱାରରେ ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କୁ ଗାର୍ଡ ଅଫ୍ ଅନର୍ ଦିଆଯାଉଛି।

**ପୁରୀ, ୭।୧୧(ଅଜିତ୍ ମହାନ୍ତି)**

ପଞ୍ଚଭୂତରେ ବିଲୀନ ହେଲେ ଓଡ଼ିଶାର ପୂର୍ବତନ ବାଚସ୍ପତି ତଥା ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତି। ଦୀର୍ଘ ୮ଦିନ ଧରି ଜୀବନ ଯୁଦ୍ଧରେ ସଂଗ୍ରାମ କରି ଶେଷରେ ସେ ହାରିଯାଇଛନ୍ତି। ତାଙ୍କ ମୃତ୍ୟୁରେ କେବଳ ପୁରୀ ନୁହେଁ, ସାରା ରାଜ୍ୟରେ ଶୋକର ଛାୟା ଖେଳିଯାଇଛି। ଅକ୍ଟୋବର ୩୧ରେ ଅସୁସ୍ଥତା କାରଣରୁ ମହେଶ୍ୱରଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କର ଚିକିତ୍ସା କରି ବ୍ରେନ ଷ୍ଟ୍ରୋକ୍ ହୋଇଥିବା ସୂଚନା ଦେଇଥିଲେ। ତେବେ ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ମଙ୍ଗଳବାର ଭୋର ୩ଟା ୨୫ ମିନିଟ୍‌ରେ ମହାନ୍ତି ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶେଷ ଦର୍ଶନ କରିବା ପାଇଁ ତାଙ୍କ ସମର୍ଥକ, ବିଜେଡି ନେତା, ମନ୍ତ୍ରୀ, ବିଭିନ୍ନ ଦଳର ନେତୃବୃନ୍ଦଙ୍କ ସମେତ ତାଙ୍କ ବନ୍ଧୁ ଓ ପରିଜନ ମେଡିକାଲକୁ ଯାଇଥିଲେ। ପରେ ତାଙ୍କ ପାର୍ଥିବ ଶରୀରକୁ ରାଜ୍ୟ ବିଜେଡି କାର୍ଯ୍ୟାଳୟ ଓ ବିଧାନସଭା ନିଆଯିବା ପରେ ପୁରୀ ଅଭିମୁଖେ ଅଣାଯାଇଥିଲା। ପୁରୀ ଆସିବା ସମୟରେ ବିଭିନ୍ନ ସ୍ଥାନରେ ତାଙ୍କର ସମର୍ଥକମାନେ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୁରୀର ପ୍ରବେଶ ପଥ ବୀର ହରେକୃଷ୍ଣପୁର ଅଠରନଳାଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ମହାନ୍ତିଙ୍କ ପାର୍ଥିବ ଶରୀରକୁ ବାର୍ ଆସୋସିଏସନ ଓ ପୌରପାଳିକା ନିକଟକୁ ନିଆଯାଇଥିଲା। ସେଠାରେ ଆଇନଜୀବୀ ଓ ପୌରସଂସ୍ଥାର କର୍ମଚାରୀମାନେ ମହାନ୍ତିଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ତାଙ୍କ ପାର୍ଥିବ ଶରୀର କୁମୁଟି ସାହି ସ୍ଥିତ ଘରେ ପହଞ୍ଚିବା ପରେ ଲୋକାରଣ୍ୟ ହୋଇପଡ଼ିଥିଲା ସମଗ୍ର ଅଞ୍ଚଳ। ମହେଶ୍ୱର ମହାନ୍ତି ଅମର ରହେ ଧ୍ୱନି ସବୁଠି ଶୁଣିବାକୁ ମିଳିଥିଲା। କୁମୁଟି ସାହିସ୍ଥିତ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ମହାନ୍ତିଙ୍କ ଶେଷ ଦର୍ଶନ କରିବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ପରେ ତାଙ୍କର ପାର୍ଥିବ ଶରୀରକୁ ସାହିରେ ପରିକ୍ରମା କରାଯିବା ସହ ନରେନ୍ଦ୍ର କୋଣ ସ୍ଥିତ ପାର୍ଟି କାର୍ଯ୍ୟାଳୟ ଦେଇ ବିରାଟ ଶୋଭାଯାତ୍ରାରେ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା। ପ୍ରଶାସନ ପକ୍ଷରୁ ସେଠାରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ବିଜେଡିର ବହୁ ମନ୍ତ୍ରୀ, ନେତା, ଜିଲାପାଳ, ଏସ୍‌ପି, ଅତିରିକ୍ତ ଜିଲାପାଳ, ଉପ ଜିଲାପାଳ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ମହାନ୍ତିଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ କରାଯିବା ପରେ ବଡପୁଅ ସୁନୀଲ ମହାନ୍ତି ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ମହେଶ୍ୱର ୫ ଥର ପୁରୀ ବିଧାନସଭା ମଣ୍ଡଳୀରୁ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ। ୧୯୯୫ରେ ଜନତା ଦଳ ଟିକେଟ୍‌ରେ ଜିତିଥିବା ବେଳେ ୨୦୦୦ରୁ ୨୦୧୯ ପର୍ଯ୍ୟନ୍ତ ବିଜେଡିରୁ ବିଧାୟକ ହୋଇଥିଲେ। ସେ ତାଙ୍କ କାର୍ଯ୍ୟକାଳରେ ବାଚସ୍ପତି ସହ ୬ଟି ବିଭାଗର ମନ୍ତ୍ରୀ ଦାୟିତ୍ୱ ତୁଲାଇଛନ୍ତି। ତାଙ୍କ ମୃତ୍ୟୁକୁ ନେଇ ପୁରୀ ତଥା ରାଜ୍ୟରେ ଶୋକର ଛାୟା ଖେଳିଯାଇଛି।


ଗୀତ ଗୋବିନ୍ଦ ସଦନରେ ଅବନୀ ବରାଳ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ପଣ୍ଡା ଓ ରମାକାନ୍ତ ମିଶ୍ରଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

# ପ୍ରଦୀପ ପଣ୍ଡାଙ୍କୁ ଅବନୀ ବରାଳ ସାହିତ୍ୟ ସମ୍ମାନ

**ଭୁବନେଶ୍ୱର,୭।୧୧(ଶର୍ମିଷ୍ଠା ପାଣିଗ୍ରାହୀ)**

ଅବନୀ ବରାଳ ଫାଉଣ୍ଡେଶନ୍ ଆନୁକୂଲ୍ୟରେ ମଙ୍ଗଳବାର ଗୀତଗୋବିନ୍ଦ ସଦନରେ 'ଶ୍ରଦ୍ଧା-୨୦୨୩' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କବି ଅମରେଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଯୋଗଦେଇ କହିଛନ୍ତି, ଅବନୀ ବାବୁ ଶିକ୍ଷକମାନଙ୍କୁ ନ୍ୟାୟୋଚିତ ଅଧିକାର ପ୍ରଦାନ କରିବାକୁ ଐତିହାସିକ ସଂଗ୍ରାମର ନେତୃତ୍ୱ ନେଇ ସଫଳ ହୋଇଥିଲେ। ଶିକ୍ଷକ ଜାତି ତାଙ୍କୁ ସବୁବେଳେ ମନେ ରଖିବେ। ପ୍ରାବନ୍ଧିକ ଓ ନାଟ୍ୟକାର ପ୍ରଫେସର ସଂଘମିତ୍ରା ମିଶ୍ର ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ବରାଳଙ୍କ ବିଭିନ୍ନ ସାହିତ୍ୟ କୃତିର ଉଲ୍ଲେଖ କରି ତାଙ୍କୁ ଜଣେ କୃତବିଦ୍ୟ କଥାକାର, ଔପନ୍ୟାସିକ ଓ ସମାଲୋଚକ ଭାବେ ଅଭିହିତ କରିଥିଲେ। ଏହି ଅବସରରେ କବି ପ୍ରଦୀପ କୁମାର ପଣ୍ଡାଙ୍କୁ ଅବନୀ ବରାଳ ସାହିତ୍ୟ ସମ୍ମାନ ଏବଂ ଅଭିନେତା ଅଧ୍ୟାପକ ରମାକାନ୍ତ ମିଶ୍ରଙ୍କୁ ଆଦରମଣି ମଞ୍ଚକଳା ସମ୍ମାନ ପ୍ରଦାନ କରାଯାଇଥିଲା। ଶିକ୍ଷକ ନେତା ଓ ପ୍ରାକ୍ତନ ଅଧ୍ୟକ୍ଷ ଡ. ଅମିୟ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ଆଭାସ ବରାଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଫାଉଣ୍ଡେଶନ୍ ପକ୍ଷରୁ ଆହୃତି ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ଡ୍ୟାନ୍ସ ଆଣ୍ଡ ରିସର୍ଚ୍ଚ ଏକାଡେମୀ (ଉତ୍ତ୍ର) ପକ୍ଷରୁ ଉମେଶ ଚନ୍ଦ୍ର ଦାଶ ଓ ସହଯୋଗୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# କାଣ୍ଠ ଭୁଶୁଡ଼ି ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ଖୁଣ୍ଟୁଣୀ, ୭।୧୧(ସଚ୍ଚିଦାନନ୍ଦ ପଣ୍ଡା)**

କାନ୍ଥ ଭୁଶୁଡି ପଡିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାଶ୍ୟାମପୁର ଗ୍ରାମର ରଘୁ ଚାମ୍ପିଆ (୩୨)। ଏଥିରେ ତାଙ୍କ ସ୍ତ୍ରୀ ଦୁର୍ଗା ଚାମ୍ପିଆ ଗୁରୁତର ହୋଇ ଆଠଗଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୋମବାର ରାତିରେ ସେମାନେ ପରିବାର ସଦସ୍ୟଙ୍କ ସହିତ ଚାଳଘରେ ଶୋଇଥିଲେ। ହଠାତ୍ ମାଟିକାନ୍ଥ ଭୁଶୁଡି ସେମାନଙ୍କ ଉପରେ ପଡିଯାଇଥିଲା। ସେମାନେ କାନ୍ଥତଳେ ଚାପି ହୋଇ ଚିତ୍କାର କରିଥିଲେ। ଚିତ୍କାର ଶୁଣି ପଡୋଶୀ ଲୋକେ ଆସି ସେମାନଙ୍କୁ ଉଦ୍ଧାର କରିଥିଲେ। ରାତିରେ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଏହା ଦୁଇଘଣ୍ଟା ବିଳମ୍ବ ଅର୍ଥାତ୍ ରାତି ୩ଟାରେ ପହଞ୍ଚିଥିଲା। ସେଥିରେ ଉଭୟଙ୍କୁ ଆଠଗଡ଼ ଡାକ୍ତରଖାନା ପଠାଯାଇଥିଲା। ସେଠାରେ ରଘୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖୁଣ୍ଟୁଣୀ ପୋଲିସ ମଙ୍ଗଳବାର ପୂର୍ବାହ୍ନରେ ଆଠଗଡ଼ ଡାକ୍ତରଖାନାରେ ପହଞ୍ଚି ରଘୁଙ୍କ ମୃତଦେହ ବ୍ୟବଚ୍ଛେଦ କରାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫/୨୩) ରୁଜୁ ହୋଇଛି। ରଘୁ ଜଣେ ଦିନ ମଜୁରିଆ ହୋଇଥିବାରୁ ତାଙ୍କ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି।

# 'ସଂଘୀୟ ବ୍ୟବସ୍ଥା ବିନା ଏକତା ନୀତି ତିଷ୍ଠି ପାରିବନି'

**ଭୁବନେଶ୍ୱର, ୭।୧୧(ଅସମାପିକା ସାହୁ)**

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ମଙ୍ଗଳବାର 'ସାମ୍ପ୍ରତିକ ସମୟରେ ଭାରତର ସଂଘୀୟ ବ୍ୟବସ୍ଥା' ଶୀର୍ଷକ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଏହାକୁ ଉଦ୍‌ଘାଟନ କରିଥିଲେ। ଭାରତରେ ସଂଘୀୟ ବ୍ୟବସ୍ଥା ବିନା ବିଭିନ୍ନତା ମଧ୍ୟରେ ଏକତା ନୀତି ତିଷ୍ଠି ପାରିବ ନାହିଁ ବୋଲି ସେ କହିଥିଲେ। ମୁଖ୍ୟ ବକ୍ତା ଭାବେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ବିଭାଗୀୟ ମୁଖ୍ୟ ପ୍ରଫେସର ରଜନୀ ରଞ୍ଜନ ଝା ଯୋଗଦେଇ ଭାରତରେ ସଂଘୀୟ ବ୍ୟବସ୍ଥା ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନ ସମ୍ପର୍କରେ ଆଲୋଚନା କରିଥିଲେ। କୌଣସି ସଂଘୀୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ନୁହେଁ। ଭାରତରେ ସଂସଦୀୟ ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥା ପରସ୍ପର ପରିପୂରକ ବୋଲି ସେ ମତବ୍ୟକ୍ତ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ମାନସ ବେହେରା ବିଷୟବସ୍ତୁ ଉପରେ ଭିତ୍ତିପ୍ରବନ୍ଧ ଆଗତ କରିଥିବାବେଳେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ସ୍ମରଣିକା ଧଳ, ଶୁଭଲକ୍ଷ୍ମୀ ସାହାଣୀ ଓ ଜୀନା ମହାପାତ୍ର ଏହି ଆଲୋଚନାଚକ୍ରକୁ ପରିଚାଳନା କରିଥିବାବେଳେ ଅଧ୍ୟାପକ ବସନ୍ତ ବେହେରା ଧନ୍ୟବାଦ ଦେଇଥିଲେ। ଶତାଧିକ ଛାତ୍ରୀ ଓ ଅଧ୍ୟାପକ ଏଥିରେ ଯୋଗଦେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

# 'ବିକ୍ରୟ ପାଇଁ କେବେ ଚିତ୍ର କରେ ନାହିଁ'

## ନୂଆଦିଲ୍ଲୀରେ 'ଯତୀନ ଦାସ ଏ ରେଟ୍ରୋସ୍ପେକ୍ଟିଭ୍' ପ୍ରଦର୍ଶନୀ


କଳା ପ୍ରଦର୍ଶନୀ ସମ୍ପର୍କରେ ଚିତ୍ରଶିଳ୍ପୀ ଯତୀନ ଦାସ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର,୭।୧୧(ଶର୍ମିଷ୍ଠା ପାଣିଗ୍ରାହୀ)**

ବିଶିଷ୍ଟ ଚିତ୍ରଶିଳ୍ପୀ ଯତୀନ ଦାସଙ୍କ ଚିତ୍ରକଳାକୁ ନେଇ ଦିଲ୍ଲୀର ନ୍ୟାଶନାଲ ଗ୍ୟାଲେରୀ ଅଫ ମଡର୍ନ ଆର୍ଟରେ 'ଯତୀନ ଦାସ ଏ ରେଟ୍ରୋସ୍ପେକ୍ଟିଭ୍' ପ୍ରଦର୍ଶନୀ ଆରମ୍ଭ ହୋଇଛି। କାନ୍‌ଭାସ୍ ଏବଂ କାଗଜ ଉପରେ ଚିତ୍ର, କଣ୍ଟି, ସ୍ୟାହିର ଚିତ୍ର, ଜଳ ରଙ୍ଗ, ମୂର୍ତ୍ତି, ଗ୍ରାଫିକ୍ସ, ଟେରାକୋଟା, ସେରାମିକ ଓ ଚିନା ମାଟି ପ୍ଲାଟର୍ସ, ଛୋଟ ଖେଳନା ତଥା ତାଙ୍କ ଜୀବନର କବିତା ଏବଂ ଅର୍ନ୍ତଦୃଷ୍ଟିକୁ ଦର୍ଶକ ଚିତ୍ରକଳା ମାଧ୍ୟମରେ ଦେଖିବାକୁ ପାଇବେ। ଜଣେ କଳାକାର ଭାବେ ତାଙ୍କ ଜୀବନର ଛଅ ଦଶନ୍ଧିକୁ ଅନୁଭବ କରିବାର ସୁଯୋଗ ପାଇବେ ଦର୍ଶକ। ସେ ମୁଖ୍ୟତଃ ତେଲ, ସ୍ୟାହି, ଜଳ ରଙ୍ଗ ଏବଂ କଣ୍ଟିରେ ଚିତ୍ର କରନ୍ତି। ନିଜର କବିତା ଏବଂ ମନୁଷ୍ୟର ବ୍ୟକ୍ତିତ୍ୱର ପ୍ରାଥମିକ ଚିତ୍ର ପାଇଁ ଜଣାଶୁଣା ଯତୀନ। ଉଦଘାଟନୀ ସନ୍ଧ୍ୟାରେ ସେ କହିଛନ୍ତି, ଏହି ପ୍ରଦର୍ଶନୀ ଦୀର୍ଘ ସମୟରୁ ବାକି ରହିଥିଲା। ଶୋ' ପାଇଁ ଚୟନ କରିବା ସହଜ ନ ଥିଲା। ଆପଣ ଯାହା ଦେଖିବେ ତାହା କେବଳ ହିମଖଣ୍ଡର ଏକ ଛୋଟ ଅଂଶ। ମୁଁ ମୋର ଚିତ୍ରର ବିକ୍ରି ଉପରେ ଜୀବନ ଅତିବାହିତ କରେ, କିନ୍ତୁ ବିକ୍ରୟ ପାଇଁ ମୁଁ କେବେ ବି ଚିତ୍ର କରେ ନାହିଁ। ମୋତେ ୮୩ ବର୍ଷ ହେବାକୁ ଯାଉଛି। ୬୦ ବର୍ଷରୁ ଅଧିକ ସମୟ ଧରି ମୁଁ କାର୍ଯ୍ୟ କରିଆସୁଛି। ସମୟ ମୋ ହାତରୁ କେମିତି ଖସି ଯାଇଛି ମୁଁ ନିଜେ ଜାଣିପାରିନି। ମୁଁ ଜଣେ ଚିତ୍ରକାର, ଯିଏ ଜଣେ କଳାକାର ହେବାକୁ ଚାହୁଁଛି। ଜଣେ କଳାକାର ହେବାକୁ ତୁମକୁ ଦୁଇ ବା ତିନୋଟି ଜୀବନ ଦରକାର। ଏହି ଅବସରରେ ଗ୍ୟାଲେରୀର ନିର୍ଦ୍ଦେଶକ ଟେମ୍‌ସୁନାରାଓ ତ୍ରିପାଠୀ କହିଛନ୍ତି, ଯତୀନ ଦାସ କଳାତ୍ମକ କ୍ଷେତ୍ରରେ ଜଣେ ଏକାନ୍ତ ପଥିକ। ସେ ତାଙ୍କର ଅନନ୍ୟ ଦୃଷ୍ଟିକୋଣ ଯୋଗୁ ଅସାଧାରଣକୁ ସାଧାରଣ କରି ପାରିଛନ୍ତି। ତାଙ୍କର ସୃଜନଶୀଳ ପ୍ରତିଭାର ପ୍ରାସଙ୍ଗିକ ରହିଥାଏ। ଜଣେ ପ୍ରକୃତ କଳାତ୍ମକ ସାଧୁଙ୍କ ପରି ସେ ନିଜର ଅନନ୍ୟ ଦୃଷ୍ଟିକୋଣ ମାଧ୍ୟମରେ ଏ ସଂସାରକୁ ଚିତ୍ରିତ କରିଛନ୍ତି।



ଭୁବନେଶ୍ୱରସ୍ଥିତ କେଦାରନାଥ ଗବେଷଣା ପ୍ରତିଷ୍ଠାନ ସଭାକକ୍ଷରେ ମଙ୍ଗଳବାର 'ଆମେ ବଞ୍ଚୁଛୁ' ଅନୁଷ୍ଠାନର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।

# ବିଧାୟକଙ୍କ ଗିରଫ ଦାବି କଲା ଭାଜପା

## ଅମ୍ବାଭୋନା ଥାନା ଭଙ୍ଗାରୁଜା ଘଟଣା

**କଟକ,୭।୧୧ (କାର୍ତ୍ତିକ ସାହୁ)**




ବରଗଡ଼ ଜିଲା ଅମ୍ବାଭୋନା ଥାନା ଭଙ୍ଗାରୁଜା ଘଟଣାରେ ସମ୍ପୃକ୍ତି ଥିବା ଅଭିଯୋଗ କରି ଭଟଲି ବିଧାୟକ ସୁଶାନ୍ତ ସିଂଙ୍କ ଗିରଫ ଦାବି କରାଯାଇଛି। ଭାଜପା ପକ୍ଷରୁ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଡିଜିପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭାଜପା ପ୍ରତିନିଧି ଡିଜିପିଙ୍କୁ ଭେଟି ମାମଲାର ଉପଯୁକ୍ତ ତଦନ୍ତ ସହ ଓ ଅଭିଯୁକ୍ତଙ୍କ ପ୍ରତି ପୋଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ଆଲୋଚନା କରିଥିଲେ। ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ଗଣମାଧ୍ୟମ ମୁଖ୍ୟ ଦିଲ୍ଲୀପ ମଲ୍ଲିକ, ମୁଖପାତ୍ର ଠାକୁର ରଞ୍ଜିତ ଦାସ, ରାଜ୍ୟ ଗଣମାଧ୍ୟମ ସହ ମୁଖ୍ୟ ସୁଜିତ କୁମାର ଦାସ, ଲଲାଟେନ୍ଦୁ ବସ୍ତୁ, ରାଜ୍ୟ ସଂଖ୍ୟା ଲଘୁ ମୋର୍ଚ୍ଚା ସଭାପତି ସିକନ୍ଦର ଅଲ୍ଲୀ, ପୂର୍ବତନ ମହିଳା ମୋର୍ଚ୍ଚା ରାଜ୍ୟ ସଭାପତି ସ୍ମୃତି ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପବିତ୍ର ଦାଶ, ଶ୍ରୀତମ ଦାସ, ବିଶ୍ୱରଞ୍ଜନ ମିଶ୍ର, ନଳିନୀ ରାୟ, ସତ୍ୟବ୍ରତ ମିଶ୍ର, ହରିଚନ୍ଦନ

# ଏଥରର ଆକର୍ଷଣ ଥ୍ରି-ଡି ଇଫେକ୍ଟ, ଫାୟାର ଶୋ

## ବାଲିଯାତ୍ରା ପ୍ରସ୍ତୁତି

- ରାଜ୍ୟ ବୁଲିବ ପ୍ରଜ୍ଞାପନ ମେଢ଼

**କଟକ,୭।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)**

ଚଳିତବର୍ଷ ବାଲିଯାତ୍ରାରେ ଡିଜିଟାଲ ଥ୍ରି-ଡି ଇଫେକ୍ଟ ଶୋ ଦେଖିବାକୁ ମିଳିବ। ଗତବର୍ଷ ଲେଜର ଲାଇଟ୍ ଶୋ ବଦଳରେ ନୂଆ ଆକର୍ଷଣୀୟ କାର୍ଯ୍ୟକ୍ରମ କରାଯିବ। ଥ୍ରି-ଡି ଇଫେକ୍ଟ ଶୋ ପାଇଁ ଏକ ବଡ଼ ଅସ୍ଥାୟୀ ହଲ୍ ବ୍ୟବସ୍ଥା କରାଯିବ। ଏହି ହଲ୍ ମଧ୍ୟରେ ବିଭିନ୍ନ ବିଷୟବସ୍ତୁ ପ୍ରଦର୍ଶିତ ହେବ। ସେହିପରି ଫାୟାର ଶୋ' ସହ ସବୁଜ ବାଣ ଶୋ' ଦେଖାଇବାର ଯୋଜନା ମଧ୍ୟ ରହିଛି। ଏଥିସହ ସେଲଫି ଜୋନ୍, ଆର୍ଟ ୱାଲ, ଦୁଇଟି ସ୍ୱାଗତ ତୋରଣ ଦେଖିବାକୁ ମିଳିବ। ସେହିପରି ବାଲିଯାତ୍ରା ସମ୍ପର୍କରେ ବାର୍ତ୍ତା ନେଇ ରାଜ୍ୟରେ ପ୍ରଜ୍ଞାପନ ମେଢ଼ ବୁଲାଇବା ନିମନ୍ତେ ଯୋଜନା କରାଯାଇଛି। ଏନେଇ ସିଏମ୍‌ସି ବିଜୁଭବନ ପରିସରରେ ଅନୁଷ୍ଠିତ ଟେଣ୍ଡର ମନୋନୟନ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବାଲିଯାତ୍ରାରେ ଏସବୁ ନୂଆ ଶୋ କରିବା ନିମନ୍ତେ ଇ-ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିପାଇଁ ୩ଟି ବାହାର ସଂସ୍ଥା ଭାଗ ନେବା ସହ ସେମାନେ କିଭଳି ବାଲିଯାତ୍ରାରେ ନୂଆ ଅତ୍ୟାଧୁନିକ ଶୋ ଦେଖାଇପାରିବେ ତା'ର ଏକ ଝଲକ ପାୱାର ପଏଣ୍ଟ ଜରିଆରେ ଦେଖାଇଥିଲେ। ଟେଣ୍ଡରର ଟେକ୍ନିକାଲ ବିଡ୍ ଖୋଲାଯିବା ପରେ ଭାଗ ନେଇଥିବା ୩ଟି ସଂସ୍ଥାରୁ ମୁମ୍ବାଇ ଓ ଦିଲ୍ଲୀର ସଂସ୍ଥା ଟେକ୍ନିକାଲ ବିଡିରେ ମନୋନୀତ ହୋଇଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ବାଲିଯାତ୍ରାକୁ ଉତ୍ସବ ମୁଖର କରିବାକୁ ଜିଲା ପ୍ରଶାସନ ଠାରୁ ପାଦେ ଆଗକୁ ଯାଇ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ନୂଆ ଯୋଜନାମାନ ପ୍ରସ୍ତୁତ କରାଯାଇଛି। ନୂତନ ଜ୍ଞାନକୌଶଳ ପ୍ରଦର୍ଶନ ସହ ଲୋକଙ୍କ ମନୋରଞ୍ଜନ ଯେଭଳି ହେବ ସେଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

## ଗହମ ଚାଷରେ ଘାସ ନିୟନ୍ତ୍ରଣ



**ଗ**ହମ ଚାଷରେ ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (୧ ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ୧-୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ । ସାଧାରଣ ଭାବେ ନଡ଼ିଆତେଲ ବସିବା ଆରମ୍ଭକଲେ ଗହମ ବୁଣା ଆରମ୍ଭ କରାଯାଏ । ନଭେମ୍ବର ଦ୍ୱିତୀୟ ପକ୍ଷ ଗହମ ବୁଣିବା ପାଇଁ ଉପଯୁକ୍ତ। କିନ୍ତୁ ଆଭ୍ୟନ୍ତରୀଣ ଜିଲାରେ ବିଳମ୍ବରେ ଗହମ ବୁଣାଯାଇପାରିବ । ଗହମ ଚାଷ ପାଇଁ ଜମି ପ୍ରସ୍ତୁତି କରନ୍ତୁ ଓ ଆବଶ୍ୟକ ଅନୁମୋଦିତ ବିହନ ଯଥା - ସୋନାଲିକା, ପିବିଡବ୍ଲ୍ୟୁ-୩୪୩, ପିବିଡବ୍ଲ୍ୟୁ-୪୪୩, ୟୁପି-୨୬୨, ଏଚ୍‌ଡି-୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ । ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କେ.ଜି. ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧିତକରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ବୁଣନ୍ତୁ ।

## ମୁଗ ଫସଲରେ ପତ୍ରକଟା ପୋକ

**ମୁ**ଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ । ଧାନ ବିଲ ହିଡ଼ ମାନଙ୍କରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ । ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମି.ଲି. ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ। ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ + କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।



# ଲମ୍ପି ଚର୍ମରୋଗ ଓ ପ୍ରତିକାର



ଡା. ବୀର କିଶୋର ପରିଡ଼ା

**ଲ**ମ୍ପି ଚର୍ମରୋଗ ହେଉଛି ଏକ ଭୂତାଣୁ ଜନିତ ସଂକ୍ରାମକ ରୋଗ । ଏହି ଭୂତାଣୁ ପକ୍ସଭିରିଡେ ପରିବାରର ଅନ୍ତର୍ଭୁକ୍ତ ଏବଂ କାପ୍ରିପକ୍ସ ନାମକ ଭୂତାଣୁ ଦ୍ୱାରା ଏହି ରୋଗ ସୃଷ୍ଟି ହୋଇଥାଏ । ବାଛୁରୀ, ଛଡ଼ା, ବଳଦ, ଗାଈ, ମଇଁଷି ଆଦି ପ୍ରାଣୀ ଏହି ରୋଗରେ ସଂକ୍ରମିତ ହୋଇଥାଆନ୍ତି।

**କିପରି ବ୍ୟାପେ**

ମଶା, ଡାଆଁଶ, ଟିଙ୍କ ଆଦି ରକ୍ତ ଶୋଷଣକାରୀ କୀଟପତଙ୍ଗ ପରଜୀବୀ ଦ୍ୱାରା ସହଜରେ ଏହି ରୋଗ ସଂକ୍ରମିତ ପ୍ରାଣୀଠାରୁ ସୁସ୍ଥ ପ୍ରାଣୀକୁ ବ୍ୟାପିଥାଏ। ସୁସ୍ଥ ପ୍ରାଣୀ ଏହି ରୋଗରେ ପୀଡ଼ିତ ପ୍ରାଣୀଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଲେ, ଏହି ରୋଗ ମଧ୍ୟ ବ୍ୟାପିବାରେ ସହାୟକ ହୋଇଥାଏ। ପରୋକ୍ଷଭାବେ ସଂକ୍ରମିତ ଗୋରୁର ଘା'ର ପୂଯପାଣି, ବକଳା, ଲାଳ, ସିଂଘାଣି, ଶୁକ୍ର, ବ୍ୟବହୃତ ଖାଦ୍ୟ ଓ ପାଣିପାତ୍ରର ସଂସ୍ପର୍ଶରେ ଆସିଲେ ସୁସ୍ଥ ଗୋରୁଙ୍କଠାରେ ଏହି ରୋଗ ଦେଖାଦେଇଥାଏ ।

**ଲକ୍ଷଣ**

ଲମ୍ପି ଚର୍ମରୋଗ ହେଲେ ପ୍ରଥମେ ଗୋରୁଙ୍କଠାରେ ୨-୩ ଦିନ ପର୍ଯ୍ୟନ୍ତ ଜ୍ୱର ହୁଏ । ତା'ପରେ ମୁଣ୍ଡ, ବେକ, ପେଟ, ଗୋଡ଼, ପହ୍ନା ଆଦି ସର୍ବାଙ୍ଗ ଶରୀରରେ ଶକ୍ତ, କଠିନ, ଟାଣ ଧରଣର ଆବୁ ବାହାରେ। ଏତଦ୍‌ବ୍ୟତୀତ ପାଟି, ପାଟି ଭିତର, ଶ୍ୱାସନଳୀ ଆଦିରେ ମଧ୍ୟ କ୍ଷତ ସୃଷ୍ଟି ହୁଏ । ଏହି ଆବୁଗୁଡ଼ିକ ସାଧାରଣତଃ ଦେଖିବାକୁ କଳାରଙ୍ଗର ଏବଂ ଚିପିଲେ ଟାଣ ଲାଗେ । ଛୋଟ ଆବୁଗୁଡ଼ିକ ଧୀରେ ଧୀରେ ବଡ଼ ହୋଇ ଫାଟିଯାଇ ଘା' ସୃଷ୍ଟି ହୁଏ । ଏହାକୁ ଚିକିତ୍ସା ନ କଲେ ଏହି ଘା' ପୋକରା ଘା'ରେ ପରିଣତ ହୁଏ। ଏଥିଯୋଗୁ ଗୋରୁଙ୍କର କ୍ଷୁଧା ଶକ୍ତି କମିଯାଏ, ଦୁଗ୍ଧ ଉତ୍ପାଦନ ହ୍ରାସ ପାଏ। ଗୋରୁଙ୍କ ଶରୀର ଦୁର୍ବଳ ଦିଶେ । ଲସିକା ଗ୍ରନ୍ଥିମାନ ଫୁଲିଯାଏ। ଗୋଡ଼ରେ ମଧ୍ୟ ବେଳେବେଳେ ଫୁଲା ପଡ଼େ। ଗର୍ଭିଣୀ ଗାଈଙ୍କର ଗର୍ଭପାତ ହୁଏ । ଗୋରୁ ଚାଲିଲାବେଳେ କଷ୍ଟ ଅନୁଭବ କରନ୍ତି। ସଂକ୍ରମିତ ଗୋରୁର ଯତ୍ନ ନେଲେ ଏହା ୨ ରୁ ୩ ସପ୍ତାହ ମଧ୍ୟରେ ସମ୍ପୂର୍ଣ୍ଣ ଆରୋଗ୍ୟଲାଭ କରେ। ଏହି ରୋଗର ସଂକ୍ରମଣ ହାର ୧୦ ରୁ ୨୦% ଏବଂ ମୃତ୍ୟୁହାର ହେଉଛି ୧ ରୁ ୫%।



'ଲମ୍ପି ଚର୍ମରୋଗ ହେଲେ ପ୍ରଥମେ ଗୋରୁଙ୍କଠାରେ ୨-୩ ଦିନ ପର୍ଯ୍ୟନ୍ତ ଜ୍ୱର ହୁଏ । ତା'ପରେ ମୁଣ୍ଡ, ବେକ, ପେଟ, ଗୋଡ଼, ପହ୍ନା ଆଦି ସର୍ବାଙ୍ଗ ଶରୀରରେ ଶକ୍ତ, କଠିନ, ଟାଣ ଧରଣର ଆବୁ ବାହାରେ। ଏତଦ୍‌ବ୍ୟତୀତ ପାଟି, ପାଟି ଭିତର, ଶ୍ୱାସନଳୀ ଆଦିରେ ମଧ୍ୟ କ୍ଷତ ସୃଷ୍ଟି ହୁଏ । ଏହି ଆବୁଗୁଡ଼ିକ ସାଧାରଣତଃ ଦେଖିବାକୁ କଳାରଙ୍ଗର ଏବଂ ଚିପିଲେ ଟାଣ ପରି ଲାଗେ । ଛୋଟ ଆବୁଗୁଡ଼ିକ ଧୀରେ ଧୀରେ ବଡ଼ ହୋଇ ଫାଟିଯାଇ ଘା' ସୃଷ୍ଟି ହୁଏ । ଏହାକୁ ଚିକିତ୍ସା ନ କଲେ ଏହି ଘା' ପୋକରା ଘା'ରେ ପରିଣତ ହୁଏ ।'

**ଚିକିତ୍ସା**

ଅସୁସ୍ଥ ପ୍ରାଣୀକୁ ସୁସ୍ଥପ୍ରାଣୀଙ୍କଠାରୁ ଅଲଗା ରଖିବା ଉଚିତ । ଡାକ୍ତରଙ୍କ ପରାମର୍ଶ କ୍ରମେ ଆକ୍ରାନ୍ତ ପ୍ରାଣୀକୁ ଲକ୍ଷଣ ଅନୁଯାୟୀ ତୁରନ୍ତ ଚିକିତ୍ସା ପ୍ରଦାନ କରିବା ଆବଶ୍ୟକ। ରୋଗରେ ପୀଡ଼ିତ ଗୋରୁଙ୍କୁ ଆନ୍ତ୍ରାକ୍ସ ଜୀବାଣୁ ସଂକ୍ରମଣରୁ ରକ୍ଷା କରିବା ପାଇଁ ୫ ରୁ ୭ ଦିନ ବିଭିନ୍ନ ଆଣ୍ଟିବାୟୋଟିକ୍ ଯଥା ଅକ୍ସିଟେଟ୍ରା ସାଇକ୍ଲିନ୍, ଅକ୍ସିଭେଟ୍ ଏଲ୍‌ଏ ଆଦି ଦ୍ୱାରା ଚିକିତ୍ସା କଲେ ଗୋରୁ ଶୀଘ୍ର ଆରୋଗ୍ୟ ଲାଭ କରନ୍ତି । ଗୋରୁଙ୍କ ଠାରେ ଜ୍ୱର ଦେଖାଦେଲେ ପାରାସିଟାମଲ କିମ୍ବା ମେଲୋନିକ୍ସମ୍ ଓ ଆଭିଲ୍ ଆଦି ଇଞ୍ଜେକଶନ ବ୍ୟବହାର କରିବା ଉଚିତ । ସେହିପରି ମଲ୍‌ଟିଭିଟାମିନ୍ ପାଟି ବାଟରେ କିମ୍ବା ଇଞ୍ଜେକଶନ ଆକାରରେ ମଧ୍ୟ ଦିଆଯାଇପାରିବ । ସଂକ୍ରମିତ ଗୋରୁଙ୍କ ପାଟିରେ ଘା' ହୋଇଥିଲେ ପାଟିକୁ ଭଲଭାବରେ ଖାଇବା ସୋଡ଼ା ସହ ଉଷୁମ ପାଣିରେ ଧୋଇ ବୋରୋଗ୍ଲିସେରିନ୍ ଲେପନ କରିବା ଆବଶ୍ୟକ । ସଂକ୍ରମିତ ଗୋରୁଙ୍କୁ ତରଳ କିମ୍ବା ନରମ ଖାଦ୍ୟ, ସବୁଜ ଘାସ ଆଦି ଖାଇବାକୁ ଦେଲେ ଗୋରୁ ଶୀଘ୍ର ଆରୋଗ୍ୟଲାଭ କରନ୍ତି।

**ପ୍ରତିଷେଧକ ଟିକା:**

➤୪ମାସରୁ ଊର୍ଦ୍ଧ୍ୱ ସୁସ୍ଥ ବାଛୁରୀ ଓ ଗାଈଙ୍କୁ ଚମଡ଼ା ତଳେ ଛେଳିବସନ୍ତ ଟିକା ଦେବା ଦରକାର।

➤ଆକ୍ରାନ୍ତ ଗୋରୁଙ୍କୁ ପ୍ରତିଷେଧକ ଟିକା ଦେବା ଅନୁଚିତ।

➤କେବଳ ସମ୍ଭାବ୍ୟ ବା ସନ୍ଦିଗ୍ଧ ଅଞ୍ଚଳରେ ଟିକା ଦେବା ଆବଶ୍ୟକ।

➤ପ୍ରତିଷେଧକ ଟିକା ଦେବା ପୂର୍ବରୁ ବା ସମୟରେ ଟିକାର ଉପଯୁକ୍ତ ମାତ୍ରା, ସଂରକ୍ଷଣ, ରକ୍ଷଣାବେକ୍ଷଣ, ଇଞ୍ଜେକଶନର ଠିକ୍ ମାତ୍ରା ଆଦି ଥଣ୍ଡା ତାପମାତ୍ରାରେ ଦିଆଯିବା ଦରକାର।

ରୋଗ ନିୟନ୍ତ୍ରଣ

➤ରୋଗ ସମ୍ଭାବିତ ଅଞ୍ଚଳରେ ଗୋରୁଙ୍କୁ ଛେଳିବସନ୍ତ ଟିକା ପ୍ରଦାନ କରିବା ଉଚିତ।

-ଗୋରୁଙ୍କ ପରିବହନ ବାରଣ କରାଯିବା ଉଚିତ।

➤ଏହି ରୋଗରେ ବିଶେଷ ଭାବେ ପ୍ରାଣୀମାନଙ୍କର ମୃତ୍ୟୁ ଘଟି ନ ଥାଏ। କାରଣ ଏହା ଚର୍ମନିହିତ ରୋଗ ହୋଇଥିବାରୁ ପ୍ରାଣୀଙ୍କ ମୃତ୍ୟୁ ଉପରେ ବିଶେଷ ପ୍ରଭାବ ପଡ଼ି ନ ଥାଏ । ତେଣୁ ରୋଗ ଆରମ୍ଭରେ ଚିକିତ୍ସା କଲେ ଗୋରୁ ଶୀଘ୍ର ଆରୋଗ୍ୟ ଲାଭ କରନ୍ତି। ତେଣୁ ସେମାନଙ୍କ ଯତ୍ନନେଲେ ଏହି ରୋଗକୁ ଆମେ ସମ୍ପୂର୍ଣ୍ଣ ଆୟତ୍ତରେ ରଖିପାରିବା।

➤ ଗୁହାଳକୁ ସର୍ବଦା ପରିଷ୍କାର ଓ ପରିଚ୍ଛନ୍ନ ରଖିବା ସହ ଖାଦ୍ୟ ଓ ପାଣିପାତ୍ର ଆଦିକୁ ସଫାସୁତୁରା ରଖନ୍ତୁ । ସଂକ୍ରମିତ ଗୁହାଳକୁ ୨ରୁ ୩ % ସୋଡିୟମ ହାଇପୋକ୍ଲୋରାଇଟ୍, ୧% ଫରମାଲିନ୍ କିମ୍ବା ୦.୫ % କ୍ୱାଟେରିନାରି ଆମୋନିୟମ କମ୍ପାଉଣ୍ଡ ଆଦି ଦ୍ରବଣ ଦ୍ୱାରା ବିଶୋଧନ କରାଯିବା ଆବଶ୍ୟକ। ଏଥିସହ ଗୁହାଳର ଚଟାଣକୁ ଫିନାଇଲ, ଲାଇସୋଲ, କ୍ରିସୋଲ କିମ୍ବା ଖାରସୋଡ଼ା ପାଣିରେ ବିଶୋଧନ କରାଇ ନିଅନ୍ତୁ। (କ୍ରମଶଃ...)

-ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିକାଶ), ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ
ମୋ: ୯୪୩୭୬୦୭୩୧୨

## ଚାଷୀଙ୍କ ପାଇଁ...



**ବ**ର୍ଷା ଯୋଗୁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ। ସିରାକୋଲ୍, ଆଫ୍ରିକାନ୍ ଡବ୍ଲ୍ୟୁ ଜ୍ୟାଣ୍ଟ୍ ଅରେଞ୍ଜ, ଆଫ୍ରିକାନ୍ ଡବ୍ଲ୍ୟୁ ଜ୍ୟାଣ୍ଟ୍ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ । ଗ୍ଲାଡିଓଲି କନ୍ଦାକୁ ଓଦା ବାଲିରେ ଗଜାକରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ। ଫ୍ରେଣ୍ଡଶିପ୍, ଫ୍ରେଣ୍ଡଶିପ୍ ହ୍ୱାଇଟ୍, ପିଟର ପିୟର୍‌ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଧିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡିଓଲି ବିହନ ସଂଗ୍ରହ କରନ୍ତୁ । ବଗିଚାକୁ ବର୍ଷା ପରେ ଭଲଭାବରେ ଚାଷ କରନ୍ତୁ । ଫଳବଗିଚା ସଫାକରି ଅନୁମୋଦିତ ପ୍ରଣାଳୀରେ ଖତ, ରାସାୟନିକ ସାର ଓ ଅଣୁସାର ବର୍ଷା ଛାଡ଼ିବା ପୂର୍ବରୁ ଗଛରେ ଦିଅନ୍ତୁ । ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ । ପୁରୁଣା ଗଛକୁ କାଟଛାଣ୍ଟ କରନ୍ତୁ ଏବଂ ମାଆ ଗଛରୁ ବାହାରୁଥିବା କୁଆଁକୁ କାଟି ଦିଅନ୍ତୁ। ରୋଗପୋକ ନିୟନ୍ତ୍ରଣ କରନ୍ତୁ ଏବଂ ଉଇ ଆକ୍ରମଣ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଗଛ ମୂଳକୁ ଛାଦିକରଣ କରନ୍ତୁ। ବର୍ତ୍ତମାନ କଦଳୀ ଗଛ ଲଗାଇପାରିବେ। ଏଥିପାଇଁ ଗ୍ରାଣ୍ଡ୍ ନୈନ୍, ପାଟକପୁରା, ଡି.ସି. ପ୍ରଭୃତି କିସମ ନେଇପାରିବେ। ଆମ୍ବଗଛରେ ବଉଳ ଆସିବା ପାଇଁ ଜଳସେଚନ ବନ୍ଦ ରଖନ୍ତୁ । ଗୋଲାପ ଫୁଲଗଛର ପୁରୁଣା ଡାଳସବୁ କାଟି ଦିଅନ୍ତୁ । କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ। ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତକରି ଲଗାନ୍ତୁ । ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।

## ଛେଳି-ମେଣ୍ଢା-କୁକୁଡ଼ା ପାଳନ



**ଛେ**ଳି,ମେଣ୍ଢା ରହୁଥିବା ଗୃହକୁ ପରିଷ୍କାର ପରିଚ୍ଛନ୍ନକରି ଟିଙ୍କ ନିବାରଣ ଔଷଧ ଯଥା ପେଷ୍ଟୋବାନ୍ କିମ୍ବା ପେଷ୍ଟୋସାଇଡ୍ କିମ୍ବା ଟିକ୍‌ଆଉଟ୍ ସିଞ୍ଚନ କରନ୍ତୁ । କୃମିରୋଗର ପ୍ରତିକାର ପାଇଁ କୃମି ଔଷଧ ଦିଅନ୍ତୁ । ଏଣ୍ଟାରୋଟକ୍ସେମିଆ, ପିପିଆର୍ ରୋଗର ଟିକା ଦିଅନ୍ତୁ । ଶୀତଦିନ ଆସୁଥିବାରୁ ଗୁହାଳର ଝରକା ବା ଜାଲିରେ ବସ୍ତା ବା ପଲିଥିନ୍ ଲଗାଇ ଛେଳି, ମେଣ୍ଢାଙ୍କୁ ଥଣ୍ଡାରୁ ରକ୍ଷା କରିବାର ବନ୍ଦୋବସ୍ତ କରନ୍ତୁ। ଅନ୍ୟପକ୍ଷରେ କ୍ଷତିଗ୍ରସ୍ତ କୁକୁଡ଼ା ଘରଗୁଡ଼ିକୁ ମରାମତି କରି ପରିଷ୍କାର କରିଦିଅନ୍ତୁ। ଓଦା ହୋଇଯାଇଥିବା କୁକୁଡ଼ାଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ। ମୁକ୍ତ ଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ । କୁକୁଡ଼ାଙ୍କୁ ଗୋଳିଆପାଣି ପିଇବାକୁ ଦିଅନ୍ତୁ ନାହିଁ । ବ୍ରଏଲର କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ା ଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ । କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼ କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଉଚିତ ।



## ବାଇଗଣରେ ସମନ୍ୱିତ ପୋକ ପରିଚାଳନା

**ବା**ଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମି.ଲି. ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମି.ଲି. ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡ଼ଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମି.ଲି. ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ।



# ସଘନ ମାଛଚାଷ



**ମା**ଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ। ଜାତିଆ ମାଛ ଯଥା- ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୁପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ। କାରଣ ବିଭିନ୍ନ ପ୍ରକାର ମାଛ ଜଳର ବିଭିନ୍ନ ସ୍ତରରୁ ବିଭିନ୍ନ ପ୍ରକାର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି। ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗ କରି ସୁଚାରୁ ରୂପେ ବଢ଼ିଥାନ୍ତି। ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ । ଏହି ପ୍ରଣାଳୀରେ ହେଉଥିବା ମାଛଚାଷକୁ ସଘନ ମାଛଚାଷ କୁହାଯାଏ। କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ଦୁଇ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ। ଫଳରେ ମାଛ ଉତ୍ପାଦନ କମିଯିବ। ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ଟି ଜାତୀୟ ଏବଂ ୩ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ। ସଘନ ମାଛଚାଷ ପାଇଁ ଏକ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ(୪୧-୬୦ମି.ମି.)ଛଡ଼ାଯାଏ।

## ଧାନ ଫସଲରେ ମାଟିଆଗୁଣ୍ଡି ପୋକ ଲାଗିଲେ...

**ଧା**ନ ଫସଲରେ ମାଟିଆଗୁଣ୍ଡି ପୋକ ଲାଗିଲେ ଫ୍ଲୋନିକାମିଡ୍ ୧ ମି.ଲି./୩ ଲିଟର ପାଣିରେ, ଡାଇନୋଟେଫ୍ୟୁରାନ୍ ୫ ଗ୍ରାମ୍/୧୫ ଲିଟର ପାଣିରେ, ବୁପ୍ରୋଫେଜିନ୍ ୧.୫ ମି.ଲି./୧ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ। ଗନ୍ଧିପୋକ ନିୟନ୍ତ୍ରଣ ପାଇଁ ମାଲାଥିଅନ୍ ଗୁଣ୍ଡ ୨୦-୨୫ କି.ଗ୍ରା. ହେକ୍ଟର ପ୍ରତି (ଭୋର ସମୟରେ ଗୁଣ୍ଡ ଉଡ଼ାଇବା ଯନ୍ତ୍ର ଦ୍ୱାରା ପ୍ରୟୋଗ କରନ୍ତୁ) କିମ୍ବା କ୍ଲୋରୋପାଇରିଫସ୍ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ମିଶାଇ ସୂର୍ଯ୍ୟାସ୍ତ ସମୟରେ ସିଞ୍ଚନ କରନ୍ତୁ। କେଣ୍ଡାକଟା ପୋକ ଦମନ ପାଇଁ ସାଇପରମେଥ୍ରିନ୍ ୧ ମି.ଲି. ପ୍ରତି ୧ ଲିଟର ପାଣିରେ ଆକ୍ରାନ୍ତ କିଆରି ହିଡ଼ ଚାରିପଟେ ସନ୍ଧ୍ୟାବେଳେ ସିଞ୍ଚନ କରିବା ସହ କ୍ଲୋରୋପାଇରିଫସ୍ ଗୁଣ୍ଡ ୧ ଫୁଟ ଓସାରରେ ବିଞ୍ଚନ୍ତୁ ଏବଂ ଏକର ପ୍ରତି ୪୦୦ ମି.ଲି. କ୍ଲୋରୋପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ। ଆକ୍ରାନ୍ତ ଜମିରେ ସନ୍ଧ୍ୟାବେଳେ ବିଷଥୋପ ପ୍ରୟୋଗ କରାଯାଇପାରେ । ନେକ୍‌ସ୍ଲାଷ୍ଟ ହେକ୍ସାକୋନାଜୋଲ୍ ୨ ମି.ଲି./ଟ୍ରାଇସାଇକଲାଜୋଲ୍ ୦.୬ ଗ୍ରାମ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ପତ୍ର ଆଚ୍ଛାଦ ପୋଡ଼ାରୋଗ ହେଲେ ଭାଲିଡାମାଇସିନ୍ ୩% ଏଲ୍ ୧ ମି.ଲି./ଲିଟର କିମ୍ବା ପ୍ରୋପିକୋନାଜୋଲ୍ ୨୫% ଇ.ସି. ୧ ମି.ଲି./୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

# ଜାତି କୋଟା ୬୫%କୁ ବଢ଼ାଇବା ପାଇଁ ନୀତୀଶଙ୍କ ପ୍ରସ୍ତାବ

**ପାଟନା,୭।୧୧**



ନୀତୀଶ କୁମାର

■ ବିହାରରେ ୩୪% ପରିବାରର ମାସିକ ଆୟ ୬,୦୦୦ରୁ କମ୍

■ ସର୍ଭେ ରିପୋର୍ଟ ବିଧାନସଭାରେ ଉପସ୍ଥାପନ

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ସ୍ଥାନ ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ୬୫ ପ୍ରତିଶତକୁ ବଢ଼ାଇବା ପାଇଁ ମଙ୍ଗଳବାର ବିଧାନସଭାରେ ପ୍ରସ୍ତାବ ରଖିଛନ୍ତି। ଏହା ବାଦ୍ ଆର୍ଥିକ ଦୁର୍ବଳ ବର୍ଗଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ ସୁବିଧା ରହିବ। ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ ଅନୁସୂଚିତ ଜାତିର ପ୍ରାର୍ଥୀମାନଙ୍କ ପାଇଁ ୨୦ ପ୍ରତିଶତ ସଂରକ୍ଷଣ ସୁବିଧା ମିଳିବାକୁ ଥିବାବେଳେ ଓବିସି ଏବଂ ଅତ୍ୟନ୍ତ ପଛୁଆ ବର୍ଗ(ଇବିସି)ଙ୍କ ପାଇଁ ୪୩ ପ୍ରତିଶତ ସଂରକ୍ଷଣ ସୁବିଧା ଉପଲବ୍ଧ ହେବ, ଯାହା ବର୍ତ୍ତମାନ ୩୦ ପ୍ରତିଶତ ରହିଛି। ଅନୁସୂଚିତ ଜନଜାତିଙ୍କ ପାଇଁ ୨ ପ୍ରତିଶତ ସଂରକ୍ଷଣ ପ୍ରସ୍ତାବ ଦିଆଯାଇଛି। ଆବଶ୍ୟକ ବିଚାରବିମର୍ଶ ପରେ ସଂରକ୍ଷଣ ବୃଦ୍ଧିକୁ ଜରୁରୀ ଭାବେ କାର୍ଯ୍ୟକାରୀ କରାଯିବ। ଚଳିତ ଅଧିବେଶନରେ ଏହି ପରିବର୍ତ୍ତନ ଆଣିବା ଆମର ଉଦ୍ଦେଶ୍ୟ ବୋଲି ନୀତୀଶ କହିଛନ୍ତି।

ବିହାରର ବହୁ ପ୍ରତୀକ୍ଷିତ ଜାତି ଜନଗଣନା ସର୍ଭେ ରିପୋର୍ଟ ବିଧାନସଭାରେ ଉପସ୍ଥାପନ ପରେ ବିତର୍କରେ ଭାଗନେଇ ନୀତୀଶ ଉପରୋକ୍ତ ପ୍ରସ୍ତାବ ରଖିଛନ୍ତି। ସର୍ଭେ ରିପୋର୍ଟ ଅନୁଯାୟୀ ବିହାରରେ ୩୪.୧ ପ୍ରତିଶତ ପରିବାର ଗରିବ। ସେମାନଙ୍କ ମାସିକ ଆୟ ୬,୦୦୦ ଟଙ୍କାରୁ କମ୍। ରୋଜଗାର କିମ୍ବା ଶିକ୍ଷା ପାଇଁ ୫୦ ଲକ୍ଷରୁ ଅଧିକ ବିହାରୀ ରାଜ୍ୟ ବାହାରେ ରହୁଥିବା ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିଜୟ କୁମାର ଚୌଧାରୀ ସର୍ଭେ ରିପୋର୍ଟ ବିଧାନସଭାରେ ଉପସ୍ଥାପନ କରିଥିଲେ। ପଛୁଆ ବର୍ଗ, ଦଳିତ ଓ ଆଦିବାସୀଙ୍କ ମଧ୍ୟରେ ଦାରିଦ୍ର୍ୟ ଯଥେଷ୍ଟ ବଢ଼ିଥିବାବେଳେ ଉଚ୍ଚଜାତିରେ ମଧ୍ୟ ଏହା ବୃଦ୍ଧି ପାଇଥିବା ରିପୋର୍ଟରେ ସ୍ୱୀକାର କରାଯାଇଛି। ଉଚ୍ଚଜାତିରେ ଦାରିଦ୍ର୍ୟ ହାର ୨୫% ରହିଛି। ରିପୋର୍ଟ ଅନୁଯାୟୀ ବିହାରରେ ପ୍ରାୟ ୨.୯୭ କୋଟି ପରିବାର ରହୁଥିବାବେଳେ ସେଥିରୁ ୯୪ ଲକ୍ଷରୁ ଉର୍ଦ୍ଧ୍ୱ (୩୪.୧%) ପରିବାର ଗରିବ। ୪୬ ଲକ୍ଷ ଅନ୍ୟ ରାଜ୍ୟରେ କାମ କରି ଗୁଜୁରାଣ ମେଣ୍ଟାଉଥିବାବେଳେ ୨.୧୭ ଲକ୍ଷ ବିଦେଶରେ ରହି ରୋଜଗାର କରୁଛନ୍ତି। ରାଜ୍ୟର ମାତ୍ର ୯ ପ୍ରତିଶତ ପରିବାରର ମାସିକ ଆୟ ୫୦,୦୦୦ରୁ ଅଧିକ ବୋଲି ସର୍ଭେ ରିପୋର୍ଟରୁ ଜଣାପଡ଼ିଛି।

# ଢେଙ୍କାନାଳ ଓକିଲଙ୍କ କାର୍ଯ୍ୟବନ୍ଦକୁ ନେଇ ସୁପ୍ରିମକୋର୍ଟଙ୍କ ଅସନ୍ତୋଷ

**ନୂଆଦିଲ୍ଲୀ,୭।୧୧**

ଓଡ଼ିଶାର ଢେଙ୍କାନାଳ ଜିଲାର ଏକ ଅଦାଲତରେ ଆଇନଜୀବୀମାନେ କାର୍ଯ୍ୟରେ ଯୋଗ ନ ଦେବାକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଓକିଲମାନେ କାହାର ମୃତ୍ୟୁ ସେମାନଙ୍କ ପାଇଁ ଛୁଟିଦିନ ନ କରନ୍ତୁ ବୋଲି ଜଷ୍ଟିସ୍ ଏସ୍.କେ. କୌଲଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। କେବଳ କାମାକ୍ଷାନଗରକୁ ବାଦ୍‌ଦେଲେ ରାଜ୍ୟର ଅନ୍ୟ କୌଣସିଠାରେ କାର୍ଯ୍ୟବନ୍ଦ ହୋଇ ନ ଥିବା ଓଡ଼ିଶା ହାଇକୋର୍ଟ ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ଜଣେ ଆଇନଜୀବୀଙ୍କ କିରାଣୀଙ୍କ ମୃତ୍ୟୁ ପରେ କାମାକ୍ଷାନଗରର ବାର୍ ଆସୋସିଏଶନ ପୂରା ଦିନ କାମ ବନ୍ଦ କରିଥିଲା। କୋର୍ଟ ମାମଲାର ଶୁଣାଣିକୁ ଜାନୁୟାରୀ ୨୩କୁ ଧାର୍ଯ୍ୟ କରିଥିଲେ। ଜଣେ ବାର୍ ସଦସ୍ୟଙ୍କ ମୃତ୍ୟୁରେ ଓକିଲମାନେ କୋର୍ଟ କାର୍ଯ୍ୟରୁ ଦୂରେଇ ରହିବା ଦୁର୍ଭାଗ୍ୟଜନକ ବୋଲି ଜଷ୍ଟିସ୍ କୌଲ କହିଛନ୍ତି। ଉକ୍ତ ଆଇନଜୀବୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ବାସ୍ତବରେ କେତେଜଣ ଯାଇଥିଲେ ବୋଲି ବିଚାରପତି ପ୍ରଶ୍ନ କରିଛନ୍ତି।

ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଦାବି କରି ଓକିଲାମାନେ ବାରମ୍ବାର ଧର୍ମଘଟ ଓ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହେଉଥିବା ପିଟିଶନର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଉପରୋକ୍ତ ମତ ଦେଇଛନ୍ତି। ନୂଆ ହାଇକୋର୍ଟ ବେଞ୍ଚ୍ ଦାବି ଆନ୍ଦୋଳନ, ପିକେଟିଂ ଏବଂ ଭଙ୍ଗାରୁଜାରେ ସାମିଲ ଥିବା ୧୯୧ ଜଣ ଆଇନଜୀବୀଙ୍କୁ ସର୍ବୋଚ୍ଚ ଅଦାଲତ ଗତ ଜାନୁୟାରୀରେ ଅଦାଲତ ଅବମାନନା ନୋଟିସ୍ ପଠାଇଥିଲେ। ସେମାନେ ନିଃସର୍ତ୍ତ କ୍ଷମା ମାଗିବା ସହ ଭବିଷ୍ୟତରେ ଏଭଳି କାର୍ଯ୍ୟରେ ସାମିଲ ହେବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପାଇଁ ଅଦାଲତ କହିଥିଲେ।

# କାବୁଲ୍‌ରେ ବିସ୍ଫୋରଣ: ୭ ମୃତ

**କାବୁଲ,୭।୧୧**

ଆଫଗାନିସ୍ତାନ ରାଜଧାନୀ କାବୁଲର ଶିଆ ମୁସଲମାନ ବହୁଳ ଅଞ୍ଚଳରେ ମଙ୍ଗଳବାର ବିସ୍ଫୋରଣ ଘଟି ୭ ଜଣ ସାଧାରଣ ନାଗରିକ ପ୍ରାଣ ହରାଇବା ସହ ୨୦ ଜଣ ଆହତ ହୋଇଛନ୍ତି। ସହରର ପଶ୍ଚିମ ପାର୍ଶ୍ୱରେ ଥିବା ଦାସ୍ତି ବାର୍ଚି ଅଞ୍ଚଳରେ ଘଟିଥିବା ଏହି ବିସ୍ଫୋରଣର କାରଣ ଜଣାପଡ଼ି ନାହିଁ। ପୋଲିସ ଘଟଣାର ତଦନ୍ତ ଚଳାଇଛି। ଆକ୍ରମଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ଅତୀତରେ ଆଇଏସ୍ ଗ୍ରୁପ୍‌ର ଏକ ସହଯୋଗୀ ସଂଗଠନ ଅତୀତରେ ଉକ୍ତ ଅଞ୍ଚଳର ଶିଆ ସ୍କୁଲ୍, ହସ୍ପିଟାଲ ଓ ମସ୍‌ଜିଦକୁ ଟାର୍ଗେଟ କରିଥିଲା।

# ଛତିଶଗଡ଼ରେ ବିସ୍ଫୋରଣ: ଏନ୍‌କାଉଣ୍ଟର ୫ ଯବାନ ଆହତ

**ସୁକ୍‌ମା,୭।୧୧**

ଛତିଶଗଡ଼ ବିଧାନସଭା ପାଇଁ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟ ମତଦାନ ଚାଲିଥିବାବେଳେ ମାଓବାଦୀମାନେ ଆଇଇଡି ବିସ୍ଫୋରଣ ଘଟାଇବା ସହ ୩ଟି ସ୍ଥାନରେ ସେମାନଙ୍କ ସହ ସୁରକ୍ଷା କର୍ମୀଙ୍କ ଗୁଳିବିନିମୟ ହୋଇଛି। ସୁକ୍‌ମା ଜିଲାରେ ମାଓବାଦୀଙ୍କ ଆଇଇଡି ବିସ୍ଫୋରଣରେ ସିଆର୍‌ପିଏଫ୍ କୋବ୍ରା ୟୁନିଟ୍‌ର ଜଣେ କମାଣ୍ଡୋ ଆହତ ହୋଇଛନ୍ତି। ମାଓବାଦୀ ପ୍ରବଣ ଏକ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ମତଦାନ ପାଇଁ କୋବ୍ରା ୟୁନିଟ୍‌କୁ ମୁତୟନ କରାଯାଇଥିଲା। ସେହିପରି କଙ୍କେର ଜିଲାରେ ମାଓବାଦୀଙ୍କ ସହ ସୁରକ୍ଷା ବଳର ଏନ୍‌କାଉଣ୍ଟର ବେଳେ ଗୋଟିଏ ଏକେ-୪୭ ରାଇଫଲ ଜବତ ହୋଇଛି। ଅନ୍ୟ ଏକ ଏନ୍‌କାଉଣ୍ଟର ସୁକ୍‌ମା ଜିଲାର ମିନ୍‌ପା ଏବଂ ଡୁଲେଡ୍ ଜଙ୍ଗଲ ମଧ୍ୟରେ ଘଟିଛି। ଏଥିରେ ୪ ସୁରକ୍ଷା ଯବାନ ଆହତ ହୋଇଛନ୍ତି। ଏହା ବ୍ୟତୀତ ନାରାୟଣପୁର ଜିଲାର ଓର୍ଚ୍ଛା ଥାନା ଅଞ୍ଚଳରେ ମଧ୍ୟ ମାଓବାଦୀ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ସୂଚନାଯୋଗ୍ୟ ମଙ୍ଗଳବାର ଅନ୍ତଗଡ଼ ନିର୍ବାଚନ ମଣ୍ଡଳୀର ଚୋଟେବେଠିୟା ଥାନା ଅଞ୍ଚଳରେ ମାଓବାଦୀ ଖଞ୍ଜିଥିବା ଆଇଇଡି ବିସ୍ଫୋରଣରେ ଜଣେ ବିଏସ୍‌ଏଫ୍ ଯବାନ ଓ ୨ ଜଣ ପୋଲିଂ କର୍ମଚାରୀ ଆହତ ହୋଇଥିଲେ।

## ଓଡ଼ିଆ ଯବାନ ଶହୀଦ



ପ୍ରକାଶ ଚନ୍ଦ୍ର ଶିଆଳ

**ବାହାନଗା, ୭।୧୧**
**(ଅରୂପ କୁମାର ଦାସ)**

ଛତିଶଗଡ଼ର ଗଙ୍ଗାଲୁର ଟେକାମେଟା ପାହାଡ଼ିଆ ଅଞ୍ଚଳରେ ମଙ୍ଗଳବାର ଭୋର୍ ସମୟରେ ସିଆରପିଏଫ୍ ଯବାନମାନେ କୋମ୍ବିଂ ଅପରେଶନ କରୁଥିବାବେଳେ ମାଓବାଦୀମାନେ ବିଛାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣ ହେବାରୁ ୨ ଯବାନ ଆହତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କ ମଧ୍ୟରୁ ଜଣେ ଓଡ଼ିଆ ଯବାନ ଶହୀଦ ହୋଇଛନ୍ତି। ମୃତ ଯବାନ ହେଲେ ପ୍ରକାଶ ଚନ୍ଦ୍ର ଶିଆଳ(୩୬) ଓ ତାଙ୍କ ଘର ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଗ୍ରାମରେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗୋପାଳପୁର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେ ବିବାହିତ ଓ ତାଙ୍କର ୨ଟି ଛୋଟ ପୁଅ ଅଛନ୍ତି।




**obcc**

ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

## ODISHA BRIDGE & CONSTRUCTION CORPORATION LIMITED

(A Government of Odisha Undertaking under Works Department)

**No. 10080**
**File: SMT-1963** **Date. 07/11/2023**

## CANCELLATION OF TENDER

**No.CAD-2758: Name of Work: Civil and Electrical work for the proposed charging station at Samang parking Area at Puri for Electric Buses and BOVs under ABADHA Scheme on turnkey basis.**
**Bid identification No.:** 56/Tender/OBCC/2023-24
**Notice Inviting Tender No.:**9891 dtd.01.11.2023
The Tender for the above-mentioned work is hereby cancelled due to administrative reason.

**Sd./- Sr.Chief General Manager-I**
**OIPR-34161/11/0073/2324**

ବିକାଶ ଭବନ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨,ଦୂରଭାଷ-୦୬୭୪-୨୩୯୦୦୪୩
Vikash Bhawan, Nayapalli, Bhubaneswar-751012, Tel:0674-2390043,
Website:mdobcc.in, Email:obcc-owd@gov.in, mdobcc@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION-II, JAJPUR AT JARAKA**

**2nd CORRIGENDUM TO TENDER CALL NOTICE NO. TENDER ONLINE JJPR-II-05 OF 2023-24**

**No.O-1479:**The following modifications are made in respect of the Tender Call Notice No. "Tender Online JJPR-II-05 of 2023-24" due to some unavoidable circumstances .

1. The Tender Call Notice No. Tender Online JJPR-II-05 of 2023-24 will be available for online bidding from 14.11.2023 at 11.00 A.M to 21.11.2023 upto 5.00 P.M instead of 03.11.2023 at 11.00 A.M to 09.11.2023 upto 5.00 P.M. .
2. The last date & time of seeking tender clarification will be 20.11.2023 upto 5.00 P.M instead of 08.11.2023 upto 5.00 P.M .
3. The date of opening of Technical bid of tender shall be 22.11.2023 at 11.00 A.M. instead of 10.11.2023 at 11.30 A.M, .
4. In the point no-3 in the 1st corrigendum, The "Financial" bid is read as Technical bid instead of Financial bid .
5. This Tender Call Notice may be treated as SHORT TENDER CALL NOTICE .
6. The approx. Estimated Cost (Column No.3) may be read as Rs. 52.36 lakhs, Rs. 56.93 lakhs, Rs. 56.71 lakhs, Rs. 58.60 lakhs against the work Sl. No. 1, 2, 3, 4 respectively of the Annexure of Tender Call Notice No. "Tender Online JJPR-II-05 of 2023-24.
7. The EMD cost (Column No.4) may be read as Rs. 52,360/-, Rs.56,930/-, Rs.56,710/-, Rs.58,600/- against the work Sl. No.- 1, 2, 3, 4 respectively of the Annexure of Tender Call Notice No.Tender Online JJPR-II-05 of 2023-24.

All other terms & conditions remain unchanged. The above corrigendum shall only be published in the Govt. website **www.tendersodisha.gov.in**

**Sd./-Superintending Engineer, Rural Works Division-II Jajpur At Jaraka**
**OIPR-25080/11/0014/2324**

**STATE SELECTION BOARD**
**DEPARTMENT OF HIGHER EDUCATION**
**GOVT. OF ODISHA, BHUBANESWAR -09**

## NOTICE

**No.1256 /SSB Date-06.11.2023**

**No.N-100:**It is for information of all concerned that the written examination for recruitment to the post of Lecturers in Non-Government Aided Colleges of the State pursuant to Advertisement No.02/2023 will be held on 03.12.2023 (Sunday) in one sitting from 10.00 A.M. to 12.00 Noon (from 10.00 A.M. to 12.40 P.M for PwD candidates) at Balasore, Berhampur, Bhubaneswar, Bolangir, Cuttack, Jeypore and Sambalpur Zones. The Roll Nos allotted to individual Centres and Hall Tickets (Admit Cards) will be available in the official website of the State Selection Board i.e. www.ssbodisha.ac.in from 24.11.2023 (1.00 P.M. onwards).

Candidates are advised to download their Hall Tickets (Admit Cards) from the above website by entering their Date of Birth and Mobile Number given in the application form.

**Sd./- Secretary**
**OIPR-11015/11/0015/2324**

**GOVERNMENT OF ODISHA** No. O-1469
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KUCHINDA**
E-mail:- eerw_kuchinda@yahoo.com

"e" Procurement Notice for Road & Building Works
Identification No. Online Tender/06/RWD, Kuchinda/2023-24

| | | |
|---|---|---|
| 1. Name of the Work | : | 01 No. Road & 14 Nos. Building Works |
| 2. Total Number of Works | : | 15 Nos. |
| 3. Class of Contractor | : | Road & Building Works (C & D Class of Contractor) |
| 4. Period of Completion | : | 01 Calendar month |
| 5. Availability of Tender online for bidding | : | Dt.07.11.2023 to 21.11.2023 |
| 6. Last date & time of seeking tender clarification | : | Dt.20.11.2023 at 5.00 Pz.M. |
| 7. Date & time of opening of tender | : | Dt.22.11.2023 at 11.00 A.M. |

Further details can be seen from the website www.tendersodisha.gov.in

**Sd./- Superintending Engineer, Rural Works Division, Kuchinda**
OIPR-25151/11/0007/2324

**idco** Your power to grow — **ODISHA** NEW OPPORTUNITIES — No.CAD-2737

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**

Tender Call Notice No.- BBSR/ELECT/E-4424/22-23/2845 Date: 03.11.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work :- SITC of 11/0.4 KV, 100 KVA S/S at Bebartakteni, Gundichapada IE, Under SDO Dhenkanal**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT/e-75/ 23-24 | 13.11.2023 at 17.00 Hrs. | 23.11.2023 at 17.00 Hrs. |

Further details can be seen from the e-Procurement Portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

**Sd./- Divisional Head (Elect) IDCO, Bhubaneswar**
**OIPR-14003/11/0270/2324**

**ZILLA SWASTHYA SAMITI, DEOGARH**
**(Deptt. of Health & FW, Govt. of Odisha)**
**No.4230** **Dt.01.11.2023**

**(Tender Call Notice)**

**No.E-535:**Sealed Tenders are invited from registered suppliers/agencies/authorized dealers for supply of Equipment's, Instruments, Lab Reagent, Medical consumable, Drugs & Diagnostic Kit. The tender documents shall have to submit in one envelope containing two separate envelopes, one for technical bid & another for financial bid through speed post/register post/courier only on or before 21.11.2023 by 4.00PM to the office of CDM & PHO, DHH. Deogarh. The quotation will open on the Dt.22.11.2023 at 11.00AM in the presence of bidders or their authorized representative. The tender paper along with terms and conditions will be available in the website www.deogarh.nic.in & deposit the tender paper cost of Rs 2000/-in shape of DD in favour of "ZSS/ Non- NRHM Funds Account, Deogarh Payable at Deogarh", which is not refundable. The authority reserves right to accept or reject any or all the tender without assigning any reason thereof. The envelope containing the tender document must be clearly super scribed as "Tender for supply of Equipment's/ Instrumems/Lab Reagent/ Medical consumable/Drugs & Diagnostic Kit"

**Sd./- CDM & PHO cum- District Mission Director, Deogarh**
**OIPR-10113/11/0014/2324**

**Government of Odisha, e- Procurement Notice**
**INVITATION FOR BIDS (IFB)**
Email ld-sedklpwd@gmail.com

**Bid Identification No. C.C.E.Dkl.(R&B) 20/2023-24**

**Letter No. 3422/Dt.02.11.2023**

No. B-1203:- The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of bridge work as detailed below:

| | | |
|---|---|---|
| 1. Name of the work | : | Bridge work |
| 2. No. of works | : | 01 (One) No. |
| 3. Estimated Cost | : | **Rs. 9.75 crore (as given in column No. 03 of table)** |
| 4. Cost of tender paper | : | Rs 10,000.00 |
| 5. Class of contractor | : | 'A' & 'Special' Class **(as given in column No. 07 of table)** |
| 6. Period of Completion of work | : | 11 (Eleven) Calendar months **(as given in column No. 08 of table)** |
| 7. Date and time of availability of bid Document in the website | : | From Dt.08.11.2023 to 5.00 P.M. of Dt.22.11.2023 |
| 8. Date of opening of bid | : | Dt.22.11.2023 at 5.30 P.M. |

The bidders have to participate in ONLINE bidding only. Further details can be seen from the e-Procurement Portal: www.tendersodisha.gov.in. Any Addendum/ Corrigendum/cancellation of tender can also be seen in the said website.

**Sd./- Chief Construction Engineer Dhenkanal(R&B) Circle, Dhenkanal**
OIPR-34132/11/0026/2324

**INSTITUTE ON MANAGEMENT OF AGRICULTURAL EXTENSION (IMAGE)**
**(AN AUTONOMOUS INSTITUTE OF GOVERNMENT OF ODISHA)**
**Siripur, BHUBANESWAR-751003, Odisha**
**Ph. - (0674) 2974145, E-mail: imagebbsr1999@gmail.com**
**No.5083/IMAGE,** **Dated:07.11.2023**

**RFP for Selection of Event Management Agency for KRUSHI ODISHA-2024**

**No.CAD-2743:**IMAGE invites RFP for "Selection of Event Management Agency for KRUSHI ODISHA-2024". The detailed RFP document can be downloaded from the website **www.agri.odisha.gov.in** from dt. 07.11.2023. The last date for submitting the RFP documents alongwith Bid Processing Fees of Rs.11,800/- (Rupees Eleven Thousand Eight Hundred) only in favour of Director, IMAGE payable at Bhubaneswar through Speed Post/ Registered Post on or before dt.01.12.2023 upto 05.30 PM. The Technical Bids will be opened on dt.02.12.2023 at 11.30 AM. The Financial Bids will be opened on dt. 12.12.2023. IMAGE reserves the right to accept or reject any/ all proposals/ terminate the entire selection process at any stage without assigning any reason thereof.

**Sd./- DIRECTOR, IMAGE**
**OIPR-01408/11/0008/2324**

GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, DEOGARH**
**Email: eemidivision_deogarh@yahoo.in**
**No.1111/Date:04.11.2023**

**e-PROCUREMENT NOTICE**
**BID REF. NO.SE,MID,DGR/05/2023-24**

**No.A-789:**Bid documents consisting names of work, Estimated Cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-Procurement portal **https://tendersodisha.gov.in.**

| | | |
|---|---|---|
| 1 | Name of the Works:- | Civil Construction works |
| 2 | No. of Works:- | 03 (Three) Nos. |
| 3 | Estimated Cost:- | Varies approximately Rs.39.00 Lakh to Rs.49.00 Lakh |
| 4 | Period of Completion:- | 4 (Four) Calendar Months |
| 5 | Date and time of availability of bid documents in the portal | From Dt.13.11.2023 at 10.00 A.M. to Dt.29.11.2023 upto 5.30 PM. |
| 6 | Last Date/Time of receipt of bids in the portal:- | Dt.29.11.2023 upto 5.30 PM |
| 7 | Date of Opening of Bid:- | Dt.30.11.2023 at 11.00 AM onwards |
| 8 | Name and address of the OIT: | Superintending Engineer, Minor Irrigation Division, Deogarh |
| 9 | Mode of Payment of Bid cost & Bid Security:- | Online |

** Further details can be seen from the e-Procurement market place http://tendersodisha.gov.in.

**Sd./- Superintending Engineer M.I. Division, Deogarh**
**OIPR-32289/11/0006/2324**

**OFFICE OF THE EXECUTIVE ENGINEER, L.I. DIVISION, BERHAMPUR**
**e-mail: eeolicbam@ymail.com**

**e-Procurement Notice**

**Bid Identification No. 07/2023-24 OLIC (BAM)/Dt.04.11.2023**

No. CAD-2749: The Executive Engineer, Lift Irrigation Division, Berhampur on behalf of OLIC invites Percentage Rate Bids in Double Cover System to be received in Online Mode only for the work "Installation and Energisation of LIPs in Ganjam District as detailed in the table below. The Bid should be submitted by the eligible class of contractors as mentioned below registered with the State Government and contractors of equivalent grade/class registered with Central Government/M.E.S./Railways/C.P.W.D. for execution of Civil Works with valid Electrical (H.T) Licence issued by ELBO Odisha as a single or having Joint Venture with proper registration through Online in the Govt. website: **www.tendersodisha.gov.in**. The bidders should have necessary portal enrolment with own Digital Signature Certificate.

| | | |
|---|---|---|
| 1. Numbers of Package | : | 48 Numbers |
| 2. Estimated Cost | : | Rs.14.12 lakhs to 80.35 lakhs |
| 3. Tender Cost | : | Rs.4000 + GST @ 18% or Rs.6000 + GST @ 18% as per DTCN |
| 4. Class of Contractor | : | As per DTCN |
| 5. Date & time of Publication | : | Dt.09.11.2023 from 11.00 Noon |
| 6. Date & time of Closing | : | Dt.17.11.2023 at 17.00 hrs. |
| 7. Date & time of Opening of Bid | : | Dt.18.11.2023 at 12.00 Noon |

Further details can be seen from the website **www.tendersorissa.gov.in**. Addendum/Corrigendum/Cancellation of tender, if any, can be seen in the said website.

**OIPR-32442/11/0010/2324** **Sd./- Executive Engineer**

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ପ୍ରିତମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଛତିଶଗଡ଼ରେ ୭୧%, ମିଜୋରାମରେ ୭୭% ମତଦାନ

**ରାୟପୁର,୭।୧୧(ପି.ଟି.)**

ଛତିଶଗଡ଼ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୦ଟି ଆସନରେ ଭୋଟ ହୋଇଥିଲା। ସେଠାରେ ୭୦.୮୭ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି। ସେହିପରି ମିଜୋରାମର ୪୦ ଆସନ ପାଇଁ ମଙ୍ଗଳବାର ଭୋଟଗ୍ରହଣ ହୋଇଥିବାବେଳେ ୭୭ ପ୍ରତିଶତରୁ ଅଧିକ ମତଦାନ ହୋଇଥିବା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି।

ଛତିଶଗଡ଼ର ମାଓବାଦୀ ପ୍ରବଣ ୧୦ଟି ଆସନ ପାଇଁ ସକାଳ ୭ଟାରୁ ଭୋଟଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୩ଟାରେ ଶେଷ ହୋଇଥିଲା ବେଳେ ଅନ୍ୟ ୧୦ଟି ଆସନରେ ଭୋଟଗ୍ରହଣ ସକାଳ ୮ଟାରୁ ଆରମ୍ଭ ହୋଇ ଅପରାହ୍ନ ୫ଟାରେ ଶେଷ ହୋଇଛି। ମାଓବାଦୀ ପ୍ରବଣ ବସ୍ତର ଡିଭିଜନ ଅନ୍ତର୍ଗତ ଆସନଗୁଡ଼ିକରେ କଡ଼ା ସୁରକ୍ଷା ମଧ୍ୟରେ ଭୋଟ ନିଆଯାଇଥିଲା। ଏଥିପାଇଁ ବହୁସଂଖ୍ୟାରେ ପୋଲିସ ଓ ଅର୍ଦ୍ଧସାମରିକ ଯବାନ ନିୟୋଜିତ ହୋଇଥିଲେ। ୨୦ ଆସନ ମଧ୍ୟରୁ ୧୨ଟି ଅନୁସୂଚିତ ଜନଜାତି ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ଥିଲା। ୨୫ ମହିଳାଙ୍କ ସମେତ ୨୨୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଥିଲେ। ଏହି ପର୍ଯ୍ୟାୟରେ ମୋଟ ୪୦,୭୮,୬୮୧ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ରାଜ୍ୟ କଂଗ୍ରେସ ସଭାପତି ତଥା ବସ୍ତର ଏମ୍‌ପି ଦୀପକ ବାଇଜି, କାୱାସି ଲାଖ୍‌ମା, ମୋହନ ମାର୍କାମ, କଂଗ୍ରେସ ବିଧାୟକ ଚନ୍ଦନ କଶ୍ୟପ ଏବଂ ସାବିତ୍ରୀ ମାଣ୍ଡବୀ ସେମାନଙ୍କ ଆସନରେ ମତଦାନ ସାବ୍ୟସ୍ତ କରିଛନ୍ତି। ଏମାନେ ସମସ୍ତେ କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ଭାଜପା ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ କେଦାର କାଶ୍ୟପ, ମହେନ୍ଦ୍ର ଗଗ୍‌ଡା, ବିକ୍ରମ ଉସେଣ୍ଡି ଏବଂ ଲତା ଉସେଣ୍ଡି ଭୋଟ ଦେଇଥିଲେ। ଭାଜପା ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ରମଣ ସିଂ ରାଜନନ୍ଦଗାଁଓରୁ ନିର୍ବାଚନ ଲଢୁଥିବାବେଳେ ତାଙ୍କ ବିପକ୍ଷରେ କଂଗ୍ରେସର ଗିରୀଶ ଦେୱାଙ୍ଗନ ଅଛନ୍ତି।

ମିଜୋରାମ ବିଧାନସଭା ନିର୍ବାଚନରେ ଶାସକ ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍‌), ମୁଖ୍ୟ ବିରୋଧୀ ଦଳ ଜୋରାମ ପିପୁଲ୍‌ସ ମୁଭ୍‌ମେଣ୍ଟ (ଜେଡ୍‌ପିଏମ୍‌) ଏବଂ କଂଗ୍ରେସ ସମସ୍ତ ୪୦ ଆସନରେ ପ୍ରାର୍ଥୀ ଦେଇଥିବାବେଳେ ଭାଜପା ଏବଂ ଆମ୍ ଆଦ୍‌ମୀ ପାର୍ଟି ଯଥାକ୍ରମେ ୨୩ ଓ ୪ ଆସନରେ ପ୍ରାର୍ଥୀ ଦେଇଥିଲେ। ୨୭ ଜଣ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ଲଢ଼ିଥିଲେ। ୨୦୧୮ ନିର୍ବାନରେ ଏମ୍‌ଏନ୍‌ଏଫ୍‌ ୨୬ ଆସନରେ ଜିତିବା ସହ ୩୭.୮ ପ୍ରତିଶତ ଭୋଟ ପାଇଥିଲା। କଂଗ୍ରେସ ୫ ଆସନ ଏବଂ ଭାଜପା ଗୋଟିଏ ଆସନରେ ବିଜୟୀ ହୋଇଥିଲା। ଏଥର ନିର୍ବାଚନରେ ଜିତି ଏମ୍‌ଏନ୍‌ଏଫ୍‌ କ୍ଷମତା ବଜାୟ ରଖିବା ନେଇ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।


ଛତିଶଗଡ଼ ନିର୍ବାଚନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ରମଣ ସିଂଙ୍କ ମତଦାନ।

# ଛାଡ଼ପତ୍ର ନ ଦେଇ ଦ୍ୱିତୀୟ ବିବାହ କରିଛନ୍ତି କଂଗ୍ରେସ ପ୍ରାର୍ଥୀ

**ଜୟପୁର,୭।୧୧ :** ରାଜସ୍ଥାନ ଜୟପୁରର କିଶନପୋଲ ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ତଥା ବିଧାୟକ ଅମିନୁଦ୍ଦିନ କାଗଜି ତାଙ୍କ ନିର୍ବାଚନୀ ସତ୍ୟପାଠରେ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରଦାନ କରିଛନ୍ତି। ୫୦ ବର୍ଷ ବୟସ୍କ ଅମିନ ବିନା ଛାଡ଼ପତ୍ରରେ ଦ୍ୱିତୀୟ ଥର ବିବାହ କରିଛନ୍ତି। ନାମାଙ୍କନପତ୍ର ଦାଖଲ କରିବା ପରେ ସତ୍ୟପାଠରେ ଅମିନ କାଗଜି ତାଙ୍କ ପ୍ରଥମ ସ୍ତ୍ରୀଙ୍କ ନାମ ରେଶମା ଏବଂ ଦ୍ୱିତୀୟ ସ୍ତ୍ରୀଙ୍କ ନାମ ମୋନିକା ଶର୍ମା ଉଲ୍ଲେଖ କରିଥିବା ଜଣାପଡ଼ିଛି। ଏହା ସହିତ ତାଙ୍କର ଦୁଇ ପୁଅ ଏବଂ ଦୁଇ ଝିଅ ଥିବା ଉଲ୍ଲେଖ କରିଛନ୍ତି। ବିଧାୟକଙ୍କ ଦ୍ୱିତୀୟ ସ୍ତ୍ରୀଙ୍କଠାରୁ ଜଣେ ଝିଅ ମଧ୍ୟ ଅଛନ୍ତି। ସେ ତାଙ୍କର ଆୟର ଉତ୍ସ ବ୍ୟବସାୟ ଉଲ୍ଲେଖ କରିଛନ୍ତି। ସାଙ୍ଗା ମୋଟର୍ସରେ ଅମିନୁଦ୍ଦିନଙ୍କ ୧.୯୨ କୋଟି ଟଙ୍କା ମୂଲ୍ୟର ଶେୟାର ରହିଥିବା ସତ୍ୟପାଠରେ ଦର୍ଶାଇଛନ୍ତି।

**ସତ୍ୟପାଠରୁ ଜଣା ପଡିଲା**

# ରାହୁଲ-ବରୁଣ ଭେଟ: ବଢ଼ିଲା କଳ୍ପନାଜଳ୍ପନା

**ନୂଆଦିଲ୍ଲୀ,୭।୧୧**

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭାଜପା ଏମ୍‌ପି ତଥା ସମ୍ପର୍କୀୟ ବରୁଣ ଗାନ୍ଧୀ କିଛି ସମୟ ସାକ୍ଷାତ କରିଛନ୍ତି। ଏହାକୁ ନେଇ ରାଜନୈତିକ ସ୍ତରରେ କଳ୍ପନା ଜଳ୍ପନା ଆରମ୍ଭ ହୋଇଯାଇଛି। ଅପରପକ୍ଷେ ବରୁଣ ଏବଂ ମାନେକା ଗାନ୍ଧୀଙ୍କୁ ଗତ କିଛି ମାସ ମଧ୍ୟରେ ଭାଜପାର ପ୍ରମୁଖ ବୈଠକରେ ଦେଖିବାକୁ ମିଳିନାହିଁ। କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସେମାନଙ୍କ ମତ ଦଳଠାରୁ ଭିନ୍ନ ଥିଲା। ପ୍ରକାଶ ଯେ ମଙ୍ଗଳବାର କେଦାରନାଥ ମନ୍ଦିର ବାହାରେ କିଛି ସମୟ ଏଦୁହିଁଙ୍କର ସାକ୍ଷାତ ହୋଇଥିଲା ଏବଂ ପରସ୍ପରକୁ ଅଭିବାଦନ ଜଣାଇଥିଲେ। ବରୁଣଙ୍କ ଝିଅ ଅନୁସୁୟାଙ୍କୁ ଭେଟି ରାହୁଲ ଗାନ୍ଧୀ ବହୁତ ଖୁସି ହୋଇଥିଲେ। ରାହୁଲ ଗତ ତିନି ଦିନ ଧରି ଉତ୍ତରାଖଣ୍ଡର କେଦାରନାଥରେ ଥିବାବେଳେ ବରୁଣ ମଙ୍ଗଳବାର ତାଙ୍କ ପରିବାର ସହ କେଦାରନାଥ ଦର୍ଶନ କରିଛନ୍ତି। ଅପରପକ୍ଷେ ଏହାପୂର୍ବରୁ ପଞ୍ଜାବରେ ଭାରତ ଯୋଡ଼ୋ ଯାତ୍ରା ସମୟରେ ରାହୁଲ କହିଥିଲେ ମୁଁ ନିଶ୍ଚିତ ଭାବରେ ବରୁଣ ଗାନ୍ଧୀଙ୍କୁ ଆଲିଙ୍ଗନ କରିପାରିବି, କିନ୍ତୁ ତାଙ୍କ ଆଦର୍ଶକୁ ଗ୍ରହଣ କରିପାରିବି ନାହିଁ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
GNM
Duration : 3 Year, Eligibility : +2 Pass (Any Stream) 40% Mark
ANM
Duration : 2 Year, Eligibility : +2 Pass (Any Stream)
DMRT
DMLT
Duration : 2 Year, Eligibility : +2 Science
CBCA
Certified Blood Collection Assistant
Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

ଲୋନ୍! ଲୋନ୍! ଲୋନ୍!
ଦୀପାବଳି ଧମାକା
Global Finance
(Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ମାର୍କଶିଟ୍, ପ୍ରପର୍ଟି, ବିଜ୍‌ନେସ୍, ହୋମ୍ ଲୋନ୍, ସବୁ ଲୋନ୍ ପାଆନ୍ତୁ।
2% ସୁଧ 40% ଛାଡ଼
(ଏଜେଣ୍ଟ ଆମନ୍ତ୍ରିତ)
8765514686

ଦିୱାଲି ଧମାକା
ମୁଦ୍ରା ଫାଇନାନ୍ସ
PM
ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 7382841797

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# କେତେଜଣ ଲମ୍ବା ସମୟ କ୍ଷମତାରେ ରହି ଅହଂକାରୀ ହୋଇଯାଇଛନ୍ତି: ଭାଜପା

**ଭୁବନେଶ୍ୱର, ୭।୧୧(ସୁନିତ୍ ମିଶ୍ର):** ବରଗଡ଼ ଜିଲା ଭଟଲି ନିର୍ବାଚନମଣ୍ଡଳୀରେ ରାଜ୍ୟ ସରକାରଙ୍କ ପୂର୍ବତନ ମନ୍ତ୍ରୀ ନିଜେ ଉପସ୍ଥିତ ରହିବା ସହ ଗୁଣ୍ଡା ଲଗାଇ ଅମ୍ବାଭୋନା ଥାନାରେ ପୋଲିସଙ୍କୁ ଆକ୍ରମଣ କରିଥିବା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ଅଭିଯୋଗ କରିଛନ୍ତି। ମୋହନ ଟୁଇଟ୍ କରି କହିଛନ୍ତି, ଏଭଳି ଥାନା ଭଙ୍ଗାରୁଜା କରିବା ଓ ସରକାରୀ ସମ୍ପତ୍ତିକୁ ନଷ୍ଟକରିବା ଭଳି ଘଟଣାକୁ ସେ ଦୃଢ଼ ନିନ୍ଦା କରିଛନ୍ତି। ତାଙ୍କ ଟୁଇଟ୍‌ରେ ସେ ଉଲ୍ଲେଖ କରିଛନ୍ତି, ବିଜେଡି ସରକାରରେ କେତେଜଣ ଲୋକ ଲମ୍ବା ସମୟ ଧରି କ୍ଷମତାରେ ରହି ଅହଂକାରୀ ହୋଇଯାଇଛନ୍ତି। ହିଟ୍‌ଲର ମନୋବୃତ୍ତି ତଥା ସ୍ୱେଚ୍ଛାଚାରିତା ବିଜେଡି ମନ୍ତ୍ରୀ ଓ ବିଧାୟକଙ୍କ ଆଦର୍ଶ ହୋଇଛି। ରାଜ୍ୟରେ ଶାସନ କରୁଥିବା ଲୋକମାନେ ଧୃତରାଷ୍ଟ୍ରଙ୍କ ପରି ଅନ୍ଧପୁଟୁଳି ବାନ୍ଧି ଦେଇଛନ୍ତି। ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ପୁଅଙ୍କ କମ୍ପାନୀ ନାଁରେ ଥିବା ରେଞ୍ଜରୋଭର ଗାଡ଼ି ଦ୍ୱାରା ଦୁର୍ଘଟଣା ଘଟି ଭୁବନେଶ୍ୱରରେ ଚାକିରି କରିଥିବା ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି ଏବଂ ଏଥିରେ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣାରେ ସରକାର ନୀରବ ଅଛନ୍ତି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଗାଡ଼ି ନମ୍ବର ବଦଳାଇ ଦୋଷୀଙ୍କୁ ବଞ୍ଚାଇବା ପାଇଁ ଚେଷ୍ଟା କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି।

# କଳିଙ୍ଗ ସେନାର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୭।୧୧(ଅନିଲ ଦାସ):** କଳିଙ୍ଗ ସେନା ମଙ୍ଗଳବାର ତ୍ରୟୋବିଂଶ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଅବସରରେ ସେନା ମୁଖ୍ୟ ହେମନ୍ତ ରଥ କହିଛନ୍ତି, ଦଳ ରାଜ୍ୟର ଚାଷୀ, ଶ୍ରମିକ ଓ ମହିଳାମାନଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେବ। ଓଡ଼ିଶାର ଅସ୍ମିତା ରକ୍ଷା ପାଇଁ କଳିଙ୍ଗ ସେନା ସବୁବେଳେ ଉଦ୍ୟମ ଜାରି ରଖିଛି। ଆଗାମୀ ଦିନରେ ମଧ୍ୟ ତାହା ଜାରି ରହିବ। ରାଜ୍ୟରେ ଥିବା ଶିଳ୍ପସଂସ୍ଥାଗୁଡ଼ିକରେ ଯେଭଳି ଅଧିକରୁ ଅଧିକ ସଂଖ୍ୟାରେ ଓଡ଼ିଆ ଯୁବତୀଯୁବକ କାମ ପାଇବେ ତାହା ଉପରେ ଦଳ ପ୍ରାଧାନ୍ୟ ଦେବ। ସେହିଭଳି ଚାଷୀଙ୍କ ଉତ୍ପାଦିତ କୃଷିଜାତ ସାମଗ୍ରୀର ଉଚିତ ମୂଲ୍ୟ ସହିତ ଧାନ ଭଳି ଅନ୍ୟାନ୍ୟ କୃଷିଜାତ ସାମଗ୍ରୀରେ ଓଡ଼ିଶା କିଭଳି ଏକ ବଳକା ରାଜ୍ୟ ହେବ ସେ ଦିଗରେ ଦଳ ପଦକ୍ଷେପ ଗ୍ରହଣ କରିବ ବୋଲି ରଥ କହିଛନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ କଳିଙ୍ଗସେନା ବିଶିଷ୍ଟ ସମାଜସେବୀ ଡ. ଭଗବାନ ପ୍ରକାଶଙ୍କୁ କଳିଙ୍ଗରତ୍ନ ଉପାଧି ପ୍ରଦାନ କରିଛି । ଏହି କାର୍ଯ୍ୟକ୍ରମରେ ଦଳର ଉପସଭାପତି ବିଜୟ ରାଜ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ମନୋଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ୯ରେ କଂଗ୍ରେସର ସଂକୀର୍ତ୍ତନ ସତ୍ୟାଗ୍ରହ

**ଭୁବନେଶ୍ୱର, ୭।୧୧(ସୁନିତ୍ ମିଶ୍ର):** କଂଗ୍ରେସ ପକ୍ଷରୁ ଆସନ୍ତା ୯ ତାରିଖ ସକାଳ ୯ଟାରୁ ଦିବା ୧୨ ଘଟିକା ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ବ୍ଲକ, ଏନ୍‌ଏସ୍‌ସି, ମ୍ୟୁନିସିପାଲଟି ଓ ମହାନଗରରେ ଥିବା ଜଗନ୍ନାଥ ମନ୍ଦିର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି 'ସଂକୀର୍ତ୍ତନ ସତ୍ୟାଗ୍ରହ' କରାଯିବ। ଜଗନ୍ନାଥ ମନ୍ଦିରର ଚାରି ଦ୍ୱାରା ଖୋଲିବା, ରତ୍ନଭଣ୍ଡାର ଗଣତି, ମରାମତି ଏବଂ ବେଦାନ୍ତ କମ୍ପାନୀ ଦ୍ୱାରା ଅଧିଗ୍ରହଣ ହୋଇଥିବା ଜମିକୁ ତୁରନ୍ତ ଫେରସ୍ତ ଦାବିରେ ଏହି ପ୍ରତିବାଦ କରାଯିବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସ କହିଛନ୍ତି, ଆସନ୍ତା ଗୁରୁବାର ସଚିବାଳୟର ପଛପଟେ ଜଗନ୍ନାଥଙ୍କ ମନ୍ଦିର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି ସଂକୀର୍ତ୍ତନ ସତ୍ୟାଗ୍ରହ କାର୍ଯ୍ୟକ୍ରମ କରାଯିବ।

# ବୁଥ୍ ସ୍ତରରୁ ସଙ୍ଗଠନକୁ ମଜଭୁତ କର: ମନମୋହନ



ବ୍ରଜରାଜନଗରଠାରେ ଆୟୋଜିତ ଭାଜପା ନିର୍ବାଚନମଣ୍ଡଳସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀରେ ଯୋଗଦେଇଥିବା ଦଳୀୟ ନେତୃବୃନ୍ଦ।

**ବ୍ରଜରାଜନଗର,୭।୧୧(ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌର କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଭାଜପାର ନିର୍ବାଚନମଣ୍ଡଳସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସୁନୀଲ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ ବୁଥ୍ ସ୍ତରରୁ ସଙ୍ଗଠନକୁ ମଜଭୁତ କରିବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଦଳ ନିଶ୍ଚିତ ଭାବରେ ସରକାର ଗଠନ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରି ବ୍ରଜରାଜନଗରରୁ କିଭଳି ବିଧାୟକ ନିର୍ବାଚିତ ହେବେ ସେ ନେଇ ଗୁରୁମନ୍ତ୍ର ଦେଇଥିଲେ। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଇଣ୍ଡିଆ କ୍ରିକେଟ ଟିମ୍‌ର ଉଦାହରଣ ଦେଇ ରୋହିତ ଶର୍ମା ଓ ବିରାଟ କୋହଲି ଭଳି ନିର୍ବାଚନ ଖେଳରେ କାର୍ଯ୍ୟକର୍ତ୍ତା ଜଣେ ଜଣେ ଦକ୍ଷ ଖେଳାଳି ବୋଲି ମତବ୍ୟକ୍ତ କରିଥିଲେ। ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନା ବିଷୟରେ ଗାଁକୁ ଯାଇ ଲୋକଙ୍କୁ ବୁଝାଇବାକୁ ପରାମର୍ଶ ଦେଇଥିଲେ। ଶେଷରେ ରାଜ୍ୟ ସଭାପତି ସାମଲ ଜଣ ଜଣ କରି ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କ ସହ ଆଗାମୀ ସାଧାରଣ ନିର୍ବାଚନ ପାଇଁ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ବିଶ୍ୱଜିତ ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ସୁଜିତ ସିଂହ, ସାଂସଦ ପ୍ରତିନିଧି ତପନ ସ୍ୱାଇଁ, ମଣ୍ଡଳ ସଭାପତି ରୁକ୍ମଣ ଧୁରୁଆ, ବରିଷ୍ଠ ନେତା ରଘୁନନ୍ଦନ ପଣ୍ଡା, ଅନିଲ ନାୟକଙ୍କ ସମେତ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୫ ମଣ୍ଡଳର ସଭାପତି ମଞ୍ଚାସୀନ ଥିଲେ।


# Classified Everyday

0674-2580101, 2549949


MATRIMONIAL

GROOM WANTED

Puri ବାସିନ୍ଦା 47 ବୟସ୍କା ବ୍ରାହ୍ମଣ Govt. ଚାକିରିଆ Divorcee ଝିଅଙ୍କୁ ଘରଜ୍ୱାଇଁ ଦରକାର। 6371296020. D-1741

Forest Departmentରେ ଚାକିରି, 56 ବୟସ୍କା ବ୍ରାହ୍ମଣ ବିଧବା ଝିଅଙ୍କୁ ବରପାତ୍ର ଆବଶ୍ୟକ। 6371586968. D-1740

ଅନାଥ 37 ବୟସ୍କା Govt. Bankରେ ଚାକିରି କରୁଥିବା ବିଧବା ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। 7749076723. D-1739

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


REAL ESTATE

SALE

ଭୁବନେଶ୍ୱର ଖୋର୍ଦ୍ଧା NH side Gandhi College ଲାଗି 60' road, electricity, boundarywall ଥାଇ immediatly ଘର କରିବା ପାଇଁ ପ୍ଲଟ୍ ମିଳୁଛି। 9090963952. D-75250

2BHK flat house for sale near Hi-Tech Plaza, Sundarpada, Bhubaneswar. (M) 9861150062. D-46566

Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ - 9658562429. D-75259

ଭୁବନେଶ୍ୱର ସତ୍ୟନଗର ପଞ୍ଜାବୀ କଲୋନୀଠାରେ 1,15,00,000/-ରେ resale 3BHK flat ମିଳୁଛି। (Bank Loan available). 9437114429, 8093465134. D-75258

Nakhara- Adaspur State Highway କଡ଼ରେ ସଙ୍ଗେ ସଙ୍ଗେ ଘରକଲା ଭଳି SC ପ୍ଲଟ୍ ଇଲେକ୍ଟ୍ରିସିଟି ଥାଇ ଶସ୍ତାରେ ମିଳୁଛି - 9937417899. D-75256

Few Office space left for immediate sale in a prime locality. For details Plz Contact- 7605932509. D-1713

Commercial plot 3 sides road facing to NH Nakhara to Niali road frontage 60 feet facing to south 10000sqft., 8KM from Nakhara, 13KM from Bhubaneswar. 8249851363, 7809525452. D-75056

Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788. D-1735

ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303. D-1656

Triplex for sale in a posh locality near AIIMS for details Plz contact. Mob- 7605932509. D-1714

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। 9438315973 / 9938066403. D-1655

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.- 300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75249

ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରୀ ପ୍ଲଟ୍ ପଛାରୁ ବିକ୍ରିହେବ। 9178660666. D-1720




Relax, Refresh your body, Mind at Saikrupa Spa with best therapies. 8984068077. D-1696

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75054

Full body massage in homely atmosphere in all therapy. Mob: 8114881641. D-73446

Newly open Spa positively health benefits with expert therapist. 9938843929. D-75167

Newly open health benefits SPA special offer @999. Contact: 7749034655. D-75168

AFFIDAVIT

I, Kshitis Kumar Sahoo, S/o- Late Ramachandra Sahoo resident of Plot No.-552/747 (G.F), Pokhariput, Bhubaneswar, Dist.- Khurda, PIN-751020, Odisha declared by this affidavit C.F. No.-79 dated 06.11.2023, that now onwards I shall be known as Kshitis Sahoo for all future purpose. D-1742

## ମନେ ପଡ଼ନ୍ତି

### ନବମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି


√ଭୁବନେଶ୍ୱର ହୋତା (ଶିକ୍ଷକ)

କାର୍ତ୍ତିକ ଏକାଦଶୀ
କମାଶାସନ
କେତେ ସ୍ନେହ ଢାଳୁଥିଲ ଆପଣା ଶିରରେ
ସେଥିପାଇଁ ଲୁହ ଝରେ ସବୁରି ଆଖିରେ।
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି
ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ
ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ବୋହୂ: ରୁବି, ପ୍ରତିମା, ପୁଅ:ଗଦା, ବିମ୍ବା ; ଝିଅ: କୁନି, ଅର୍ଜୁନ, ନାତି, ବୁବୁଲୁ, ଅଶୋକ, ନାତୁଣୀ: ପୂଜା, ଶୋମି, ବନ୍ଧୁ ଓ ପରିବାରବର୍ଗ ।
ଧ-୬୨୦୯୫

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି


ସ୍ୱର୍ଗତ ଚନ୍ଦ୍ରକାନ୍ତ ବେହେରା
(ଗ୍ରାମ: କେଶପୁର, ହରିବୋଲ କ୍ଷେତ୍ର, ଭଦ୍ରକ)
ଆବିର୍ଭାବ: ୨୩।୧୦।୧୯୬୨
ତିରୋଧାନ: ୦୮।୧୧।୨୦୨୧
ସର୍ବଭୂତାନାଂ ମୈତ୍ରଃ କରୁଣ ଏବଂ ଚ ।
ନିର୍ମମୋ ନିରହଙ୍କାରଃ ସମଦୁଃଖସୁଖ କ୍ଷମୀ ।
ବାପା! ତୁମର ସେଇ ସାଧୁତା, ଅନୁଶାସନ, ଆଦର୍ଶ ଏବଂ କର୍ତ୍ତବ୍ୟନିଷ୍ଠା ଆମ ସମସ୍ତଙ୍କ ସର୍ବଦା ପାଥେୟ ହେଉ। ଆଜିର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କର ସଦ୍‌ଗତି ନିମନ୍ତେ ସହୃଦୟ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ- କନ୍ୟା: ଚେତନା ଚିନ୍ମୟୀ ଓ ମୃଣାଳ ମୃଣ୍ମୟୀ, ପରିବାରବର୍ଗ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ।
ଧ-୧୭୩୮

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଓଡ଼ିଶା ଟେବୁଲ ଟେନିସ ଏକାଡେମୀ ଉଦ୍‌ଘାଟିତ

ଭୁବନେଶ୍ୱର, ୭।୧୧
(ବିଜୟ ରଣା)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱରରେ ମଙ୍ଗଳବାର ଓଡ଼ିଶା ଟେବୁଲ ଟେନିସ (ଟିଟି) ଏକାଡେମୀ ଉଦ୍‌ଘାଟିତ ହୋଇଯାଇଛି। ଏହା ସହରରେ କ୍ରୀଡ଼ାର ବିକାଶ ସାଙ୍ଗକୁ ଫିଟ୍‌ନେସର ଆବଶ୍ୟକତାକୁ ପୂରଣ କରିବ। ମୁଖ୍ୟମନ୍ତ୍ରୀ ଏଥିସହିତ ୨୯ତମ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ୨୦୨୩ର ଶୁଭାରମ୍ଭ ଘୋଷଣା କରିଛନ୍ତି। ଓଡ଼ିଶା ଟେବୁଲ ଟେନିସ ଏକାଡେମୀରେ ପ୍ରଶସ୍ତ ଟେବୁଲ ଟେନିସ ଆରେନା ରହିଛି। ଏଥିରେ ୬ଟି ଟିଟି ଟେବୁଲ ରହିଛି। ପୁନଶ୍ଚ ଏଥିରେ ଏକ ଅତ୍ୟାଧୁନିକ ଜିମ୍ନାସିୟମ,ଏକ ଭାରୋତ୍ତୋଳକ ପ୍ରକୋଷ୍ଠ ଏବଂ ଚେସ୍ ଖେଳିବା ପାଇଁ ସ୍ଥାନ ରହିଛି। ଫିଟ୍‌ନେସ୍‌କୁ ଗୁରୁତ୍ୱ ଦେବାକୁ ଯାଇ ଯୋଗ ଓ ଜୁମ୍ବାପ୍ରେମୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହି ଏକାଡେମୀ ରାଜ୍ୟରୁ ନୂଆ ପିଢ଼ିର ଟେବୁଲ ଟେନିସ ଖେଳାଳି ସୃଷ୍ଟି କରିବା ପାଇଁ ଏକ ପ୍ଲାଟଫର୍ମ ଭଳି କାର୍ଯ୍ୟ କରିବ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ଘୋଷଣା କରିଛନ୍ତି ଯେ ରାଜ୍ୟବ୍ୟାପୀ ରହିଥିବା



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଓଡ଼ିଶା ଟେବୁଲ ଟେନିସ ଏକାଡେମୀ ଉଦ୍‌ଘାଟନ କରୁଛନ୍ତି।

- ରାଜ୍ୟରେ କାର୍ଯ୍ୟକ୍ଷମ ହେବ ୩୩ଟି ଟେବୁଲ ଟେନିସ ସେଣ୍ଟର
- ୨୯ତମ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ୨୦୨୩ର ଶୁଭାରମ୍ଭ

ଇନ୍‌ଡୋର ହଲ୍‌ଗୁଡ଼ିକରେ ୩୩ଟି ଟେବୁଲ ଟେନିସ ସେଣ୍ଟର ତିଆରି ଚାଲିଛି। ପ୍ରତ୍ୟେକଟିରେ ୩ଟି ଲେଖାଏ ଟେବୁଲ ଟେନିସ ଟେବୁଲ ରହିବ। ଏସବୁ ଆସନ୍ତା ଡିସେମ୍ବରରୁ କାର୍ଯ୍ୟ କରିବ। କଟକ ଟିଟି ଏକାଡେମୀ ମଧ୍ୟ ଖୁବ୍ ନିକଟରେ କାର୍ଯ୍ୟକ୍ଷମ ହେବ। ଏଥିରେ ୧୬ଟି ଟେବୁଲ ରହିବ। ଟେବୁଲ ଟେନିସ ଖେଳର ଉନ୍ନତି କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ଟେବୁଲ ଟେନିସ ଆସୋସିଏଶନର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ରାଜ୍ୟରୁ ଭାରତକୁ ପ୍ରତିନିଧିତ୍ୱ କଲା ଭଳି ଖେଳାଳି ସୃଷ୍ଟି କରିବା ଦିଗରେ ସରକାର ଆବଶ୍ୟକ ସହାୟତା ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ୫-ଟି ଓ ନବୀନ ଓଡ଼ିଶା ଚେୟାରମ୍ୟାନ ଭି.କେ. ପାଣ୍ଡିଆନ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଡିସି କମ୍ ଏସିଏସ୍ ଅନୁ ଗର୍ଗ, ଓଷ୍ଟା ସଭାପତି ସଞ୍ଜୟ ସିଂ ଏବଂ କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡ଼ା ଭାରତୀୟ ଟେବୁଲ ଟେନିସ ମହାସଂଘ (ଟିଟିଏଫ୍‌ଆଇ)ର କର୍ମକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ। ୨୦୧୯ରେ ଜାତୀୟ ଟିଟି ଚାମ୍ପିୟନଶିପ୍ ଓ ରାଜ୍ୟଗୋଷ୍ଠୀ ଟିଟି ଚାମ୍ପିୟନଶିପ୍ ଆୟୋଜନ କ୍ଷେତ୍ରରେ ସହଯୋଗ ଏବଂ କ୍ରୀଡ଼ାର ବିକାଶ କ୍ଷେତ୍ରରେ ରାଜ୍ୟର ଦୃଷ୍ଟିଭଙ୍ଗୀକୁ ନେଇ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଚ୍ଚ ପ୍ରଶଂସା କରିଥିଲେ।


ଓଡ଼ିଶା ଟେବୁଲଟେନିସ୍ ଏକାଡେମୀ ଉଦ୍‌ଘାଟନୀ ଅବସରରେ ଖେଳାଳିମାନେ।

# ଓଏଫ୍‌ସିର ରୋମାଞ୍ଚକ ବିଜୟ

ଭୁବନେଶ୍ୱର, ୭।୧୧
(ସରୋଜ ଜେନା)

ଏଏଫ୍‌ସି କପ୍ ଫୁଟବଲ୍‌ରେ ମଜିୟା ଏସ୍‌ଆରସି ବିପକ୍ଷରେ ରୋମାଞ୍ଚକ ବିଜୟ ହାସଲ କରିଛି ଓଡ଼ିଶା ଏଫସି (ଓଏଫ୍‌ସି)। ପ୍ରଥମାର୍ଦ୍ଧରେ ୦-୨ରେ ପଛୁଆ ରହିଥିଲେ ମଧ୍ୟ ଦ୍ୱିତୀୟାର୍ଦ୍ଧରେ ୩ଟି ଗୋଲ ଦେବା ସହ ଚତୁର୍ଥ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ହାସଲ କରିଛି ଓଡ଼ିଶା। ଏହା ସହିତ ଦଳ ୪ ମ୍ୟାଚ୍‌ରୁ ୨ ବିଜୟ ସହ ଗ୍ରୁପ୍ ଡି'ର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

ମଙ୍ଗଳବାର ମାଲଡିଭ୍‌ସ ନ୍ୟାଶନାଲ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଘରୋଇ ଦର୍ଶକଙ୍କ ସମର୍ଥନରେ ମଜିୟା ଆଟାକିଂ ଫୁଟବଲ ଖେଳିଥିଲା। ମ୍ୟାଚ୍‌ର ଦ୍ୱିତୀୟ ମିନିଟରେ ନାଇଜ ହସନ ଦଳ ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ। ୨୬ ତମ ମିନିଟରେ ଡିଫେଣ୍ଡର ମୋର୍ଟାଡା ଫଲଙ୍କ ଫାଉଲ୍ କାରଣରୁ ମଜିୟାକୁ ପେନାଲ୍ଟି କିକ୍ ମିଳିଥିଲା। ଭୋଜିସ୍ଲାଭା ବାଲାବାନୋଭିକ୍ ଏହାକୁ ଗୋଲରେ ପରିଣତ କରି ଦଳକୁ ୨-୦ରେ ଆଗୁଆ କରିଥିଲେ। ୩୮ ତମ ମିନିଟରେ ମୋର୍ଟାଡା ଫଲ୍‌ଙ୍କ ହେଡର ପୋଷ୍ଟ ନିକଟ ଦେଇ ଯାଇଥିଲା। ପ୍ରଥମ ହାଫ୍‌ରେ ଓଏଫ୍‌ସି ୦-୨ରେ ପଛୁଆ ରହିଥିବା ବେଳେ ଦ୍ୱିତୀୟ ହାଫ୍‌ରେ ଏହା ଜବରଦସ୍ତ କାଉଣ୍ଟର ଆଟାକ୍ କରିଥିଲା। ୬୫ ତମ ମିନିଟରେ ଦଳକୁ ପ୍ରଥମ ସଫଳତା ମିଳିଥିଲା। ଅହମଦ ଜାହୋହଙ୍କ ଏକ କର୍ନର କିକ୍‌କୁ ହେଡର ଜରିଆରେ ଗୋଲରେ ପରିଣତ କରିଥିଲେ ଫଲ୍। ଏହାର ୭ ମିନିଟ ମଧ୍ୟରେ ଓଏଫ୍‌ସି ପକ୍ଷରୁ ଡିଏଗୋ ମରିସିଓ ଏକ ଗୋଲ ସ୍କୋର କରିବା ସହ ମ୍ୟାଚ୍ ୨-୨ ସ୍ଥିତିକୁ ଆସିଥିଲା। ଫ୍ରି କିକ୍‌ରୁ ଜାହୋହଙ୍କ ପାସ୍‌କୁ ହେଡର ଜରିଆରେ ଗୋଲରେ ପରିଣତ କରିଥିଲେ ମରିସିଓ। ତେବେ ୮୫ ତମ ମିନିଟରେ ରୟ କ୍ରିଷ୍ଣା ନିର୍ଣ୍ଣାୟକ ଗୋଲ ଦେଇଥିଲେ। ଏହି ଗୋଲ୍ ବଳରେ ଚତୁର୍ଥ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ରେକର୍ଡ କରିଥିଲା ଓଏଫ୍‌ସି।



ଓଡ଼ିଶା ଏଫ୍‌ସି ଓ ମଜିୟା ଏସ୍‌ଆରସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ସ୍ୱିଟେକ ଜିତିଲେ ଡବ୍ଲ୍ୟୁଟିଏ ଫାଇନାଲ୍ସ

କାନ୍‌କୁନ୍(ମେକ୍ସିକୋ), ୭।୧୧(ଏପି)

ପୋଲାଣ୍ଡର ୨୨ ବର୍ଷୀୟା ଇଗା ସ୍ୱିଟେକ ବର୍ଷ ଶେଷ ଟେନିସ ଟୁର୍ନାମେଣ୍ଟ ଡବ୍ଲ୍ୟୁଟିଏ ଫାଇନାଲ୍ସ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ସେ ଯୁକ୍ତରାଷ୍ଟ୍ର ଆମେରିକାର ଜେସିକା ପେଗୁଲାଙ୍କୁ ୬-୧, ୬-୦ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। ସେ ପ୍ରଥମ ଥର ଏହି ଟୁର୍ନାମେଣ୍ଟର ଟାଇଟଲ ବିଜୟୀ ହୋଇଛନ୍ତି। ୨୦୧୧ରେ ୨୧ ବର୍ଷୀୟା ପେଟ୍ରା କ୍ୱିଟୋଭାଙ୍କ ପରେ ଡବ୍ଲ୍ୟୁଟିଏ ଫାଇନାଲ୍ସ ଜିତିବାରେ ସେ ସର୍ବକନିଷ୍ଠା ଖେଳାଳି। ଏହି ବିଜୟ ଦ୍ୱାରା ସ୍ୱିଟେକ ବିଶ୍ୱ ର୍‍ୟାଙ୍କିଙ୍ଗର ନମ୍ବର ୱାନ ସ୍ଥାନକୁ ଫେରିଛନ୍ତି। ପୂର୍ବରୁ ସେ ଏହି ସ୍ଥାନ ୨୦୨୨ ଏପ୍ରିଲରେ ହାସଲ କରିଥିଲେ। ମାତ୍ର ୟୁଏସ୍ ଓପନ ପରେ ଆରିନା ସାବାଲେଙ୍କା ତାଙ୍କଠାରୁ ଏହି ସ୍ଥାନ ଛଡ଼ାଇନେଇଥିଲେ। କାନକୁନ୍‌ରେ ସ୍ୱିଟେକ ସେମିଫାଇନାଲରେ ସାବାଲେଙ୍କାଙ୍କୁ ହରାଇ ଦେଇଥିଲେ। ଅନ୍ୟପକ୍ଷରେ ୨୯ ବର୍ଷୀୟା ପେଗୁଲା ଫାଇନାଲ ପର୍ଯ୍ୟନ୍ତ ଗୋଟିଏ ହେଲେ ସେଟ୍ ଡ୍ରପ୍ କରି ନ ଥିଲେ। ୧୯୭୫ରେ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ ପ୍ରଚଳନ ହେବା ପରେ ପେଗୁଲା ପ୍ରଥମ ମହିଳା ଖେଳାଳି ଭାବେ ଗୋଟିଏ ଇଭେଣ୍ଟରେ ବିଶ୍ୱର ଶ୍ରେଷ୍ଠ ୪ ଖେଳାଳିଙ୍କୁ ଭେଟିବାର ଗୌରବ ଅର୍ଜନ କରିଛନ୍ତି।

# ନ୍ୟୁଜିଲାଣ୍ଡ ଟେଷ୍ଟ ଦଳରେ ସାଣ୍ଟନର, ରବୀନ୍ଦ୍ର

ଖ୍ରିଷ୍ଟଚର୍ଚ୍ଚ, ୭।୧୧ (ପି.ଟି.)

ଚଳିତମାସ ପରବର୍ତ୍ତୀ ଭାଗରେ ଖେଳାଯିବାକୁଥିବା ବାଂଲାଦେଶ ବିପକ୍ଷ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ନ୍ୟୁଜିଲାଣ୍ଡ କ୍ରିକେଟ ଦଳ ଘୋଷଣା କରାଯାଇଛି। ଦଳର ସ୍ପିନ ବିଭାଗକୁ ସୁଦୃଢ଼ କରିବା ଦିଗରେ ଧ୍ୟାନ ଦିଆଯାଇଛି। ଦୁଇ ବର୍ଷରୁ ଅଧିକ ବ୍ୟବଧାନରେ ବାମହାତି ସ୍ପିନର ମିଚେଲ ସାଣ୍ଟନର ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପୂର୍ବରୁ ସେ ୨୪ ଟେଷ୍ଟ ମ୍ୟାଚ ଖେଳିଛନ୍ତି। ଶେଷ ଥର ପାଇଁ ସାଣ୍ଟନର ୨୦୨୧ ଜୁନ୍‌ରେ ଲର୍ଡ୍ସଠାରେ ଇଂଲଣ୍ଡ ବିପକ୍ଷରେ ଖେଳିଥିଲେ।

# ଭାରତ ଶ୍ରେଷ୍ଠ ୬ଷ୍ଠ ସ୍ଥାନକୁ ଫେରିଲା

ନୂଆଦିଲ୍ଲୀ, ୭।୧୧(ପି.ଟି.)


ଭାରତୀୟ ମହିଳା ହକି ଦଳ।

**ମହିଳା ହକି ର୍‍ୟାଙ୍କିଙ୍ଗ**

ନିକଟରେ ଅନୁଷ୍ଠିତ ଏସିଆନ ଚାମ୍ପିୟନ୍ସ ଟ୍ରଫି ଓ ହାଙ୍ଗ୍‌ଝୋ ଏସିଆନ ଗେମ୍ସରେ ପ୍ରଭାବୀ ପ୍ରଦର୍ଶନ ପରେ ଭାରତୀୟ ମହିଳା ହକି ଦଳ ବିଶ୍ୱ ର୍‍ୟାଙ୍କିଙ୍ଗ ତାଲିକାରେ ଏହାର ଶ୍ରେଷ୍ଠ ୬ଷ୍ଠ ସ୍ଥାନ ପୁନଃ ଦଖଲ କରିବାରେ ସମର୍ଥ ହୋଇଛି। ଭାରତ ବର୍ତ୍ତମାନ ୨୩୬୮.୮୩ ରେଟିଂ ପଏଣ୍ଟ ସହ ଇଂଲଣ୍ଡ ଆଗରେ ୬ଷ୍ଠ ସ୍ଥାନରେ ରହିଛି। ଏସିଆନ ଗେମ୍ସ ପୂର୍ବରୁ ଭାରତ ୮ମ ସ୍ଥାନରେ ରହିଥିଲା। କିନ୍ତୁ ଦଳ ମହାଦେଶୀୟ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ରାଞ୍ଚିରେ ଅପରାଜେୟ ରହିବା ସହ ଏସିଆନ ଚାମ୍ପିୟନ୍ସ ଟ୍ରଫି ଟାଇଟଲ ହାସଲ କରିବା ଦ୍ୱାରା ଏହାର ଶ୍ରେଷ୍ଠ ବିଶ୍ୱ ର୍‍ୟାଙ୍କିଙ୍ଗ୍‌କୁ ଫେରିଥିଲା। ପୂର୍ବରୁ ଦଳକୁ ଏହି ସଫଳତା ଗତବର୍ଷ ଜୁନ୍‌ରେ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ମିଳିଥିଲା। ଅନ୍ୟପକ୍ଷରେ ନେଦରଲାଣ୍ଡ୍ସ ବିଶ୍ୱର ଶ୍ରେଷ୍ଠ ଦଳ ଭାବେ ୩୪୨୨.୪୦ ପଏଣ୍ଟ ସହ ପୂର୍ବ ଭଳି ପ୍ରଥମ ସ୍ଥାନରେ ରହିଥିବା ବେଳେ ଅଷ୍ଟ୍ରେଲିଆ (୨୮୧୭.୭୩ ପଏଣ୍ଟ) ଓ ଆର୍ଜେଣ୍ଟିନା (୨୭୬୬.୯୦ ପଏଣ୍ଟ) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି। ଭାରତ ଉପରକୁ ଥିବା ଅନ୍ୟ ଦୁଇ ଦଳ ବେଲଜିୟମ(୨୬୦୮.୭୭ ପଏଣ୍ଟ) ଚତୁର୍ଥ ଓ ଜର୍ମାନୀ (୨୫୭୩.୭୨ ପଏଣ୍ଟ) ପଞ୍ଚମରେ ରହିଛନ୍ତି। ରାଞ୍ଚିରେ ଜାନୁୟାରୀ ୧୩ରୁ ୧୯ ପର୍ଯ୍ୟନ୍ତ ହେବାକୁଥିବା ଏଫ୍‌ଆଇଏଚ୍ ହକି ଅଲିମ୍ପିକ କ୍ୱାଲିଫାୟର୍ସ ପୂର୍ବରୁ ବିଶ୍ୱ ର୍‍ୟାଙ୍କିଙ୍ଗରେ ଉନ୍ନତି ଭାରତର ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହେବ। ଆସନ୍ତାବର୍ଷର ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ ପାଇଁ ଅନୁଷ୍ଠିତ ହେବାକୁଥିବା ପ୍ରତିଯୋଗିତାରେ ଜର୍ମାନୀ, ନ୍ୟୁଜିଲାଣ୍ଡ, ଜାପାନ, ଚିଲି, ଯୁକ୍ତରାଷ୍ଟ୍ର ଆମେରିକା, ଇଟାଲୀ ଓ ଚେକ୍ ରିପବ୍ଲିକ ସହ ମୁକାବିଲା କରିବାକୁ ହେବ।

# ପିଏସ୍‌ଜି ସମର୍ଥକ ଓ ପୋଲିସ ଅଫିସରଙ୍କୁ ଛୁରାମାଡ଼

**ୟୁଫା ଚାମ୍ପିୟନ୍ସ ଲିଗ୍ ଫୁଟ୍‌ବଲ**

ମିଲାନ, ୭।୧୧ (ଏପି)

ୟୁଫା ଚାମ୍ପିୟନ୍ସ ଲିଗ୍ ଫୁଟ୍‌ବଲ ମ୍ୟାଚ ପୂର୍ବରୁ ଫ୍ରେଞ୍ଚ ଟିମ୍ ଓ ଏସି ମିଲାନ ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ବେଳେ ଛୁରା ମାଡ଼ରେ ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି)ର ଜଣେ ସମର୍ଥକ ଗୁରୁତର ଭାବେ ଆହତ ହୋଇଥିବା ବେଳେ ଜଣେ ପୋଲିସ ଅଫିସର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଇଟାଲିଆନ ମିଡିଆ ଅନୁସାରେ ଦୁଇ ଦଳ ମଧ୍ୟରେ ମ୍ୟାଚ ପୂର୍ବରୁ ମାସ୍କ ଓ ହେଲମେଟ ପରିଧାନ କରି ପ୍ରାୟ ୫୦ଜଣ ମିଲାନ ସମର୍ଥକ ଇଟାଲି ସହରର ନାଭିଗ୍ଲି ଅଞ୍ଚଳରେ ପିଏସ୍‌ଜି ସମର୍ଥକମାନଙ୍କୁ ଲକ୍ଷ୍ୟ କରି ନିଆଁହୁଳା ଫିଙ୍ଗିଥିଲେ। ଆଘାତପ୍ରାପ୍ତ ପିଏସ୍‌ଜି ସମର୍ଥକଙ୍କ ଗୋଡ଼ରେ ଦୁଇଟି ସ୍ଥାନରେ ଛୁରାମାଡ଼ ହୋଇଛି। ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପିଏସ୍‌ଜି ସମର୍ଥକ ଓ ପୋଲିସ ମଧ୍ୟରେ ମଧ୍ୟ ସଂଘର୍ଷ ଘଟିଥିଲା। ଜଣେ ଅଫିସର ଛୁରାମାଡ଼ରେ ଆଘାତପ୍ରାପ୍ତ ହେବାପରେ ଆକ୍ରମଣକାରୀକୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ, ସେପ୍ଟେମ୍ବରରେ ଚାମ୍ପିୟନ୍ସ ଲିଗ୍‌ରେ ପ୍ରିମିୟର ଲିଗ୍ ଟିମ୍ ବିପକ୍ଷ ଅନ୍ୟ ଏକ ଘରୋଇ ମ୍ୟାଚ ପୂର୍ବରୁ ସମାନ ଅଞ୍ଚଳରେ ନ୍ୟୁକ୍ୟାସେଲ ୟୁନାଇଟେଡ୍‌ର ଜଣେ ସମର୍ଥକଙ୍କୁ ଛୁରାମାଡ଼ ହୋଇଥିଲା। ମିଲାନ ଗତ ସିଜନରେ ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା। ମାତ୍ର ଏଥର ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ମ୍ୟାଚ ଜିତିପାରି ନ ଥିବା ବେଳେ ଗୋଟିଏ ଗୋଲ୍ ସ୍କୋର କରିବାରେ ମଧ୍ୟ ସମର୍ଥ ହୋଇପାରି ନାହିଁ।

# ଶ୍ରୀଲଙ୍କା କ୍ରିକେଟ ବୋର୍ଡ ପୁନଃ ଅବସ୍ଥାପିତ

କଲମ୍ବୋ, ୭।୧୧(ପି.ଟି.)

କୋର୍ଟ ଅଫ୍ ଅପିଲ ମଙ୍ଗଳବାର ଶ୍ରୀଲଙ୍କା ଶାମି ସିଲ୍‌ଭାଙ୍କ ନେତୃତ୍ୱାଧୀନ କ୍ରିକେଟ ବୋର୍ଡ (ଏସ୍‌ଏଲ୍‌ସି)କୁ ପୁନଃ ଅବସ୍ଥାପିତ କରିଛନ୍ତି। ଚଳିତ ଦିନିକିଆ ବିଶ୍ୱକପ୍‌ରେ ନଭେମ୍ବର ୨ରେ ଭାରତ ବିପକ୍ଷ ମ୍ୟାଚରେ ଲଜ୍ଜାଜନକ ୩୦୨ ରନରେ ପରାଜୟ ପରେ ଶ୍ରୀଲଙ୍କା ଖେଳପ୍ରେମୀଙ୍କ ମହଲରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା।

ଫଳସ୍ୱରୂପ ସରକାର ସୋମବାର ଏସ୍‌ଏଲ୍‌ସିକୁ ବହିଷ୍କୃତ କରିଥିଲେ। ଦେଶର କ୍ରିକେଟ ବିଷୟ ବୁଝାଶୁଝା କରିବା ଲାଗି କ୍ରୀଡ଼ାମନ୍ତ୍ରୀ ରୋଶନ ରଣସିଙ୍ଘେ ସୋମବାର ପୂର୍ବତନ ବିଶ୍ୱକପ୍ ବିଜୟୀ ଅଧିନାୟକ ଅର୍ଜୁନ ରଣତୁଙ୍ଗାଙ୍କ ଅଧ୍ୟକ୍ଷତାରେ ଏକ ୭ଜଣିଆ କାମଚଳା କମିଟି ଗଠନ କରିଥିଲେ। ସିଲ୍‌ଭାଙ୍କ ଆବେଦନକୁ ଭିତ୍ତିକରି କୋର୍ଟ ଅଫ୍ ଅପିଲ ରଣସିଙ୍ଘେଙ୍କ ଦ୍ୱାରା ଜାରି ନୋଟିସକୁ ୧୪ଦିନ ପାଇଁ ସ୍ଥଗିତ ରଖାଯାଇଛି। ସିଲ୍‌ଭା ପ୍ରଶାସନର ଅଫିସିଆଲ କହିଛନ୍ତି, କୋର୍ଟଙ୍କ ନିର୍ଦ୍ଦେଶ ପରେ ଏସ୍‌ଏଲସି ବର୍ତ୍ତମାନ ପାଇଁ ପୂର୍ବଭଳି ସ୍ୱାଭାବିକ କାର୍ଯ୍ୟକରିବ। ସୋମବାର ଏଠାରେ ଅନୁଷ୍ଠିତ ଏକ କ୍ୟାବିନେଟ୍ ବୈଠକରେ ଏସ୍‌ଏଲସିକୁ ବରଖାସ୍ତ କରାଯିବା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେ ବୈଦେଶିକ ମନ୍ତ୍ରୀ ଅଲି ସାବ୍ରିଙ୍କ ଅଧ୍ୟକ୍ଷତାରେ ଏକ କ୍ୟାବିନେଟ ସବ୍ କମିଟିକୁ ନିଯୁକ୍ତି ଦେଇଥିଲେ।

# ଫାଇନାଲରେ ଖୋ ଖୋ ଦଳ

**ଜାତୀୟ କ୍ରୀଡ଼ା**

**କାନୋଇଂ ଓ କାୟାକିଂରେ ଆଉ ୨ ପଦକ**

ଭୁବନେଶ୍ୱର,୭।୧୧
(ସରୋଜ ଜେନା)

ଗୋଆରେ ଅନୁଷ୍ଠିତ ୩୭ ତମ ଜାତୀୟ କ୍ରୀଡାରେ ଓଡ଼ିଶା ଖେଳାଳିଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ମଙ୍ଗଳବାର କାନୋଇଂ ଓ କାୟାକିଂରେ ଓଡ଼ିଶା ଖେଳାଳି ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହା ସହିତ ଉଭୟ ପୁରୁଷ ଓ ମହିଳା ଖୋ ଖୋ ଦଳ ଫାଇନାଲରେ ପହଞ୍ଚି ଆହୁରି ଦୁଇଟି ପଦକ ନିଶ୍ଚିନ୍ତ କରିଛନ୍ତି। କାନୋଇଂ ଓ କାୟାକିଂର କେ-୧ ଇଭେଣ୍ଟର ଉଭୟ ପୁରୁଷ ଓ ମହିଳା ବର୍ଗରେ ଓଡ଼ିଶା ଗୋଟିଏ ଲେଖାଏ ପଦକ ହାସଲ କରିଛନ୍ତି। ୨୦୦ମିଟର କେ-୧ରେ ପୁରୁଷ ଦଳ ଏକ ରୌପ୍ୟ ପଦକ ଓ ମହିଳା ଦଳ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହାକୁ ମିଶାଇ କାନୋଇଂ ଓ କାୟାକିଂରେ ଓଡ଼ିଶା ସମୁଦାୟ ୯ ପଦକ ହାସଲ କରିଛି। ଏହା ମଧ୍ୟରେ ୧ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ହାସଲ କରିଛି। ଦେଶବ୍ୟାପୀ ଅଂଶଗ୍ରହଣ କରିଥିବା କାନୋଇଂ ଓ କାୟାକିଂ ଦଳ ମାନଙ୍କ ମଧ୍ୟରେ ଓଡ଼ିଶା ୪ର୍ଥ ସ୍ଥାନରେ ରହିଛି।

ଖୋ ଖୋରେ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ଫାଇନାଲରେ ପ୍ରବେଶ କରିଛି। ମହିଳା ଦଳ କେରଳକୁ ପରାସ୍ତ କରିଥିବା ବେଳେ ପୁରୁଷ ଦଳ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଥିଲା। ଉଭୟ ଦଳ ଫାଇନାଲରେ ମହାରାଷ୍ଟ୍ରକୁ ଭେଟିବ। ଉଭୟ ପୁରୁଷ ଓ ମହିଳା ଦଳ ଚମତ୍କାର ପ୍ରଦର୍ଶନ କରିଛନ୍ତି ବୋଲି କହିଛନ୍ତି ଓଡ଼ିଶା ଖୋ ଖୋ ଦଳର କୋଚ୍ ସଞ୍ଜୀବ ଶର୍ମା। ଉଭୟ ଦଳ ବର୍ତ୍ତମାନ ଅପରାଜେୟ ରହିଛନ୍ତି। ତେବେ ମହାରାଷ୍ଟ୍ର ଏକ ଶକ୍ତିଶାଳୀ ଦଳ ହୋଇଥିବାରୁ ଆମକୁ ସତର୍କତାର ସହ ଖେଳିବାକୁ ପଡ଼ିବ ବୋଲି ସଞ୍ଜୀବ କହିଛନ୍ତି। ବିଜୟକୁ ନେଇ ଚିନ୍ତା ନ କରି ଦଳ ଆରାମରେ ଫାଇନାଲ ଖେଳିବା ଉଚିତ ବୋଲି ସେ ମତ ଦେଇଛନ୍ତି।

ମହାରାଷ୍ଟ୍ରରେ କ୍ଲବ ସର୍କିଟରେ ଖୋ ଖୋ ଏକ ଲୋକପ୍ରିୟ ଖେଳ ହୋଇଥିବାରୁ ଏହା ସେମାନଙ୍କ ପାଇଁ ସୁବିଧାଜନକ ସ୍ଥିତି ସୃଷ୍ଟି କରିବ। ତେବେ ଫଳାଫଳକୁ ନେଇ ଚିନ୍ତିତ ନ ହୋଇ ଖେଳାଳିମାନେ ପ୍ରଦର୍ଶନ କରିବା ଉଚିତ ବୋଲି କୋଚ୍ କହିଛନ୍ତି।


ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାର ମହିଳା ଖୋ ଖୋ ସେମିଫାଇନାଲରେ ଓଡ଼ିଶା ଓ କେରଳ ମଧ୍ୟରେ ମୁକାବିଲା।



# ମ୍ୟାକ୍ସି ମ୍ୟାଜିକ୍: ସେମିରେ ଅଷ୍ଟ୍ରେଲିଆ



**ମୁମ୍ବାଇ, ୭।୧୧**

ଟାର୍ଗେଟ ଥିଲା ୨୯୨ ରନ। ମାତ୍ର ୯୧ ରନ ମଧ୍ୟରେ ଅଷ୍ଟ୍ରେଲିଆ ୭ ଉଇକେଟ ହରାଇ ପରାଜୟ ମୁହାଁ ହୋଇଥିଲା। ଏହି ସମୟରେ ଗ୍ଲେନ ମ୍ୟାକ୍ସୱେଲ ଖେଳିଥିଲେ ଅବିଶ୍ୱସନୀୟ ଇନିଂସ। କ୍ରାମ୍ପ ଜନିତ ଯନ୍ତ୍ରଣା ସତ୍ତ୍ୱେ ସେ କ୍ୟାରିୟରର ଶ୍ରେଷ୍ଠ ଇନିଂସ ଖେଳି ଦ୍ୱିଶତକ ହାସଲ କରିବା ସହ ଅଷ୍ଟ୍ରେଲିଆକୁ ଦେଇଥିଲେ ବଡ଼ ବିଜୟ। ଦିନିକିଆ କ୍ରିକେଟ ବିଶ୍ୱକପରେ ମଙ୍ଗଳବାର ଏପରି ଏକ ସ୍ମରଣୀୟ ମ୍ୟାଚର ମୂକସାକ୍ଷୀ ହୋଇଥିଲା ମୁମ୍ବାଇର ଇଡେନ ଗାର୍ଡେନ୍ସ। ମ୍ୟାକ୍ସୱେଲଙ୍କ ପ୍ରଥମ ଦ୍ୱିଶତକ ସହାୟତାରେ ଆଫଗାନିସ୍ତାନକୁ ୩ ଉଇକେଟରେ ପରାସ୍ତ କରିଥିଲା ଅଷ୍ଟ୍ରେଲିଆ। ଇବ୍ରାହିମ ଜଦ୍ରାନଙ୍କ ଶତକ ସହାୟତାରେ ଆଫଗାନିସ୍ତାନ ୫୦ ଓଭରରେ ୫ ଉଇକେଟ ହରାଇ ୨୯୧ ରନ କରିଥିଲା। ଅଷ୍ଟ୍ରେଲିଆ ୪୬.୫ ଓଭରରେ ୭ ଉଇକେଟ ହରାଇ ୨୯୩ ରନ ସଂଗ୍ରହ କରି ନେଇଥିଲା। ଏଥିସହ ତୃତୀୟ ଦଳଭାବେ ଅଷ୍ଟ୍ରେଲିଆ ସେମିଫାଇନାଲରେ ପ୍ରବେଶ କରିଥିଲା। ଅଷ୍ଟ୍ରେଲିଆ ୮ ମ୍ୟାଚରୁ ୬ ବିଜୟ ସହ ୧୨ ପଏଣ୍ଟ ପାଇ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

**ଜଦ୍ରାନଙ୍କ ରେକର୍ଡ**

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଆଫଗାନିସ୍ତାନର ଟପ୍ ଅର୍ଡର ଭଲ ପ୍ରଦର୍ଶନ କରିଥିଲା। ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ ଯଦିଓ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ ତେବେ ଇବ୍ରାହିମ୍ ଜଦ୍ରାନଙ୍କ ପ୍ରଥମ ବିଶ୍ୱକପ ଶତକ ଦଳକୁ ସମ୍ମାନ ଜନକ ସ୍କୋରରେ ପହଞ୍ଚାଇଥିଲା। ଓପନିଂ ଯୋଡ଼ିରେ ୩୮ ରନ ଯୋଗ ହେବାପରେ ରମାତୁଲ୍ଲା ଗୁରବାଜ (୨୧ ରନ)ଙ୍କୁ ଆଉଟ କରି ଜୋଶ୍ ହାଜେଲଉଡ୍ ପ୍ରଥମ ଉଇକେଟ ପାଇଥିଲେ। ଗୋଟିଏ ପଟରେ ଜଦ୍ରାନ ସତର୍କତାର ସହ ବ୍ୟାଟିଂ କରି ଇନିଂସକୁ ଆଗେଇ ନେଇଥିବାବେଳେ ଅନ୍ୟପଟରେ ବ୍ୟାଟରମାନେ ଭଲ ଆରମ୍ଭ ସତ୍ତ୍ୱେ ତାହାର ସଦୁପଯୋଗ କରିପାରି ନ ଥିଲେ। ଫଳରେ ବଡ଼ ପାର୍ଟନରଶିପ୍ ହୋଇପାରି ନ ଥିଲା। ରହମଦ ଶାହା ୩୦, ଅଧିନାୟକ ହସମତୁଲ୍ଲା ଶାହିଦି ୨୬, ଅଜମତୁଲ୍ଲା ଓମାରଜାଇ ୨୨ ଓ ମହମ୍ମଦ ନବି ୧୨ ରନକରି ଆଉଟ ହୋଇଥିଲେ। ଜଦ୍ରାନ କିନ୍ତୁ ଖେଳିଥିଲେ କ୍ୟାରିୟରର ଶ୍ରେଷ୍ଠ ଇନିଂସ। ସେ ୧୨୯ ରନରେ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ସହ ଆଫଗାନିସ୍ତାନ ସ୍କୋରକୁ ୨୯୧ରେ ପହଞ୍ଚାଇବାରେ ବଡ଼ ଭୂମିକା ନିର୍ବାହ କରିଥିଲେ। ୧୪୩ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଜଦ୍ରାନ ନିଜ ଇନିଂସ ମଧ୍ୟରେ ୮ ଚୌକା ଓ ୩ ଛକା ମାରିଥିଲେ। ଜଦ୍ରାନ ଓ ରହମଦ ଶାହା ଦ୍ୱିତୀୟ ଉଇକେଟରେ ସର୍ବାଧିକ ୮୩ ରନର ପାର୍ଟନରଶିପ କରିଥିଲେ। ରଶିଦ୍ ଖାଁ ୧୮ ବଲ୍‌ରୁ ଦ୍ରୁତ ୩୫ (୨ ଚୌକା, ୩ ଛକା) ରନକରି ଅପରାଜିତ ରହିବାରୁ ଅସମାପ୍ତ ୬ଷ୍ଠ ଉଇକେଟରେ ୨୮ ବଲ୍‌ରୁ ୫୮ ରନର ଭାଗୀଦାରି ଆଫଗାନିସ୍ତାନକୁ ୩୦୦ ସ୍କୋରର ନିକଟତର କରାଇଥିଲା। ଶେଷ ୧୦ ଓଭରରେ ଏହି ଦଳ ୨ ଉଇକେଟ ହରାଇ ୯୬ ରନ ସଂଗ୍ରହ କରିଥିଲା। ଆଫଗାନିସ୍ତାନର ପ୍ରଥମ ଖେଳାଳିଭାବେ ବିଶ୍ୱକପରେ ଶତକ ହାସଲ କରିବାର ଗୌରବ ଅର୍ଜନ କରିଥିଲେ ଜଦ୍ରାନ। ଏହା ବ୍ୟତୀତ ବିଶ୍ୱକପ ଶତକରେ ସେ ହୋଇଥିଲେ ୪ର୍ଥ ସର୍ବକନିଷ୍ଠ ଖେଳାଳି। ୨୯୧ ରନ ହେଉଛି ବିଶ୍ୱକପରେ ଆଫଗାନିସ୍ତାନର ସର୍ବାଧିକ ସ୍କୋର। ପୂର୍ବରୁ ୨୦୧୯ରେ ଲିଡ୍ସଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ କରିଥିବା ୨୮୮ ରନ ଏପର୍ଯ୍ୟନ୍ତ ସର୍ବାଧିକ ହୋଇ ରହିଥିଲା। ଅଷ୍ଟ୍ରେଲିଆ ବିପକ୍ଷରେ ଆଫଗାନିସ୍ତାନ ବ୍ୟାଟ୍ସମ୍ୟାନମାନେ ୯ଟି ଛକା ମାରିଥିଲେ। ଯାହାକି ଦଳପାଇଁ ମଧ୍ୟ ଏକ ରେକର୍ଡ। ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ୍ ହାଜେଲଉଡ୍ ୨ଟି ଏବଂ ମିଚେଲ ଷ୍ଟାର୍କ, ଗ୍ଲେନ ମ୍ୟାକ୍ସୱେଲ ଓ ଆଡାମ ଜାମ୍ପା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ୱାଙ୍ଖଡେ ପିଚ୍ କଣ୍ଡିଶନରୁ ଫାଇଦା ଉଠାଇ ଆଫଗାନିସ୍ତାନ ବୋଲରମାନେ ଆରମ୍ଭରୁ ଚମତ୍କାର ବୋଲିଂ କରିଥିଲେ। ତାରକା ସ୍ପିନର ମୁଜିବ ଉର୍ ରହମାନ ଆରମ୍ଭ କରିଥିଲେ ଅଭିଯାନ। ୨୯୨ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆକୁ ଦ୍ୱିତୀୟ ଓଭରରେ ଶକ୍ତ ଝଟ୍‌କା ଦେଇଥିଲେ ନବୀନ-ଉଲ-ହକ୍। ସେ ନିଜ ପ୍ରଥମ ଓଭରର ଦ୍ୱିତୀୟ ବଲ୍‌ରେ ଟ୍ରାଭିସ ହେଡ୍‌ଙ୍କୁ ଆଉଟ କରିଥିଲେ। ହେଡ୍ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ମୁହାଁ ହୋଇଥିଲେ। ଅଷ୍ଟ୍ରେଲିଆର ବିପର୍ଯ୍ୟୟ ଏତିକିରୁ ସରି ନ ଥିଲା। ଭଲ ଆରମ୍ଭ କରିଥିବା ମିଚେଲ ମାର୍ଶଙ୍କୁ ନବୀନ ନିଜ ଦ୍ୱିତୀୟ ଶିକାର ବନାଇଥିବାବେଳେ ୯ମ ଓଭରରେ ଡେଭିଡ ୱାର୍ନର ଓ ଜୋଶ୍ ଇଂଲିଶ୍‌ଙ୍କୁ ଆଉଟ କରି ଅଷ୍ଟ୍ରେଲିଆ ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ ଆଜମତୁଲ୍ଲା ଓମାରଜାଇ। ମିଡିଲ ଅର୍ଡରରେ କେବଳ ଗ୍ଲେନ ମ୍ୟାକ୍ସୱେଲ ଆଫଗାନ ବୋଲରଙ୍କୁ ମୁକାବିଲା କରିବାରେ ସକ୍ଷମ ହୋଇଥିଲେ ହେଁ ଅନ୍ୟମାନଙ୍କ ବିଫଳତା ଯୋଗୁ ଅଷ୍ଟ୍ରେଲିଆ ପରାଜୟ ମୁହାଁ ହୋଇଥିଲା। ମାର୍କୁସ ଷ୍ଟୋଇନିସ ଓ ମିଚେଲ ଷ୍ଟାର୍କ ଏକଅଙ୍କରେ ବିଦାୟ ନେଇଥିଲେ। ମାତ୍ର ଦମ୍‌ଦାର ପ୍ରଦର୍ଶନ କରି ହୃଦୟ ଜିତିଥିଲେ ମ୍ୟାକ୍ସୱେଲ। ସେ ଦ୍ରୁତ ହାରରେ ରନ ସଂଗ୍ରହ କରି ଶତକ ହାସଲ କରିବା ସହ ମ୍ୟାଚର ମୋଡ଼ ବଦଳାଇ ଦେଇଥିଲେ। ମାତ୍ର ଦୁର୍ଭାଗ୍ୟଜନକଭାବେ ସେ ମାଂସପେଶୀ ଟାଣି ଧରିବା ଜନିତ ସମସ୍ୟାକୁ ଆସିଯାଇଥିଲେ। ଯନ୍ତ୍ରଣା ବଢ଼ିବାରୁ ତାଙ୍କୁ ଏକାଧିକଥର ଚିକିତ୍ସାର ଆବଶ୍ୟକ ପଡ଼ିଥିଲା। ମ୍ୟାକ୍ସୱେଲ ଓ ପ୍ୟାଟ କମିନ୍ସଙ୍କ ୮ମ ଉଇକେଟ ଯୋଡ଼ିରେ ୨୦୨ ରନ ସଂଗ୍ରହ ହୋଇଥିଲା। ଏଥିରେ ମ୍ୟାକ୍ସୱେଲଙ୍କ ଅବଦାନ ଥିଲା ୧୭୯ ରନ। କ୍ୟାରିୟରରେ ପ୍ରଥମଥରପାଇଁ ଦ୍ୱିଶତକ ହାସଲ କରିଥିବା ମ୍ୟାକ୍ସୱେଲ ୧୨୮ଟି ବଲ୍‌ର ସମ୍ମୁଖୀନ ହୋଇ ୨୦୧ (୨୧ ଚୌକା, ୧୦ ଛକା) ରନରେ ଅପରାଜିତ ରହିଥିଲେ। ଏହା ମଧ୍ୟରେ ସେ ମାରିଥିଲେ ୨୧ ଚୌକା ଓ ୧୦ ଛକା। ଆଫଗାନିସ୍ତାନ ବୋଲରଙ୍କ ମଧ୍ୟରେ ନବୀନ ଉଲ୍ ହକ୍, ଅବଦୁଲ୍ଲା ଓମାରଜାଇ ଓ ରଶିଦ ଖାଁ ୨ଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ୫୦ ଓଭରରେ ୨୯୧/୫ (ଇବ୍ରାହିମ ଜଦ୍ରାନ-୧୨୯*, ରଶିଦ ଖାଁ-୩୫*, ଜୋଶ୍ ହାଜେଲଉଡ୍-୨/୩୯, ମିଚେଲ ଷ୍ଟାର୍କ-୧/୭୦, ଗ୍ଲେନ ମ୍ୟାକ୍ସୱେଲ-୧/୫୫, ଆଡାମ ଜାମ୍ପା-୧/୫୮)। ଅଷ୍ଟ୍ରେଲିଆ ୪୬.୫ ଓଭରରେ ୨୯୩/୭ (ଗ୍ଲେନ ମ୍ୟାକ୍ସୱେଲ-୨୦୧*, ମିଚେଲ ମାର୍ଶ-୨୪, ନବୀନ ଉଲ୍ ହକ୍-୨/୪୭, ଅବଦୁଲ୍ଲା ଓମାରଜାଇ-୨/୫୨, ରଶିଦ ଖାଁ-୨/୪୪)।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଇଂଲଣ୍ଡ ବନାମ ନେଦରଲାଣ୍ଡ୍ସ**

**ସ୍ଥାନ: ପୁଣେ,**
**ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୮ | ୮ | ୦ | ୧୬ | +୨.୪୫୬ |
| ଦକ୍ଷିଣ ଆଫ୍ରିକା | ୮ | ୬ | ୨ | ୧୨ | +୧.୩୭୬ |
| ଅଷ୍ଟ୍ରେଲିଆ | ୮ | ୬ | ୨ | ୧୨ | +୦.୮୬୧ |
| ନ୍ୟୁଜିଲାଣ୍ଡ | ୮ | ୪ | ୪ | ୮ | +୦.୩୯୮ |
| ପାକିସ୍ତାନ | ୮ | ୪ | ୪ | ୮ | +୦.୦୩୬ |
| ଆଫଗାନିସ୍ତାନ | ୮ | ୪ | ୪ | ୮ | -୦.୩୩୮ |
| ବାଂଲାଦେଶ | ୮ | ୨ | ୬ | ୪ | -୧.୧୪୨ |
| ଶ୍ରୀଲଙ୍କା | ୮ | ୨ | ୬ | ୪ | -୧.୧୬୦ |
| ନେଦରଲାଣ୍ଡ୍ସ | ୭ | ୨ | ୫ | ୪ | -୧.୩୯୮ |
| ଇଂଲଣ୍ଡ | ୭ | ୧ | ୬ | ୨ | -୧.୫୦୪ |

# ଅଭୁଲା, ଅବିଶ୍ୱସନୀୟ

**ମୁମ୍ବାଇ, ୭।୧୧**

ୱାଙ୍ଖଡେ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ଅଷ୍ଟ୍ରେଲିଆର ଗ୍ଲେନ ମ୍ୟାକ୍ସୱେଲ ଯେପରି ଖେଳିଲେ ତାହାଥିଲା ସମ୍ପୂର୍ଣ୍ଣ ଅଭୁଲା ଓ ଅବିଶ୍ୱସନୀୟ। ପରାଜୟର ଦ୍ୱାରଦେଶରେ ପହଞ୍ଚି ସାରିଥିବା ଅଷ୍ଟ୍ରେଲିଆକୁ ମୁକୁଳାଇବା ସହ ସେ ଦେଇଥିଲେ ବିଜୟ ଭେଟି। ଧିମା ଖେଳିଥିଲେ ହେଁ ତାଙ୍କୁ ଉପଯୁକ୍ତ ସହାୟତା କରିଥିଲେ ଅଧିନାୟକ ପ୍ୟାଟ୍ କମିନ୍ସ। ମ୍ୟାକ୍ସୱେଲ ଓ କମିନ୍ସ ଅସମାପ୍ତ ୮ମ ଉଇକେଟରେ ୨୦୨ ରନ ଯୋଗ କରିଥିଲେ। ଦିନିକିଆ ଅନ୍ତର୍ଜାତୀୟରେ ୮ମ ଉଇକେଟ ଭାଗୀଦାରିରେ ଏହା ସର୍ବାଧିକ ସ୍କୋର। ଦକ୍ଷିଣ ଆଫ୍ରିକାର ଆଣ୍ଡ୍ର୍ୟୁ ହଲ୍ ଓ ଜଷ୍ଟିନ୍ କେମ୍ପ ପୂର୍ବରୁ ୧୩୮ ରନ ଯୋଡ଼ି ରେକର୍ଡର ଅଧିକାରୀ ଥିଲେ। ମ୍ୟାକ୍ସୱେଲଙ୍କ ଅପରାଜିତ ୨୦୧ ରନ ହେଉଛି ଦିନିକିଆ ବିଶ୍ୱକପରେ ତୃତୀୟ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ୨୦୧୫ରେ ନ୍ୟୁଜିଲାଣ୍ଡର ମାର୍ଟିନ ଗୁପ୍ଟିଲ ୱେଲିଂଟନଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୨୩୭* ରନକରି ଏହି ତାଲିକାର ଶୀର୍ଷରେ ରହିଛନ୍ତି। ଦ୍ୱିତୀୟରେ ଅଛନ୍ତି ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ୍ (ବନାମ ଜିମ୍ବାୱେ, କାନବେରା, ୨୦୧୫)। ଦିନିକିଆରେ ରନ୍‌ଚେଜ୍ ଅବସରରେ ମ୍ୟାକ୍ସୱେଲଙ୍କ ଇନିଂସ କିନ୍ତୁ ବ୍ୟକ୍ତିଗତ ସର୍ବାଧିକ ସ୍କୋର। ଫଖର ଜମନ (୧୯୩ ରନ, ବନାମ ଦକ୍ଷିଣ ଆଫ୍ରିକା, ଜୋହାନ୍ସବର୍ଗ, ୨୦୨୧) ଏହି ତାଲିକାର ଦ୍ୱିତୀୟରେ ରହିଛନ୍ତି। ବିଶ୍ୱକପରେ ରନ ଚେଜ୍ ଅବସରରେ ଇଂଲଣ୍ଡର ଆଣ୍ଡ୍ର୍ୟୁ ଷ୍ଟ୍ରସ୍ ବେଙ୍ଗାଲୁରୁଠାରେ ଭାରତ ବିପକ୍ଷରେ ୧୫୮ ରନକରି ରେକର୍ଡର ଅଧିକାରୀ ଥିଲେ। ଆଫଗାନିସ୍ତାନ ବିପକ୍ଷରେ ୧୦ଟି ଛକା ମାରିଥିଲେ ମ୍ୟାକ୍ସୱେଲ। ଏଥିସହ ସେ ବିଶ୍ୱକପରେ ସର୍ବାଧିକ ଛକା ମାରିବାରେ ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି। କ୍ରିସ୍ ଗେଲ୍ ୪୯, ରୋହିତ ଶର୍ମା ୪୫ ଓ ମ୍ୟାକ୍ସୱେଲ ୪୩ ଛକା ମାରି ପ୍ରଥମ ତିନିସ୍ଥାନରେ ରହିଛନ୍ତି। ୨୦୧* ରନ ହେଉଛି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ କୌଣସି ଅଷ୍ଟ୍ରେଲିଆ ଖେଳାଳିଙ୍କ ପକ୍ଷରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ଶେନ ୱାଟସନ ୧୮୫* (ବନାମ ବାଂଲାଦେଶ, ମୀରପୁର, ୨୦୧୧) ରନକରି ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବଲ୍ ଦୃଷ୍ଟିରୁ ଦିନିକିଆରେ ଏହାଥିଲା ଦ୍ୱିତୀୟ ଦ୍ରୁତତମ ଦ୍ୱିଶତକ। ଭାରତର ଇଶାନ କିଶନ ୨୦୨୨ରେ ଚଟ୍ଟୋଗ୍ରାମଠାରେ ବାଂଲାଦେଶ ବିପକ୍ଷରେ ୧୨୬ ବଲ୍‌ରୁ ଦ୍ୱିତଶତକ ହାସଲ କରି ଏହି ତାଲିକାର ଶୀର୍ଷସ୍ଥାନ ଅଧିକାର କରିଛନ୍ତି।

**୨୦୧* ରନ୍**
**୧୨୮ ବଲ୍**
**୨୧ ଚୌକା**
**୧୦ ଛକା**

ଦ୍ୱିଶତକ ହାସଲ ପରେ ଗ୍ଲେନ୍ ମ୍ୟାକ୍ସୱେଲ୍।

## ମୁଁ ଗର୍ବିତ: ମାକ୍ସୱେଲ

ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ଆଫଗାନିସ୍ତାନ ବିପକ୍ଷ ଦିନିକିଆ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଅଷ୍ଟ୍ରେଲିଆ ବ୍ୟାଟର ଖେଳିଥିଲେ ଏକ ସୁପରମ୍ୟାନ ଇନିଂସ। ମଙ୍ଗଳବାର ରାତି କେବଳ ତାଙ୍କର ଥିଲା ବୋଲି ସେ କହିଛନ୍ତି। ଆଶ୍ଚର୍ଯ୍ୟଜନକ ୨୦୧ରନର ଏକ ଅପରାଜିତ ଇନିଂସ ଖେଳି ସେ ତାଙ୍କ ଦଳକୁ ବିଜୟୀ କରାଇଥିଲେ। ଏଥିପାଇଁ ସେ ନିଜେ ଗର୍ବିତ ବୋଲି କ୍ଲାନ୍ତ ହୋଇପଡ଼ିଥିବା ଏହି ଅଷ୍ଟ୍ରେଲୀୟ କ୍ରିକେଟର କହିଛନ୍ତି। ଅଧିନାୟକ ପ୍ୟାଟ କମିନ୍ସ ଅନ୍ତର୍ଜାତୀୟ ଦିନିକିଆରେ ଏହା ଶ୍ରେଷ୍ଠ ବ୍ୟାଟିଂ ବୋଲି କହିଛନ୍ତି। ମାଂସପେଶୀରେ ଯନ୍ତ୍ରଣାକୁ ଭ୍ରୁକ୍ଷେପ ନ କରି ମାକ୍ସୱେଲ୍ ଯେଉଁ ଲଢୁଆ ଇନିଂସ ଖେଳୁଥିଲେ ତାହାକୁ ଅତି ନିକଟରୁ ଦେଖିଛନ୍ତି କମିନ୍ସ। ମ୍ୟାଚପରେ ପୁରସ୍କାର ପ୍ରଦାନ ଉତ୍ସବ ବେଳେ ସେ ଆହୁରି ମଧ୍ୟ କହିଛନ୍ତି ଯଦି ଏହା ତାଙ୍କର ସୁଯୋଗ ଶୂନ୍ୟ ଇନିଂସ ହୋଇଥାନ୍ତା ତେବେ ସେ ଆହୁରି ଖୁସି ହୋଇଥାନ୍ତେ। ଆଫଗାନିସ୍ତାନ ଖେଳାଳିମାନେ ତାଙ୍କର ଦୁଇଟି ମୂଲ୍ୟବାନ କ୍ୟାଚ ହାତଛଡ଼ା କରିଥିଲେ। ଅଷ୍ଟ୍ରେଲୀୟ ଅଧିନାୟକ କହିଛନ୍ତି ଏକ ବିଶ୍ୱ ରେକର୍ଡ ପାର୍ଟନରଶିପ୍‌ରେ ଅଂଶୀଦାର ହୋଇପାରିଥିବାରୁ ତାଙ୍କ ପାଇଁ ଏହା ଥିଲା ଏକ ବିଶେଷ ମୁହୂର୍ତ୍ତ। ଚମତ୍କାର ବିଜୟରେ ସେ ଏତେଟା ଆନନ୍ଦିତ ଯେ ତାହା ଅବର୍ଣ୍ଣନୀୟ।



ଇବ୍ରାହିମ ଜଦ୍ରାନ

## ଶାକିବ ବାଦ୍

**ନୂଆଦିଲ୍ଲୀ,୭।୧୧(ପି.ଟି.)**

ବିଶ୍ୱକପ୍‌ରେ ବାଂଲାଦେଶକୁ ଲାଗିଛି ବଡ ଝଟକା। ଅଧିନାୟକ ଶାକିବ ଅଲ ହସନ ଆହତ ହୋଇ ଟୁର୍ନାମେଣ୍ଟରୁ ବାଦ୍ ପଡିଛନ୍ତି। ବାଂଲାଦେଶ ଏହି ଟୁର୍ନାମେଣ୍ଟରୁ ବାଦ୍ ପଡିଥିବା ବେଳେ ଏହାର ଶେଷ ମ୍ୟାଚ୍ ଅଷ୍ଟ୍ରେଲିଆ ବିପକ୍ଷରେ ରହିଛି। ଏହି ମ୍ୟାଚ୍‌ରୁ ଶାକିବ୍ ବାଦ୍ ପଡିଛନ୍ତି। ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ବ୍ୟାଟିଂ କରୁଥିବା ସମୟରେ ଶାକିବଙ୍କ ବାମ ହାତର ବୁଢା ଆଙ୍ଗୁଠିରେ ବଲ୍ ବାଜିଥିଲା। ଏଥିରେ ଆଙ୍ଗୁଠି ଭାଙ୍ଗି ଯାଇଥିବା ବେଳେ ସେ ଆସନ୍ତା ୩-୪ ସପ୍ତାହ କ୍ରିକେଟରୁ ଦୂରରେ ରହିବେ। ମଙ୍ଗଳବାର ଦଳର ଫିଜିଓ ବାୟେଜେଦୁଲ ଇସଲାମ ଖାନ ଏହାକୁ ନେଇ ଅପଡେଟ୍ ପ୍ରଦାନ କରିଥିବା ବେଳେ ରିହାବ ପାଇଁ ଶାକିବ ବର୍ତ୍ତମାନ ବାଂଲାଦେଶ ପ୍ରତ୍ୟାବର୍ତ୍ତନ କରିଥିବା ଜଣାଇଛନ୍ତି। ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ସୋମବାର ମ୍ୟାଚ୍ ପରେ ଶାକିବଙ୍କୁ ଏକ୍ସ-ରେ ପାଇଁ ନିଆଯାଇଥିଲା। ଏଥିରେ ତାଙ୍କ ଆଙ୍ଗୁଠି ଭାଙ୍ଗିଥିବା ସ୍ପଷ୍ଟ ହୋଇଥିଲା। ସୋମବାର ଶାକିବ ନିଜ ନିଷ୍ପତ୍ତି ପାଇଁ ସମ୍ପୂର୍ଣ୍ଣ ମ୍ୟାଚ୍‌ର ସେଣ୍ଟର ଅଫ ଆଟ୍ରାକ୍ସନ ରହିଥିଲେ। ମାଥ୍ୟୁସଙ୍କୁ ଟାଇମ୍ ଆଉଟ୍ କରିବା ସହିତ ସେ ବୋଲିଂରେ ଦୁଇଟି ଉଇକେଟ ନେଇଥିଲେ। ଏହା ସହ ବ୍ୟାଟିଂରେ ୮୨ ରନ୍ କରି ସେ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ହୋଇଥିଲେ।

# ସଚିନଙ୍କୁ ଶ୍ରେୟ ଦେଲେ ଜଦ୍ରାନ

**ମୁମ୍ବାଇ, ୭।୧୧(ପି.ଟି.)**

ପ୍ରଥମ ଆଫଗାନିସ୍ତାନ ଖେଳାଳି ଭାବରେ ବିଶ୍ୱକପ ଶତକ ହାସଲ କରିଥିବା ଇବ୍ରାହିମ୍ ଜଦ୍ରାନ୍ ଏହାର ଶ୍ରେୟ ମାଷ୍ଟର ବ୍ଲାଷ୍ଟର ସଚିନ୍ ତେନ୍ଦୁଲକରଙ୍କୁ ଦେଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍ ପୂର୍ବରୁ ସୋମବାର ସନ୍ଧ୍ୟାରେ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକର ଆଫଗାନୀ ଖେଳାଳିଙ୍କୁ ଭେଟିଥିଲେ। ଏହି ଅବସରରେ ଜଦ୍ରାନ୍ ଅଧିକ ସମୟ ସଚିନ୍‌ଙ୍କ ସହିତ ବିତାଇଥିଲେ। ବ୍ୟାଟିଂକୁ ନେଇ ଦୀର୍ଘ ସମୟ ଧରି ଆଲୋଚନା କରିଥିବା ବେଳେ କିଛି ବ୍ୟାଟିଂ ଟିପ୍ସ ମଧ୍ୟ ନେଇଥିଲେ। ୨୧ ବର୍ଷୀୟ ଏହି ଓପନିଙ୍ଗ୍ ବ୍ୟାଟର ମଙ୍ଗଳବାର ଶତକ ହାସଲ କରିବା ପରେ ଏହାର ଶ୍ରେୟ ସଚିନଙ୍କୁ ଦେଇଛନ୍ତି। ସୋମବାର ସନ୍ଧ୍ୟାରେ ବ୍ୟାଟିଂ ଅଭ୍ୟାସ କରିବା ପରିବର୍ତ୍ତେ ସଚିନଙ୍କ ଠାରୁ ପରାମର୍ଶ ନେଇଥିଲି। ଏହା ବେଶ ଉପଯୋଗୀ ଥିବା ବେଳେ ମୋତେ ଏଥିରୁ ଢେର ଆତ୍ମବିଶ୍ୱାସ ମିଳିଥିଲା ବୋଲି ମ୍ୟାଚ୍ ପରବର୍ତ୍ତୀ ପ୍ରତିକ୍ରିୟାରେ କହିଥିଲେ ଜଦ୍ରାନ। ୧୪୩ ବଲ୍‌ର ଇନିଂସ ମଧ୍ୟରେ ସେ ୮ ଚୌକା ଓ ୩ ଛକା ସହ ୧୨୯ ରନ୍ କରି ଶେଷ ଯାଏ ଅପରାଜିତ ଥିଲେ। ମୁମ୍ବାଇ ଉଇକେଟ କିଭଳି ବ୍ୟବହାର କରିଥାଏ ଓ କେମିତି ବ୍ୟାଟିଂ କଲେ ସଫଳତା ମିଳିବ ତାହାକୁ ନେଇ ସଚିନ୍‌ଙ୍କ ଉପଦେଶ ବେଶ ମହତ୍ତ୍ୱପୂର୍ଣ୍ଣ ରହିଥିଲା। ଏହା ସହ ପ୍ରତି ମ୍ୟାଚ୍ ପୂର୍ବରୁ ଏକ ଟିମ୍ ଗୋଲ ନିର୍ଦ୍ଧାରଣ କରିବା ପାଇଁ ସଚିନ ପରାମର୍ଶ ଦେଇଥିବା ସେ କହିଥିଲେ। ମିଡିଲ ଓଭରରେ ଆମେ କିଛି ଉଇକେଟ ହରାଇଥିଲେ ମଧ୍ୟ ଷଷ୍ଠ ଉଇକେଟରେ ରାଶିଦ୍ ଖାନଙ୍କ ସହିତ ଏକ ଚମତ୍କାର ପାର୍ଟନରଶିପ୍ ହୋଇଥିଲା ବୋଲି ସେ କହିଛନ୍ତି।



ଆଫଗାନିସ୍ତାନ ଖେଳାଳିଙ୍କ ସହ ସଚିନ ତେନ୍ଦୁଲକର।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ







TVS Jupiter ZYADA KA FAYDA | TVS RAIDER THE WICKED RIDE | TVS Jupiter 125 ZYADA KA FAYDA

Finance Partners: TVS CREDIT, L&T Finance, IDFC FIRST Bank ALWAYS YOU FIRST, HDFC BANK, SHRIRAM Finance, ICICI Bank Get 5% off up to ₹7 500/- on Credit & Debit Card EMIs

The products shown are for representation purposes only; actual features, colours and specifications as shown may not be part of standard fitment and may vary as per specific models.

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers:** BHUBANESWAR: THREE S TVS: 8860629978, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, PURI: MODERN TVS: 7978707757, 7440002101, CUTTACK: LAXMI TVS: 7077774420, ARNAPURNA TVS: 9778422980, KENDRAPADA: SAMIR TVS: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 9778728751, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 06724-222717, 7788901717. **Authorised Dealers:** Rohibank: 6371229226, Kalapathar: 9937844941, Ranpur: 9778520193, Khandapada: 7008659421, Purunakatak: 9439071610, Chandpur: 9337112565, Raj Sunakhela: 9437637421, Narasinghpur: 9658410027, Odogaon: 7815050701. Bhapur: 7389040805, Daspalla: 9938375040, Gothopatna: 8249710415, Jatani: 7978421266, Balugaon: 9937886712, Nirakarpur: 9658971360, Bhubaneshwar (CRP Square): 9337022334, Baghamari: 9437015363, Khurda: 7008412374, Balipatna: 9776036999, Mendhasala: 9437072019, Pipili: 9861150706, Sakhigopal: 9861150706, Nimapara: 7381765800, Delang: 9090214582, Brahmagiri: 8480928882, 6370937155, Chari Chowk: 8327783765, Panaspada: 6372608810, Kanas: 9090214582, Athagarh: 9853429148, Abhimanpur Post: 9937019555, Banki: 9437666687, Badamba: 9337135769, Niali: 9437307967, Phulnakhara, Cuttack: 9437037344, Nischintakoili: 9337438686, Kandarpur: 9090098000, Pattamundai: 9938602209, Sisua: 8018556514, Marshaghai: 9938837705, Rajnagar: 9439650236, Chandbali: 9238514769, Basudevpur: 8249905878, Garadapur: 9437527214, Erasama: 8658421889, Naugoan: 8339939725, Krushnanandapur: 9237066573, Raghunathpur: 6371724757, Balichandrapur: 7978388298, Brahmabarada: 7894020786, Raipur: 9937963372, Chhatia: 7328005678, Mangalpur: 9853486660, Bari: 9437510237, Binjharpur: 9090503379, Kuakhia: 9348035630, Singhpur: 9040646458.

dentsu/dha bhu/05/23